


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-285 •MONDAY •13 APRIL 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୮୫ •ସୋମବାର •୧୩ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦




## ପରଲୋକରେ ଆଶା


■ ମୁମ୍ବଇ, ୧୨।୪ (ଏଜେନ୍ସି): ଭାରତୀୟ ସଙ୍ଗୀତ ଜଗତର ଏକ ଅବିସ୍ମରଣୀୟ ଅଧ୍ୟାୟର ଅନ୍ତ ଘଟିଛି। ନିଜର ମନ୍ତ୍ରମୁଗ୍ଧକର କଣ୍ଠସ୍ୱରରେ କୋଟି କୋଟି ଶ୍ରୋତାଙ୍କ ହୃଦୟକୁ ଅନ୍ଦୋଳିତ କରିଥିବା କିମ୍ବଦନ୍ତୀ ଗାୟିକା ଆଶା ଭୋସଲେ ୯୨ ବର୍ଷ ବୟସରେ ମୁମ୍ବଇଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଛାତିରେ ସଂକ୍ରମଣ ଯୋଗୁଁ ସେ ଶନିବାର ସନ୍ଧ୍ୟାରେ ମୁମ୍ବଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବ୍ରିଚକାଣ୍ଡି ହସ୍ପିଟାଲର ଡାକ୍ତର ପ୍ରତୀତ ସମଦାନୀଙ୍କ ଅନୁସାରେ, ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଏବଂ ମଲଟି ଅର୍ଗାନ ଫେଲ୍ୟୁଅର ବା ଏକାଧିକ ଅଙ୍ଗ ଅକାମୀ ହୋଇଯିବା ହେତୁ ତାଙ୍କର ଦେହାନ୍ତ ହୋଇଛି। ଆସନ୍ତାକାଲି ଅର୍ଥାତ ସୋମବାର ପୂର୍ବାହ୍ନ ୧୧ଟାରେ ଲୋୟର ପାରେଲସ୍ଥିତ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ପାର୍ଥିବ ଶରୀର ରଖାଯିବ ଏବଂ ଅପରାହ୍ଣ ୪ଟାରେ ଶିବାଜୀ ପାର୍କଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ।

୧୯୩୩ ମସିହାରେ ଜନ୍ମିତ ଆଶା ଭୋସଲେଙ୍କ ସଙ୍ଗୀତ ଯାତ୍ରା ଥିଲା ସଂଘର୍ଷ ଓ ସଫଳତାର ଅପୂର୍ବ ସମନ୍ୱୟ। ପିତା ପଣ୍ଡିତ ଦୀନନାଥ ମଙ୍ଗେସକରଙ୍କ ଦେହାନ୍ତ ପରେ ନିଜ ବଡ଼ ଭଉଣୀ ଲତା ମଙ୍ଗେସକରଙ୍କ ସହ ସେ ପାରିବାରିକ ଦାୟିତ୍ୱ ସମ୍ଭାଳିବା ସହ ଗୀତ ଗାଇବା ଆରମ୍ଭ ▶ପୃଷ୍ଠା-୭

# ଇସଲାମାବାଦ ଆଲୋଚନା ବିଫଳ

## ପ୍ରତିବନ୍ଧକ ସାଜିଛି ଇରାନର ପରମାଣୁ କାର୍ଯ୍ୟକ୍ରମ

■ ୱାସିଂଟନ/ତେହେରାନ, ୧୨।୪ (ଏଜେନ୍ସି): ପାକିସ୍ତାନ ରାଜଧାନୀ ଇସଲାମାବାଦରେ ଇରାନ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ଶାନ୍ତି ଆଲୋଚନା ବିଫଳ ହୋଇଛି। ଦୁଇ ଦେଶର ପ୍ରତିନିଧି ଦଳ ଦୀର୍ଘ ୨୧ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରିଥିଲେ ମଧ୍ୟ ଉଭୟ ନିଜ ନିଜ ଜିଦରେ ଅଟଳ ରହିବାରୁ କଥାବାର୍ତ୍ତା ବିଫଳ ହୋଇଛି। ଏହି ବିଫଳତା ପାଇଁ ଉଭୟ ପରସ୍ପରକୁ ଦାୟୀ କରିଛନ୍ତି। କଥାବାର୍ତ୍ତା ବିଫଳ ହେବାପରେ ମଧ୍ୟପ୍ରାଚ୍ୟରେ ପୁଣି ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଉଭୟ ପକ୍ଷ ଦୁଇ ସପ୍ତାହ ଲାଗି ଯୁଦ୍ଧବିରତି ଘୋଷଣା କରିଥିଲେ ମଧ୍ୟ ହର୍ମୁଜ ଅବରୋଧ



ସର୍ବଶେଷ ଓ ସର୍ବୋତ୍ତମ ପ୍ରସ୍ତାବ ଦେଇ ଫେରୁଛୁ: ଆମେରିକା

ଆମେରିକାର ଅଯୌକ୍ତିକ ଦାବି ଯୋଗୁଁ ଆଲୋଚନା ବିଫଳ: ଇରାନ

ଲାଗି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେବାପରେ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଉଭୟ ପକ୍ଷ ପୁଣି ମୁକାବିଲା ଲାଗି ପ୍ରସ୍ତୁତ ହେଉଥିବା ବେଳେ ରୁଷ ରାଷ୍ଟ୍ରପତି ପୁଟିନ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେଇଛନ୍ତି।

ଇସଲାମାବାଦ ଆଲୋଚନା ବିଫଳ ହେବାପରେ ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେଇଛନ୍ତି ଯେ ହର୍ମୁଜ ସମୁଦ୍ର ପଥକୁ ତାଙ୍କ ▶ପୃଷ୍ଠା-୭

## ଚୀନକୁ ଧମକ ଦେଲେ ଟ୍ରମ୍ପ

■ ୱାସିଂଟନ, ୧୨।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଅସ୍ଥିରତା ମଧ୍ୟରେ ଓ ଶାନ୍ତି ଆଲୋଚାନା ବିଫଳ ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନକୁ ଏକ ଶକ୍ତ ଚେତାବନୀ ଦେଇଛନ୍ତି। ଯଦି ଚୀନ୍ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଇରାନକୁ କୌଣସି ପ୍ରକାର ଅସ୍ତ୍ରଶସ୍ତ୍ର କିମ୍ବା ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇଦିଏ, ତେବେ ଚୀନ୍‌କୁ ଭୟଙ୍କର ସମସ୍ୟା ଓ ପରିଣତିର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଆମେରିକା ଗୁଇନ୍ଦା ସଂସ୍ଥାର ରିପୋର୍ଟ ଅନୁଯାୟୀ, ଇରାନ ନିଜର କ୍ଷତିଗ୍ରସ୍ତ ସାମରିକ ଶକ୍ତିକୁ ▶ପୃଷ୍ଠା-୭

**ଭୟଙ୍କର ହେବ ଇରାନକୁ ସାମରିକ ସହାୟତା ପରିଣତି**

## ଇଣ୍ଟିଗ୍ରେଟେଡ୍ ବିଇଡି ପ୍ରବେଶିକା ପରୀକ୍ଷା

# ଓଡ଼ିଆ ପରୀକ୍ଷାର୍ଥୀଙ୍କ ବିରୋଧରେ ଷଡ଼ଯନ୍ତ୍ର !

■ ଭୁବନେଶ୍ୱର, ୧୨।୪ (ସମିସ): ଆସନ୍ତା ୧୭ ଓ ୧୮ ତାରିଖରେ ୪ ବର୍ଷିଆ ଇଣ୍ଟିଗ୍ରିଟେଡ୍ ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ହେବ ପ୍ରବେଶିକା ପରୀକ୍ଷା। ମାତ୍ର ଏହି ସମୟରେ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ବିରୋଧରେ ଆସିଛି ସାଂଘାତିକ ଷଡ଼ଯନ୍ତ୍ର । ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ନାମଲେଖାରୁ ବଞ୍ଚିତ କରିବା ପାଇଁ ଯୋଜନାବଦ୍ଧ ଉଦ୍ୟମ ହୋଇଥିବା ଅଭିଯାଗ ହୋଇଛି । ରାଜ୍ୟରେ ପରୀକ୍ଷା ପାଇଁ

**ରାଜ୍ୟ ବାହାରେ ପରୀକ୍ଷା କେନ୍ଦ୍ରକୁ ନେଇ ଛାତ୍ରଛାତ୍ରୀ ନିରାଶ**

**କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଅଧ୍ୟାପକ-ଅଭିଭାବକ**

ପର୍ଯ୍ୟାପ୍ତ ପରୀକ୍ଷାକେନ୍ଦ୍ର ଉପଲବ୍ଧ ଥିବା ସତ୍ତ୍ୱେ ଅନେକ ପରୀକ୍ଷାର୍ଥୀଙ୍କ ପ୍ରବେଶିକା ପରୀକ୍ଷା କେନ୍ଦ୍ର ରାଜ୍ୟ ବାହାରେ କରାଯାଇଛି । ଯାହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ବିଏଡ଼ ନାମଲେଖାରୁ ବଞ୍ଚିତ କରିବା ପାଇଁ ଏପରି ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ ଇଣ୍ଟିଗ୍ରେଟେଡ୍ ବିଏଡ୍ ପ୍ରବେଶିକା ପରୀକ୍ଷା ପାଇଁ ଗତ ୯ ତାରିଖରେ ପରୀକ୍ଷା ହେବାକୁ ଥିବା ସହରର ନାମ ପ୍ରକାଶ ପାଇଛି। ଅର୍ଥାତ୍ କେଉଁ ସହରରେ ଓ କେତେବେଳେ ପରୀକ୍ଷା ହେବ ତାହା ପ୍ରକାଶ ପାଇଛି। ଆବେଦନ ସମୟରେ ଛାତ୍ରଛାତ୍ରୀମାନେ ନିଜର ପସନ୍ଦ ଅନୁଯାୟୀ ▶ପୃଷ୍ଠା-୭

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN ELECTRONICS DESIGN
■ Electrical and Electronics Engineering
■ Electronics and Communication Engineering
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT,
Please visit: www.soa.ac.in

**୪୦ ଡିଗ୍ରୀ ଉପରେ ୩ ସହର**

## ପଣା ସଂକ୍ରାନ୍ତିରୁ ପ୍ରବଳ ତାତି

■ ଭୁବନେଶ୍ୱର, ୧୨।୪ (ସମିସ): ରାଜ୍ୟରେ ଧିରେ ଧିରେ ତାତିର ମାତ୍ରା ବଢୁଥିବା ବେଳେ ପଣା ସଂକ୍ରାନ୍ତିଠାରୁ ଆସନ୍ତା ୧୮ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହୋଇପାରେ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ହିଟ ୱେଭ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ରବିବାର ରାଜ୍ୟର ୩ଟି ସ୍ଥାନରେ ପାରଦ ୪୦ ଡିଗ୍ରୀ କିମ୍ବା ତଦୁର୍ଦ୍ଧ୍ୱ ଅତିକ୍ରମ କରିଥିବା ଜଣାପଡ଼ିଛି।

**୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

**୨ ଜିଲ୍ଲାରେ ହିଟୱେଭ୍ ଆଶଙ୍କା**

କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ ସୋମବାର ୧୧ଟି ଜିଲ୍ଲାରେ ଜଳବାୟୁ ଉଷ୍ଣ ଏବଂ ଆଦ୍ର ରହିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିରେ ଗୁଳୁଗୁଳି ଅନୁଭୂତ ହେବାକୁ ଥିବାବେଳେ ଉପରୋକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ଏପ୍ରିଲ ୧୪ ଅର୍ଥାତ୍ ପଣା ସଂକ୍ରାନ୍ତିଠାରୁ ଆସନ୍ତା ୫ ଦିନ ଯାଏଁ ପ୍ରବଳ ଗରମ ଅନୁଭୂତ ହେବ। ମଙ୍ଗଳବାର ବରଗଡ଼ ଏବଂ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ତାତି ଅନୁଭୂତ ▶ପୃଷ୍ଠା-୭

15001/14/2627



**ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



**୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା**

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR-15001/15001/2/26-27/0014

## ସରିଲା ସିଲ୍କ ସିଟି ମହୋତ୍ସବ

# 'ନିଜ କଳା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଗର୍ବ କରିଆସିଛନ୍ତି ଗଞ୍ଜାମବାସୀ'











- ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ
- ମଞ୍ଚ ଦୁଲୁକାଇଲେ ସ୍ଥାନୀୟ କଳାକାର

ବ୍ରହ୍ମପୁର,୧୨।୪(ସମିସ)

ରେଶମ ସହର (ସିଲ୍କ ସିଟି) ମହୋତ୍ସବ ଓ ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଓ ସମ୍ମାନିତ ଅତିଥିଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ନିତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ଏସ୍‌ପି ଡ଼. ସର୍ବଣା ବିବେକ ଏମ୍, ବରିଷ୍ଠ ସମାଜସେବୀ ସାରଦା ପ୍ରସାଦ ଶତପଥୀ ଓ ସରୋଜ ସାବତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଏ. ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଯୋଗଦେଇଥିଲେ।

ଅଳ୍ପଦିନ ମଧ୍ୟରେ ନାରୀ ଅଧିନିୟମ ବିଧେୟକ ପାରିତ ହେବାକୁ ଯାଉଛି। ଏହାଦ୍ୱାରା ମହିଳାମାନେ ଆହୁରି ସଶକ୍ତ ହେବେ ବୋଲି ଆସିକା ସାଂସଦ କହିଥିଲେ। ନିଜ କଳା, ସାହିତ୍ୟ, ସଂସ୍କୃତି, ଐତିହ ଓ ପରମ୍ପରାକୁ ନେଇ ଗଞ୍ଜାମବାସୀ ସବୁବେଳେ ଗର୍ବ କରିଆସିଛନ୍ତି। ଆଗକୁ ମଧ ଏହି ମନୋଭାବ ବଳବତ୍ତର ରଖି ଗଞ୍ଜାମକୁ ଦେଶର ପ୍ରଗତି ଓ ପରମ୍ପରାର ଏକ ଅନୁକରଣୀୟ ଜିଲ୍ଲାରେ ପରିଣତ କରିବାକୁ ସାଂସଦ ଜିଲ୍ଲାବାସୀଙ୍କ ସ୍ୱାଭିମାନୀ ସହଯୋଗ କାମନା କରିଥିଲେ।

ଏହି ମହୋତ୍ସବ ବ୍ରହ୍ମପୁର ଓ ଗଞ୍ଜାମର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ପ୍ରଗତିକୁ ଆଶାନୁରୂପ ପ୍ରତିଫଳିତ କରିପାରିଛି ବୋଲି ବିଧାୟକ ଶ୍ରୀ କୁମାର, ଆରକ୍ଷୀ ମହାନିରୀକ୍ଷକ ଶ୍ରୀ ଶେଖର, ଜିଲ୍ଲାପାଳ ଶ୍ରୀ ଭାସନ କହିବା ସହିତ ସମାରୋହର ସଫଳତା ପାଇଁ ବ୍ରହ୍ମପୁରବାସୀ, ସମାରୋହର ସମସ୍ତ ସହଯୋଗୀ, ଅଂଶଗ୍ରହଣକାରୀ ଓ କଳାକାରମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ରେଶମ ପାଟକୁ ବିଶ୍ୱବିଦିତ କରିବାରୁ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ। ଏମିତି ସହଯୋଗ ରହିଲେ ଆଗାମୀ ବର୍ଷମାନଙ୍କରେ ମହୋତ୍ସବର କଳେବରକୁ ଆହୁରି ବଡ଼ ଆକାର ଦିଆଯିବ ବୋଲି ବିଧାୟକ କହିଥିଲେ। କଳା, ସଂସ୍କୃତିର ପ୍ରଚାର ପ୍ରସାର ସହିତ ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟମୀ ହେବାର ମନୋଭାବ ସୃଷ୍ଟି କରିବା ରେଶମ ସହର ମହୋତ୍ସବର ଉଦ୍ଦେଶ୍ୟ ଥିଲା। ସେଥିରେ ଆୟୋଜକମାନେ ସଫଳ ହୋଇପାରିଛନ୍ତି ବୋଲି ସମାଜସେବୀ ଶ୍ରୀ ଶତପଥୀ ପ୍ରକାଶ କରିଥିଲେ। ଗଞ୍ଜାମ ଜିଲ୍ଲାର ଗର୍ବ ଓ ଗୌରବ ଆୟୁଷି ଦାସ, ସୀମାଞ୍ଚଳ ବାରିକଙ୍କ ସମେତ ସଫଳ ଉଦ୍ୟୋଗୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶାର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଏବଂ ସହଯୋଗୀମାନେ ଶେଷ ସନ୍ଧ୍ୟାରେ ଧୁମ୍ ମଚାଇଥିଲେ। ଶେଷ ସନ୍ଧ୍ୟାରେ ନୃତ୍ୟ ଓ ଗୀତରେ ମଞ୍ଚ ଦୁଲୁକାଇଥିଲେ ସ୍ଥାନୀୟ କଳାକାର। କଳିଙ୍ଗ ନୃତ୍ୟ ଧାରା ପକ୍ଷରୁ ଓଡ଼ିଶୀ ନୃତ୍ୟ, ଅନିରୁଦ୍ଧ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆଧୁନିକ ନୃତ୍ୟ, ମିନି ମିରାକଲ୍ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ଆଧୁନିକ ନୃତ୍ୟ, କଳା ବିକାଶ କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ, ପଦ୍ମବିଭୂଷଣ ଗୁରୁ କେଲୁଚରଣ କଳା କେନ୍ଦ୍ର ପକ୍ଷରୁ ଓଡିଶୀ ନୃତ୍ୟ, ୱାଓ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ଆଧୁନିକ ନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟାୟନ ପକ୍ଷରୁ ପରିବେଷିତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ରିପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

## କାଶୀପୁର ସିଜିମାଳୀ ସମସ୍ୟା ସମାଧାନ କରାଯାଉ

ବ୍ରହ୍ମପୁର,୧୨।୪(ସମିସ): କୋରାପୁଟ ଜିଲ୍ଲା କାଶୀପୁର ବ୍ଲକର ସିଜିମାଳୀ ଠାରେ ଖଣି ଖନନ ଓ ରାସ୍ତାଘାଟ ନିର୍ମାଣକୁ କେନ୍ଦ୍ରକରି ସେଠାରେ ଜନଅସନ୍ତୋଷ ସୃଷ୍ଟି ହୋଇଛି। ସେଠାରେ ଜୀବନ ଜୀବିକାକୁ ନେଇ ଅଶାନ୍ତିର ବାତାବରଣ ମୁଣ୍ଡ ଟେକୁଛି। ସେହି ଅଞ୍ଚଳରେ ଲୋକଙ୍କ ସମସ୍ୟାକୁ ସରକାର ଶୁଣି, ଅବଗତ ହୋଇ ସମାଧାନ କରିବା ପାଇଁ ଓଡ଼ିଶା ସେବାନିବୃତ୍ତ ବିକାଶ ମଞ୍ଚ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଦାବି କରାଯାଇଛି। ଆନ୍ଦୋଳନରତ ଜନସାଧାରଣଙ୍କୁ ଆହ୍ୱାନ କରି ତୁରନ୍ତ ସମସ୍ୟାର ସମାଧାନ କରିବା ଆବଶ୍ୟକ ରହିଛି ବୋଲି ମଞ୍ଚ ଅନୁରୋଧ କରିଛି। ତା' ନହେଲ ପାଉଁଶ ତଳର ନିଆଁ ଉଦଗ୍ରିଣ ହୋଇ ସରକାର ପତନମୁଖୀ କରାଇବ, ଏଥିରେ ସନ୍ଦେହ ନାହିଁ ବୋଲି ସେବାନିବୃତ୍ତ ମଞ୍ଚର ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦଳେଇ, କାର୍ଯ୍ୟକାରୀ କମିଟି ସଭ୍ୟ ରାଜେନ୍ଦ୍ର ପଣ୍ଡା ଏବଂ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ରାଜ୍ୟ ଅଧକ୍ଷ କାମରାଜୁ ମହାରଣା ମତ ପ୍ରକାଶ କରିଛନ୍ତି।

## ପାରିବାରିକ କଳହରୁ ଆକ୍ରମଣ; ଜଣେ ଗିରଫ

ବ୍ରହ୍ମପୁର,୧୨।୪(ସମିସ): ଗୋଷାଣିନୂଆଗାଁ ଥାନା ଚାଞ୍ଚଡ଼ାପଡ଼ିଆ ସାହି ଅଞ୍ଚଳରେ ଘଟିଥିବା ଏକ ଗଣ୍ଡଗୋଳ ଘଟଣାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗୋସାଣିନୂଆଗାଁ ବ୍ରିଜ ତଳେ ରହୁଥିବା ବି. ରାମ(୪୫)। ଗତ ୧୧ ତାରିଖ ଅପରାହ୍ନ ୫ଟାରେ କୌଣସି କାରଣକୁ ନେଇ ଚାଞ୍ଚଡ଼ାପଡ଼ିଆ ସାହିରେ ରହୁଥିବା ଲଳିତା ଶବର ଓ ତାଙ୍କ ପରିବାର ସହ ଅଭିଯୁକ୍ତ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତ ଓ ତାଙ୍କ ପୁଅ ସମେତ ପୁଅର କିଛି ସାଙ୍ଗ ମିଶି ଲଳିତାଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ। ଲଳିତାଙ୍କ ସ୍ୱାମୀ ଭାଗିଆ ଶବର ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କାଠ ଫାଳିଆ ନିର୍ଦ୍ଧୁମ୍ ପିଟିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଲଳିତା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ଅଭିଯୁକ୍ତ ବି. ରାମଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଛି। ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ କାବୁ କରିବାକୁ ପୁଲିସ ଉଦ୍ୟମ ଜାରି ରଖିଛି।

## ପୂର୍ବ ଶତ୍ରୁତାରୁ ଆକ୍ରମଣ; ୨ ଗିରଫ

ବ୍ରହ୍ମପୁର,୧୨।୪(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ମାମଲାରେ ବଡ଼ବଜାର ଥାନା ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଗପହଣ୍ଡି ଚୁଡ଼ଙ୍ଗପୁରର ସି. ଏଚ୍. ତିରୁପତି ପାତ୍ର(୨୫) ଡି. ଗଙ୍ଗା ପାତ୍ର(୨୦)।



ସୂଚନାପ୍ରକାରେ, ଗୋସାଣିନୂଆଗାଁ ଲିଙ୍ଗରାଜ ନଗରର ଡି. ତେଜେଶ୍ୱର ପାତ୍ର ଓ ତାଙ୍କର ୨ଜଣ ସାଙ୍ଗ ଗତକାଲି ରାତି ୭ଟାବେଳେ ପାଣିଗ୍ରାହୀପେଣ୍ଠକୁ ଦଣ୍ଡନାଚ ଆଳତୀ ଦେଖିବାକୁ ଯିବାବେଳେ ଉପରୋକ୍ତ ୨ ଅଭିଯୁକ୍ତ ସେମାନଙ୍କୁ ରାସ୍ତାରେ ଅଟକାଇଥିଲେ। ପୂର୍ବ ଶତ୍ରୁତାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଉଚ୍ଚବାଚ ପରେ ଅଭିଯୁକ୍ତମାନେ କାତିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ତେଜେଶ୍ୱରଙ୍କ ସାଙ୍ଗ ଆହତ ହୋଇଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ତେଜେଶ୍ୱର ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ଉପରୋକ୍ତ ୨ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ଆସିକା ସାଂସଦ ଅନିତା ଶୁଭଦର୍ଶିନୀଙ୍କ ସାମ୍ବାଦିକ ସମ୍ମିଳନୀ

## ୭ଟି 'ସି' ହେଉଛି ନାରୀ ଅଧିକାର ପାଇଁ ମୂଳ ଆଧାର



ବ୍ରହ୍ମପୁର,୧୨।୪(ସମିସ): ସ୍ଥାନୀୟ ସର୍କିଟ ହାଉସ ଠାରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଛନ୍ତି। ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ସଂପର୍କିତ ଆଲୋଚନା ହେବାକୁ ଯାଉଛି। ସଂସଦରେ ତ୍ରିଦିବସୀୟ ମାତୃଶକ୍ତି ବନ୍ଦନ ଅଧିନିୟମ ଉପରେ ବିଷଦ ଚର୍ଚ୍ଚା କେବଳ ଦେଶର ନାରୀଶକ୍ତିକୁ ୨୦୨୯ ମସିହାରେ ସଂସଦ ଓ ବିଧାନସଭାରେ ଏକ ତୃତୀୟାଂଶ ସଂରକ୍ଷଣ ଦେବନାହିଁ ବରଂ ୨୦୪୭ ମସିହାରେ ବିକଶିତ ଭାରତର ସ୍ୱପ୍ନକୁ ସଫଳ ରୂପାୟନ କରିବାର ଆଧାରଶିଳା ହେବ ବୋଲି ସେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ଏହା ମହିଳାଙ୍କ ନେତୃତ୍ୱରେ ଅର୍ଥନୈତିକ ବିକାଶର ରାସ୍ତା ଖୋଲିବ। "ସମ୍ମାନ, ସୁରକ୍ଷା, ସମାନତା, ସହଭାଗିତା, ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ନେତୃତ୍ୱ' ଆଦି ୭ଟି "ସି' ହେଉଛି ନାରୀ ଅଧିକାର ପାଇଁ ମୂଳ ଆଧାର ବୋଲି ସାଂସଦ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ବିଜେପିର ବରିଷ୍ଠ ନେତ୍ରୀ ସବିତା ସୁଆର, ଜିଲ୍ଲା ଉପସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ ଦେବୀ, ଜିଲ୍ଲା ସମ୍ପାଦିକା ତଥା କର୍ପୋରେଟର ସବିତା ସାହୁ, କର୍ପୋରେଟର ବନିତା ସାହୁ ଓ ସ୍ମିତାଲି ସ୍ମୃତି ସ୍ନିଗ୍ଧା ପାତ୍ର ଉପସ୍ଥିତ ଥିଲେ। ବରିଷ୍ଠ ନେତା ସୁନିଲ କୁମାର ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ତୃତୀୟ ଦିନରେ ଜିଲ୍ଲାସ୍ତରୀୟ ସିଏମ୍ କପ

ବ୍ରହ୍ମପୁର,୧୨।୪(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସିଏମ୍ କପ ଫୁଟବଲ ପ୍ରତିଯୋଗିତା ତୃତୀୟଦିନରେ ପହଞ୍ଚିଛି। ରବିବାର ଏଫସି ବାଳକ ଓ ଡ଼ିଏଭି ସ୍କୁଲ ଦଳ ମଧ୍ୟରେ ହୋଇଥିଲା। ଏଥିରେ ବାରକ ଗୋଲଡ଼ ଏଫସି ୧-୦ ଗୋଲରେ ଡ଼ିଏଭି ସ୍କୁଲକୁ ପରାସ୍ତ କରିଥିଲା। ପ୍ରଥମ ମ୍ୟାଚରେ ଅତିଥି ଦେଇଥିଲେ। ରଞ୍ଜିତ ପାତ୍ର, ରମେଶ ବେହେରା, ପୂର୍ଣ୍ଣଚନ୍ଦ୍ର ରାଓ, ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ରେଫରି ସୁଜିତ କୁମାର ପାତ୍ର ମ୍ୟାଚ ପରିଚାଳନା କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ୍ କେ ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି. ଏମ. ବାବୁ, ସୀତାରାମ ବେହେରା, ପ୍ରମୋଦ ମହାରଣା ଓ ରାଜ ନାରାୟଣ ପାତ୍ର ଉପସ୍ଥିତ ଥିଲେ।



ପ୍ରଥମ ମ୍ୟାଚ ଓଏଭି ବାଳକ ବର୍ଗ ଓ ଖେମୁଣ୍ଡି ଏପ୍ସି ମଧ୍ୟରେ ହୋଇଥିଲା। ମ୍ୟାଚରେ ଓଏଭି ବାଳକ ଦଳ ୪-୧ରେ ବିଜୟୀ ହାସଲ କରିଛି। ଦ୍ୱିତୀୟ ମ୍ୟାଚ ବାରକ ଗୋଲଡ଼ ଭାବେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ଉପସଭାପତି ବିଜୟ କୁମାର ପଟ୍ଟନାୟକ ଓ ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ଅଧକ୍ଷ ତାପସ ରଞ୍ଜନ ସାମଲ ଯୋଗ

## ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ

ବ୍ରହ୍ମପୁର,୧୨।୪(ସମିସ): ବିଜିପୁର କମ୍ୟୁନିଟି ହଲ୍ ଠାରେ ପୂଜ୍ୟପୂଜା ସମିତି ପକ୍ଷରୁ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମରଣସଭା ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ଉତ୍‌ଥାନ ଓ ଦଳିତ ଆନ୍ଦୋଳନରେ ଜ୍ୟୋତିରାଓ ଫୁଲେଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସଭାରେ ଆଲୋଚନା କରାଯାଇଥିଲା। ସେ ଦଳିତ ସମାଜର ସ୍ଥିତିକୁ ନେଇ ଅଧିକ ସାମାଜିକ ଏବଂ ଆର୍ଥିକ ସୁଧାର ପାଇଁ ପ୍ରଚେଷ୍ଟା କରିଥିଲେ। ତାଙ୍କର କାର୍ଯ୍ୟ ସାମାଜିକ ସମତା, ମହିଳା ଉତ୍ଥାନ ଏବଂ ଦଳିତ ସମାଜର ସଶକ୍ତିକରଣରେ ଏକ ଦୃଢ଼ ଉଦାହରଣ ହେବା ସହ ସତ୍ୟ ସୋଧକ ସମାଜ ପ୍ରତିଷ୍ଠା କରିଛି। ଆଜିର ଭାରତରେ ସେ ଆନ୍ଦୋଳନ ଓ ସାମାଜିକ ସୁଧାର କ୍ଷେତ୍ରରେ ଏକ ପ୍ରେରଣାର ଉତ୍ସ ଭାବେ ସଦା ପୂଜ୍ୟ ହୋଇ ରହିବେ ବୋଲି ଅତିଥିମାନେ କହିଥିଲେ। ସ୍ମରଣ ସଭାରେ ଅତିଥି ଭାବେ ମାନବବାଦୀ ହେତୁବାଦୀର କେ. ନନ୍ଦେଶୁ ସେନାପତି, ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ ଚନ୍ଦ୍ର ବିଶୋଇ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କୁନି ଦେବୀ, ଶିକ୍ଷକ ସଙ୍ଗଠନ ନେତା ଅଶୋକ କୁମାର ଦଳାଇ ଓ ଆଇନଜୀବୀ ଅବନୀ ଗୟା ଯୋଗ ଦେଇଥିଲେ। ଶେଷରେ ସମିତି ସମ୍ପାଦକ ଏସ. ସାମ୍ବସିବା ରାଓ ଧନ୍ୟବାଦ ଜଣାଇଥିଲେ।

### ଏମ୍‌କେସିଜି ଶବ ଗୃହର ସମସ୍ତ ମର୍ଚ୍ଚରୀ କୁଲର୍ ଅଚଳ

# ଶବକୁ ମିଳୁନି ସମ୍ମାନ, ଘଣ୍ଟାଘଣ୍ଟା ପଡ଼ି ସଢୁଛି

ବ୍ରହ୍ମପୁର,୧୨।୪(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ମିଳୁନଥିବା ଅଭିଯୋଗ ରହିଥିବା ବେଳେ ଏବେ ଶବକୁ ମଧ ସମ୍ମାନ ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି। ମେଡିକାଲର ଶବଗୃହରେ ଥିବା ସମସ୍ତ ମର୍ଚ୍ଚରୀ କୁଲର୍ ପ୍ରାୟ ୫ଦିନ ଧରି ଅଚଳ ହୋଇପଡ଼ିଛି। ମୋଟ ୬ କୁଲର୍ କାମ କରୁନଥିବାରୁ ଶବ ସଂରକ୍ଷଣ ଉପରେ ଗଭୀର ପ୍ରଭାବ ପଡ଼ୁଛି। ଯାହାକୁ ନେଇ ମୃତ ବ୍ୟକ୍ତିଙ୍କ ପରିବାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସମସ୍ୟା ନେଇ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଅଚଳ ମର୍ଚ୍ଚରୀ କୁଲରକୁ ମରାମତି କରିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ ବ୍ୟକ୍ତିଙ୍କ ଶବକୁ କିଛି ସମୟ ସଂରକ୍ଷଣ

> **ଶବ ସଂରକ୍ଷଣରେ ସମସ୍ୟା, ଅସନ୍ତୋଷ ପରିବାର ବର୍ଗ**

ରଖିବା ନିମନ୍ତେ ମେଡ଼ିକାଲ ପରିସରରେ ଏକ ଶବ ସଂରକ୍ଷଣ ଗୃହ ରହିଛି। ଅନ୍ୟ ହସ୍ପିଟାଲରୁ ଏମକେସିଜି ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କ ମଧ୍ୟରୁ କିଛି ରୋଗୀଙ୍କ ରାସ୍ତାରେ ମୃତ୍ୟୁ ହେଉଛି। ଏଭଳି ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦର ଆବଶ୍ୟକତା ରହିଛି। ଏହି ପ୍ରକ୍ରିୟା ନିମନ୍ତେ ପୁଲିସକୁ କିଛି ଘଣ୍ଟା ସମୟ ଲାଗୁଥିବାରୁ ମୃତ ଦେହକୁ ସମ୍ମାନର ସହ ସୁରକ୍ଷିତ ରଖିବା ନିମନ୍ତେ ମେଡ଼ିକାଲ ପକ୍ଷରୁ ଶବ ଗୃହର ବ୍ୟବସ୍ଥା କରାଯାଇଛି। ଏଥିରେ ଏକା ସଙ୍ଗେ ୬ ଶବ ସଂରକ୍ଷଣ କରି ରଖିବା ନିମନ୍ତେ ୬ ମର୍ଚ୍ଚରୀ କୁଲର ତଥା ଚ୍ୟାମ୍ବର ରହିଛି। ଏଭଳି ଭାବେ ପ୍ରତିଦିନ ମେଡିକାଲରେ ପ୍ରାୟ ୧୦ରୁ ୧୫ ମୃତଦେହ ଶବଗୃହରେ ସଂରକ୍ଷଣ କରାଯାଉଛି। କିନ୍ତୁ କୁଲର୍ ଅଚଳ ଥିବାରୁ ଶବଗୁଡ଼ିକୁ ରଖିବାରେ ଅସୁବିଧା ହେଉଛି। ଫଳରେ ଶବ ଘଣ୍ଟା ଘଣ୍ଟା ଧରି ପଡ଼ି ରହି ସଢ଼ିଯାଉଥିବା ଅଭିଯୋଗ ହୋଇଛି। ସହରରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବା ବେଳେ ଅନ୍ୟଦିନ ତୁଳନାରେ ଏବେ ଶବ ଗୁଡ଼ିକ ଶୀଘ୍ର ସଢ଼ିଯାଉଛି। ଏଭଳି ସ୍ଥିତିରେ ଶବ ବ୍ୟବଚ୍ଛେଦର ଆବଶ୍ୟକ ଅଙ୍ଗ ଶରୀରରୁ ବାହାର କରି ସଂରକ୍ଷଣ କରିବା ସହ ପରୀକ୍ଷା କରିବା କଷ୍ଟକର ହେଉଛି। ମେଡ଼ିକାଲର ଏଭଳି ନୀତି ମୃତଦେହ ପ୍ରତି ଅସମ୍ମାନ ବୋଲି କୁହାଯାଉଛି। ଏହି ସମସ୍ୟାକୁ ନେଇ ରୋଗୀଙ୍କ ପରିବାର ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଉନାହାନ୍ତି।




ତୁରନ୍ତ ମରାମତି କରି ଶବଗୃହର ସୁବିଧା ପୁନଃସ୍ଥାପନ କରିବାକୁ ଦାବି ହେଉଛି। ଏହି ପରିସ୍ଥିତି ଚାଲୁ ରହିଲେ ସ୍ୱାସ୍ଥ୍ୟ ସେବା ପ୍ରଣାଳୀ ଉପରେ ଗଭୀର ପ୍ରଶ୍ନ ଉଠିବା ସହ ମେଡିକାଲ ପ୍ରଶାସନର କାର୍ଯ୍ୟକ୍ଷମତା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଓ ମେଡ଼ିକାଲ କର୍ତ୍ତୃପକ୍ଷ ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

# କାମ କରିବାକୁ ଯାଇ ବିଶ୍ୱନାଥ ନିଖୋଜ

ରାଜନଗର,୧୨।୪(ସମିସ): ଭିତରଗଡ଼ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମର ବିଶ୍ୱନାଥ ସାହୁ କାମ କରିବାକୁ ଯାଇ ନିଖୋଜ ହୋଇଯାଇଥିବା ତାଙ୍କ ପତ୍ନୀ ସସ୍ମିତା ସାହୁ ଅଭିଯୋଗ କରିଛନ୍ତି। ସସ୍ମିତାଙ୍କ ଅଭିଯୋଗ ମୁତାବକ, ମୁଁ ବନ୍ଧୁ ଘରକୁ ଆସିଥିବାବେଳେ ମୋ' ସ୍ୱାମୀ ଆମକୁ ନ ଜଣାଇ ସିରିଗଡ ଗାଁର ନଳକୂପ ଠିକାଦାର ଲକ୍ଷ୍ମୀଧର ବିଶ୍ୱାଳଙ୍କ ସହ ଭଦ୍ରକକୁ କାମ କରିବାକୁ ଯାଇଥିଲେ। ଠିକାଦାରଙ୍କ ନମ୍ବର ଆଣି ଫୋନ କରିବାରୁ ସେ ନଳକୂପ କାମ କରୁଛି। ତାଙ୍କୁ ଆଣି ଘରେ ଛାଡିବେ ବୋଲି କହିଥିଲେ। ଜାଗର ଦିନ ଫୋନ କରି ଆସନ୍ତାକାଲି ସକାଳ ୧୦ଟାରେ ବିଶ୍ୱନାଥଙ୍କୁ ଘରେ ପହଞ୍ଚାଇବେ ବୋଲି କହିଥିଲେ। ମାତ୍ର ଆଜି ଯାଏଁ ବିଶ୍ୱନାଥଙ୍କ ଖୋଜ ଖବର ମିଳୁନି। ଠିକାଦାର କେଉଁଠି ଲୁଚାଇ ରଖି କାମ କରାଇବା ସହ ଆମକୁ ମଜୁରି ଟଙ୍କା ଦେଉନି କି ବିଶ୍ୱନାଥଙ୍କୁ ଘରେ ପହଞ୍ଚାଉନାହିଁ। ୨ ମାସ ହେଲା ସ୍ୱାମୀଙ୍କ ସହିତ ଆମକୁ କଥାବାର୍ତ୍ତା କରାଇ ଦେଉନାହାନ୍ତି। ଠିକାଦାର ଏବେ ଫୋନ ମଧ୍ୟ ଉଠାଉ ନାହି ବୋଲି ସସ୍ମିତା ଅଭିଯୋଗ କରିଛନ୍ତି। ତିନି ମାସର ପୁଅକୁ ଧରି ବାରମ୍ବାର ଥାନାକୁ ଦୌଡୁଥିଲେ ମଧ୍ୟ ପୁଲିସ କିଛି ବୁଝୁ ନ ଥିବା ସସ୍ମିତା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଠିକାଦାର ଲକ୍ଷ୍ମୀଧର ବିଶ୍ୱାଳଙ୍କୁ ପଚାରିବାରୁ ମୁଁ କାମ ନିକଟକୁ ଯାଉଥିବାବେଳେ ହଂସିଣା ପୋଲ ପାଖରେ ବିଶ୍ୱନାଥ ଦେଖାହୋଇ ମୋ ସହିତ ଭଦ୍ରକର ବାସୁଦେବପୁର ଅଞ୍ଚଳକୁ କାମକୁ ଯାଇଥିଲା। କାମ ସାରିବା ପରେ ତାଙ୍କ ପତ୍ନୀକୁ ଫୋନ କରି ସକାଳ ୧୦ଟାରେ ବିଶ୍ୱନାଥଙ୍କୁ ଘରେ ପହଞ୍ଚାଇବି ବୋଲି କହିଥିଲି। ସେଦିନ ରାତିରେ ବିଶ୍ୱନାଥ କେଉଁ ଆଡେ ପଳାଇଯାଇଛି। ଆମେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ୍ୟ ତାକୁ ପାଉନାହୁଁ। ଏ କଥା ମୁଁ ଥାନାରେ କହିଛି ବୋଲି କହିଛନ୍ତି। ଆଇଆଇସି ନରେଶ ସାହୁଙ୍କୁ ପଚାରିବାରୁ ଏ ନେଇ ଥାନାରେ ନିଖୋଜ ମାମଲା ରୁଜୁ ହୋଇଛି ବୋଲି କହିଛନ୍ତି।

# ଜନଶକ୍ତି ହାଇସ୍କୁଲ ଡାଇମଣ୍ଡ ଜୁବୁଲି ପ୍ରସ୍ତୁତି ବୈଠକ

ମାର୍ଶାଘାଇ,୧୨।୪(ସମିସ): ମାର୍ଶାଘାଇ ବ୍ଲକ ପେଣ୍ଠ ଜନଶକ୍ତି ସରକାରୀ ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ୬୦ ବର୍ଷ ପୂର୍ତ୍ତି ଡାଇମଣ୍ଡ ଜୁବୁଲି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକଙ୍କ ଆବାହକତ୍ୱରେ ପୁରାତନ ଛାତ୍ର ପ୍ରଫୁଲ୍ଲ ଚନ୍ଦ୍ର ବେଉରା, କୈଳାସ



ରାଉତ, ପ୍ରଶାନ୍ତ ମହାନ୍ତି, ସୀତାକାନ୍ତ ନାୟକ, ଜ୍ଞାନରଞ୍ଜନ ଦାସ, ଅମଳେନ୍ଦୁ ମହାନ୍ତି, ପ୍ରଦୀପ ପରିଡ଼ା, ପ୍ରମୋଦ ଦାସ, ବିଶ୍ୱନାଥ ଷଡ଼ଙ୍ଗୀ, ଜୟଦେବ ପରିଡ଼ା, ଅଭିନାଶ ସ୍ୱାଇଁ, ସଂଗ୍ରାମ ପରିଡ଼ା, ଭାଗୀରଥି ମହାନ୍ତି, ଝରଣା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସୁନାମ ବୃଦ୍ଧି କରିବାରେ ପୁରାତନ ବିଦ୍ୟାର୍ଥୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହୀରକ ଜୟନ୍ତୀ ଉତ୍ସବ ଯେପରି ଧୁମ୍‌ଧାମରେ ପାଳନ କରାଯାଇଥିଲା, ସେହିପରି ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ଡାଇମଣ୍ଡ ଜୁବୁଲି ମହାସମାରୋହରେ ପାଳନ କରିବାକୁ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ ମତ ଦେଇଥିଲେ। ପରବର୍ତ୍ତୀ ବୈଠକ ମଇ ୨୪ ତାରିଖରେ ବିଦ୍ୟାଳୟ ପରିସରରେ ବସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓ ନୂତନ କର୍ମକର୍ତ୍ତା ଚୟନ କରାଯିବାକୁ ସ୍ଥିର କରାଯାଇଛି।

# ଖଡ଼ିଅଣ୍ଟା ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ



ପଟ୍ଟାମୁଣ୍ଡାଇ,୧୨।୪(ସମିସ): ଖଡିଅଣ୍ଟା ହାଇସ୍କୁଲର ୨୦୦୭ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଆଶିଷ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଗୁରୁପୂଜନ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ପ୍ରାକ୍ତନ ଶିକ୍ଷକ ସର୍ବେଶ୍ୱର ଜେନା, ଅଭୟ ଜେନା, ବିଦ୍ୟାଧର ମହାନ୍ତି, ମଧୁସୂଦନ ଦାସ, ଗୋକୁଳ ଜେନା, ରବୀନ୍ଦ୍ର ଦାଶ, ପୀତାମ୍ବର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରାତନ ଛାତ୍ରଛାତ୍ରୀ ଏହି ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ଗୁରୁଙ୍କୁ ଫୁଲଚନ୍ଦନ ଦେଇ ପୂଜାର୍ଚ୍ଚନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ରୀ ସ୍ୱାଗତିକା ଦାଶ ସ୍ୱାଗତ ଭାଷଣ ଓ ସୁଚିସ୍ମିତା ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

# ନାବାଳିକା ଅପହରଣ ଅଭିଯୋଗ

ରାଜନଗର,୧୨।୪(ସମିସ): ରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଆଜି ରାଜନଗର ଥାନାରେ ଅଭିଯୋଗ ହୋଇଛି। ଗତକାଲି ସନ୍ଧ୍ୟା ୬ଟା ସମୟରେ ନାବାଳିକା ଗାଁ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ଝିଅକୁ ପାଇ ନ ଥିଲେ। ବିବେକ ବିଶ୍ୱାଳ ନାମକ ଜଣେ ଯୁବକ ନାବାଳିକାଙ୍କୁ ବାଇକ୍ ଯୋଗେ ଅପହରଣ କରିଥିବା ନେଇଥିବା ଝିଅର ବାପା ରାଜନଗର ଥାନାରେ ଅଭିଯୋଗ କରିଛନ୍ତି।

# ପଲ୍ଲୀ ରଘୁନାଥପୁରରେ ବିଶ୍ୱଶାନ୍ତି ମହାଯଜ୍ଞ

ପଞ୍ଚୁପାଣ୍ଡବ,୧୨।୪(ସମିସ): ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ପଲ୍ଲୀ ରଘୁନାଥପୁର ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଯଜ୍ଞ ତିନିଦିନ ଧରି ହେବାକୁ ଥିବାବେଳେ ପ୍ରତିଦିନ ଯଜ୍ଞ ନିକଟରେ ଭଜନ କୀର୍ତ୍ତନ ହେଉଛି। କ୍ଷୀରୋଦ ତ୍ରିପାଠୀ ପୂଜକ ଅଛନ୍ତି। ଏହି ଯଜ୍ଞରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗ ଦେଇଥିଲେ। ବିଜେଡି ନେତା ସରୋଜକାନ୍ତ



ନାୟକ, ବାପି ଦ୍ୱିବେଦୀ, ଭବାନୀ ଓଝା, ପ୍ରକାଶ ସାହୁ, ସରଳରେଖା ସାହୁ, ପ୍ରଶାନ୍ତ ସାମଲ, ସତ୍ୟରଞ୍ଜନ ସାମଲ ଓ ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ଯୋଗ ଦେଇଥିଲେ। ସୁବାସ ଜେନା, ବିକ୍ରମ ସେଠୀ, ସରୋଜ ବାରିକ, ନିତ୍ୟାନନ୍ଦ ସାହୁ, ତ୍ରିଲୋକ୍ୟ ସାହୁ, ବଳରାମ ପରିଡ଼ା, କୁମାର ରଞ୍ଜନ ଓ ସୁଜିତ୍ ବଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯଜ୍ଞରେ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ

# ମୁଖ୍ୟ ରାସ୍ତା ଉପରେ ବାଲି ଗଦା, ଯାତାୟାତ ବାଧାପ୍ରାପ୍ତ

କେନ୍ଦ୍ରାପଡ଼ା,୧୨।୪(ସମିସ)



ସରକାରୀ ନୀତି ଓ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇ କେନ୍ଦ୍ରାପଡା ସହରର ଏକ ମୁଖ୍ୟ ରାସ୍ତା ଉପରେ ବେଆଇନ ଭାବେ ବାଲି ଗଦା କରାଯାଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇପଡିଛି। ତିନିମୁହାଣି-ନୂଆ ବସଷ୍ଟାଣ୍ଡ ମୁଖ୍ୟ ରାସ୍ତାର କଜଳା ଅଞ୍ଚଳରେ ଥିବା ଟିପିସିଓଡିଏଲ କାର୍ଯ୍ୟାଳୟ ଓ ଅର୍ବାନ ବ୍ୟାଙ୍କ କାର୍ଯ୍ୟାଳୟ ମଧ୍ୟଭାଗରେ ପ୍ରାୟ ତିନି ଟ୍ରକ ବାଲି ଗଦା କରାଯାଇଛି। ଫଳରେ ରାସ୍ତାଟି ସଂକୀର୍ଣ୍ଣ ହୋଇପଡିଥିବାରୁ ଯାତାୟାତରେ ଗୁରୁତର ବାଧା ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ଦୈନିକ ଯାତାୟାତ କରୁଥିବା ଗାଡ଼ିଚାଳକ ଓ ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଦୁର୍ଘଟଣା ଘଟିବା ସମ୍ଭାବନା ମଧ୍ୟ ରହିଛି। ସ୍ଥାନୀୟ ଅଧିବାସୀ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ତହସିଲଦାର ଓ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି ପ୍ରଶାସନ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ଗ୍ରହଣ ହୋଇ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ କେନ୍ଦ୍ରାପଡା ତହସିଲଦାର କୁଇନି ଜେନା ଗଣମାଧ୍ୟମକୁ କହିଛନ୍ତି, ଏ ବିଷୟରେ ଅଭିଯୋଗ ମିଳିଛି। ଖୁବଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ସ୍ଥାନୀୟ ଲୋକ ତୁରନ୍ତ ଏହି ବେଆଇନ ବାଲି ଗଦାକୁ ହଟାଇବା ସହିତ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ପଟ୍ଟାମୁଣ୍ଡାଇ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ସାମ୍ବିଧାନିକ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୧୨।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ୧୭ତମ ସାମ୍ବିଧାନିକ ସମ୍ମିଳନୀ ବଡ଼ମୋହନପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।



ପ୍ରାକ୍ତନ ସଭାପତି ସୁନାମଣି ଦାଶ ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲା ସଂଘ ସଭାପତି କରୁଣାକର ଭଳ ଓ ଯୁଗ୍ମସମ୍ପାଦକ ତୁଷାରକାନ୍ତ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଂଘ ସଭାପତି ରବିନାରାୟଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ବରିଷ୍ଠ ଶିକ୍ଷକ ନେତା ରଂଜିତ ସାମଲ, ଗୀତାରାଣୀ ରାୟ, ଶ୍ରୀମନ୍ତ ନାରାୟଣ ସାମନ୍ତରାୟ, ବିଜୟ ସାମଲ, ଉଷାରାଣୀ ରଥ, ଅନୁସୂୟା ପୂଜାରୀ, ଅନନ୍ୟା ବାରିକ, ଶରତ ଗାହାଣ, ଅରୁଣ ଦାଶ ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ସାଙ୍ଗଠନିକ ଅଭିବୃଦ୍ଧି ଉପରେ ମତ ରଖିଥିଲେ। ବିବରଣୀ ପାଠ କରାଯାଇ ବିଗତ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା। ସଂଗଠନ ଅଭିବୃଦ୍ଧି ପାଇଁ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଜିଲ୍ଲା ସଭାପତିଙ୍କ ଅନୁମୋଦନକ୍ରମେ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ବୀରକିଶୋର ସାହୁ, ଉପସଭାପତି ଶ୍ରୀବତ୍ସ ନାରାୟଣ ସାମନ୍ତରାୟ, ସମ୍ପାଦକ ପ୍ରଦୀପ ସାହୁ, ଯୁଗ୍ମସମ୍ପାଦକ ଦେବେନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ନରହରି ପରିଡ଼ା, ସହସମ୍ପାଦକ ଶ୍ରୀକାନ୍ତ ଶତପଥୀ ଓ ରମେଶ ସ୍ୱାଇଁ, ଉପଦେଷ୍ଟା ଭାବେ ଅଜୟ ଜେନାଙ୍କୁ ମନୋନୀତ କରାଯାଇଥିଲା। ସଭାପତି ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏ ଅବସରରେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ନେତା ପ୍ରଦୀପ୍ତ ସାମଲ ଧନ୍ୟବାଦ ଦେଇଥିଲେ।

# ଗୋପବନ୍ଧୁ କ୍ଲବ୍ ପକ୍ଷରୁ 'ଏଠି ଭୁଲ କାହାର' ନାଟକ ମଞ୍ଚସ୍ଥ

ପଟ୍ଟାମୁଣ୍ଡାଇ,୧୨।୪(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବାଲିପଡ଼ା ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ କ୍ଲବ୍ ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ଖୋଲାମଞ୍ଚ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ବାପୁନ ମହାନ୍ତିଙ୍କ ନିର୍ଦ୍ଦେଶନାରେ 'ଏଠି ଭୁଲ କାହାର' ନାଟକ ମଞ୍ଚସ୍ଥ ହୋଇଛି। ଏଥିରେ ଦେବେନ୍ଦ୍ର ସାହୁ, ପ୍ରଶାନ୍ତ ବାରିକ, କାଳନ୍ଦୀ ଦାସ, ସଞ୍ଜୟ ତ୍ରିପାଠୀ, ମାନସ ସାହୁ, ମନୋଜ ନାୟକ, ଉମାକାନ୍ତ ତ୍ରିପାଠୀ, କାଳନ୍ଦୀ ଭୂୟାଁ ପ୍ରମୁଖ ବିଭିନ୍ନ ଚରିତ୍ରରେ ଚମତ୍କାର ଅଭିନୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ପୌରାଧ୍ୟକ୍ଷ ହେମନ୍ତ ସାହୁ, ଶିକ୍ଷାବିତ୍ ପ୍ରମୋଦ ସାହୁ, ଗ୍ରାମ୍ୟ କମିଟି ସଭାପତି ଥାନପତି ରବୀନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

# ନୂଆପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଡେରାବିଶ, ୧୨।୪(ସମିସ): ଡେରାବିଶ ଶିକ୍ଷା ସର୍କଲ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ପ୍ରକଳ୍ପ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ମୁଖ୍ୟଅତିଥି ଓ କେନ୍ଦୁଝର ଜିଲ୍ଲା ସହଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ, ସଚିକାନ୍ତ ମିଶ୍ର ଓ ଦେବଦତ୍ତ ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଓ ଶୈକ୍ଷିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ। ସରପଞ୍ଚ ସୁରେନ୍ଦ୍ର ମଲିକ ଓ ସମିତିସଭ୍ୟା ମଞ୍ଜୁଲତା ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉର୍ମିଳା ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ତମ ଛାତ୍ରଟିଏ ଗଢିବା ପାଇଁ ବିଦ୍ୟାଳୟର ପରିବେଶ, ଶିକ୍ଷାଦାତାଙ୍କ ନିଷ୍ଠା ଓ ଛାତ୍ରଛାତ୍ରୀଙ୍କ ଆଗ୍ରହ ଉପରେ ନିର୍ଭର କରିଥାଏ ବୋଲି କହିଥିଲେ। ଏଥିପାଇଁ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ ରହିଛି। ଏ ଅବସରରେ ରଞ୍ଜିତ ବେହେରା,



ମଧୁସୂଦନ ଘଡ଼ାଇ ଓ କେନ୍ଦ୍ରାପଡ଼ା ସାଇବର ଥାନା ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଶିବପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଇତିଶ୍ରୀ ନାୟକ, ଶ୍ରୀୟାଶକ୍ତି ମହାନ୍ତି, ପ୍ରମୋଦ ରାଉତରାୟ, ମହେଶ୍ୱର ଷଣ୍ଢ, ସାଧନ ସେଣ, ମନୋଜ ସେଣ ଓ ଦେବବ୍ରତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ

ରାଜନଗର,୧୨।୪(ସମିସ): ରାଜନଗର ବ୍ଲକ୍ ଡେରା ଗ୍ରାମର ଜଣେ ଯୁବକ ନଡ଼ିଆ ଗଛରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ଡେରା ଗାଁର ଶିଶିର କୁମାର ମହାନ୍ତି ଆଜି ଦିନ ପ୍ରାୟ ୩ଟା ସମୟରେ ନିଜ ବାଡ଼ିରେ ଥିବା ନଡ଼ିଆ ଗଛକୁ ଚଢିଥିଲେ। ନଡ଼ିଆ ତୋଳୁଥିବା ସମୟରେ ଅସାବଧାନତା ବଶତଃ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିଶିରଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଟ ପାଇଁ ଜିଲ୍ଲା ଦଳର ପ୍ରସ୍ତୁତି

କେନ୍ଦ୍ରାପଡ଼ା,୧୨।୪(ସମିସ): ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ବିଜୁ ପଟ୍ଟନାୟକ ଷ୍ଟାଡ଼ିୟମରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୬ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବାଳକ ଓ ବାଳିକା ଦଳର ପ୍ରସ୍ତୁତି ମ୍ୟାଚ୍ ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ କେନ୍ଦ୍ରାପଡା ଜିଲ୍ଲା ଡିଏସଓ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତି, ସଭାପତି ମହମ୍ମଦ ନଇମ ଓ ନିରଞ୍ଜନ କର, ବରଦାକାନ୍ତ ବରାଳ, ଜଗନ୍ନାଥ ସାହୁ, ରଶ୍ମିରଞ୍ଜନ ସିଂହ, ପ୍ରଫୁଲ୍ଲ ମଲ୍ଲିକ, ଅସିତ ଦାସ, ହରିହର ବେହେରା, ଜ୍ୟୋତି ନାରାୟଣ ଶତପଥୀ, ଆକବର ଅଲ୍ଲୀ ଖାନ ଉପସ୍ଥିତ ଥିଲେ।

# ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର



ଆଳି,୧୨।୪(ସମିସ)

ଆଳି ବ୍ଲକ୍ ମାଣିକପାଟଣାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ତହସିଲଦାର ସୁମନ ଘୋଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟ କରାଯାଉଛି। ବିଭିନ୍ନ ସମୟରେ ଅସହାୟଙ୍କ ନିକଟରେ ଏହି ଅନୁଷ୍ଠାନ ପହଞ୍ଚି ଆର୍ଥିକ ସହାୟତା ଯୋଗାଇ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଜନମଙ୍ଗଳ କାର୍ଯ୍ୟ କରିଆସୁଛି। ମାଣିକପାଟଣା ପଞ୍ଚାୟତରେ ଗଠିତ ଏହି ଅନୁଷ୍ଠାନର ସ୍ଥାୟୀ କାର୍ଯ୍ୟାଳୟ ଓ ବୈଠକ ଗୃହ ନିର୍ମାଣ ନିମନ୍ତେ ପ୍ଲଟ୍ ଚିହ୍ନଟ କରି ସେମାନେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆବେଦନ କରିଥିଲେ। ଦୁଇଦୁଇଥର ସେମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିବାବେଳେ ଆଳି ତହସିଲ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଉନି। ଆଳି ତହସିଲ ପକ୍ଷରୁ ଜାଗା ଚିହ୍ନଟ କରାଯାଇ ସେମାନଙ୍କୁ ଜମି ଯୋଗାଇ ଦିଆଗଲେ, ସେଠାରେ ଆମ ସ୍ୱାଭିମାନ ଟ୍ରଷ୍ଟର କାର୍ଯ୍ୟାଳୟ ଓ ବୈଠକ ଗୃହନିର୍ମାଣ ହୋଇପାରିବ ବୋଲି ଦାବିପତ୍ର ଆଜି ତହସିଲଦାର ସୁମନ ଘୋଷଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ତହସିଲଦାର ସୁମନ ଘୋଷଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିବି। ଜିଲ୍ଲା ପ୍ରଶାସନ ପକ୍ଷରୁ ଯାହା ନିର୍ଦ୍ଦେଶ ମିଳିବ, ସେହି ଅନୁଯାୟୀ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ବିନୋଦ ତରାଇ, ସମ୍ପାଦକ ଶିବପ୍ରସାଦ ବେହେରା, ମ୍ୟାନେଜିଂ ଟ୍ରଷ୍ଟି ଦେବେନ୍ଦ୍ର ଦାଶ, କୋଷାଧ୍ୟକ୍ଷ ସଞ୍ଜୟ ଦାସ, ପ୍ରଶାନ୍ତ ବିଶ୍ୱାଳ, ବିଶ୍ୱନାଥ ଦାସ, ଜିତେନ୍ଦ୍ର ସେଠୀ, ପ୍ରମୋଦ ବିଶ୍ୱାଳ, ବିଶ୍ୱଜିତ ପରିଡା, ପ୍ରଫୁଲ୍ଲ ତରାଇ, କଳିଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

10001/39/2627

ଅଂଶୁଘାତ ସତର୍କତା

**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ


ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0003

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

୧୨/୪/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୩୨,୦୮୫/- ସୁନା:୦୫.୭୦୦ ଗ୍ରାମ୍ ରୁପା: ୧୦୦.୦୦୦ ଗ୍ରାମ୍





# ନାବାଳକ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ପୁରୀ,୧୨।୪(ସମିସ)



**ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର**

ଜଣେ ନାବାଳକର ମୃତ୍ୟୁକୁ ନେଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଉତ୍ତେଜନା ପ୍ରକାଶ ପାଇଥିଲା। ଚିକିତ୍ସାରେ ଅବହେଳା ଏବଂ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ପୁଅର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଘୋଡ଼ାବଜାର ଅଞ୍ଚଳର ପି. ନରସେୟାଙ୍କ ପୁତ୍ର ପି. ଗୌତମଙ୍କ ଦେହ ଅସୁସ୍ଥ ଯୋଗୁଁ ରବିବାର ସକାଳେ ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ପିଲାଟିର ମୃତ୍ୟୁ ଘଟିଥିଲା। ହେଲେ ବହୁ ବିଳମ୍ବରେ ଡାକ୍ତର ଦେଖିବା ଏବଂ ଭୁଲ୍ ଇଞ୍ଜେକ୍ସନ ଦେବାରୁ ମୃତ୍ୟୁ ଘଟିଲା ବୋଲି ତାଙ୍କ ମାମୁ ଏବଂ ଆଈ ଅଭିଯୋଗ କରିଛନ୍ତି। ଏହାକୁ ନେଇ ହସ୍ପିଟାଲରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଖବର ପାଇ ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶ, କୁମ୍ଭାରପଡ଼ା ଥାନାଧିକାରୀ ବିଜୟ କେତନ ବେହେରା ପ୍ରମୁଖ ପହଞ୍ଚି ବୁଝାଶୁଝା କରିବାରେ ସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନାବାଳକର ମାମୁ ଅଭିଯୋଗ କରିଛନ୍ତି ଯେ, ସକାଳ ୬ଟାରେ ଆମେ ହସ୍ପିଟାଲ ଆସିଥିଲୁ। ଆମକୁ ୬/୭ ଥର ତଳ ଉପର କଲେ। ଏମିତି ୮ଟା ବାଜିଗଲା। ସେତେବେଳେ ଡାକ୍ତର ନ ଥିଲେ। ପିଲାଟିର ମୁଣ୍ଡ ବିନ୍ଧା ହେଉଛି, ପରିଶ୍ରା କରିବା ବେଳେ କଷ୍ଟ ହେଉଛି ବୋଲି ଜଣାଇଲୁ। ହେଲେ କେହି ଶୁଣିଲେ ନାହିଁ। ସାର୍ ଆସିବେ ଆସିବେ କହି ସମୟ ଗଡ଼ାଇଲେ। ୧୦ଟାରେ ଡାକ୍ତର ଆସିଲେ। ମୋ ମାଆ ଯାଇ କାନ୍ଦିବା ପରେ ସାର୍ ଆସି ଦେଖିଲେ। ଦୁଇଟି ଇଞ୍ଜେକ୍ସନ ଦେଲେ। ଏହାର କିଛି ସମୟ ପରେ ତା'ର ମୃତ୍ୟୁ ହୋଇଗଲା। ଡାକ୍ତର କହୁଛନ୍ତି ଇନ୍‌ଫେକ୍ସନ ହୋଇଗଲା। ଭିତରେ କ'ଣ ହେଲା ଆମେ ଜାଣିନାହୁଁ କହିଲେ।

ଅନ୍ୟପକ୍ଷରେ ସିଡିଏମ୍‌ଓ ଦାୟିତ୍ୱରେ ଥିବା ଡା. ବିନୋଦ ବିହାରୀ ରଥ କହିଛନ୍ତି, ସକାଳ ୮ଟା ପାଖାପାଖି ହେବ ଜଣେ ନାବାଳକ ଆସିଥିଲେ। ସେ ଥାଲାସେମିଆରେ ଆକ୍ରାନ୍ତ। ତେବେ ଚିକିତ୍ସାରେ ଅବହେଳା କରାଯାଇଥିବା ଯାହା ଅଭିଯୋଗ ହେଉଛି ସେମିତି ନୁହେଁ। ପିଲାର ହିମୋଗ୍ଲୋବିନ କମ୍ ଥିଲା। ରକ୍ତ ସଞ୍ଚାଳନ ଠିକ୍ ଭାବେ ହେଉ ନ ଥିବ। ଯେହେତୁ ପରିବାର ଲୋକେ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ କରୁଛନ୍ତି ଏହାର ତଦନ୍ତ ହେବ। ୪୮ରୁ ୭୨ ଘଣ୍ଟା ମଧ୍ୟରେ ତଦନ୍ତ କରାଯାଇ ରିପୋର୍ଟ ଦିଆଯିବ। ବାସ୍ତବରେ ଡାକ୍ତରଙ୍କ ଚିକିତ୍ସା ଅବହେଳା ନା କୌଣସି ରୋଗକୁ ନେଇ ମୃତ୍ୟୁ ହୋଇଛି ତାହାର ତଦନ୍ତ ହେବ ବୋଲି ଡା. ରଥ କହିଛନ୍ତି।

# ଓଡ଼ିଆ ଭାଷା, ସାହିତ୍ୟ ପାଇଁ ବରପୁତ୍ରଙ୍କ ଅବଦାନ ଅବିସ୍ମରଣୀୟ



**ପୁରୀ,୧୨।୪(ସମିସ):** ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସ ଅବସରରେ ଜିଲ୍ଲା ପ୍ରଶାସନ (ଜିଲ୍ଲା ସଂସ୍କୃତି ପରିଷଦ) ଓ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟଙ୍କ ସହଭାଗିତାରେ ୟୁଥ୍ ହଷ୍ଟେଲ ପରିସରରେ ବନ୍ଦନୀୟ ବରପୁତ୍ର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗଦେଇ କହିଥିଲେ ଯେ, ଆମ ଭାଷା, ସାହିତ୍ୟ, ସଂସ୍କୃତି ଯେତିକି ମହାନ ଓ ସମୃଦ୍ଧ ଏହାକୁ ଗୌରବ କରିବାରେ ଆମ ବରପୁତ୍ରମାନଙ୍କ ଅବଦାନ ଅବିସ୍ମରଣୀୟ। ଆମ ଭାଷାକୁ ସମୃଦ୍ଧ କରିବାରେ ରୀତି ଯୁଗର ପଞ୍ଚସଖା ଓ ସତ୍ୟବାଦୀର ପଞ୍ଚସଖାଙ୍କ ଅବଦାନ ଚିରସ୍ମରଣୀୟ। ସେମାନଙ୍କ ମହାନ ଜାତିପ୍ରେମ ଓ ଭାଷା ପ୍ରୀତିର ସୁଫଳ ଆମେ ଉପଭୋଗ କରୁଛନ୍ତି। ବର୍ତ୍ତମାନ ସମୟ ଏକ ଘଡ଼ିସନ୍ଧିର ସମୟ। ବର୍ତ୍ତମାନ ଯୁବବର୍ଗଙ୍କୁ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅବଗତ କରାଇବା ସହ ଆମ ଭାଷା ସାହିତ୍ୟକୁ ସେମାନଙ୍କ ମାଧ୍ୟମରେ ଆଗକୁ ନେବା ପାଇଁ ବ୍ୟବସ୍ଥା ସମ୍ପର୍କରେ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରତିଭା ବୀରେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ଅଧିବକ୍ତା ବିନୟ ନୃସିଂହ ମହାପାତ୍ର, ଅଧିବକ୍ତା ରଚିତା ରାଉତରା, ପ୍ରାକ୍ତନ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ଏକ ଚମତ୍କାର ଭାଷା। ଏହାର ସୁରକ୍ଷା, ପ୍ରଚାରପ୍ରସାର ଓ ବ୍ୟାପକ ବ୍ୟବହାର ଆମ ସମସ୍ତଙ୍କ ଧ୍ୟେୟ ହେବା ଉଚିତ୍ ବୋଲି କହିଥିଲେ।

ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ ବିପିନ ବିହାରୀ ଦଳାଇ। ଏଥିରେ ଡ. ହେମନ୍ତ ଛୋଟରାୟ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ପ୍ରଫେସର କାର୍ତ୍ତିକ କୁମାର ଦାସ, ସଦାଶିବ ମିଶ୍ର, ଦେବେନ ଦାଶ, ବିଜୟ ପଣ୍ଡା, ବିଶ୍ୱବନ୍ଧୁ ଦାସ, ସୁବ୍ରତ ଜେନା, ଐଶ୍ବର୍ଯ୍ୟ ଦାଶ, ଯୋଗେଶ୍ୱର ପ୍ରହରାଜ, ଶୁଭଶ୍ରୀ ମହାପାତ୍ର, ଦାମୋଦର ମହାନ୍ତି, ସୁରେଶ ପଟ୍ଟନାୟକ, ଅନନ୍ତ ପ୍ରଧାନ, ମିନତୀ ମିଶ୍ର, ପ୍ରଭାସିନୀ ମିଶ୍ର, ମିନତୀ ପଟ୍ଟନାୟକ, ରଶ୍ମିତା ଦାସ ମହାପାତ୍ର, ମନସ୍ୱିନୀ ବେହେରା, ସନ୍ତୋଷିନୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଶେଷରେ ସନ୍ଦୀପ କର୍ମକାର ଧନ୍ୟବାଦ ଅର୍ପଣ କରିଥିଲେ।

# ଭକ୍ତଙ୍କ ସୁନା ଲକେଟ୍ ଲୁଟ୍ କରି ୨ ଗିରଫ

**ପୁରୀ,୧୨।୪(ସମିସ):** ଶ୍ରୀମନ୍ଦିର ଭିତରେ ଚୋରି ଘଟଣାରେ ସିଂହଦ୍ୱାର ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ମାଝୀ ସାହିର ଦୀପକ ମହାନ୍ତି ଓ କୁମ୍ଭାରପଡ଼ା ଥାନା ଅଞ୍ଚଳର ଅକ୍ଷୟ ନାୟକ। ପୁଲିସ ସେମାନଙ୍କ ନିକଟରୁ ଚୋରି ସୁନା ଲକେଟ୍ ଜବତ କରିଛି। ଅଭିଯୋଗ ଅନୁଯାୟୀ, ଗତ ସୋମବାର ନୟାଗଡ଼ ଜିଲ୍ଲାର ସୁଧୀର ମହାରଣା ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଆନନ୍ଦ ବଜାର ଦେଇ ଯାଉଥିବା ସମୟରେ ଅଭିଯୁକ୍ତଦ୍ୱୟ ତାଙ୍କ ୪ ବର୍ଷର ପୁଅ ବେକରୁ ସୁନା ଲକେଟ୍ ଲୁଟ କରିଥିଲେ। ତେବେ ସମୟ ଅଭାବରୁ ସେହିଦିନ ତାଙ୍କ ପରିବାର ସହିତ ଫେରିଯାଇଥିଲେ। ଶନିବାର ପୁରୀ ଆସି ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରିପୋର୍ଟ ଆଧାରରେ ତୁରନ୍ତ ମାମଲା ରୁଜୁ କରାଯାଇଥିଲା। ସିଂହଦ୍ୱାର ପୁଲିସର ଏକ ସ୍ୱତନ୍ତ୍ର ଦଳ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ପୁଲିସ ଉଭୟ ଅପରାଧୀଙ୍କୁ ଚିହ୍ନଟ କରିଥିଲା। ରବିବାର ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି
# ସଚେତନତା ପଦଯାତ୍ରା ଜାରି



**ପୁରୀ,୧୨।୪(ସମିସ):** ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ହେଲେ ସରକାର ନା ପ୍ରଶାସନ କେହି ବି ଶୁଣୁନାହାନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ଜାରି ରହିଛି। ଶନିବାର ଏହି ପଦଯାତ୍ରା ଦ୍ୱାଦଶ ଦିବସରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ସୁମିତ୍ରା ବାରିକ୍, ପ୍ରାନ୍ତଶିନୀ ଜେନା, ରାଧେଶ୍ୟାମ ରଥ, ପ୍ରସନ୍ନ ଦାସ, ସରସ୍ୱତୀ ପାତ୍ର, ଦାଶରଥୀ ପ୍ରସାଦ ଦାଶ, ବିଦ୍ୟୁଲତା ଆଚାର୍ଯ୍ୟ, ନିହାରିକା ତ୍ରିପାଠୀ, ଜଗନ୍ନାଥ ମହାନ୍ତି, ବନିତା ଦୀକ୍ଷିତ, ରାଜା ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଟୁନା ନାୟକ, କିଶୋର ଚନ୍ଦ୍ର ଦାସ, ରାମକୃଷ୍ଣ ମହାନ୍ତି, ସନ୍ତୋଷ ସେନାପତି, ସୂର୍ଯ୍ୟ ନାରାୟଣ ରଥ, ଅରୁଣା ପଟ୍ଟନାୟକ, ଭାସ୍କର ପରିଡ଼ା, ବିଶ୍ୱନାଥ ମିଶ୍ର, ଲାଲା ଅନନ୍ତ କୁମାର ସିଂ, ସୁରେଶ ଚନ୍ଦ୍ର ମିଶ୍ର, ବାପିନା ସାମନ୍ତରା, ରଶ୍ମି ରଞ୍ଜନ ପାତ୍ର ଓ ସତ୍ୟ ନାରାୟଣ ସାହୁ ପ୍ରମୁଖ ସାମିଲ ଥିଲେ।

# ୧୬.୫୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ଅଭିଯୁକ୍ତ ଗିରଫ

**ପୁରୀ,୧୨।୪(ସମିସ):** ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଜାରି ରହିଛି। ବିଶେଷକରି ବ୍ରାଉନ୍‌ସୁଗର, ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ଏହି କ୍ରମରେ ବାସେଳିସାହି ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ୧୬.୫୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଲୋକନାଥ ରୋଡ୍ ଥାନପତି ଲେନ୍‌ର ଭବାନୀ ଶଙ୍କର ମହାରଣା (୩୦)। ରବିବାର ବାସେଳିସାହି ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଅପରାହ୍ଣ ପ୍ରାୟ ୧ଟା ୫୦ରେ ବିଶେଷ ସୂତ୍ରରୁ ଖବର ପାଇ ସାହା କଲେଜ ନିକଟରେ ଚଢ଼ଉ କରିଥିଲେ। ସେଠାରେ ଭବାନୀ ଶଙ୍କର ମହାରଣା ବ୍ରାଉନ୍‌ସୁଗର ବିକ୍ରି କରୁଥିବା ନେଇ ସୂଚନା ମିଳିଥିଲା। ଚଢ଼ଉ ବେଳେ ପୁଲିସ ଭବାନୀଙ୍କୁ କାବୁ କରିବା ସହ ତା' ନିକଟରୁ ୧୬.୫୫ ଗ୍ରାମ୍ ଧଳାଜହର, ୫୮୦ ଟଙ୍କା ଏବଂ ୨ଟି ମୋବାଇଲ୍ ଫୋନ୍ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୨୭/୨୬) ରୁଜୁ କରାଯାଇ ଅଭିଯୁକ୍ତ ଭବାନୀଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

# ଆଦି କଳା ମହୋତ୍ସବ ଉଦ୍‌ଯାପିତ

**ପୁରୀ,୧୨।୪(ସମିସ):** କଲ୍‌ଚରାଲ ଡେଭଲପ୍‌ମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ 'ଆଦି କଳା ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି। ଅଲ୍ ଇଣ୍ଡିଆ ଆର୍ଟ ଆଣ୍ଡ କଲ୍‌ଚରାଲ କମିଟି ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସମଗ୍ର ଭାରତ ବର୍ଷରୁ ଶତାଧିକ ନୃତ୍ୟଶିଳ୍ପୀ ଭାଗ ନେଇ ଓଡ଼ିଶୀ, ସମ୍ବଲପୁରୀ, ଭୋଜପୁରୀ, କଥକ, ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ବାଂଲାଦେଶ, ଭୁଟାନ ଓ ନେପାଳରୁ ଆସିଥିବା ଅତିଥି ଶିଳ୍ପୀମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ।

ଅଲ୍ ଇଣ୍ଡିଆ ଆର୍ଟ ଆଣ୍ଡ କଲ୍‌ଚରାଲ କମିଟି ସାଧାରଣ ସମ୍ପାଦକ ଡ. ଉପେନ୍ଦ୍ର କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅନୁଷ୍ଠାନର ସଭାପତି ଡ. ଚୈତନ୍ୟ ପାଇକ, ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, ଯାତ୍ରା କଳାକାର ସମରେନ୍ଦ୍ର ପଣ୍ଡା, ନିରଞ୍ଜନ ସ୍ୱାଇଁ, ରାଜେନ୍ଦ୍ର ପତି, ଓଡ଼ିଶା ହାଇକୋର୍ଟ ଅଧିବକ୍ତା ଅସୀମ ଅମିତାଭ ଦାସ, ଡ. ଅର୍ପିତା ଚାଟାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍କଳୀୟ କଳା, ସଂସ୍କୃତିର ମହନୀୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଭରତ କୁମାର ନାୟକଙ୍କୁ 'ଆଦିକଳା ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ରାମକୃଷ୍ଣ ମହାପାତ୍ର, ଶରତ ମହାନ୍ତି, ସବିତା ହରିଚନ୍ଦନ, ତୁଷାରକାନ୍ତ ବେହେରା, ହିମାଂଶୁ ମଲ୍ଲିକ, ନିରୁପମା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

10001/39/2627

ଅଂଶୁଘାତ ସତର୍କତା

**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ୍/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0003

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

## ସରିଳା ସାହିଯାତ

# ଅଯୋଧ୍ୟା ସିଂହାସନରେ ଅଭିଷିକ୍ତ ହେଲେ ଶ୍ରୀରାମ



ପୁରୀ,୧୨।୪(ସମିସ)

ପିତୃସତ୍ୟ ପାଳନ କରି ଶ୍ରୀରାମ ୧୪ ବର୍ଷ ବନବାସ ଯାଇଛନ୍ତି। ଭ୍ରାତୃଭକ୍ତ ଭରତ ଅଯୋଧ୍ୟା ସିଂହାସନରେ ଶ୍ରୀରାମଙ୍କ ପାଦୁକା ସ୍ଥାପନ କରି ରାଜ୍ୟ ପରିଚାଳନା କରିଛନ୍ତି। ୧୪ ବର୍ଷ ପୂରିବାର ଠିକ୍ ଗୋଟିଏ ଦିନ ପୂର୍ବରୁ ରାମଚନ୍ଦ୍ର ନ ଆସିବାରୁ ଭରତ ଅଗ୍ନିରେ ଝାସ ଦେବେ ବୋଲି ସ୍ଥିର କରିଛନ୍ତି। ଏହି ସମୟରେ ହନୁମାନ ପହଞ୍ଚି ଭରତଙ୍କୁ ଅଟକାଇଛନ୍ତି। ଏହାପରେ ଭରତ ସିଂହାସନରୁ ପାଦୁକା ନେଇ ଶ୍ରୀରାମଙ୍କ ପାଖକୁ ଯାଇଛନ୍ତି। ଶ୍ରୀରାମଙ୍କୁ ପାଦୁକା ଅର୍ପଣ କରିବା ସହିତ ଭ୍ରାତୃସତ୍ୟ ପାଳନ କରି ରାଜ୍ୟଭାର ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଅଯୋଧ୍ୟା ସିଂହାସନରେ ପ୍ରଭୁ ରାମଚନ୍ଦ୍ର ଅଭିଷିକ୍ତ ହୋଇଛନ୍ତି। ରାମନବମୀଠାରୁ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀରାମ ଲୀଳା କ୍ରମରେ ରବିବାର ରାମାଭିଷେକ ନୀତି ସମ୍ପନ୍ନ ହୋଇଛି। ଏଥିସହ ଶେଷ ହୋଇଛି ଶ୍ରୀରାମ ଲୀଳା ତଥା ଶ୍ରୀକ୍ଷେତ୍ରର ସାହିଯାତ। ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଏବଂ ଦକ୍ଷିଣୀ ଘର ପୂଜା ପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଚଳନ୍ତି ବିଗ୍ରହ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ସେଠାରୁ ଆଜ୍ଞାମାଳ ପାଇ ବିମାନରେ ଜଗନ୍ନାଥ ବଲ୍ଲଭ ମଠ ନିକଟ (ନନ୍ଦୀଗ୍ରାମ)କୁ ବିଜେ ହୋଇଥିଲେ। ଅନ୍ୟପଟେ ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ଚାଲିଥିବାବେଳେ ଗୌଡ଼ବାଡ଼ ସାହିର ଦୁଇଜଣ ଭରତ ଓ ଶତ୍ରୁଘ୍ନ ବେଶ ହୋଇଥିଲେ। ଶ୍ରୀମନ୍ଦିର ଭଣ୍ଡାର ଘରୁ ଘଣ୍ଟ, ଛତା, କାହାଳୀ ସହିତ ପାଦୁକା ନେଇ ରାମାଭିଷେକ ନୀତି ନିମନ୍ତେ ଜଗନ୍ନାଥ ବଲ୍ଲଭ ମଠକୁ ଯାଇଥିଲେ। ସେଠାରେ ଭରତ ରାମଚନ୍ଦ୍ରଙ୍କୁ କଠଉ ଫେରାଇଥିଲେ। ଏହାପରେ ଠାକୁର (ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ) ବିମାନରେ ବିଜେ ହୋଇ ଲକ୍ଷ୍ମୀ ମନ୍ଦିର ଜଗମୋହନକୁ ଯାଇଥିଲେ। ସେଠାରେ ପଡ଼ିଥିବା ଖଟ ଉପର ସିଂହାସନରେ ବିଜେ ହୋଇଥିଲେ। ଠାକୁରଙ୍କ ମହାସ୍ନାନ ହୋଇ ମାଳ, ଫୁଲ ଲାଗି ସହ ବେଶ ବଢ଼ିଥିଲା। ଏହାପରେ ଅଭିଷେକ ଭୋଗ ହୋଇଥିଲା। ମହାସୁଆର ଛେକ ଘେନି ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରାଇଥିଲେ। ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରି ଭୋଗ ଲଗାଇବା ପରେ ଠାକୁରଙ୍କ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ଠାକୁର ଦକ୍ଷିଣୀ ଘରକୁ ବିଜେ କରିବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ସିଂହାର ନୀତି ବଢ଼ି ପହୁଡ଼ ହୋଇଥିଲା।

ସୂଚନାଯୋଗ୍ୟ, ବୈଶାଖ କୃଷ୍ଣ ଦ୍ୱିତୀୟା ପରେ ଯେଉଁ ପୁଷ୍ୟା କର୍କଟ ନକ୍ଷତ୍ର ଥାଏ ସେହିଦିନ ରାମାଭିଷେକ ନୀତି ସମ୍ପନ୍ନ ହୋଇଥାଏ। ତେଣୁ ରବିବାର ଗୌଡ଼ବାଡ଼ ସାହି ପକ୍ଷରୁ ସାହିଯାତ୍ରା କ୍ରମରେ ରାମାଭିଷେକ ନୀତି ସମ୍ପନ୍ନ ହୋଇଥିଲା। ଗୌଡ଼ବାଡ଼ ସାହିରୁ ଭରତ, ଶତ୍ରୁଘ୍ନ, ବଶିଷ୍ଠ ଏବଂ ହନୁମାନ ବାହାରି ନୀତିରେ ସାମିଲ୍ ହୋଇଥିଲେ। ଏହାସହିତ ଶ୍ରୀକ୍ଷେତ୍ରରେ ସାହିଯାତ ଶେଷ ହୋଇଛି।

### ୨ ମାସ ପରେ ଆସିବ ବର୍ଷା ଋତୁ; ମୁକୁଳା ପଡ଼ିଛି ବୈତରଣୀ ଓ କୋଚିଳା ନଦୀ ବନ୍ଧ

# ତୁରନ୍ତ ଘେରି ବନ୍ଧ ନିର୍ମାଣ ପାଇଁ ଉଠିଲା ଦାବି

ଅସୁରାଳି,୧୨।୪(ସମିସ)



ଧାମନଗର ବ୍ଲକ୍ ହସନାବାଦ ପଞ୍ଚାୟତ ଏକ ପ୍ରମୁଖ କୃଷି ପ୍ରଧାନ ଅଞ୍ଚଳ। ଖରିଫ ଫସଲ ସହିତ ସବୁଜ ପନିପରିବା, ବାଦାମ, ମୁଗ, ବିରି ବହୁଳ ପରିମାଣରେ ଏହି ପଞ୍ଚାୟତରୁ ଆମଦାନୀ ହୋଇଥାଏ। ମାତ୍ର ସମୟ ସମୟରେ ବୈତରଣୀ ଓ କୋଚିଳା ଆଦି ନଦୀରେ ବନ୍ୟା ଆସି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଉଛି। ଅଞ୍ଚଳ ପାଇଁ ସ୍ଥାୟୀ ବନ୍ୟା ପ୍ରତିକାର ହେଉ ନ ଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ହସନାବାଦ ପଞ୍ଚାୟତବାସୀ। ଗତବର୍ଷ ବୈତରଣୀରେ ଦୁଇ ଦୁଇଟି ବଡ଼ ବନ୍ୟା ସହିତ ୩/୪ଟି ଛୋଟ ବନ୍ୟା ଆସିଥିଲା। ଏହି ବନ୍ୟାରେ ହସନାବାଦ ପଞ୍ଚାୟତ ଅଧିକ ପ୍ରଭାବିତ ହୋଇଥିଲା ଏବଂ ବୈତରଣୀ ନଦୀର ବିଭିନ୍ନ ଏସ୍କେପ୍‌ଗୁଡ଼ିକ ଯୋଗାଯାଉଥିବାରୁ ହସନାବାଦ ପଞ୍ଚାୟତର ଅଧିକ କ୍ଷତି ହୋଇଥିଲା। ବର୍ଷା ଦିନ ଆସିବାକୁ ଆଉ ୨ ମାସ ରହିଲା। କେବେ ହେବ ବନ୍ୟାର ସ୍ଥାୟୀ ପ୍ରତିକାର? ଆଠଗଡ଼ିଆଠାରୁ ବୈତରଣୀ ନଦୀରୁ ଏକ ଶାଖା ନଦୀ କୋଚିଳା ବାହାରି ହସନାବାଦର ଗାନ୍ଧୀ ଘାଟଠାରେ ପୁନଶ୍ଚ ବୈତରଣୀ ନଦୀ ସହିତ ମିଶିଛି। ନଦୀ ୨ଟିର ସଙ୍ଗମସ୍ଥଳୀ ଗାନ୍ଧୀ ଘାଟଠାରେ ପ୍ରାୟ ୨୦୦ ମିଟର ସମ୍ପୂର୍ଣ୍ଣ ମୁକୁଳା ପଡ଼ିଛି। ନା ଏଠି ବନ୍ଧ ଅଛି ନା ଆନିକଟ ବନ୍ୟା ଜଳକୁ ପ୍ରତିରୋଧ କରିବା ପାଇଁ କୌଣସି ବ୍ୟବସ୍ଥା ଏଠାରେ ନଥିବାରୁ ଆନ୍ଦୋଳନକୁ ଓହ୍ଲାଇବେ ଅଞ୍ଚଳବାସୀ। ବନ୍ୟା ଆସିବାକ୍ଷଣି ଏହି ମୁକୁଳା ସ୍ଥାନରେ ବନ୍ୟା ଜଳ ଅସ୍ତକ ଦେଇ ହସନାବାଦ ପଞ୍ଚାୟତରେ ପ୍ରବେଶ କରୁଛି। ଯାହାଫଳରେ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ସୈଲ, ମମାଦୁଲା, ହସନାବାଦ ପଞ୍ଚାୟତର ଅନଳଡିହ, ତଳ ଅସ୍ତକ, ଉପର ଅସ୍ତକ, ଗୋପବନ୍ଧୁ ନଗର, ବନବାଗ, ମଠସାହି ଆଦି ଅଞ୍ଚଳ ପ୍ରଭାବିତ ହୋଇଥାଏ। ସେହିପରି ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ତରେଇ ସାହି, ସଇଲ, ମମାଦୁଲା ଆଦି ଗ୍ରାମ ପ୍ରତିବର୍ଷ ଏହି ବର୍ଷା ଋତୁରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିଲେ ବି ପ୍ରଶାସନିକସ୍ତରରେ ଏହାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ପାଇଁ ପ୍ରଶାସନିକ କ୍ଷେତ୍ରରେ ଏବେ ତତ୍ପରତା ପ୍ରକାଶ ପାଇଛି। ଚୀନ୍‌ର ଦୁଃଖ ହୋୟାଂହୋ ଭଳି ହସନାବାଦ ଏବଂ ଅର୍ଜୁନପୁର ଦୁଃଖ ସାଜିଛି ବୈତରଣୀ ଓ କୋଚିଳା ନଦୀର ମୁକୁଳା ବନ୍ଧ। ଏହି ଦୁଃଖ ଖୁବ୍‌ଶୀଘ୍ର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି। ଯଦି ଉକ୍ତ କାର୍ଯ୍ୟ ବର୍ଷା ଦିନ ପୂର୍ବରୁ ଆରମ୍ଭ ନ ହୁଏ, ଖୁବ୍‌ଶୀଘ୍ର ଆନ୍ଦୋଳନ କରିବାକୁ ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାମ୍ୟବାଦୀ ନେତା ଚନ୍ଦ୍ରଶେଖର ନାୟକ, ସରପଞ୍ଚ ଅଜୟ ମଲ୍ଲିକ, ଅକ୍ଷୟ ନାୟକ, ସନ୍ତୋଷ ରାଏ, ଉମେଶ ମହାନ୍ତି, ଦେବେନ୍ଦ୍ର ପଣ୍ଡା, ଜଗନ୍ନାଥ ମଲ୍ଲିକ, ଉମେଶ ତ୍ରିପାଠୀ, ଗଗନ ଜେନା, ହିମାଂଶୁ ଜେନା ପ୍ରମୁଖ ଶତାଧିକ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ନୂତନ କଲ୍‌ଭର୍ଟ ନିର୍ମାଣ କରିବାକୁ କଂଗ୍ରେସର ଦାବି



ଅସୁରାଳି,୧୨।୪(ସମିସ): ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥରେ ଦୈନିକ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଉକ୍ତ ଯାନବାହନରେ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ନିମନ୍ତେ ଯାତାୟାତ କରିଥା'ନ୍ତି। ମରଣଯନ୍ତା ପାଲଟିଥିବା ଏହି ରାସ୍ତା କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଜନସାଧାରଣଙ୍କର ଦୀର୍ଘ ଦିନର ଲଢ଼େଇ ପରେ ଉକ୍ତ ରାସ୍ତାର କାର୍ଯ୍ୟ ମନ୍ଥର ଗତିରେ ହେଲେ ବି କାର୍ଯ୍ୟ ଚାଲୁଛି। ହେଲେ ପରିତାପର ବିଷୟ, ଉକ୍ତ ରାସ୍ତାରେ ମଙ୍ଗଳପୁର ବ୍ରିଜ୍ ଓ ବେଷ୍ଟ ଇଞ୍ଜିନିୟରିଂ କଲେଜ ମଧ୍ୟଭାଗରେ ଥିବା ବହୁ ଦିନର ଏକ ପୁରୁଣା କଲ୍‌ଭର୍ଟ ସମ୍ପୂର୍ଣ୍ଣ ଅଣଓସାରିଆ ଥିବା ଏବଂ ଉକ୍ତ କଲ୍‌ଭର୍ଟ ଏଯାବତ୍ ସମ୍ପ୍ରସାରଣ ହୋଇ ନ ଥିବାରୁ ଦୈନନ୍ଦିନ ଏଠାରେ ଜନସାଧାରଣ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଉପଯୁକ୍ତ ତଦନ୍ତ ପୂର୍ବକ ଏହି ବିପଦପୂର୍ଣ୍ଣ ଅଣଓସାରିଆ କଲ୍‌ଭର୍ଟକୁ ଭାଙ୍ଗି ନୂତନ କଲ୍‌ଭର୍ଟ କରିବାକୁ ଦାବି କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀ, ରଞ୍ଜନ ବେହେରା, ବାବା ହରେକୃଷ୍ଣ ସେଠୀ, ଡ. ବିଦ୍ୟାଧର ଯେନା, ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, ନରେନ୍ଦ୍ର ମଲ୍ଲିକ, ରମଣୀ ରଞ୍ଜନ ଦାସ, ପ୍ରସନ୍ନ ଧଳ, ନଗର କଂଗ୍ରେସ ସଭାପତି ପ୍ରମୋଦ ସ୍ୱାଇଁ, ମାନସ ମହାପାତ୍ର, ଯୁବ କଂଗ୍ରେସ ସଭାପତି ଆଲୋକ ସ୍ୱାଇଁ, ପରମାନନ୍ଦ ସାୟନ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତା।

## 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ



ଭଦ୍ରକ,୧୨।୪(ସମିସ): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନର ମିଳିତ ଅନୁକୂଳରେ ଏପ୍ରିଲ ୧ରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ଅବସରରେ ଦ୍ୱାଦଶ ଦିନରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ଭଦ୍ରକ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୭.୩୦ରୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଦ୍ୱାରା ବନ୍ଦନୀୟ ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରାଯାଇଥିବା ସହିତ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମ ପରେ ସଂସ୍କୃତି ଭବନଠାରେ ବରପୁତ୍ରମାନଙ୍କ ଉପରେ ଏକ ସାଧାରଣ ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର, ଜିଲ୍ଲା ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରମୋଦ ନାୟକ ଓ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। ଏହାସହ ବନ୍ଦନୀୟ ବରପୁତ୍ରମାନଙ୍କୁ ନେଇ ଯୁବ ବର୍ଗ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର ଶାନ୍ତନୁ କୁମାର ଦାସ (ବାବାମଣି ଡିଗ୍ରୀ କଲେଜ, ପାଳସାହି) ପ୍ରଥମ, ଭାଗ୍ୟଶ୍ରୀ ପଣ୍ଡା (ବାବାମଣି ଡିଗ୍ରୀ କଲେଜ, ପାଳସାହି) ଦ୍ୱିତୀୟ ଓ ଇତିଶ୍ରୀ କର ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା, ଯେଉଁଥିରେ ୫୦ରୁ ଅଧିକ କବି ଓ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁଚାରୁ ଭାବେ ପରିଚାଳନା କରିଥିଲେ।

### ବିଜେଡି ପକ୍ଷରୁ ବନ୍ଧୁମିଳନ

## ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ ପାଇଁ ବୈଠକ

ଧାମନଗର,୧୨।୪(ସମିସ): ଓଡ଼ିଶାକୁ ଦୀର୍ଘ ୨୪ବର୍ଷ ଧରି ସ୍ୱଚ୍ଛ ଓ ଉନ୍ନତ ଶାସନ ଦେଇଥିବା ବିଜେଡି ଅବିଚଳିତ ଭାବେ ସଂଗଠନକୁ ମଜଭୁତ ଜାରି ରଖିଥିବାବେଳେ ଆଗକୁ ଆସୁଛି ପଞ୍ଚାୟତ ନିର୍ବାଚନ। ଏହି ପରିପ୍ରେକ୍ଷୀରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ବିଜେଡି ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରତି ପଞ୍ଚାୟତରେ ସାଂଗଠନିକ ଓ ବନ୍ଧୁମିଳନ ମାଧ୍ୟମରେ ବିଭିନ୍ନ ପଞ୍ଚାୟତରେ ବୈଠକ ଜୋର୍‌ଦାର ଆରମ୍ଭ କରିଛି। ଏହି ଅବସରରେ ଏହି ବ୍ଲକ୍ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତଠାରେ ବ୍ଲକ୍ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ବିଜେଡିର ଏକ ବନ୍ଧୁମିଳନ ଓ ସାଂଗଠନିକ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦାପ୍ରସନ୍ନ ସାହୁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡି ନେତା ଡ. ସଞ୍ଜୟ ଦାସ, ଉମେଶ ମହାନ୍ତି, ସ୍ଥାନୀୟ ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ମାୟାଧର ପଣ୍ଡା, ରଞ୍ଜିତ ଜେନା, ଜୟନ୍ତ ଭୋଇ, ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ସୁଶାନ୍ତ ରାଉତଙ୍କ ସମେତ ଦଳର ଅନେକ ବରିଷ୍ଠ ନେତା,




କର୍ମୀ, ମହିଳା ଓ ଶୁଭେଚ୍ଛୁ ପ୍ରମୁଖ ଯୋଗଦେଇ ୧୮ ମାସର ରଙ୍ଗ ବଦଳା ଡବଲ ଇଞ୍ଜିନ ସରକାରର ମନମୁଖୀ ଶାସନ, ମିଥ୍ୟା ପ୍ରତିଶ୍ରୁତି, ଗୁଣ୍ଡାରାଜ୍, ମହିଳା ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାର ବାର୍ତ୍ତା ପହଞ୍ଚାଇବା ସହ ବିଜେଡି ସରକାରର ୨୪ ବର୍ଷର ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲ୍ଲା କମିଟି ବୈଠକ

## ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ




ଭଦ୍ରକ,୧୨।୪(ସମିସ): ଭଦ୍ରକ ନେତାଜୀ ନଗରସ୍ଥିତ ଜାନକୀ ନିଳୟ ଭବନଠାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲ୍ଲା କମିଟି ବୈଠକ ସୁମତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ଉପସ୍ଥିତ ରହି ରାଜନୈତିକ, ଆର୍ଥିକ ପରିସ୍ଥିତି ବିଷୟରେ ବକ୍ତବ୍ୟ ରଖିଥିଲେ। ଆମେରିକାର ଯୁଦ୍ଧଖୋର୍ ମନୋଭାବ ଏବଂ ଏକଛତ୍ରବାଦ ନୀତିକୁ ନିନ୍ଦା କରିଥିଲେ। ଆଜି ସାରା ଦେଶରେ ଆତଙ୍କ ଖେଳିଗଲାଣି। ଜାଳେଣି ଗ୍ୟାସ୍‌ର ଅଭାବରେ ହୋଟେଲ ବନ୍ଦ ହେବାକୁ ବସିଲାଣି। ଗ୍ୟାସ୍ ବଦଳରେ ଲୋକେ କାଠ ଓ କୋଇଲା ଚୁଲାକୁ ବ୍ୟବହାର କଲେଣି। ଏଭଳି ପରିସ୍ଥିତି ଦେଶରେ ଦେଖାଦେଇଥିଲା ବେଳେ ଓଡ଼ିଶାରେ ମହିଳା, ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି। ଜଳ, ଜମି, ଜଙ୍ଗଲକୁ କର୍ପୋରେଟ୍ ହାତରେ ଟେକି ଦିଆଯାଉଛି। ଗଣତନ୍ତ୍ର ବିପନ୍ନ ହେଉଛି। ଡବଲ୍ ଇଞ୍ଜିନ ସରକାରଙ୍କ ଜନବିରୋଧୀ ନୀତି ପାଇଁ ଦରବୃଦ୍ଧି ବେକାରୀ ଓ ମହିଳା ନିର୍ଯାତନା ଦିନକୁ ଦିନ ବଢୁଥିବାରୁ ତା'ର ପ୍ରତିବାଦରେ ମହିଳାମାନେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଏକ ହୋଇ ଲଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ସମ୍ପାଦିକା ପ୍ରଭାତୀ ଜେନା ଜିଲ୍ଲାର ସମସ୍ତ କାର୍ଯ୍ୟାବଳୀର ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ଦିନରେ ମହିଳାମାନଙ୍କ ଅଧିକାର, ମାଇକ୍ରୋ ଫାଇନାନ୍ସର ଶୋଷଣ ବିରୋଧରେ ସମସ୍ତ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଜିଲ୍ଲା କମିଟି ସଭ୍ୟ ଶିକ୍ଷା ମହାପାତ୍ର, ରୋଜାଲିନ୍ ସାମ୍ୟବାଦୀ, ପ୍ରତିମା ସ୍ୱାଇଁ, କାମିନୀ ଭୋଇ, ପ୍ରଭାତୀ ଦାସ, ଶାନ୍ତି ନାୟକ, ସଂଯୁକ୍ତା ଯାଦବ, ସବିତା ବିଶ୍ୱାଳ, ବର୍ଷାରାଣୀ, ଝୁନୁଲତା ପ୍ରମୁଖ ଯୋଗଦେଇଥିଲେ।

## ଚାନ୍ଦବାଲିର ଶିଳ୍ପୀଙ୍କ ମଉଡ଼ମଣି ଥିଲେ ଦୁର୍ଯ୍ୟୋଧନ



ଭଦ୍ରକ,୧୨।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ପାଞ୍ଚପଡ଼ା ଗ୍ରାମ ନିବାସୀ ବିଶିଷ୍ଟ ମୂର୍ତ୍ତି କାରିଗର ତଥା ଶିଳ୍ପୀ ଦୁର୍ଯ୍ୟୋଧନ ଦାସଙ୍କ ଏକାଦଶାହ ତିଥିରେ ଏକ ସ୍ମୃତିଚାରଣ ସଭା ତାଙ୍କ ପାଞ୍ଚପଡ଼ା ବାସଭବନରେ ଅନୁଷ୍ଠିତ ହୋଇଛି। ଯୁବ ସାହିତ୍ୟିକ ଅମୂଲ୍ୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ପ୍ରାକ୍ତନ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ବିଶିଷ୍ଟ ଶିଳ୍ପପତି ରାମ ପ୍ରସାଦ ମୋର, ସମାଜସେବୀ ଶରତ ଚନ୍ଦ୍ର ସାହୁ, ସୁଧୀର ମହାନ୍ତି, ତାରାପଦ ମହାନ୍ତି, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଦ୍ୱାରିକାନାଥ ଦାଶ, ଚକ୍ରଧର ସାହୁ, କବୟିତ୍ରୀ ଲୀନା ମହାନ୍ତି, ମମତା ଦାସ ପ୍ରମୁଖ ଯୋଗଦେଇ ଦୁର୍ଯ୍ୟୋଧନ ଦାସ ଜଣେ ବିଶିଷ୍ଟ ସ୍ଥପତି, ମାଟି ମୂର୍ତ୍ତି କାରିଗର, ଅନେକ ମନ୍ଦିର ନିର୍ମାଣର ସ୍ରଷ୍ଟା ତଥା ଶିଳ୍ପୀମାନଙ୍କର ମଉଡ଼ମଣି ଥିଲେ। ତାଙ୍କ ବିୟୋଗରେ ଚାନ୍ଦବାଲି ଜଣେ ବିଶିଷ୍ଟ ଶିଳ୍ପୀଙ୍କୁ ହରାଇଲା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଶୁଶାନ୍ତ ମଲ୍ଲିକ, ପ୍ରଦୀପ ସାହୁ, କାଳୀପଦ ଦାସ, ପ୍ରକାଶ ନାୟକ, ପ୍ରଫୁଲ୍ଲ ସାହୁ, ଅମିୟ ସାହୁ, ଅଶୋକ ପଲାଇ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ତାଙ୍କ ସୁପୁତ୍ର ନାରାୟଣ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଙ୍ଗ ଦୋକାନରୁ ଗଞ୍ଜେଇ ଜବତ; ୩ ଗିରଫ

ତିହିଡ଼ି/ଦୋଳସାହି,୧୨।୪(ସମିସ): ତିହିଡ଼ି ଥାନାଠାରୁ ମାତ୍ର ୩୦ ମିଟର ଦୂରରେ ଥିବା ସରକାରୀ ଭାଙ୍ଗ ଦୋକାନରୁ ତିହିଡ଼ି ପୁଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଶନିବାର ତିହିଡ଼ି ଥାନା ସବ୍‌ଇନ୍ସପେକ୍ଟର ଦିପ୍ତୀ ମଞ୍ଜରୀ ବଡ଼ଜେନା, କନେଷ୍ଟବଳ ରମେଶ ଚନ୍ଦ୍ର ରାଉତ, ଚିତ୍ତରଞ୍ଜନ ମହାନ୍ତି ଓ ରଜନୀକାନ୍ତ ନାୟକ ପ୍ରମୁଖ ପାଟ୍ରୋଲିଂ କରୁଥିବାବେଳେ ସମ୍ପୃକ୍ତ ଦୋକାନରେ ଗଞ୍ଜେଇ ବିକ୍ରି ହେଉଥିବା ଖବର ପାଇଥିଲେ। ଏନେଇ ତିହିଡ଼ି ଥାନାରେ ନୂତନ ଭାବେ ଯୋଗ ଦେଇଥିବା



ଆଇଆଇସି ଲୋପାମୁଦ୍ର ନାୟକଙ୍କୁ ସୂଚନା ଦେଇଥିଲେ। ବିଭାଗୀୟ ପୁଲିସ ଅଧିକାରୀଙ୍କ ପରାମର୍ଶ କ୍ରମେ ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଦୋକାନରେ ଚଢ଼ଉ କରାଯାଇ ୧୬ କେଜି ୩୩୬ ଗ୍ରାମ୍ ଗଞ୍ଜେଇ ଓ ୪୫ ହଜାର ଟଙ୍କା ନଗଦ ରାଶି ଜବତ କରାଯାଇଛି। ଏହି ଘଟଣାରେ ଦୋକାନର ମାଲିକ ଭଦ୍ରକ ପୁରୁଣାବଜାର ଥାନା ଅଧୀନ କାଜିସାହିର ମିର୍ଜା ଉରଫାନ ବେଗ (୬୫)ଙ୍କ ସମେତ ତାଙ୍କ ଗ୍ରାମର ସିରାଜ ଅଲ୍ଲୀ (୫୦) ଓ ତିହିଡ଼ି ମିର୍ଜାପୁରର ସୟଦ ଅୟିରାଜ (୨୬)ଙ୍କୁ ଗିରଫ କରାଯାଇଛି। ଏନେଇ ତିହିଡ଼ି ଥାନାରେ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ୧୧୪/୨୬ରେ ଏକ ମାମଲା ରୁଜୁ କରାଯାଇଛି। ତିହିଡ଼ି ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ରୋଜନ ମୁର୍ମୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଏନେଇ ତିହିଡ଼ି ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁ ଓ ତିହିଡ଼ି ଆଇଆଇସି ଲୋପାମୁଦ୍ରା ନାୟକଙ୍କ ସୂଚନା ଅନୁଯାୟୀ, ୩ ଅଭିଯୁକ୍ତଙ୍କର ଡାକ୍ତରୀ ପରୀକ୍ଷା ପରେ କୋର୍ଟରେ ହଜାର କରାଯିବ। ଜବତ ଗଞ୍ଜେଇ ଓ ଟଙ୍କା ମଧ୍ୟ କୋର୍ଟରେ ଦାଖଲ ହେବ।

## ଦାତବ୍ୟ ଅନୁଷ୍ଠାନ ପକ୍ଷରୁ ଶିକ୍ଷା ସହାୟତା ପ୍ରଦାନ

ବାରିକପୁର,୧୨।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବେଲଗଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବାସନ୍ତୀ ଦେବୀ ଓ ଶ୍ରୀବତ୍ସ ମହାନ୍ତି ବହୁମୁଖୀ ଦାତବ୍ୟ ଅନୁଷ୍ଠାନ ପକ୍ଷରୁ ଶିକ୍ଷା ସହାୟତା ପ୍ରଦାନ କରାଯାଇଛି। ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ରମେଶ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଡ. ରାମଚନ୍ଦ୍ର ପଣ୍ଡା, ପ୍ରଦୀପ କୁମାର ନାୟକ, ରବୀନ୍ଦ୍ର କୁମାର ମହାରଣା, ବଦ୍ରିନାରାୟଣ ଧଳ, ମୁକୁନ୍ଦ ରାଉତ, ଧରଣୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ପିତାମାତାଙ୍କ ଆଶୀର୍ବାଦ ସଫଳତାର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଟ୍ରଷ୍ଟ ସମ୍ପାଦକ ସର୍ବହରା ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହାୟତା ପ୍ରଦାନ କରିଥିଲ। ମୁଖ୍ୟ ସଂଗଠକ ବଳରାମ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିରୋଳୀଠାରେ ପାରାୟଣ ଉଦ୍‌ଯାପିତ

ବାରିକପୁର,୧୨।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ଜଳହରି ଶାସନଠାରେ ଶ୍ରୀରାମ ସେବା ସମିତି ପକ୍ଷରୁ ଆୟୋଜିତ ହୋଇଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରବଚକ ଭାବେ ହିମାଂଶୁ ଦାସ ମହାରାଜ, ଅନୁପମା ବିଶ୍ୱାଳ, ସନ୍ଥ ମନୋହର ଦାସ ମହାରାଜ, ମାନସ ଦାସ, କମଳଲୋଚନ ମହାରାଜ ପ୍ରମୁଖ ଯୋଗଦେଇ ଭାଗବତ କଥା ପ୍ରଦାନ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ୧୦ ଜିଲ୍ଲାର ୮୦ ହଜ ଯାତ୍ରୀଙ୍କୁ ପ୍ରଶିକ୍ଷଣ

ଭଦ୍ରକ,୧୨।୪(ସମିସ): ଭଦ୍ରକ ହଜ ତାଲିମ କମିଟି ଆନୁକୂଲ୍ୟରୁ ଭଦ୍ରକ ପୁରୁଣା ବଜାରସ୍ଥିତ ମଦିନା ମଇଦାନଠାରେ ଗତ ୨ଦିନ ଧରି ହଜ ଯାତ୍ରୀଙ୍କୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣରେ (ଏମ୍‌ଏସ୍‌କେ) ଗ୍ରୁପ୍‌ର ହାଜୀ ଶେଖ୍ ସିରାଜୁଦ୍ଦିନ, ହାଜୀ ମିର୍ଜା ଇସ୍‌ଲାମ ବେଗ୍ ଓ ହାଜୀ ସଲିମ୍ ଖାନ୍‌ଙ୍କ ଉପସ୍ଥିତିରେ ଟ୍ରେନିଂ କମିଟି ସଭାପତି ହାଜୀ ଏସ୍‌ଏମ୍ ଫାରୁକ୍‌ଙ୍କ ସଭାପତିତ୍ୱରେ ଓ ସମ୍ପାଦକ ଅସରଫ୍ ଅଲି ଖାନଙ୍କ ସଂଯୋଜନାରେ ଆରମ୍ଭ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ୩ ଜଣ ପ୍ରଶିକ୍ଷକ ମୁଫ୍‌ତି ମହମ୍ମଦ କାସୀମ, ସୈୟଦ ଅବ୍‌ଦୁଲ ମସଜୁଦ ହବିବି ଓ ସୈୟଦ ଅବ୍‌ଦୁସ ହଜ ଯାତ୍ରୀଙ୍କୁ ତାଲିମ ଦେଇଥିଲେ। ଶିବିରରେ ୧୯ ଜଣ ପୁରୁଷ ଓ ୧୪ ଜଣ ମହିଳା ତଥା ଭଦ୍ରକ ଜିଲ୍ଲାରୁ ୩୩ ଜଣ ସହିତ ଓଡ଼ିଶାର ୧୦ଟି ଜିଲ୍ଲାରୁ ୮୦ରୁ ଉର୍ଦ୍ଧ୍ୱ ହଜ ଯାତ୍ରୀ (ପୁରୁଷ/ମହିଳା) ଯୋଗଦେଇଥିଲେ। ଓଡ଼ିଶାରୁ ୩୪୧ ଜଣ ପୁରୁଷ ଓ ୨୫୫ ଜଣ ମହିଳାଙ୍କୁ ମିଶାଇ ସର୍ବମୋଟ ୫୯୬ ଜଣ ହଜ ଯାତ୍ରୀ ହଜ ତୀର୍ଥରେ ଚଳିତ ମାସ ଶେଷରୁ ଆସନ୍ତା ମେ' ୫ ତାରିଖ ଭିତରେ ସାଉଦି ଆରବକୁ ବିମାନ ଯୋଗେ ଯିବେ ଏବଂ ହଜ ତୀର୍ଥରୁ ୪୫ ଦିନ ଭିତରେ ନିଜ ନିଜ ସ୍ଥାନକୁ ଫେରିବେ। ସାଉଦି ଆରବର ମକ୍କା ସରିଫ୍ ଓ ମଦିନା ସରିଫ ପହଞ୍ଚିବା ପରେ କେଉଁ କେଉଁ ନିୟମ ପ୍ରୟୋଗ କରିବାକୁ ହେବ, ୭ ଥର 'ତୱାଫ' କରିବା ନିୟମ, ୭ ଥର 'ସଫା ଓ ମରୱା'ରେ ଚାଲିବା ନିୟମ, ନମାଜ ପଢ଼ିବାର ନିୟମ, ସଇତାନକୁ ପଥର ମାରିବାର ନିୟମ, କୁରବାନୀର ନିୟମ, ମସ୍‌ଜିଦ ନବବୀରେ ରୌଜା-ଏ-ରସୁଲ ପ୍ରବେଶର ନିୟମ ଏବଂ ଆହୁରି ଅନେକ ନିୟମକୁ କେଉଁ କେଉଁ ପଦ୍ଧତିରେ ପାଳନ କରାଯିବ ତାହା ଏହି ଶିବିରରେ ହଜ ଯାତ୍ରୀଙ୍କୁ ପ୍ରଶିକ୍ଷକମାନେ ୨ଦିନ ଧରି ତାଲିମ ଦେଇଥିଲେ। ହଜ ଯାତ୍ରୀମାନଙ୍କୁ ଏହି ତାଲିମ ନେବା ସମୟରେ ରହଣି ଓ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏହି ଶିବିରରେ ହଜ କମିଟି ଉପସଭାପତି ମିର୍ଜା ଏକ୍ରାମ ବେଗ, ସହ ସମ୍ପାଦକ ହାଜୀ ଚନ୍ଦା ଖାନ୍, ହାଜୀ ଅବ୍‌ଦୁଲ କାସିମ ଖାନ, ହାଜୀ ଶେଖ୍ ଅଲାଉଦ୍ଦିନ, ଆଇନଜୀବୀ ହାଜୀ ଶେଖ୍ ସୁଫିଆନ, ହାଜୀ ଶେଖ୍ ନାସିର ବକ୍ସ, ହାଜୀ ଅମାନୁଲ୍ଲା, ହାଜୀ ଶେଖ୍ ସଲାଉଦ୍ଦିନ, ଶେଖ୍ ମୁସ୍ତାକ୍, ଶେଖ୍ ରିୟାଯୁଦ୍ଦିନ, ଶେଖ୍ ତାରିକ୍, ସାବିର୍ ଖାନ୍, ଆଇନୁଲ ଖାନ୍, ମୁସ୍ତାନ୍ ଖାନ୍, ଶେଖ୍ ଫାରୁକ, ଶେଖ୍ ବସିର ପ୍ରମୁଖ ଉପସ୍ଥିତ ରହି ହଜ ଯାତ୍ରୀଙ୍କୁ ପ୍ରଶିକ୍ଷଣରେ ସହଯୋଗ କରିଥିଲେ।

## ପିପିଲିରେ ଲୋକ ନାଟକ 'ମୋଗଲ ତାମ୍‌ସା' ପରିବେଷିତ




ଧାମନଗର,୧୨।୪(ସମିସ): ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପାଳନ କରାଯାଉଥିବା ଉତ୍କଳ ଦିବସଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ଅବସରରେ ଏପ୍ରିଲ୍ ୧୦ ତାରିଖକୁ "ଲୋକକଳା ପାଇଁ ଦିନଟିଏ' ସମର୍ପିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ପିପିଲିଠାରେ ରାଜ୍ୟସ୍ତରୀୟ ଲୋକକଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୩୦ଟି ଜିଲ୍ଲାର ୮୦ରୁ ଉର୍ଦ୍ଧ୍ୱ ପ୍ରମୁଖ ଲୋକକଳା ଦଳ ନିଜନିଜର ପାରମ୍ପରିକ ବେଶ ପୋଷାକ ପରିଧାନ କରି ପାରମ୍ପରିକ ବାଦ୍ୟ ସଙ୍ଗୀତର ତାଳେ ତାଳେ ରାଜରାସ୍ତାକୁ ଲୋକକଳାର ମଞ୍ଚରେ ପରିଣତ କରିଦେଇଥିଲେ। ଗଞ୍ଜାମର ପଶୁମୁଖା, ପୁରୀର ସାହିଯାତ, ଭଦ୍ରକର ମୋଗଲ ତମ୍‌ସା ଓ ଘଣ୍ଟୁଆ, ଘୋଡ଼ାନାଚ, ଘୁମୁରା, ରଣପା ନୃତ୍ୟ, ଛଉ ନୃତ୍ୟ ଆଦି ସବୁଥିର ପରିପ୍ରକାଶ ବିଭିନ୍ନତା ମଧ୍ୟରେ ଏକତାର ଭାବନା ସୂଚାଉଥିଲା। ପ୍ରକାଶ ଥାଉକି, ବିଭାଗ ତରଫରୁ ନିମନ୍ତ୍ରଣ ପାଇ ଧାମନଗର ବ୍ଲକ୍ ଅନ୍ତର୍ଗତ ବନ୍ଧଟିଆ ଲୋକକଳା ଗ୍ରାମରେ ଥିବା "ସଂସ୍କୃତିକା' ଅନୁଷ୍ଠାନ ଦ୍ୱାରା ଲୋକ ସଂସ୍କୃତି ଗବେଷକ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଲୋକନାଟକ "ମୋଗଲ ତାମ୍‌ସା' ଅଂଶଗ୍ରହଣ କରି ଉଚ୍ଚପ୍ରଶଂସିତ ହୋଇପାରିଛି। ଏହାଦ୍ୱାରା ଧାମନଗର ମାଟିର ସୁନାମ ବୃଦ୍ଧି ସହିତ ଜିଲ୍ଲାର ମଧ୍ୟ ସୁନାମ ବୃଦ୍ଧି ହୋଇପାରିଛି। ପିପିଲି ଖେଳ ପଡ଼ିଆରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଭାଗୀୟ ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ଅତିରିକ୍ତ ସଚିବ ଡ. ସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଲୋକ କଳାକାରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

### ବିପଦରେ ଛତାବର ଓଭରବ୍ରିଜ୍

# ରାସ୍ତା ସୁରକ୍ଷା ପାଇଁ ଭିଡ଼ାଯାଉଛି ନଟ୍‌ବୋଲ୍ଟ

ବାରିକପୁର,୧୨।୪(ସମିସ)



ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ୬ ଲାଇନ୍ ବିଶିଷ୍ଟ ନିର୍ମାଣ ହେବା ପରେ ଦୁର୍ଘଟଣା ହ୍ରାସ ପାଇବ ବୋଲି ଆଶା କରାଯାଇଥିଲା। ପରିତାପର ବିଷୟ ନିର୍ମାଣର ମାତ୍ର ଦିନ କେଇଟା ପରେ ନୂତନ ରାସ୍ତାର ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ସ୍ଥିତି ଦେଖାଯାଇଥିଲା। କେଉଁଠି ଡାଇଭର୍ସନ ରାସ୍ତାରେ ପାଣି ଜମି ଗଲାଣି ତ ପୁଣି କେଉଁଠି ରାଜପଥ ଉପରେ ନାଳ ସୃଷ୍ଟି ହେଲା। ଯଦିଓ କେତେକାଂଶରେ ରାସ୍ତା ମରାମତି ହୋଇଛି କିନ୍ତୁ ନୂତନ ରାସ୍ତାର ମାନ ଠିକ୍ ନ ଥିବା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା କୁହାଯାଇଛି। ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନାରାୟଣପୁର ଟୋଲ୍ ପ୍ଲାଜା ନିକଟସ୍ଥ ଛତାବର ଓଭରବ୍ରିଜ୍‌ଟି ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଓଭରବ୍ରିଜ୍ ଦୁଇ ପାର୍ଶ୍ୱରେ ଥିବା ରାସ୍ତା ସଙ୍କଟାପନ୍ନ ପରିସ୍ଥିତିରେ ରହିଛି। ରାସ୍ତା ନିର୍ମାଣ ବେଳେ ସଂଯୋଗ ହୋଇଥିବା କଂକ୍ରିଟ ସ୍ଲାବ୍ ଏବେ ଦବିଯାଇଛି। କେତେକ ସ୍ଥାନରେ ସ୍ଲାବ୍‌ଗୁଡ଼ିକ ପରସ୍ପରଠାରୁ ବିଚ୍ଛିନ୍ନ ହୋଇଛି। ଫଳରେ ନିର୍ମିତ ରାସ୍ତାର ପିତୁ ସ୍ତର ତଳେ ରହିଥିବା ଡଷ୍ଟ, ବାଲି, ମେଣ୍ଟାଲ ଆଦି ସାମଗ୍ରୀ ବାହାରି ଆସୁଛି। ଧୀରେଧୀରେ ରାସ୍ତା ମଧ୍ୟ ଦବିଗଲାଣି। ଏପରି ସ୍ଥଳେ ରାସ୍ତା ମରାମତି ସ୍ୱରୂପ ସ୍ଲାବ୍‌କୁ ସ୍ଲାବ୍ ପୁନଃ ସଂଯୋଗ ପାଇଁ ଡ୍ରିଲ୍ ଜରିଆରେ ନଟ୍‌ବୋଲ୍ଟ ଦିଆଯାଉଛି। ଓଭରବ୍ରିଜ୍ ଓ ରାସ୍ତା ଏବେ ଉଭୟ ବିପଦସଙ୍କୁଳ ସ୍ଥିତିରେ ରହିଥିବା ଜଣାପଡ଼ିଛି। ନଟ୍‌ବୋଲ୍ଟର ସ୍ଥାୟିତ୍ୱକୁ ନେଇ ମଧ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଭରବ୍ରିଜ୍ ଦୁଇ ପାର୍ଶ୍ୱ ବାଇପାସ୍ ରାସ୍ତାରେ ଦୈନିକ ଶହଶହ ଯାନବାହନ ଓ ହଜାର ହଜାର ଜନସାଧାରଣ ଯାତାୟାତ କରୁଛନ୍ତି। କେତେବେଳେ ଯେ ଦୁର୍ଘଟଣା ନ ଘଟିବ କହିବା ମୁସ୍କିଲ ହୋଇଛି। ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଦେଶର ଶ୍ରେଷ୍ଠ ରାସ୍ତା ନିର୍ମାଣକାରୀ ସଂସ୍ଥା ହୋଇଥିବାବେଳେ ଏପରି ଦାୟିତ୍ୱବିହୀନ ତଥା ବିପଦଜ୍ଜନକ ପଥ ନିର୍ମାଣ କାହା ସ୍ୱାର୍ଥରେ ହୋଇଛି ତାକୁ ନେଇ ସନ୍ଦେହ ଦେଖାଦେଇଛି। ଏହା ଉପରେ ମନ୍ତ୍ରୀ, ବିଧାୟକ, ସାଂସଦ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଚଇତି ପର୍ବ ଓ ଘୋଡ଼ା ନାଚ




ବାଲିକୁଦା,୧୨।୪(ସମିସ): ବାଲିକୁଦା ବ୍ଲକ ବାଲିସାହି ଦାମୋଦରପୁର ସ୍ଥିତ କୈବର୍ତ୍ତ ପରିବାର ପକ୍ଷରୁ ଚଇତି ପର୍ବ ଓ ଘୋଡ଼ା ନାଚ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାୟକ ସୁକାନ୍ତ ବେହେରା ଓ ପାଶ୍ୱର୍ ଅଭିନେତା ରମେଶ ଭୋଇ, ଗଣେଶ ଭୋଇ, ରାଉତାଣୀ ଭୂମିକାରେ ବ୍ରଜ ମଲ୍ଲିକ, ଲିପା ମହାଳିକଙ୍କ ଦ୍ୱାରା କଥାବସ୍ତୁ ତାଡ଼କା ବଧ ପରିବେଷଣ କରାଯାଇଥିଲା। ଅଜୟ ବହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବରେ ବିନୟ କୁମାର ବେହେରା, ଆନନ୍ଦ ବେହେରା, ଆଲୋକ ବେହେରା, ଅଶୋକ ବେହେରା, ରବୀନ୍ଦ୍ର ବେହେରା, କେଦାର ବେହେରା, ସୁଧୀର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ସାରଳା ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ପ୍ରସ୍ତୁତି

ତିର୍ତ୍ତୋଲ,୧୨।୪(ସମିସ): ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ତରଫରୁ ରାଜ୍ୟ ସରକାର ପାଳନ କରୁଥିବା ଓଡ଼ିଆ ପକ୍ଷର ଉଦଯାପନୀ ଉପଲକ୍ଷେ ଓଡ଼ିଶା ଭାଷା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଆଦିକବି ସାରଳା ଦାସଙ୍କର ଜନ୍ମମାଟି ପ୍ରାଚୀନ ଝଙ୍କଡ଼ର ତେନ୍ତୁଳିପଦାର ଉଆସଡିହ ଠାରେ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିମୂର୍ତ୍ତି ଆସନ୍ତା ୧୪ ତାରିଖ ପଣା ସଂକ୍ରାନ୍ତି ଦିନ ସ୍ଥାପନ ହେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ ଜୟ ଗୋପାଳ ପରିଜା, ସମାଜସେବୀ ରାଜଶ୍ରୀ ପରିଜା ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ କରକମଳରେ ଉନ୍ମୋଚିତ ହେବା ପାଇଁ ସ୍ଥିରୀକୃତ ହୋଇଛି। ଏହି ବୈଠକରେ ଉନ୍ନୟନ ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି, ଉପସଭାପତି ବିରଜା ପ୍ରସନ୍ନ ପରିଜା, ଉପଦେଷ୍ଟା ସୁବାଷ ଚନ୍ଦ୍ର ସାହୁ, ଗୁରୁଦତ୍ତ ପରିଜା, ପ୍ରଭୁଦତ୍ତ ପରିଜା, ପ୍ରଭାତ ପରିଜା, ଦେବବ୍ରତ ବାରିକ, ଆଶିଷ ପରିଜା, ଅନିଲ ମହାନ୍ତି, ଅକ୍ଷୟ ମହାନ୍ତି, ସୁବ୍ରତ ଦାଶ, ଗୋପାଳ ମହାନ୍ତି, ଶ୍ରଦ୍ଧାଞ୍ଜଳି ଦାସ, ନମିତା ସିଂ, ଅବସରପ୍ରାପ୍ତ କୃଷି ଅଧିକାରୀ ରବୀନ୍ଦ୍ରନାଥ ସିଂହ, ଦେବଦତ୍ତ ଚୌଧୁରୀ, ପ୍ରଭୁଦର୍ଶନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସଂପାଦକ ଚୌଧୁରୀ ରାଧାମୋହନ ପରିଜା ଧନ୍ୟବାଦ ଦେଇଥିଲେ।

# ପାରାଦୀପ ଅତିରିକ୍ତ ଏସ୍‌ପି ହେଲ ଆଜିଙ୍କ୍ୟ ମାଣେ



ପାରାଦୀପ,୧୨।୪(ସମିସ): ପାରାଦୀପରେ ଅତିରିକ୍ତ ଏସ୍‌ପି ଭାବେ ଆଜିଙ୍କ୍ୟ ବାବୁରାଓ ମାଣେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପାରାଦୀପରେ ପ୍ରଥମ ଥର ପାଇଁ ଜଣେ ଯୁବ ଆଇପିଏସ୍ ଅଫିସରଙ୍କୁ ନିଯୁକ୍ତି ମିଳିଥିବାରୁ ସବୁ ମହଲରେ ଏହାକୁ ସ୍ୱାଗତ କରାଯାଇଛି। ସେ ୨୦୨୨ ବ୍ୟାଚ୍‌ର ଆଇପିଏସ ଅଫିସର। ଯେହେତୁ ପାରାଦୀପରେ ବହୁ ଛୋଟ ବଡ଼ ଶିଳ୍ପାନୁଷ୍ଠାନ ଗଢ଼ି ଉଠିଛି ଓ ଦେଶର ଏକ ପ୍ରମୁଖ ବନ୍ଦର ମଧ୍ୟ ରହିଛି; ତେଣୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ପାରାଦୀପ ସହରକୁ ବେଶ ଗୁରୁତ୍ୱ ଦିଆଯାଉଛି। ଅନେକ ସମୟରେ ଶ୍ରମିକ ଆନ୍ଦୋଳନକୁ ନେଇ ହେଉ ବା ରାସ୍ତା ଦୁର୍ଘଟଣାରେ ହେଉ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ ହୋଇଥାଏ। ତାର ମୁକାବିଲା ପାଇଁ ଏକ ଆଇପିଏସ୍‌କୁ ପାରାଦୀପ ଦାୟିତ୍ୱ ଦିଆଯାଇଛି। ବିଶେଷକରି ଜନସାଧାରଣଙ୍କ ସହ ସୁସମ୍ପର୍କ, ଆଇନଶୃଙ୍ଖଳା ରକ୍ଷା, ଅପରାଧ ହ୍ରାସ ଦିଗରେ କାମ କରୁଥିବା ଭଳି ଜଣେ ଦକ୍ଷ ଅଫିସର ପାରାଦୀପ ଭଳି ବନ୍ଦର ଭିତ୍ତିକ ଶିଳ୍ପ ନଗରୀରେ ବହୁ ମାତ୍ରାରେ ଆବଶ୍ୟକତା ଥିଲା, ଯାହା ଆଜି ପୂରଣ ହୋଇପାରିଛି।

# ପଙ୍କପାଳ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କୁଜଙ୍ଗ,୧୨।୪(ସମିସ): ସରସତୀ ଶିଶୁ ବିଦ୍ୟାମନ୍ଦିର ପଙ୍କପାଳର ସପ୍ତଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ସାଂସଦ ଡ. ବିଭୁପ୍ରସାଦ ତରାଇ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ କ୍ଷେତ୍ରୀୟ ସଂଯୋଜକ, ବିଦ୍ୟା ଭାରତୀ ଶିକ୍ଷା ସଂସ୍ଥାନ ଅଧ୍ୟକ୍ଷ, ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ, ପଟିଆ, ଭୁବନେଶ୍ୱର ପ୍ରଫେସର ଡ. ପ୍ରଶାନ୍ତ ରାଉତ ଯୋଗ ଦେଇଥିଲେ। ସମାଜସେବୀ ତଥା ଓଡିଶା ହାଇକୋର୍ଟଙ୍କ ଏଜିଏ ତପନ କୁମାର ଦାଶ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଶିଶୁ ବିଦ୍ୟା ମନ୍ଦିରର ସଭାପତି ଡା. ଶରତ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ସମ୍ପାଦକ ଗୋକୁଳା ନନ୍ଦ ରାଉତ ଅତିଥି ପରିଚୟ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ କେଳୁଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଓ ବକ୍ତା ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଗୁରୁମା ପୁଷ୍ପଲତା ଦାସଙ୍କ ସଂଯୋଜନାରେ ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିଥିଲେ। ୧୩ଟି ସଂସ୍କାର ଧର୍ମୀ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଅଳକା ଆଶ୍ରମରେ ଓଡ଼ିଆ ପକ୍ଷ

# ପ୍ରକାଶ ପାଇଲା ଐତିହାସିକ ଅଳକା ପତ୍ରିକା

ଜଗତସିଂହପୁର,୧୨।୪(ସମିସ)




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହଯୋଗରେ ଅଳକା ଆଶ୍ରମ ପରିସରରେ ଓଡ଼ିଆ ପକ୍ଷର ଦ୍ୱାଦଶ ଦିବସରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଐତିହାସିକ ଅଳକା ଆଶ୍ରମ ପରିସରରେ ପାଳିତ ହୋଇଯାଇଛି। ଏହି ଦିନିକିଆ କାର୍ଯ୍ୟକ୍ରମରେ କବିତାଞ୍ଜଳି, ଶବ୍ଦାଞ୍ଜଳି ଓ ନୃତ୍ୟାଞ୍ଜଳି ରୂପରେ ତିନି ସୋପାନରେ ବିଭକ୍ତ କରି ବରପୁତ୍ରମାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡ.ବିଭୁ ପ୍ରସାଦ ତରାଇ, ଉଦ୍‌ଘାଟକ ଭାବେ ଔପନ୍ୟାସିକ ଭାଗୀରଥି ଦାସ, ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଯୋଗଦେଇ ବରପୁତ୍ରମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତିନୋଟି ଅଧିବେଶନରେ ଅନ୍ୟ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ବିନାୟକ ପଟ୍ଟନାୟକ, ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସାରଳା ଗବେଷକ ରଞ୍ଜନ କୁମାର ପଣ୍ଡା, ଉଦୟବଟର ମୁଖ୍ୟ ବୈଷ୍ଣବ ଚରଣ ପଟ୍ଟନାୟକ, ବଂଶୀଧର ଆଚାର୍ଯ୍ୟ, ସତ୍ୟବ୍ରତ ମହାପାତ୍ର, ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା, ନିବେଦିତା ମହାନ୍ତି, ସୁରେନ୍ଦ୍ର ନାଥ ତ୍ରିପାଠୀ, ଡ. ଜ୍ୟୋତିର୍ମୟୀ ମହାନ୍ତି, ଜୀବନାନନ୍ଦ ଅଧିକାରୀ, କ୍ୟାପଟେନ୍ ସଞ୍ଜୀବ କୁମାର ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ କବୟିତ୍ରୀ ମହାସ୍ମିତା ଓଝାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବିମାନେ ସ୍ୱରଚିତ କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କୁଜଙ୍ଗର ପାଇକ ଆଖଡ଼ା ଚିତ୍ତାକର୍ଷକ କଳା ପ୍ରଦର୍ଶନ କରି ବରପୁତ୍ର ମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ସେହିପରି ଋତୁପର୍ଣ୍ଣା କଳା ପରିଷଦ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ଓ ସଂଗୀତ ମାଧ୍ୟମରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲାର ୮୦ଟି ସାହିତ୍ୟ, ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ସାରସ୍ୱତ ସାଧକ ଭାଗୀରଥି ଦାସଙ୍କୁ 'ଅଳକା ଆଶ୍ରମ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ ବିଜୟ କୁମାର ରଥ, ଜ୍ୟୋତିରଞ୍ଜନ ପ୍ରଧାନ, ସୁରେଶ କୁମାର ପ୍ରଧାନ, ନଗେନ୍ଦ୍ର ନାଥ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସ୍ନେହମୟୀ ଆଚାର୍ଯ୍ୟ, ରୁନୁବାଳା ମଲ୍ଲିକ, ସରୋଜିନୀ ମିଶ୍ର, ଶରତ ଚନ୍ଦ୍ର ବେହେରା, ସୋମନାଥ ମହାରଣା, ପଙ୍କଜିନୀ ପାଣିଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# କେନ୍ଦାଳରେ ଶ୍ରୀ ରାମଚରିତ ମାନସ

ଜଗତସିଂହପୁର,୧୨।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ କେନ୍ଦାଳ ସ୍ଥିତ ମା' ମରିଚେଇ ପୀଠ ପ୍ରାଙ୍ଗଣରେ ନବଦିନ ବ୍ୟାପୀ ଶ୍ରୀରାମ ଚରିତ ମାନସ ନବାହ୍ନ ପରାୟଣ ମହାଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ତିନି ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ବକ୍ତା ମାନେ ଯୋଗଦେଇ ରାମକଥା ଉପରେ ପ୍ରବଚନ ପ୍ରଦାନ କରିଥିଲେ। ପ୍ରତେକ ଦିନ ପୁରୀରୁ ଆସିଥିବା ସନ୍ଥ ଦୟାରମ ଦାସଜୀ ମହାରାଜଙ୍କ ଦ୍ୱାରା ଗୋସ୍ୱାମୀ ତୁଳସୀ ଦାସଙ୍କ ରଚିତ ରାମ ଚରିତ ମାନସ ପାଠ କରାଯାଇଥିଲା। ସନ୍ଧ୍ୟାରେ ଯଜ୍ଞ ସହିତ ନବଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ୧୧ ତାରିଖରେ ଏହାର ପୂର୍ଣ୍ଣାହୁତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରବକ୍ତା ବିରେନ୍ଦ୍ର ପଣ୍ଡା, ମୃତ୍ୟୁଞ୍ଜୟ ଚୌଧୁରୀ, ଅନଙ୍ଗ ଦାସ, ପ୍ରହଲ୍ଲାଦ ଦାସ, ସ୍ୱାମୀ ଅରୁପାନନ୍ଦ ସରସ୍ୱତୀ ପ୍ରମୁଖ ପ୍ରବଚନ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅଦ୍ୱୈତ ମହାପାତ୍ର,ଅକ୍ଷୟ କୁମାର ବେହେରା, ବସନ୍ତ କୁମାର ସାହୁ, ଶଙ୍କର ଚରଣ ବେହେରା,ଧୀରେନ୍ଦ୍ର ପାତ୍ର, ସୋମନାଥ ସାହୁ, ରାଜକିଶୋର ସାହୁ, ହୃଷିକେଶ ସାହୁ ଏବଂ ବଟକୃଷ୍ଣ ସାହୁ ପ୍ରମୂଖ ପରିଚାଳନା କରିଥିଲେ।

# ମଦ ଜବତ, ଜଣେ ଗିରଫ

ଏରସମା,୧୨।୪(ସମିସ): ଏରସମା ଥାନା କାଙ୍କଣ ବଜାରରୁ ଏରସମା ପୁଲିସ ମଟର ସାଇକଲରେ ମଦ ନେଇକି ଯାଉଥିବା ବେଳେ ସେହି ଗାଁର ରତନ ଦାସ(୪୬)କୁ ଗିରଫ କରିଥିଲେ। ତାଙ୍କ ଠାରୁ ୨୩.୮୨୦ ଲିଟର ସହିତ ସିଡି ଡିଲକ୍ସ ମଟରସାଇକଲ, ୨ଟି ପ୍ଲାଷ୍ଟିକ ଜାର୍ ଜବତ କରାଯାଇଛି। କେସ୍ ନଂ ୧୨୭/୨୦୨୬ରେ ରୁଜୁ କରାଯାଇଛି।

# ଯୋଗଦେଲେ ଦୁଇ ଥାନାଧିକାରୀ

ପାରାଦୀପ,୧୨।୪(ସମିସ): ପାରାଦୀପ ମଡେଲ ଥାନା ଆଇଆଇସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବବିତା ଦେହୁରୀ। ସେହିଭଳି ପାରାଦୀପ ମେରାଇନ ଥାନା ଆଇଆଇସି ଭାବେ ପ୍ରଦୀପ୍ତ କୁମାର ସେଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ବନ୍ଦରର ଆଇନଶୃଙ୍ଖଳା ସହିତ ମଧ୍ୟ ଏହି ଦୁଇ ଥାନା ଜଡିତ। ତେବେ ଏହି ଥାନାରେ ଦକ୍ଷ ଅଫିସରଙ୍କର ଆବଶ୍ୟକତା ଥିବା ବେଳେ ତାହା ପୂରଣ ହୋଇପାରିଛି। ଆଗକୁ ଏହି ଦକ୍ଷ ଦୁଇ ଥାନା ଅଧିକାରୀ ଅମାନିଆଙ୍କ ବିରୋଧରେ ହେଉ ଅବା ଅସାମାଜିକଙ୍କ ବିରୋଧରେ ହେଉ କ'ଣ ପଦକ୍ଷେପ ନେଇ ସାବଡ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# କପିଳଯୋଡ଼ି ନଦୀରେ ମାଛ ମଡ଼କ



ପାରାଦୀପ,୧୨।୪(ସମିସ): ପାରାଦୀପ କପିଳଯୋଡ଼ି ନଦୀରେ ଆଜି ମାଛ ମଡ଼କ ଦେଖିବାକୁ ମିଳିଛି। ଏହି ନଦୀରେ କୁଢ଼କୁଢ଼ ବିଭିନ୍ନ ପ୍ରଜାତିର ମାଛ ମରି ଭାସୁଛନ୍ତି। ଖବର ପାଇ ଆଜି ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ନଦୀ ନିକଟରେ ପହଞ୍ଚି ମରି ଯାଇଥିବା ମାଛକୁ ଦେଖିବା ସହିତ ପାଣିର ନମୁନା ସଂଗ୍ରହ କରିଛନ୍ତି। ତେବେ ଏହି ମାଛ ପାଣିରେ ମରି ପଡିବା ଦ୍ୱାରା ସମଗ୍ର ମଧୁବନ ଠାରୁ ମାର୍କେଟ ଅଞ୍ଚଳ ପର୍ଯ୍ୟନ୍ତ ସବୁଆଡେ ଦୁର୍ଗନ୍ଧରେ ଫାଟି ପଡୁଛି। ବିଭିନ୍ନ କମ୍ପାନୀର କେମିକାଲ ମିଶ୍ରିତ ପାଣିରେ ପ୍ରଭାବିତ ହୋଇ ମାଛ ମରିଥିବା ନେଇ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଲୋକ ଓ ପାରାଦୀପ ଅଞ୍ଚଳର ପରିବେଶବିତ୍। ପୂର୍ବରୁ ବହୁବାର ପାରାଦୀପର ବିଭିନ୍ନ ନଦୀରେ ବିଭିନ୍ନ ସମୟରେ ଏହିଭଳି ମାଛ ମଡ଼କ ଘଟଣା ଦେଖିବାକୁ ମିଳିଥିବା ବେଳେ ଗୋଟିଏ ଥର ପିପିଏଲର ରାସାୟନିକ କେମିକାଲ ଓ ରିଫାଇନେରୀର କେମିକାଲ ପାଣିରେ ମିଶିବା ଫଳରେ ମାଛ ମଡ଼କ ହୋଇଥିବା ବେଳେ ଏହି ମାଛ ମଡ଼କରେ ସବୁଠୁ ଅଧିକ ମାଛ ମରି ଭାସୁଥିବା ନେଇ କହିଛନ୍ତି ପରିବେଶବିତ୍ ଓ ପାରାଦୀପ ବାସିନ୍ଦା।

# ସେଣ୍ଟ ଜାଭିୟର୍ସ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ



କୁଜଙ୍ଗ,୧୨।୪(ସମିସ): କୁଜଙ୍ଗ ସେଣ୍ଟ ଜାଭିୟର୍ସ ଇଣ୍ଟର ନ୍ୟାସନାଲ ପ୍ଲେ' ସ୍କୁଲର ଅଷ୍ଟାଦଶ ବାର୍ଷିକ ଉତ୍ସବ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ୍ ଅଧ୍ୟକ୍ଷ ସୁଧାକର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷୟିତ୍ରୀ ସୌଭାଗିନୀ ରାୟ ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ କୁଜଙ୍ଗ ଓକିଲ ସଂଘର ସଭାପତି ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଥିବା ବେଳେ ଶିକ୍ଷାବିତ୍ ଡ. ଗଙ୍ଗାଧର ସାମନ୍ତରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ରୂପେ ବ୍ରହ୍ମ ଜଗନ୍ନାଥ ମିଶନର ପ୍ରମୁଖ କ୍ୟାପଟେନ୍ ସଞ୍ଜୀବ କୁମାର ମୁଦୁଲି, ଅଧ୍ୟାପିକା ଡ. ରୋଜାଲିନ ଜେନା, ପ୍ରତିଷ୍ଠାତା ଡ. ରଘୁ ସାହୁ, କୁଜଙ୍ଗ ନାସନାଲ ସ୍କୁଲ୍ ଅଧ୍ୟକ୍ଷା ପ୍ରମିଳା ନନ୍ଦ ପ୍ରମୁଖ ମଞ୍ଚାସିନ ଅତିଥି ରୂପେ ଯୋଗଦେଇଥିଲେ। ସେଣ୍ଟ ଜାଭିୟର ଇଣ୍ଟର ନାସନାଲ ସ୍କୁଲର ବରିଷ୍ଠ ଶିକ୍ଷକ ରତିରଞ୍ଜନ ମହାନ୍ତି, ସୁଭଦ୍ରା ମହାପାତ୍ର, ସରୋଜିନୀ ସାହୁ, ସୁଚିସ୍ମିତା ମହାପାତ୍ର, ରୋଜାଲିନ ଦାସ ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଶ୍ରେଷ୍ଠ ଶିକ୍ଷୟିତ୍ରି ଭାବେ ସରୋଜିନୀ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା।

# ଆଇନଜୀବୀ ଡ. ବୀରନାରାୟଣ ପାତ୍ର ସମ୍ବର୍ଦ୍ଧିତ



ଏରସମା,୧୨।୪(ସମିସ): ଜଗତସିଂହପୁର ଜିଲ୍ଲା ଓ ବାଲିକୁଦା ଅଞ୍ଚଳର ଜଣାଶୁଣା ବରିଷ୍ଠ ଆଇନଜୀବୀ ଡ. ବୀରନାରାୟଣ ପାତ୍ର ପୁରୀ ଜିଲ୍ଲାର କୋଣାର୍କ କଲ୍ୟାଣ ମଣ୍ଡପ ଠାରେ କୋଣାର୍କ ଲୋକକଳା ମହୋତ୍ସବରେ ସମ୍ବର୍ଦ୍ଧିତ ହୋଇ "କୋଣାର୍କ ରତ୍ନ ସମ୍ମାନ' ପାଇଛନ୍ତି। ରାଜ୍ୟସ୍ତରୀୟ ଏହି ଓଡ଼ିଶା ନୃତ୍ୟ ଓ ଲୋକନୃତ୍ୟ ଉତ୍ସବରେ ବିଧାନସଭାର ପୂର୍ବତନ ସଚିବ ପ୍ରଶାସକ ଦାଶରଥି ଶତପଥୀ, ଡ. ତ୍ରିଲୋଚନ ବରାଳ, ବାସୁଦେବ ହେମ୍ବ୍ରମ, କୃତିବାସ ରଥ, ବସନ୍ତ କୁମାର ଦାସ, ମୋନାଲିସା ଷଡ଼ଙ୍ଗୀ, ଡ. ସମ୍ପଦ କୁମାର ରଥ, ନିହାର ପ୍ରସାଦ ଲେଙ୍କା, ନଙ୍ଗୁଳି ବାବା ପ୍ରମୁଖଙ୍କ ସହିତ ଅନ୍ୟ ଅତିଥିମାନେ ଯୋଗଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ମାନ ପାଇବା ପରେ ସମଗ୍ର ବାଲିକୁଦା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ତିର୍ତ୍ତୋଲ,୧୨।୪(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତ ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବିଶେଷ ବୈଠକ ପରୁଡି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ତଥା ବାଲିଘର ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ସମ୍ପାଦକ ସୁବୋଧ କୁମାର ନାୟକ, ଉପଦେଷ୍ଟା ଗୌରାଙ୍ଗ ଚରଣ ଦାସ, ମଣିଚରଣ ନାୟକ, ନିମାଇଁ ଚରଣ ସ୍ୱାଇଁ, ବିଷ୍ଣୁ ଚରଣ ବାରିକ, ବିକ୍ରମ କେଶରୀ ପରିଡ଼ା, ଯଦୁମଣି ଦାସ, ଗୋପୀନାଥ ଲେଙ୍କା, କୈଳାସ ଚନ୍ଦ୍ର ମହାନ୍ତି, ହେମନ୍ତ କୁମାର ବିଶ୍ୱାଳ, ଚିତ୍ତରଞ୍ଜନ ପରିଡା, ହେମନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ଓ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରତିନିଧି ଭାବେ ଯୋଗ ଦେବାକୁ ଯଥାକ୍ରମେ ଦୁଇ ଜଣ ଓ ତିନି ଜଣଙ୍କ ନାମ ଘୋଷଣା କରାଯାଇଥିଲା। ଆଗାମୀ ଦିନରେ ବୃକ୍ଷ ରୋପଣ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସଂଘ ତରଫରୁ ନିୟମିତ କରାଯିବା ପାଇଁ ସ୍ଥିର ହେଲା। ପରବର୍ତ୍ତୀ ଅଧିବେଶନ ଜୁନ୍ ୨୮ ତାରିଖରେ ପଣ୍ଡୁଆ ପଞ୍ଚାୟତର ମିଠିଲୋ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଗଲା। ବିଜୟ ଲେଙ୍କା ଧନ୍ୟବାଦ୍ ଦେଇଥିଲେ।

## ପିସିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଡିକେଟି ଷ୍ଟାର୍ସ କ୍ରିକେଟ ଟିମ୍ ବିଜୟୀ

ପାରାଦୀପ,୧୨।୪(ସମିସ)



ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣର ଆଜି ଫାଇନାଲ ମ୍ୟାଚ୍ ଡିକେଟି ଷ୍ଟାର୍ସ ଓ ଶ୍ରୀରାମ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଟସ୍ ଜିତି ଶ୍ରୀରାମ ସ୍ପୋର୍ଟିଂ ପ୍ରଥମ ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସୁବ୍ରତ ତରାଇ ୩୮ ବଲରେ ୫୪ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ଡିକେଟି ଷ୍ଟାର୍ସ ୧୯.୩ ବଲରେ ୮ ୱିକେଟ୍ ହରେଇ ୧୪୭ ରନ୍ ସଂଗ୍ରହ କରି ଆଜିର ଫାଇନାଲ ମ୍ୟାଚ ଓ ୨୦୨୬ ପିସିଏଲ୍‌ର ଚାମ୍ପିୟାନ୍ ହୋଇଛି। ରାକେଶ ଦାସ ୪ ଓଭର ବୋଲିଂ କରି ଗୋଟିଏ ମେଡେନ୍ ଓଭର ଓ ୨୦ ରନ୍ ଦେଇ ୩ ୱିକେଟ୍ ନେଇଥିଲେ। ମାତ୍ର ୧୭ ବଲରେ ୪୩ ରନ୍ କରି ସଂକଟ ମୋଚନ ଭାବେ ଡିକେଟି ଷ୍ଟାର୍ସକୁ ବିଜେତା କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ରାକେଶ ଦାସ, ମ୍ୟାନ୍ ଅଫ୍ ଦି ସିରିଜି ଭାବେ ଆଲୋକ କୁମାର ବାରିକ (ଶ୍ରୀରାମ ସ୍ପୋର୍ଟିଂ), ବେଷ୍ଟ ବ୍ୟାଟ୍ସମ୍ୟାନ୍ ଅମିତ୍ ସାହୁ, ବେଷ୍ଟକିପର ସନ୍ଦୀପ ବେହେରା, ବେଷ୍ଟ ଫିଲ୍ଡର୍ ଆୟୁଷ ନାୟକ, ବେଷ୍ଟ କୋଚ୍ ଅଜିତ୍ ଦାସ, ବେଷ୍ଟ କମେଟେଣ୍ଟର ରାକେଶ କୁମାର ବେହେରା ପ୍ରମୁଖ ଚୟନ ହୋଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ସ୍ପନ୍ସର ଇଂ.ପ୍ରମୋଦ କିଶୋର ଜେନା, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବନ୍ଦରର ଖେଳ ଉପଦେଷ୍ଟା ତଥା ପିସିଏଲର ସଭାପତି ରବୀନ୍ଦ୍ର କୁମାର ଦାସ, ଉପସଭାପତି ଅକ୍ଷୟ କୁମାର ସୁତାର ଓ ଅନ୍ୟତମ ଉପସଭାପତି ସୁବାସ ଆଚାର୍ଯ୍ୟ, ବନ୍ଦର ସିଏମ୍‌ଇ ଶୁଶିଲ୍ କୁମାର ନାହକ, ଇଫକୋ ୟୁନିଟର ବିକେ ପରିଡା, ସାଂସଦଙ୍କ ପ୍ରତିନିଧି ଗୌତମ ଚନ୍ଦ୍ର ନାୟକ, କାଉନସିଲର ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦେବେନ୍ଦ୍ର ନାୟକ, ନିରଞ୍ଜନ ଦାସ ଓ ସଞ୍ଜୟ ପ୍ରଧାନ ପ୍ରମୁଖ ଏହି ଖେଳକୁ ପରିଚାଳନା କରିଥିଲେ।

# ସାହିତ୍ୟ ପରିଷଦ ପକ୍ଷରୁ ବୈଶାଖୀ ସାହିତ୍ୟ ଆସର



ଜଗତସିଂହପୁର,୧୨।୪(ସମିସ): ମୁଣ୍ଡାଳୋ କଳା, ସାହିତ୍ୟ, ସଂସ୍କୃତି ବିକାଶ ପରିଷଦର ୪ର୍ଥ ବାର୍ଷିକ ଉତ୍ସବ ଓ ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ବୈଶାଖୀ ସାହିତ୍ୟ ଆସର ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ନିକଟସ୍ଥ ଦି ଗ୍ରେଟ ଆଇଟିଆଇ ପରିସରରେ ସାହିତ୍ୟିକ ଅଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ପ୍ରାବନ୍ଧିକ ଡ. ଦୀନବନ୍ଧୁ ଦାଶ, ମୁଖ୍ୟବକ୍ତା ରୂପେ ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁ, ଆଲୋଚକ ରୂପେ ଡ. ସୁଧାକର ଦାସ, ଗୀତିକବି ଉମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ବଦଳୁଥିବା ସାହିତ୍ୟର ଧାରା ଶୀର୍ଷକ ଉପରେ ଆଲୋଚନା କରିଥିଲେ। ପରେ କବି ରମେଶ ଚନ୍ଦ୍ର ବହିରା ଓ ପ୍ରିୟଦର୍ଶିନୀ ପରିଡ଼ାଙ୍କ ସଂଯୋଜନାରେ କବି ଗଣେଶ ମହାନ୍ତି, ପରୀକ୍ଷିତ ମହାନ୍ତି, ନୀଳକଣ୍ଠ ମିଶ୍ର, ବଂଶୀଧର ବେହେରା, ସୂର୍ଯ୍ୟକାନ୍ତ ସ୍ୱାଇଁ, ହୃଦାନନ୍ଦ ବାରିକ, ପ୍ରସନ୍ନ ଲେଙ୍କା, ମିନାରାଣୀ ମଲ୍ଲିକ, ନୀଳକଣ୍ଠ ମିଶ୍ର, ସୋହିନୀ ସାଇ ମହାପାତ୍ର, ପର୍ଶୁରାମ ସ୍ୱାଇଁ, ଚୌଧୁରୀ ସୌମେନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ମହାନ୍ତି, ପୂର୍ଣ୍ଣାନନ୍ଦ ମହାନ୍ତି, ପୂର୍ଣ୍ଣ ମିଶ୍ର, ଗଗନ ବିହାରୀ ବେହେରା, ରଞ୍ଜିତ ଦାସ, ପରୀକ୍ଷିତ ମହାନ୍ତି, ମୋନାଲିସା ମୁଦୁଲି, ସନ୍ତୋଷ କୁମାର ଦାସ, ସବ୍ୟସାଚୀ ତ୍ରିପାଠୀ ପ୍ରମୁଖ ସ୍ୱରଚିତ କବିତା ପାଠ ଓ ଶୁଭଲକ୍ଷ୍ମୀ ସ୍ୱାଇଁ କ୍ଷୁଦ୍ର ନିବନ୍ଧ ପାଠ କରିଥିଲେ। ବୈଠକ ଆରମ୍ଭ ପୂର୍ବରୁ ଦିବଂଗତ ସାହିତ୍ୟିକ ଅତୁଲ ବଳ ଓ ସଦାନନ୍ଦ ତ୍ରିପାଠୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ ବାମଦେବ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଜକ ବଂଶୀଧର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପରିଶେଷରେ ଆଡ଼ଭୋକେଟ ପ୍ରମୋଦ କୁମାର ସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଲବାଣୀରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

ଫିରିଙ୍ଗିଆ/ଫୁଲବାଣୀ,୧୨।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଫୁଲବାଣୀ ସ୍ଥିତ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବଣୁଆ, ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀନିବାସ ଷଡଙ୍ଗୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସ ଯୋଗ ଦେଇଥିଲେ। ସାହିତ୍ୟିକ ଓ ସଂଗଠକ କୈଳାସ ଚନ୍ଦ୍ର ଧଳଙ୍କ ସଂଯୋଜନାରେ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସଭାପତି ରବୀନ୍ଦ୍ରନାଥ ମିଶ୍ର, ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡ. ଚିତ୍ତରଞ୍ଜନ ମିଶ୍ର, ଲାଇନପଡ଼ା କେଆଇଜିଏମ୍ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ତ୍ରୈଲୋକ୍ୟନାଥ ସେନାପତି, ବନଜ୍ୟୋସ୍ନା ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଦସ୍ୟା ପ୍ରଣତି ତ୍ରିପାଠୀ, ଫିରିଙ୍ଗିଆ ଶାଳପର୍ଣ୍ଣ ସାହିତ୍ୟ ସଂସଦର ସଭାପତି ଡ. ବିରଞ୍ଚି ନାରାୟଣ ସାହୁ, ରାଇକିଆ ମଞ୍ଜୁଷା ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ଡ.



ଶୀତୁ ପ୍ରକାଶ ରଥ ଆଲୋଚକ ଭାବେ ଯୋଗଦେଇ ଓଡ଼ିଶାର ବରେଣ୍ୟ ବରପୁତ୍ରଙ୍କ ଜୀବନୀ ଓ ସେମାନଙ୍କର ମହାନ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଦାରିଙ୍ଗବାଡି ଓଡ଼ିଆ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନର ସଭାପତି ପତିତପାବନ ରାଉତ ଓ ଫୁଲବାଣୀ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସହ ସମ୍ପାଦକ ଡ.ପୂର୍ଣ୍ଣେନ୍ଦୁ ତ୍ରିପାଠୀଙ୍କ ନେତୃତ୍ୱରେ ୬୦ରୁ ଊର୍ଦ୍ଧ୍ୱ କବି ଓଡ଼ିଆ ଭାଷା ଓ ସଂସ୍କୃତି ଭିତ୍ତିକ ଏବଂ ବିଭିନ୍ନ ବରପୁତ୍ରଙ୍କ ଜୀବନୀ ନେଇ କବିତା ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଶାର ଇତିହାସ ଓ ସଂସ୍କୃତିକୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଏବଂ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଫୁଲବାଣୀ ବନଜ୍ୟୋସ୍ନା ସାହିତ୍ୟ ସଂସଦର ସଭାପତି ପ୍ରଶାନ୍ତ କୁମାର ବେହେରା, ଫୁଲବାଣୀ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା, କମଳା ପ୍ରକାଶନୀ ପ୍ରତିଷ୍ଠାତା ଡ.ନୃସିଂହାନନ୍ଦ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାଂସ୍କୃତିକ କର୍ମୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ



ଦାରିଙ୍ଗବାଡି,୧୨।୪(ସମିସ): ଦାରିଙ୍ଗବାଡ଼ିରୁ ଏକ ବୋଲେରୋ ବ୍ରହ୍ମପୁର ଯାଉଥିବା ବେଳେ ବିପରୀତ ଦିଗରୁ ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ କୁମ୍ଭାରବାଡ଼ି ଗ୍ରାମର ଶାଶ୍ୱତ ନାୟକ ଏକ ବାଇକ୍‌ରେ ଦାରିଙ୍ଗବାଡ଼ି ଆସୁଥିଲେ। ପଞ୍ଚୁପଲି ନିକଟରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଶାଶ୍ୱତଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ଶନିବାର ଅପରାହ୍ନରେ ହୋଇଥିବାବେଳେ ଗ୍ରାମବାସୀ ରବିବାର ସକାଳେ ଦାରିଙ୍ଗବାଡି ଚାରିଛକରେ କ୍ଷତିପୂରଣ ସହ ଦୁର୍ଘଟଣା ଘଟାଇଥିବା ବୋଲେରୋ ଚାଳକଙ୍କୁ ଗିରଫ ଦାବିରେ ରାସ୍ତାରୋକ କରିଥିଲେ।

**କ୍ଷତିପୂରଣ ଦାବିରେ ରାସ୍ତାରୋକ**

୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ସହ ବୋଲେରୋ ଚାଳକଙ୍କୁ ଗିରଫ ଓ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରିଥିଲେ ମୃତକଙ୍କ ସ୍ତ୍ରୀ ଟୁମୁକି ଜେନା ଓ ଗ୍ରାମବାସୀ। ରାସ୍ତାରୋକ ଯୋଗୁ ଦାରିଙ୍ଗବାଡି ଠାରୁ ଫୁଲବାଣୀ, ବ୍ରହ୍ମପୁର, ବ୍ରାହ୍ମଣିଗାଁ, ବାଲିଗୁଡା ଆଦି ସ୍ଥାନକୁ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥଲା। ସକାଳ ୬ରୁ ୨ଟା ପର୍ଯ୍ୟନ୍ତ ୮ଘଣ୍ଟା ଧରି ରାସ୍ତାରୋକ ହୋଇଥିଲା। ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ ଓ ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ଉଦ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନର କରିଥିଲେ। ଏହାପରେ ରାସ୍ତାରୋକ ହଟିଥିଲା। ଟୁମୁକି ବର୍ତ୍ତମାନ ଗର୍ଭବତୀ ଥିବା ଜଣାପଡ଼ିଛି। ଶାଶ୍ୱତଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୁଲିସ ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଚାଳକକୁ ଧରିବାକୁ ଉଦ୍ୟମ ଚଳାଇଛି।

## ଟ୍ରକ୍‌କୁ ପଛରୁ ଧକ୍କାଦେଲା କାର୍; ଅଳ୍ପକେ ବର୍ତ୍ତିଲେ ୨ ଜଣ

ବ୍ରହ୍ମପୁର,୧୨।୪(ସମିସ): ଜାତୀୟ ରାଜପଥ ନଂ.୧୬ ତଥା ଗୋପାଳପୁର ଥାନା ଅନ୍ତର୍ଗତ ଡୁରା ଜାତୀୟ ରାଜପଥ ଓଭରବ୍ରିଜ୍ ଉପରେ ଏକ ଦ୍ରୁତଗାମୀ କାର୍ ଟ୍ରକ୍ ପଛକୁ ଧକ୍କା ଦେଇଥିବାବେଳେ କାର ଚାଳକ ସମେତ ଜଣେ ମହିଳା ଯାତ୍ରୀ ଆହତ ହୋଇଛନ୍ତି। ଛତ୍ରପୁର ପଟୁ ବ୍ରହ୍ମପୁର ପଟକୁ ଏକ ଟ୍ରକ୍ ଜାତୀୟ ରାଜପଥରେ ଯାଉଥିବା ବେଳେ ଏକ କାର୍(ଓଡି୦୨ବିଜି-୦୬୭୬) ପଛପଟୁ ଆସି ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଟ୍ରକ୍‌ର ପଛପଟେ ଲାଗିଥିବା ଏକ ଚକ ଟ୍ରକ୍‌ରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। କାର୍‌ର ସେଫଟି ବେଲୁନ ଖୋଲି ଯିବାରୁ ଉଭୟ ଡ୍ରାଇଭର ଓ ମହିଳା ଯାତ୍ରୀ ବର୍ତ୍ତି ଯାଇଥିଲେ।

# ସାରଙ୍ଗଡ଼ରେ ପଞ୍ଚୁଦଣ୍ଡ ମିଳନ



ଫିରିଙ୍ଗିଆ,୧୨।୪(ସମିସ): କ.ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଲକ୍ଷ୍ମୀବଜାରରେ ପ୍ରତିବର୍ଷ ଭଳି ଚଳିତବର୍ଷ ୨୨ତମ ପଞ୍ଚୁଦଣ୍ଡ ମିଳନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚୁଦଣ୍ଡ ପରିଚାଳନା କମିଟି ଆୟୋଜନ କରିଥିବା ବେଳେ କମିଟି ସଭାପତି ରୋହିତାଶ୍ୱ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବନେଗାଁ, କରଣ୍ଡାଗଡ, ମଣିପଦର, ଲେଟିଙ୍ଗିଆ ଓ ବାଗାରାମା ଭଳି ୫ ଦଣ୍ଡ ଦଳ ନିଜ ନିଜର ପାରମ୍ପରିକ ଦଣ୍ଡ ନୃତ୍ୟ ପରିବେଷଣ କରିଥିଲେ। ସକାଳ ୯ଟାରେ ସମସ୍ତ ଦଣ୍ଡଦଳ ମନ୍ଦିର ପରିକ୍ରମା କରିବା ପରେ ବନ୍ଦନା ସାରି ଦିନ ୧୧ ଟାରେ ଧୂଳିଦଣ୍ଡ ସହ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ଅପରାହ୍ନ ୪ଟାରେ ଜଳଘାଟ ସାରି ୫ଟାରେ ପ୍ରତିବର୍ଷ ଭଳି ପଞ୍ଚୁଦଣ୍ଡ ଶମ୍ଭୁ, ପଞ୍ଚୁଦଣ୍ଡ ମିଳନ ଅନୁଷ୍ଠିତ ହୋଇଥିଲା। ରାତି ୧୧ଟାରେ ଦଣ୍ଡ ଚରିତ୍ର ନାଚ ହୋଇଥିଲା। ଆସନ୍ତାକାଲି ସକାଳ ୭ଟା ବେଳେ ବୀଣାକାର ମେଲଣ ସହ ଦଣ୍ଡ ମେଲାଣି ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବା ପରିଚାଳନା କମିଟି ତରଫରୁ ସୂଚନା ଦିଆଯାଇଛି। ପରିଚାଳନା କମିଟ ସଭାପତି ରୋହିତାଶ୍ୱ ନାୟକ, ଉପସଭାପତି ରାଧାନାଥ ତ୍ରିପାଠୀ, ସମ୍ପାଦକ ବୈଦ୍ୟନାଥ ସାହୁ, ସଂଘ ସଦସ୍ୟ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସହ ପରିଚାଳନା କମିଟି ସଦସ୍ୟ ଏବଂ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦେଖି ଭିଡ଼ ନିୟନ୍ତ୍ରଣ ପାଇଁ ସାରଙ୍ଗଡ଼ ପୁଲିସ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ବିଭିନ୍ନ ଛକରେ ପୁଲିସ ମୁତୟନ କରାଯାଇଥିଲା।

# ଜଙ୍ଗଲରେ ଗଞ୍ଜେଇ ଡିପୋ: ୧୦ କ୍ୱିଣ୍ଟାଲ ଜବତ

ମୋହନା,୧୨।୪(ସମିସ): ଜବତ ହେଲା ଲକ୍ଷାଧିକ ଟଙ୍କାର ଗଞ୍ଜେଇ। ଜଙ୍ଗଲରେ ଚଢ଼ଉ କରି ୧୦ କୁଇଣ୍ଟାଲ ୫୪ କେଜି ଗଞ୍ଜେଇ ଜବତ କରିଛି ଅଡ଼ବା ପୁଲିସ। ଅଡବା ଥାନା ଅନ୍ତର୍ଗତ ଗୁଡୁରିଗୁଡ଼ା ଓ ପରମାଗୁଡ଼ା ଜଙ୍ଗଲରେ ଗଞ୍ଜେଇ ଲୁଚାଇ ରଖାଯାଇଥିବା ଖବର ପାଇ ଆର୍.ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ପୁଲିସ ବାହିନୀ ଜଙ୍ଗଲରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ବାହାରକୁ ଚାଲାଣ ପାଇଁ ରଖାଯାଇଥିବା ୪୨ ବସ୍ତା ଗଞ୍ଜେଇ ଜବତ ହୋଇଛି। ଯାହାର ଆନୁମାନିକ ବଜାର ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି। ବାରମ୍ବାର ଚଢ଼ଉ ପରେ ମଧ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଟନ୍ ଟନ୍ ଗଞ୍ଜେଇ ବାହାରୁଛି। ବିଭିନ୍ନ ଉପାୟରେ





ଜଙ୍ଗଲରେ, ଘରେ ବସ୍ତା, ପ୍ଲାଷ୍ଟିକ ଡ୍ରମ ଓ ଟିଣ ବାକ୍ସରେ ଗଞ୍ଜେଇ ରଖି ବାହାରକୁ ଚାଲାଣ କରାଯାଉଛି। ଆଗକୁ ଏଭଳି ଚଢ଼ଉ ଜାରି ରହିବ। ଗଞ୍ଜେଇ ମୁକ୍ତ ଓଡ଼ିଶା ଓ ନିଶାମୁକ୍ତ ଗଜପତି ଗଢ଼ିବାରେ ସଂକଳ୍ପ ପୂରଣ ହେବ ବୋଲି ଏସ୍‌ଡିପିଓ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ‘ଆମ ଓଡ଼ିଶା, ଆମ ସଂସ୍କାର’ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୨।୪(ସମିସ): ପାରଳାଖେମୁଣ୍ଡି ସହର ଅଞ୍ଚଳରେ ରବିବାର ଦିନ ଓଡ଼ିଶା ପକ୍ଷ ପାଳନ ଅବସରରେ ଅବହେଳିତ ଓ ଉପେକ୍ଷିତ ପିଲାଙ୍କୁ ନେଇ ଏକ ସ୍ୱତନ୍ତ୍ର ସଂସ୍କାରମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜର ମୁଖ୍ୟ ସ୍ରୋତରୁ ଦୂରେଇ ରହିଥିବା ଏହି ଶିଶୁଙ୍କ ମଧ୍ୟରେ ଓଡ଼ିଆ ଅସ୍ମିତା, ସଂସ୍କୃତି ଏବଂ ମାନବିକ ମୂଲ୍ୟବୋଧ ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ପିଲାଙ୍କୁ ଓଡ଼ିଶାର ଗୌରବମୟ ଇତିହାସ ଓ ବରପୁତ୍ରଙ୍କ ଜୀବନୀ ବିଷୟରେ



ଅବଗତ କରାଯାଇଥିଲା। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଓଡ଼ିଆ ପାରମ୍ପରିକ ଖେଳ ସହ ଓଡ଼ିଶାର ମାନଚିତ୍ର ଅଙ୍କନ ପାଇଁ ହୋମ୍‌ୱାର୍କ ଦିଆଯାଇଛି। ବିଶେଷ କରି ସ୍ୱଚ୍ଛତା, ଗୁରୁଜନଙ୍କୁ ସମ୍ମାନ ଏବଂ ନୈତିକତା ଉପରେ ପିଲାଙ୍କୁ ଶପଥ ପାଠ କରାଯାଇଥିଲା। ଏଭଳି ପ୍ରୟାସ ଦ୍ୱାରା ଉପେକ୍ଷିତ ଶିଶୁ ନିଜକୁ ସମାଜର ଏକ ଅଭିନ୍ନ ଅଙ୍ଗ ଭାବେ ଅନୁଭବ କରିପାରିବେ ବୋଲି ଉପସ୍ଥିତ ସ୍ୱେଚ୍ଛାସେବୀ ଓ ଶିକ୍ଷାବିତ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଅପରାହ୍ନରେ ଅର୍ବାନ ହଷ୍ଟେଲରେ ହୋଇଛି। ସମସ୍ତ କାର୍ଯ୍ୟକ୍ରମକୁ ବାଲମୁକୁନ୍ଦ କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ପରିଚାଳନା କରିବା ସହ ସେମାନଙ୍କ ଗହଣରେ ରହି ସଫେଇ କାର୍ଯ୍ୟ କରିଥିଲେ।

## ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

ଫିରିଙ୍ଗିଆ,୧୨।୪(ସମିସ): ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ଗାଁ ନିକଟ ଜଙ୍ଗଲରେ ବାର୍‌ହା ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ସୁନାମାଳି ଭୁକ୍ତାଙ୍କ ସ୍ତ୍ରୀ ଅଷ୍ଟମୀ ଭୁକ୍ତା। ରବିବାର ଦିନ ୨ଟାରେ ଅଷ୍ଟମୀ ଓ ତାଙ୍କ ସହ ସେହି ଗାଁର ଅନ୍ୟଜଣେ ମହିଳା ଶାଳପତ୍ର ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ମା’ ବାରହା ସହ ଛୋଟ ଛୁଆ ବାର୍‌ହା ଗୋଟିଏ ଜାଗାରେ



ଥିଲେ। ମହିଳାଙ୍କୁ ଦେଖି ମା’ ବାର୍‌ହା ଅଚାନକ ଆକ୍ରମଣ କରିଥିଲା। ସାଙ୍ଗରେ ଥିବା ମହିଳା ଜଣକ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିବା ବେଳେ ଅଷ୍ଟମୀ ତଳେ ପଡ଼ିଯାଇଥିଲେ। ଅଷ୍ଟମୀଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ଅଟୋରେ ପ୍ରଥମେ ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ପୁଅ ଆଗରେ ପୋଖରୀରେ ବୁଡ଼ି ବାପା ମୃତ

ଦାରିଙ୍ଗବାଡ଼ି,୧୨।୪(ସମିସ): ପୁଅକୁ ପୋଖରୀ ହୁଡ଼ାରେ ବସାଇ ଗାଧୋଇବାବେଳେ ବାପାର ମୃତ୍ୟୁ ଘଟିଛି। ମୃତକ ପକାରୀ ଗ୍ରାମର ପୁସାରା ପ୍ରଧାନ (୪୧)।

ରବିବାର ସନ୍ଧ୍ୟାରେ ସେ ବିଲରେ କାମ ସାରିବା ପରେ ଗାଧୋଇବାକୁ ଛୋଟ ପୁଅକୁ ସାଥିରେ ଧରି ବାଲାପଙ୍ଗା ପୋଖରୀକୁ ଯାଇଥିଲେ। ପୁଅକୁ ହୁଡ଼ାରେ ବସାଇ ଗାଧୋଇବାବେଳେ ଅସାବଧାନତାରୁ ଗୋଡ ଖସି ବୁଡ଼ି ଯାଇଥିଲେ। ପୁଅ ଘରକୁ ଯାଇ ମା’କୁ କହିବା ପରେ ଗାଁ ଲୋକ ପୋଖରୀରେ ପହଞ୍ଚି ଖୋଜାଖୋଜି ସହ ଦାରିଙ୍ଗବାଡ଼ି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ପୁସାରାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ରଖାଯାଇଥିବା ବୁଡାଗୁଡ଼ା ସମିତିସଭ୍ୟ ଶ୍ରୀକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାମ କରୁନି ଏସି; ବିଧାୟକ କ୍ଷୁବ୍ଧ



ପାରଳାଖେମୁଣ୍ଡି,୧୨।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଥିବା ଏସି ଗୁଡିକ ଗ୍ରୀଷ୍ମରେ କାମ ଦେଉନି। ଦିନକୁ ଦିନ ସହରରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଦିନ ରାତି ରୋଗୀ ଗରମରେ ସିଝୁଥିବା ବେଳେ ଅନୁଧ୍ୟାନ ପାଇଁ ବିଧାୟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଗତକାଲି ରାତିରେ ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଅଚାନକ ଗସ୍ତ କରିଥିଲେ। ମୁଖ୍ୟ ଚିକିତ୍ସାଳୟର ଜରୁରିକାଳୀନ ଚିକିତ୍ସା କକ୍ଷକୁ ଯାଇ କାର୍ଯ୍ୟରତ ଡାକ୍ତର ଓ ପରିଚାଳିକାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଏସି ଗୁଡ଼ିକ ଚାଲୁ ରହିଛି କି ନାହିଁ ତାହାର ତଦାରଖ କରିଥିଲେ। ରୋଗୀଙ୍କ ରହଣୀ ଲାଗି ଥିବା କକ୍ଷ ଗୁଡିକୁ ବୁଲି ଦେଖିଥିଲେ। ସେଥିରେ ଏସି ଗୁଡ଼ିକ ଲଗାଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହେଉନଥିବା ଦେଖି କ୍ଷୁବ୍ଧ ହୋଇଥିଲେ। ଏହାପରେ ରୋଗୀଙ୍କ ସହ ଆଲୋଚନା କରିବା ପରେ ଏସି ରକ୍ଷଣାବେକ୍ଷଣ କରୁଥିବା ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ସେଠୀଙ୍କୁ ଫୋନ୍ ଦ୍ୱାରା ତତ୍କାଳ ସଜାଡ଼ିବାକୁ କହିଥିଲେ। ପ୍ରତି ଉତ୍ତରରେ ଶ୍ରୀ ସେଠୀ ତୁରନ୍ତ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ଗୋଷାଣି ବ୍ଲକର ଜିଲ୍ଲାପରିଷଦ ସଦସ୍ୟ ଏସ୍.ବାଲାରାଜୁ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ପାଳନରେ ଗୀତା ଆବୃତ୍ତି ପ୍ରତିଯୋଗିତା

ପାରଳାଖେମୁଣ୍ଡି,୧୨।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ଗୌରହରି ପାଠାଗାରର ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଭଗବତ୍ ଗୀତା ଆବୃତ୍ତି ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଷ୍ଠାନର ୧ମ ଓ ୨ୟ ବର୍ଷ ଶିକ୍ଷାର୍ଥୀ ଯୋଗ ଦେଇ ଭଗବତ ଗୀତା ଶ୍ଳୋକ ଆବୃତ୍ତି କରିଥିଲେ। ବିଚାରକ ଭାବେ ପ୍ରସାଦ କୁମାର ନାୟକ ଯୋଗ ଦେଇ ଶ୍ରେଷ୍ଠ ବିବେଚକଙ୍କୁ ଚୟନ କରିଥିଲେ। ପ୍ରତିଯୋଗିତାରେ ଦ୍ୱିତୀୟ ବର୍ଷର ଗୁରୁଛାତ୍ର ଅଂଶୁମାନ ରଥ, ଦ୍ୱିତୀୟ ବର୍ଷର ଗୁରୁଛାତ୍ରୀ ସାବିତ୍ରୀ ନାୟକ ଓ ପ୍ରଥମ ବର୍ଷର ଗୁରୁଛାତ୍ରୀ ଜୟଶ୍ରୀ ଦାସ ଯଥାକ୍ରମେ ୧ମ, ୨ୟ ଓ ୩ୟ ହୋଇଥିଲେ। ଅଧ୍ୟକ୍ଷ ଡାକ୍ତର ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠାଗାର ପ୍ରଦତ ପୁରସ୍କାର କୃତି ପ୍ରତିଯୋଗୀଙ୍କୁ ବଣ୍ଟନ କରିଥିବା ବେଳେ ଦିବ୍ୟଜୀବନ ସଂଘ ପାରଳାଖେମୁଣ୍ଡି ତରଫରୁ ଆଧ୍ୟାତ୍ମିକ ପୁସ୍ତକ ବଣ୍ଟନ କରାଯାଇଥିଲା। ପାଠାଗାର ସଭାପତି ରମେଶ ଚନ୍ଦ୍ର ପାଢୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସରକାରୀ ଅଧିକାରୀଙ୍କ ଓଡ଼ିଆ ପ୍ରୀତି ଏମିତି..**

# ଫଟୋ ଉଠାଇ କାର୍ଯ୍ୟକ୍ରମ ସାରିଦେଲେ

କାଶୀନଗର,୧୨।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ୧୨ ତାରିଖ ରବିବାର ଦିନ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏ ସମ୍ପର୍କରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ କର୍ତ୍ତୃପକ୍ଷ ସ୍ଥାନୀୟ ବୁଦ୍ଧିଜୀବୀ, ସାହିତ୍ୟିକ, ଗଣମାଧ୍ୟମ ପ୍ରତିନିଧି କି ଜନସାଧାରଣଙ୍କୁ ଅବଗତ କରିନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେବଳ ବରପୁତ୍ରମାନଙ୍କ ଫଟୋରେ ମାଲ୍ୟାର୍ପଣ କରି ଓ ଫଟୋ ଉଠାଇ ଏହି କାର୍ଯ୍ୟକ୍ରମ ସାରି ଦିଆଯାଇଥିବା ବେଳେ ୧୧ ତାରିଖ ଶନିବାର ଦିନ ପାଇଁ ନିର୍ଦ୍ଧାରିତ ଯୁବ ଲେଖକ ସମ୍ମିଳନୀ ଆଦୌ ଆୟୋଜିତ ହୋଇନାହିଁ। ୧୩ ଓ ୧୪ ତାରିଖରେ ଯଥାକ୍ରମେ ପାରମ୍ପରିକ ଖାଦ୍ୟ ଦିବସ ଓ ଓଡ଼ିଆ ନବବର୍ଷ ପାଳନର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହାର ଯଥାବିଧି ପାଳନ ପାଇଁ ପଂଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ନିଆଯିବ କି ନାହିଁ ତାକୁ ନେଇ ଚର୍ଚ୍ଚା ଚାଲିଛି ବିଭିନ୍ନ ମହଲରେ। ପ୍ରକାଶ ଯୋଗ୍ୟ ଯେ , ଗଜପତି ଜିଲ୍ଲାପାଳଙ୍କ ପତ୍ରାଙ୍କ ୧୫୭ , ତାରିଖ ୨୩/୩/୨୬ ସମ୍ବଳିତ ଚିଠି ଅନୁଯାୟୀ ଶ୍ରଦ୍ଧା ଓ ଆଡମ୍ବର ସହ ଓଡ଼ିଆ ପକ୍ଷ ପାଳନ ନିମନ୍ତେ ପ୍ରତି ପଂଚାୟତ ସମିତି ଓ



ପୌରାଞ୍ଚଳକୁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ୫୦ହଜାର ଟଙ୍କା ଦିଆଯିବ ବୋଲି ଉଲ୍ଲେଖ ରହିଛି। କାଶୀନଗରରେ ଉଭୟ ପଂଚାୟତ ସମିତି କାର୍ଯ୍ୟାଳୟ ଓ ପୌରାଞ୍ଚଳ କାର୍ଯ୍ୟାଳୟ ରହିଥିବାରୁ ଉକ୍ତ ଅର୍ଥ ପ୍ରଥମୋକ୍ତ କାର୍ଯ୍ୟାଳୟକୁ ମିଳିବ। ଅର୍ଥାଭାବ ନଥିବା ସତ୍ତ୍ୱେ ଓ କାଶୀନଗର ଭଳି ଏକ ଉପାନ୍ତ ଅଂଚଳରେ ଓଡ଼ିଆ ପକ୍ଷ ପାଳନର ବିଶେଷ ଗୁରୁତ୍ୱ ଥିବାବେଳେ ପ୍ରଶାସନର ଏଥିପ୍ରତି ଉତ୍ସାହ କି ଆନ୍ତରିକତା ନଥିବା ନିନ୍ଦନୀୟ ବୋଲି ମତ ପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁ ସରକାରଙ୍କ କାର୍ଯ୍ୟକ୍ରମ ଅବହେଳିତ ହେଉଥିବା ନେଇ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

**ନେରେଡ଼ି ବ୍ୟାରେଜ୍ ସପକ୍ଷରେ ସୁପ୍ରିମ୍‌କୋର୍ଟ ରାୟ**

# ବିଧାୟକଙ୍କ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ପାରଳାଖେମୁଣ୍ଡି,୧୨।୪(ସମିସ)

ବଂଶଧାରା ନଦୀ ଉପରେ ପ୍ରସ୍ତାବିତ ପ୍ରକଳ୍ପ କାଟ୍ରାଗଡ଼ା ଫେଜ-୨ ନେରେଡ଼ି ବ୍ୟାରେଜ୍‌କୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ୩ ଦଶନ୍ଧି ଧରି ବିବାଦ ଲାଗିରହିଛି। ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟାଳୟ ଆନ୍ଧ୍ର ସପକ୍ଷରେ ରାୟ ଶୁଣାଇଥିବା ନେଇ ଆନ୍ଧ୍ର ଶ୍ରୀକାକୁଲମ ଜିଲ୍ଲାର ସାଂସଦ ରାମ ମୋହନ ନାଇଡୁ ଏକ ଭିଡିଓ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଛାଡ଼ିଥିବା ବେଳେ ଏହା ମୋବାଇଲରୁ ମୋବାଇଲ ଘୁରି ବୁଲୁଛି। ଯାହାକୁ ନେଇ ଗଜପତି ଜିଲ୍ଲାରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭକରି ରାଜନୈତିକ ସ୍ତରରେ ହଇଚଇ ସୃଷ୍ଟି ହୋଇଛି। ଆଜି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ କାଶୀନଗର ବ୍ଲକ ସାରା ଗ୍ରାମ ବଂଶଧାରା ନଦୀ ନିକଟରେ ପହଞ୍ଚି ସ୍ଥାନୀୟ ଲୋକ ତଥା ବଂଶଧାରା ସୁରକ୍ଷା ମଞ୍ଚ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଅଧିକାଂଶ ଲୋକ ଚାଷୀ ହୋଇଥିବାରୁ ସମସ୍ତେ ସଂକଳ୍ପ ନେଇ କହିଛନ୍ତି ଜୀବନ ଚାଲିଗଲେ ବି ଆନ୍ଧ୍ରକୁ ଇଞ୍ଚେ ଜମି ଦେବୁନାହିଁ। ବଂଶଧାରା ସୁରକ୍ଷା କମିଟି ପକ୍ଷରୁ କୁହାଯାଇଛି ଓଡ଼ିଶା ସରକାର ଉପର ମୁଣ୍ଡରେ ଯଦି ବନ୍ଧ



ନିର୍ମାଣ କରନ୍ତି ତାହେଲେ ଓଡ଼ିଶା ଚାଷୀଙ୍କ ବହୁ ସୁବିଧା ହେବ। ଯଦି ଆମ ଗୁହାରି ସରକାର ଶୁଣିବେ ନାହିଁ ଆମେ ନିଶ୍ଚିତ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ବଂଶଧାରା ସୁରକ୍ଷା କମିଟି ସଦସ୍ୟ ପ୍ରକାଶ କରିଛନ୍ତି। ଗତ ତିନି ଦଶନ୍ଧି ଧରି ଏହି ବିବାଦ ଲାଗି ରହିଥିବାବେଳେ ଇତି ମଧ୍ୟରେ ତିନି ଥର ସୁପ୍ରିମକୋର୍ଟର ଟ୍ରିବ୍ୟୁନାଲ୍ ଟିମ୍ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ଅନୁଧ୍ୟାନ କରି ଯାଇଛନ୍ତି। ତେବେ ଓଡ଼ିଶା ସରକାରଙ୍କ ତରଫରୁ ଯୁକ୍ତି ଦିଆଯାଇଥିଲା ଯଦି ଆନ୍ଧ୍ରର କାଟ୍ରାଗଡ଼ା ନିକଟ ନେରେଡ଼ି ବ୍ୟାରେଜ ନିର୍ମାଣ ହୁଏ ତେବେ ରାୟଗଡ଼ା ଜିଲ୍ଲାର ଗୁଣୁପୁର ସବ୍‌ଡିଭିଜନ ସହ କାଶୀନଗର ବ୍ଲକର ୭ ଗ୍ରାମ ସମ୍ପୂର୍ଣ୍ଣ ରୂପେ ବିସ୍ଥାପିତ ହେବ। ସେପଟେ ତଳି ଅଞ୍ଚଳରେ ଥିବା କାଶୀନଗର ବ୍ଲକ ସଦରମହକୁମା ଓ ଆଖପାଖ ସମସ୍ତ ଅଞ୍ଚଳରେ ସମ୍ପୂର୍ଣ୍ଣ ଜଳ ଅଭାବ ଦେଖାଦେବ। ଏଭଳିସ୍ଥଳେ ସୁପ୍ରିମକୋର୍ଟ ଆନ୍ଧ୍ର ସପକ୍ଷରେ ରାୟଦେଇଥିବା ଏବଂ ଏହି ରାୟକୁ ନେଇ କେନ୍ଦ୍ର ସରକାରଙ୍କ ଜଣେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ସୋସିଆଲ୍ ମିଡିଆରେ ଆସିଥିବା ଭିଡିଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସ୍ଥାନୀୟ ଅଞ୍ଚଳରେ ବର୍ତ୍ତମାନ ଏଭଳି ଭିଡିଓକୁ ନେଇ ଜୋରସୋରରେ ଚର୍ଚ୍ଚା ଓ ଅସନ୍ତୋଷ ଆରମ୍ଭ ହୋଇଛି।

କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀଙ୍କ ଭିଡିଓ ପ୍ରକାରେ, ବର୍ତ୍ତମାନ ସୁପ୍ରିମକୋର୍ଟ କାଟ୍ରାଗଡ଼ା ଫେଜ-୨ ବ୍ୟାରେଜ ନିର୍ମାଣ ଉପରେ ଆନ୍ଧ୍ର ସପକ୍ଷରେ ରାୟ ଦେଇଛନ୍ତି। ଯାହାକୁ କେନ୍ଦ୍ର ଜଳ ଆୟୋଗ ମଧ୍ୟ ଗ୍ରୀନ ସିଗ୍ନାଲ ଦେଇ ବ୍ୟାରେଜ ନିର୍ମାଣ ପାଇଁ ଅନୁମତି ମିଳିଛି। ବ୍ୟାରେଜରେ ସଂଗୃହୀତ ହେବାକୁ ଥିବା ୧୧୫ ଟିଏମ୍‌ସି ଜଳକୁ ୫୦ ପ୍ରତିଶତ ଜଳ ଆନ୍ଧ୍ର ବ୍ୟବହାର କରିବ ଓ ୫୦ ପ୍ରତିଶତ ଜଳ ଓଡ଼ିଶା ବିନିଯୋଗ ହେବ। ଏଭଳି ରାୟ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ଶିରୋନାମା ପାଲଟିଥିବା ବେଳେ ସ୍ଥାନୀୟ ଜଳସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କହିବା ହେଲା ବର୍ତ୍ତମାନ ପର୍ଯ୍ୟନ୍ତ କେନ୍ଦ୍ର ଜଳ ଆୟୋଗ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟ ତରଫରୁ ପ୍ରକାଶିତ ରାୟର କୌଣସି ତଥ୍ୟ ବିଭାଗର ହସ୍ତଗତ ହୋଇନାହିଁ।

# ଦୁର୍ଘଟଣାରେ ଜଳଖିଆ ଦୋକାନୀ ମୃତ, ସରପଞ୍ଚ ଗୁରୁତର

ଦଶରଥପୁର,୧୨।୪(ସମିସ)



ଯାଜପୁର-ମଙ୍ଗଳପୁର ୨୦ନଂ. ଜାତୀୟ ରାଜପଥ ଅଧୀନ ଦଶରଥପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଏକ ଦୁର୍ଘଟଣା ଘଟି ଜଣେ ଜଳଖିଆ ଦୋକାନୀଙ୍କର ମୃତ୍ୟୁ ହୋଇଥିବା ବେଳେ ଦଶରଥପୁର ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତର ସରପଞ୍ଚ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ମୃତ ଜଳଖିଆ ଦୋକାନୀ ଦଶରଥପୁର ଗ୍ରାମର ରଘୁନାଥ ନାୟକ(୬୧)ବୋଲି ଜଣାପଡିଛି। ଦଶରଥପୁର ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହିତ ଚାଳକକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ଆଜି ସକାଳ ପ୍ରାୟ ୮.୩୦ ସମୟରେ ଦଶରଥପୁର ତହସିଲ କାର୍ଯ୍ୟାଳୟ ନିକଟରେ ଜଳଖିଆ ଦୋକାନ କରିଥିବା ଦଶରଥପୁର ଗ୍ରାମର ରଘୁନାଥ ନାୟକ ଦୋକାନରୁ ସାଇକଲ ଚଳାଇ ଘରକୁ ଆସୁଥିବା ବେଳେ ଯାଜପୁର-ମଙ୍ଗଳପୁର ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ମଙ୍ଗଳପୁର ପାର୍ଶ୍ୱରୁ ଝୁମ୍ପୁରୀ ଆସୁଥିବା ଦଶରଥପୁର ପଟଣା ଅଞ୍ଚଳର ଦିଲ୍ଲୀପ ବେହେରାଙ୍କ କାର୍ (ଓଆର-୦୫-ଏଫ-୭୬୮୭) ରଘୁନାଥଙ୍କୁ ଧକ୍କା ଦେଇଥିଲା। ସେହିପରି କଟିଆରୁ ଝୁମ୍ପୁରୀ ବଜାର ବାଇକ୍‌ରେ ଆସୁଥିବା ଗୋପାଳପୁର ପଞ୍ଚାୟତ ସରପଞ୍ଚ ସେକ୍ ନାଦରଙ୍କ ବାଇକ୍‌କୁ ମଧ୍ୟ କାର୍‌ଟି ଖୁବ ଜୋରରେ ଧକ୍କା ଦେଇଥିଲା। ଉଭୟ ଜଳଖିଆ ଦୋକାନୀ ରଘୁନାଥ ଏବଂ ସରପଞ୍ଚ ସେକ୍ ନାଦର ରାସ୍ତାରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ରଘୁନାଥଙ୍କ ମୁଣ୍ଡ ଓ ନାକରୁ ପ୍ରବଳ ରକ୍ତସ୍ରାବ ହେବା ସହିତ ସରପଞ୍ଚ ସେକ ନାଦର ମଧ୍ୟ ଲହୁଲୁହାଣ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳରେ ଜଳଖିଆ ଦୋକାନୀ ରଘୁନାଥଙ୍କ ମୃତ୍ୟୁ ହୋଇଯାଇଥିଲା। ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସରପଞ୍ଚ ସେକ ନାଦରଙ୍କୁ ଡାକ୍ତର କଟକ ସ୍ଥାନାନ୍ତର କରିଥିଲେ। ଦୁର୍ଘଟଣା ଖବର ପାଇ ଦଶରଥପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇ ଫେରାର ହୋଇଥିବା କାରକୁ ଜବତ କରି ନିଜ ହେପାଜତକୁ ନେବା ସହିତ କାର୍ ଚାଳକ ଦିଲ୍ଲୀପ ବେହେରାଙ୍କୁ ଗିରଫ କରିଥଲା। ଦୁର୍ଘଟଣାରେ ରଘୁନାଥଙ୍କ ମୃତ୍ୟୁ ପରେ ତାଙ୍କ ଭାଇ ଅଚ୍ୟୁତାନନ୍ଦ ନାୟକ ଦଶରଥପୁର ଥାନାରେ କାର୍ ଚାଳକ ଦିଲ୍ଲୀପ ବେହେରାଙ୍କ ବିରୋଧରେ ଲିଖିତ ଅଭିଯୋଗ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିବା ପରେ ପୁଲିସ କେଶ ନଂ ୯୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାଯାଇଛି। ଅପରପକ୍ଷେ ରଘୁନାଥଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜେଡି ଜିଲ୍ଲା ସଭାପତି ସରୋଜ ମହାପାତ୍ର, ସମାଜସେବୀ ମୁକ୍ତିକାନ୍ତ ପଣ୍ଡାଙ୍କ ସମେତ ବ୍ଲକର ବହୁ ସରପଞ୍ଚ ଓ ସମିତିସଭ୍ୟ ଯାଜପୁର ଜିଲ୍ଲା ମେଡିକାଲରେ ପହଞ୍ଚି ମୃତ ରଘୁନାଥଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଗୁରୁତର ଭାବେ ଆହତ ହୋଇଥିବା ସରପଞ୍ଚ ସେକ୍ ନାଦରଙ୍କ ଚିକିତ୍ସାକୁ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ।

## ଘର ବାଡ଼ିରୁ ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି,୧୨।୪(ସମିସ): ପାଣିକୋଇଲି ଥାନା ଅଞ୍ଚଳରେ ଚୋରି ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏଠାରେ ଜିଲ୍ଲା ପୁଲିସ ମୁଖ୍ୟାଳୟ ଥାଇ ମଧ୍ୟ ଚୋରମାନେ ପୁଲିସକୁ ଖାତିର କରୁନାହାନ୍ତି। ରାଜପଥ ଠାରୁ ଆରମ୍ଭ କରି ହାଟ ବଜାର ଓ ଗ୍ରାମାଞ୍ଚଳ ସବୁଠି ଚୋରି ବୃଦ୍ଧି ପାଇବାରେ ଲାଗିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମରେ ଘର ହତା ବାଡ଼ି ମଧ୍ୟରେ ଥିବା ବାଇକକୁ କେହି ଦୃର୍ବୃତ୍ତ ଚୋରି କରି ନେବା ନେଇଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ମାମଲା ୧୨୨/୨୬ ରୁଜୁ କରି ତଦନ୍ତ କରୁଛି। ପ୍ରକାଶଯେ ଅଭିଯୋଗ ମୁତାବକ ଜହ୍ନା ଗ୍ରାମର ପ୍ରଫୁଲ୍ଲ କୁମାର ବିଶ୍ୱାଳ ଜହ୍ନା ଖେଳପଡିଆ ନିକଟସ୍ଥ ତାଙ୍କ ବାଇକ ଘର ନିକଟରେ ସବୁଦିନ ପରି ରଖି ରାତିରେ ଶୋଇଥିଲେ। ସକାଳୁ ଦେଖିବା ବେଳେକୁ ତାଙ୍କ ବାଇକ୍ (ଓଡି୦୪କେ ୭୨୦୩)ଟି କେହି ଦୃର୍ବୃତ୍ତ ଚୋରି କରିନେଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଟମକା ପାର୍କରେ ବିଜେଡି ସାଂଗଠନିକ ବୈଠକ




ଦାନଗଦି,୧୨।୪(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତର ଉପର ଟମକା ପାର୍କ ଠାରେ ବିଜୁ ଜନତା ଦଳର ଯୁବ ନେତୃତ୍ୱ ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରତି ୱାର୍ଡରେ ଦଳକୁ ସଂଗଠିତ କରି ଶାସକ ଦଳର ବିଫଳତାକୁ ଜନସାଧାରଣଙ୍କ ପାଖରେ ପହଞ୍ଚି ସଚେତନ କରିବାକୁ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜେଡିର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତୀରଞ୍ଜନ ଘଡ଼ାଇଙ୍କ ହାତମୁଠାକୁ ଟାଣ କରିବାକୁ ଆଜିର ବୈଠକରେ ଉପସ୍ଥିତ ଯୁବକମାନେ ସଂକଳ୍ପ ନେଇଥିଲେ। ଏହି ସାଂଗଠନିକ ବୈଠକରେ ବ୍ଲକର ସଭାପତି ଗୋପାଳଚନ୍ଦ୍ର ବାରିକ, ଯୁବ ସଭାପତି ଜୟପ୍ରକାଶ ସାହୁ, ୮ନଂ. ଜୋନର ଯୁବ ସଭାପତି ଅଜୟ ଜେନା ପଞ୍ଚାୟତର ବରିଷ୍ଠ ନେତା ବିକ୍ରମ ମହାରଣା ନାଏବ ସରପଞ୍ଚ ବାଞ୍ଛାନିଧି ସାହୁ ଦେଉଳକଣ ଯୁବ ସଭାପତି ଶୁକଦେବ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ପଞ୍ଚାୟତର ଯୁବ ସଭାପତି ଦିଲ୍ଲୀପ କୁମାର ରାଉତ ସାଧାରଣ ସଂପାଦକ ଅଜୟ ଦାସ, ମନୋଜ ମହାନ୍ତ, ଲଛମନ ହେମ୍ବ୍ରମ୍, ପ୍ରମୋଦ ମହାନ୍ତ, ପରମାନନ୍ଦ ମହାନ୍ତ ସହଯୋଗ କରିଥିଲା ବେଳେ ପଞ୍ଚାୟତର ଶତାଧିକ ଯୁବକ ଉପସ୍ଥିତ ଥିଲେ।

## ଗାଁ ମଝିରେ ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟ ଓ ଗଛ

ଯଖପୁରା,୧୨।୪(ସମିସ): ଡୁବୁରୀ ବିଦ୍ୟୁତ ବିଭାଗ ଅଧୀନସ୍ଥ ପଙ୍କପାଳ ପଞ୍ଚାୟତ ପଙ୍କପାଳ ଗ୍ରାମରେ ଦୀର୍ଘ ଦିନ ଧରି ବିପଦପୂର୍ଣ୍ଣ ଅବସ୍ଥାରେ ଢଳି ରହିଥିବା ବିଦ୍ୟୁତ ଖୁଣ୍ଟକୁ ଗ୍ରାମବାସୀ ଉଠାଇବାକୁ ଦାବି କରିଛନ୍ତି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏଯାଏଁ ବିଦ୍ୟୁତ ବିଭାଗ ଏହାକୁ ଗୁରୁତ୍ୱ ନଦେଇ କୌଣସି ବ୍ୟବସ୍ଥା କରୁନାହିଁ। ଯେବେଠୁ ଟାଟା ପାୱାର ହାତକୁ ବିଦ୍ୟୁତ ବିଭାଗ ଯାଇଛି, ସେବେଠୁ ଟାଟା ପାୱାର ମନମୁଖୀ କାର୍ଯ୍ୟ କରୁଥିବାର ଅଭିଯୋଗ ଆସୁଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି କି ପ୍ରତିମାସ ଯେପରି ବିଦ୍ୟୁତ ବିଲ୍ ଆଦାୟ ପାଇଁ ଠିକ୍ ସମୟରେ ପହଞ୍ଚିଯାଉଛନ୍ତି, ସେହିପରି ବାରମ୍ବାର ଅଭିଯୋଗ ପରେ କାହିଁକି ବିଦ୍ୟୁତ ବିଭାଗ ସମସ୍ୟାର ସମାଧାନ କରୁନାହିଁ। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଯାନବାହନ ସହ ଗ୍ରାମବାସୀ ଯିବା ଆସିବା କରିଥାନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଗାଡି ସବୁ ଯିବା ଆସିବା କରୁଥିବାରୁ ଅଘଟଣ ଘଟିବାର ବହୁ ସମ୍ଭାବନା ରହିଛି। ଏହି ଖୁଣ୍ଟକୁ ଲାଗିରହିଥିବା ଏକ ଗଛ ମଧ୍ୟ ସେହିପରି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି।



ତେଣୁ ବିଦ୍ୟୁତ ବିଭାଗ ତୁରନ୍ତ ଢଳି ରହିଥିବା ବିଦ୍ୟୁତ ଖୁଣ୍ଟକୁ ହଟାଇ ନୂତନ ଖୁଣ୍ଟର ବ୍ୟବସ୍ଥା କରିବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଗଛକୁ ମଧ୍ୟ ହଟାଇବା ର ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ନକରାଗଲେ ଆଗକୁ ବିଦ୍ୟୁତ ବିଭାଗ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଜଣାଇଛନ୍ତି।

## ଝାଡ଼ାବାନ୍ତିରେ ଯୁବକ ମୃତ ଅଭିଯୋଗ

କବାଟବନ୍ଧ,୧୨।୪(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ବିଭିନ୍ନ ଗ୍ରାମରେ ଏବେ ଝାଡ଼ା ବାନ୍ତିରେ ଲୋକମାନେ ଆକ୍ରାନ୍ତ ହେଉଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ରୋଗୀ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେବା ସହିତ ଆରୋଗ୍ୟ ମଧ୍ୟ ଲାଭ କରିଛନ୍ତି ଏବଂ ୨ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇଛି। ଗୁରୁବାର ଅଞ୍ଜିରା ପଞ୍ଚାୟତ ବାଉଁଶଡୋଳ ଗ୍ରାମରେ ଜଣେ ଯୁବକଙ୍କ ଝାଡ଼ା ବାନ୍ତିରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ପୁନର୍ବାର ରବିବାର ଏହି ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ଜଣେ ଯୁବକଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ବୀରକିଶୋର ସାହୁଙ୍କ ପୁଅ ବିପିନ କୁମାର ସାହୁ(୩୮) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ବିପିନ ଶୁକ୍ରବାର ସାମାନ୍ୟ ଅସୁସ୍ଥ ଅନୁଭବ କରି ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକେ



ତାଙ୍କୁ ଚିକିତ୍ସା ପାଇଁ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେବା ପରେ ସୁସ୍ଥ ହେବାରୁ ଘରକୁ ଫେରିଥିଲେ। ରବିବାର ଭୋର ସମୟରେ ସେ ହଠାତ ଅସୁସ୍ଥ ହୋଇ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ପରିବାର ଲୋକେ ତୁରନ୍ତ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ସପ୍ତାହ ମଧ୍ୟରେ ଅଞ୍ଜିରା ପଞ୍ଚାୟତର ବାଉଁଶଡୋଳ ଏବଂ ରାଇଛନ୍ଦା ପଞ୍ଚାୟତର ବାରକଣା ପାଖାପାଖି ରହିଥିବା ଏହି ଦୁଇ ପଞ୍ଚାୟତର ଦୁଇ ଯୁବକଙ୍କ ଏଭଳି ଝାଡ଼ା ବାନ୍ତିରେ ମୃତ୍ୟୁ ହେବାକୁ ନେଇ ଲୋକମାନେ ଭୟ ଅନୁଭବ କରୁଛନ୍ତି। ତେବେ ବିପିନଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ। ଏହା ସହିତ ରବିବାର ସକାଳେ ଏହି ବାରକଣା ଗ୍ରାମରେ ଜଣେ ମହିଳା ମଧ୍ୟ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇ ଧର୍ମଶାଳା ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ତେବେ ସେଠାରେ ଚିକିତ୍ସା ପରେ ସେ ଘରକୁ ସୁସ୍ଥ ହୋଇ ଫେରିଥିବା ମହିଳାଙ୍କ ସ୍ୱାମୀ ମାନସ ସାହୁ ପ୍ରକାଶ କରିଛନ୍ତି। ଉକ୍ତ ଗ୍ରାମରେ ଦୁଇ ଜଣ ଝାଡ଼ା ବାନ୍ତି ହେବା ଜଣାପଡ଼ିବା ପରେ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମେଡ଼ିକାଲ ଅଫିସର ଡାକ୍ତର ନିହାର ରଞ୍ଜନ କର ଉକ୍ତ ଗ୍ରାମକୁ ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀଙ୍କୁ ପଠାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଡାକ୍ତର କରଙ୍କୁ ପଚାରିବାରୁ ମୃତ୍ୟୁର କାରଣ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ।

## ଶଶୁର ଘର ଆଗରେ ବୋହୂର ଧାରଣା

ବାସୁଦେବପୁର,୧୨।୪(ସମିସ): ବୋହୂର ମାନ୍ୟତା ଦାବି କରି ବାସୁଦେବପୁର ବ୍ଲକ୍ ବାଲିମୁଣ୍ଡା ପଞ୍ଚାୟତର ଗୋଚରସାହିରେ ଶଶୁର ଘର ଆଗରେ ଧାରଣା ଦେଇଛନ୍ତି ସସ୍ମିତା ନାମକ ଜନୈକା ମହିଳା। ଖବର ପାଇ ନାୟକାଣୀଡିହି ପୁଲିସ ଘଟଣାସ୍ଥଳର ପହଞ୍ଚି ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ବାଲିମୁଣ୍ଡା ଗୋଚରସାହିର ସୁଧାଂଶୁ ଜେନାଙ୍କ ପୁଅ ଗୌରବ ଜେନା କରଣପଲ୍ଲୀ ଗ୍ରାମର ବିମଳ ଗିରିଙ୍କ କନ୍ୟା ସସ୍ମିତାଙ୍କୁ ବୈଦିକ ରୀତିରେ ୨୦୧୭ ମସିହାରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ପରିବାର ମଧ୍ୟରେ ଅଶାନ୍ତି ଦେଖାଦେବାରୁ ମଧ୍ୟସ୍ଥିଙ୍କ ମାଧ୍ୟମରେ



### ଘଟଣାସ୍ଥଳରେ ପହଞ୍ଚିଲା ପୁଲିସ

ଆପୋଷ ସମାଧାନ ହୋଇଥିଲା। ଶାଶୂ ଓ ଶଶୁର ବୋହୂକୁ ନିର୍ଯାତନା ଦେଇ ଆସୁଥିଲେ ବୋଲି ଥାନାରେ ଲିଖିତ ଅଭିଯୋଗ କରି ସସ୍ମିତା ବାପ ଘରେ ରହୁଥିଲେ। ପତି ଓ ପତ୍ନୀଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲେ ମଧ୍ୟ ଶାଶୂ ଓ ଶଶୁର ପ୍ରତିବନ୍ଧକ ସାଜିଥିଲେ। ବୋହୂ ସସ୍ମିତା ଫାମିଲି କୋର୍ଟରେ କେସ୍ କରିଥିଲେ। କୋର୍ଟରେ କେସ୍ ଚାଲିଥିବାବେଳେ ପତି ଓ ପତ୍ନୀଙ୍କର ଛାଡ଼ପତ୍ର ହୋଇନାହିଁ। ଏହି ସମୟରେ ଗୌରବ ସିଲିଗୁଡ଼ିର ଫାଲକାଡା ଗ୍ରାମର ମମତା ରାୟ ନାମକ ଯୁବତୀଙ୍କୁ ପ୍ରେମ ବିବାହ କରିଛନ୍ତି। ତାଙ୍କଠାରୁ ଜନ୍ମ ନେଇଥିବା ଶିଶୁ ପୁତ୍ରକୁ ୪ ବର୍ଷ ବୟସ ହେଲାଣି। ଏନେଇ ରବିବାର ଉହଡହ ମୁଣ୍ଡଫଟା ଖରା ଲାଗି ରହିଥିବାବେଳେ ସସ୍ମିତା ଶଶୁର ଘରକୁ ଆସି ରହିବାକୁ ଭିତରକୁ ଯାଇଥିଲେ। ଘରେ ଥିବା ଶାଶୂ ଓ ସଉତୁଣୀ ତାଙ୍କୁ ଘରୁ ବାହାର କରି ଦେଇଥିଲେ। ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶଶୁର ଘରେ ରହିବାକୁ ଜିଦ୍ ଧରି ସସ୍ମିତା ଘର ଆଗରେ ବସି ରହିଥିଲେ। ଖବର ପାଇ ନାୟକାଣୀଡିହି ପୁଲିସ ଘଟଣାସ୍ଥଳର ପହଞ୍ଚି ଉଭୟଙ୍କୁ ଡାକି ପଚରାଉଚରା କରିଥିଲେ। ଗୌରବଙ୍କର ଦ୍ୱିତୀୟ ପତ୍ନୀ ମମତା ସବୁ ଜାଣି ଗୌରବଙ୍କୁ ବିବାହ କରିଛନ୍ତି ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଜଣେ ପୁରୁଷ ତାଙ୍କର ପ୍ରଥମ ପତ୍ନୀଙ୍କୁ ବିବାହ କରି ମନାନ୍ତର ପରେ ଫାମିଲି କୋର୍ଟରେ କେସ୍ ବିଚାରାଧୀନ ରହିଛି। ବିବାହିତ ପୁରୁଷ ଜଣକ ଛାଡ଼ପତ୍ର ନ ଦେଇ ଦ୍ୱିତୀୟ ବିବାହ କରିବା ଏକ ଭୟଙ୍କର ଅପରାଧ ବୋଲି ପୁଲିସ କହିଥିଲେ। ଗୌରବଙ୍କୁ ପୁଲିସ ଡକାଇଥିବାବେଳେ ଗୌରବ ପୁଲିସ ଭୟରେ ଲୁଚି ଯାଇଥିଲେ। ଘଟଣାସ୍ଥଳରେ ଦୁଇ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଲାଗିଥିଲା। କୌଣସି ସମାଧାନ ନ ବାହାରିବାରୁ ଶେଷରେ ପୁଲିସ ଦୁଇ ପକ୍ଷଙ୍କୁ ଥାନାକୁ ଡକାଇଛନ୍ତି।

## କିନ୍ନର ବେଶ ହୋଇ ଚୋରି କରୁଥିଲେ ଯୁବକ

**● ଧରାପଡ଼ିବାରୁ ରାସ୍ତା ସଫା କରାଇଲେ ଗାଁ ଲୋକେ**

ଭଦ୍ରକ,୧୨।୪(ସମିସ): ଦିନରେ ପୁଅ ପୋଷାକ ଆଉ ରାତି ହେଲେ ପିନ୍ଧୁଥିଲେ ଝିଅ ପୋଷାକ। ଛଦ୍ମବେଶରେ କିନ୍ନର ହୋଇ ଚୋରି କରିବା ସହିତ ଲୋକଙ୍କଠାରୁ ମୋବାଇଲ୍ ସହିତ ଟଙ୍କା ନେଇଯାଇଥିଲେ। ଘୋଡ଼େଇ ହୋଇ ଶୋଇଥିବା ଚାଦରକୁ ମନ୍ଦ ଉଦ୍ଦେଶ୍ୟରେ ଟେକିଲା ବେଳକୁ ବିଚିତ୍ରଙ୍କ ନିଦ ଭାଙ୍ଗିବାରୁ ଦଉଡ଼ି



ହାତ ପତାଇ ଭିକ୍ଷାବୃତ୍ତି ମଧ୍ୟ କରୁଥିଲେ। ଶେଷରେ ଧରାପଡ଼ି ଟ୍ରାକ୍ଟର ଗାଡ଼ିରେ ବାଲି ଲୋଡ୍ କରିବା ସହ ରାସ୍ତା ସଫେଇ ପାଇଁ କୋଦାଳ ଧରାଇଲେ ଗାଁ ଲୋକେ। ପରେ ଥାନାକୁ ଖବର ଦେଇ ପୁଲିସ ଜିମା ଦେଇଥିଲେ। ଏମିତି ଏକ ଦୃଶ୍ୟ ଦେଖିବାକୁ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଞ୍ଚଳରେ। ସୂଚନା ଅନୁଯାୟୀ, ଉତ୍ତୁକୁଡ଼ା ପଞ୍ଚାୟତ ବୁରୁଜାଲ ଗାଁର ବିଚିତ୍ର ରାଉଳ ନାମକ ଯୁବକ ବେଙ୍ଗାଲୁରୁ ଯିବା ପାଇଁ ଘରୁ ବାହାରି ଭଦ୍ରକ ଷ୍ଟେସନରେ ଟ୍ରେନ୍‌କୁ ଅପେକ୍ଷା କରି ଶୋଇଥିଲେ। ରାତି ୧୧ଟା ବେଳେ ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକ୍ ଅଧୀନସ୍ଥ ବଡ଼ବର୍ଚ୍ଛି କଇଁଆ ପଞ୍ଚାୟତ ଅଧୀନସ୍ଥ ବିଶଲପଟା ଗାଁର ନିରଞ୍ଜନ ମହାନ୍ତିଙ୍କ ପୁଅ ମାନସ ମହାନ୍ତି ନିଜର ରୂପ ବଦଳାଇ କିନ୍ନର ବେଶରେ ଭଦ୍ରକ ଷ୍ଟେସନ ନିକଟରେ ଶୋଇଥିବା ଅବସ୍ଥାରେ ବିଚିତ୍ରଙ୍କଠାରୁ ପଳାଇଥିଲେ ଉକ୍ତ ଯୁବକ। ଗୋଡ଼ାଇ ଗୋଡ଼ାଇ ଷ୍ଟେସନରୁ ଧରି ଘଟଣାରେ ପୁଲିସକୁ ଜିମା ଦେଇଥିଲେ। ପରେ ପୁଲିସ ଛାଡ଼ିବା ପରେ ସେ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଚୋରି କରୁଥିବା ଯୁବକଙ୍କୁ ଭଦ୍ରକରୁ ଚାନ୍ଦବାଲି ଆଣି ଉଗ୍ରତାରା ବଜାରରେ ରଖିଥିଲେ। ମୋବାଇଲ୍ ଓ ଟଙ୍କା ଚୋରି ହେବାରୁ ବିଚିତ୍ର ବେଙ୍ଗାଲୁରୁ ନ ଯାଇ ଘରକୁ ଫେରି ଆସିଥିଲେ। ଚୋରଟି ନ ମାନିବାରୁ ରାସ୍ତା ସଫା କାମରେ ଲଗାଇ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ୧୧୨ ପୁଲିସ ଭ୍ୟାନ୍ ପହଞ୍ଚି ଚୋରି କରିବା ଅଭିଯୋଗରେ ଚାନ୍ଦବାଲି ଥାନାକୁ ଛଦ୍ମବେଶୀ ଯୁବକକୁ ନେଇଯାଇଥିଲେ। ପୁଲିସ ପକ୍ଷରୁ ତଦନ୍ତ ଚାଲିଛି। ଏହି ଘଟଣାରେ ଅନ୍ୟମାନେ ସମ୍ପୃକ୍ତ ଥାଇ ଚୋରି କରୁଥିବା ଦୃଷ୍ଟିରୁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ବାଲି ଉତ୍ତୋଳନକୁ ବିରୋଧ କରିବାରୁ ଛୁରାମାଡ଼

ଜଳେଶ୍ୱର ବ୍ଲକ୍,୧୨।୪(ସମିସ): ବେଆଇନ ବାଲି ଉତ୍ତୋଳନକୁ ବିରୋଧ କରିବାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଆହତଙ୍କ ପତ୍ନୀ ୧୨ ଜଣଙ୍କ ନାମରେ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗତ ଶୁକ୍ରବାର ସନ୍ଧ୍ୟାରେ ଜଳେଶ୍ୱର ଥାନା ସେଖସରାଇ ଗ୍ରାମର ହରିପଦ ମାନ୍ନାଙ୍କୁ ଦୁଇଜଣ ଯୁବକ ଭୁଜାଲିରେ ହାଣି ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲରେ ଜୀବନ ମରଣ ସହିତ ସଂଗ୍ରାମ କରୁଛନ୍ତି। ତେବେ ବେଆଇନ ବାଲି ଉତ୍ତୋଳନକୁ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରା ଯାଇଥିବା ନେଇ ଜଳେଶ୍ୱର ଥାନାରେ ତାଙ୍କ ସ୍ତ୍ରୀ ଅର୍ଚ୍ଚନା ମାନ୍ନା ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ବାଲି ମାଫିଆ ଚନ୍ଦନ ବାସ୍କେ, ତାଙ୍କ ଭାଇ ତଥା ବାହାନଗା ଆର୍‌ଆଇ ସାଗର ବାସ୍କେ, ଭରତ ବାସ୍କେ, ଅଭିଷେକ



ଦେ, ସୁବୋଧ ବେହେରା, ସରୋଜ ସାହୁ, ଅଶୋକ ପଲେଇଙ୍କ ସମେତ ୧୨ ଜଣଙ୍କ ନାମରେ ଅଭିଯୋଗ ହୋଇଛି। ସୁବର୍ଣ୍ଣରେଖା ନଦୀର ମହମ୍ମଦ ନଗର ପାଟଣା ନିକଟରେ ବେଲପାଳ, ସେଖସରାଇ ବାଲି ଘାଟରୁ ବେଆଇନ ଭାବରେ ବାଲି ଉତ୍ତୋଳନ ଯୋଗୁଁ ଆଖପାଖ ଅଞ୍ଚଳରେ ପରିବେଶ ସମସ୍ୟା ସୃଷ୍ଟି ହେଉଛି, ଏହା ସହିତ ବେଧଡକ ଭାବରେ ବାଲି ଉତ୍ତୋଳନ ଯୋଗୁଁ ନଦୀ କୂଳ ଖାଉଥିବାରୁ ନଦୀ କୂଳିଆ ଗାଁ ମାନଙ୍କ ପ୍ରତି ବିପଦ ବଢୁଛି ବୋଲି ଅଭିଯୋଗ ହେଉଛି। ଏ ନେଇ ହରିପଦ ଏନ୍‌ଜିଟି ନିକଟରେ ଅଭିଯୋଗ କରିଥିଲେ। ଗତ ୭ ତାରିଖ ଦିନ ରାଜ୍ୟ ଖଣି ନିର୍ଦ୍ଦେଶକ କାହ୍ନୁ ଚରଣ ଧୀର, ଯୁଗ୍ମ ନିର୍ଦ୍ଦେଶକ ସୁଶାନ୍ତ କୁମାର ପତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ତଦାରଖ କରିବା ସହିତ ବେଆଇନ ଭାବରେ ଗଚ୍ଛିତ ଥିବା ବାଲିକୁ ଜବତ କରିଥିଲେ। ଯାହାର ପରିଣାମସ୍ୱରୂପ ଏଭଳି ଆକ୍ରମଣ ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ହରିପଦ ମାନ୍ନାଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ମଦନ ମୋହନ ସାହୁଙ୍କୁ ପୁଲିସ ଗିରଫ କରିଥିବା ବେଳେ ଅନ୍ୟ ସମସ୍ତ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି।

## ୯ ବାଲି ବୋଝେଇ ହାଇୱା ଜବତ

ବନ୍ତ/ଆଗରପଡ଼ା,୧୨।୪(ସମିସ): ବାଲି ଚାଲାଣ ପାଇଁ ଭୂସ୍ୱର୍ଗ ପାଲଟିଥିବା ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥ ଆପଣ୍ଡା ଛକଠାରେ ପୁଲିସ ଅତର୍କିତ ଚଢ଼ଉ କରି ୯ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଥିବାର ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁଯାୟୀ, ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଗଠନ ହୋଇଥିବା ଟିମ୍ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା। ଦୈନନ୍ଦିନ ଗାଡ଼ିଗୁଡ଼ିକ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡିହୀ ତହସିଲ୍ ଅଧୀନ ବୈତରଣୀ ନଦୀ ଘାଟରୁ ବାଲି ପରିବହନ କରୁଥିବାର ଜଣାପଡ଼ିଛି। ବାଲି ପରିବହନ ପାଇଁ କୌଣସି କାଗଜପତ୍ର ଗାଡ଼ି ଚାଳକମାନେ ଦେଖାଇ ନ ପାରିବାରୁ ଗାଡ଼ିଗୁଡ଼ିକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି। ଏନେଇ ବନ୍ତ ଥାନାରେ ୧୨୯/୨୬ରେ ଏକ ମାମଲା ରୁଜୁ ହୋଇଛି। ଜବତ ବାଲି ବୋଝେଇ ହାଇୱାଗୁଡ଼ିକୁ ପୁଲିସ ଥାନା ନିକଟରେ ରଖିବା ସହ ଚାଳକମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିବାର ସୂଚନା ମିଳିଛି।

## ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା

ବାରିକପୁର,୧୨।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ କଲ୍ୟାଣପୁରଠାରେ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ପୂଜକ ଲକ୍ଷ୍ମୀଧର ପାଣିଗ୍ରାହୀ ଓ ପ୍ରଶାନ୍ତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଗତ ଶନିବାର ଅଙ୍କୁରାରୋପଣ ଓ ଶୁଭାଧିବାସ ହେବା ପରେ ରବିବାର ବୈତରଣୀ ନଦୀରୁ କଳସ ଶୋଭାଯାତ୍ରା ଆସି ପୀଠରେ ପହଞ୍ଚିଥିଲା। ଘଟ ସ୍ଥାପନ ସହିତ ବୈଦିକ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ସଂକଳ୍ପ କର୍ତ୍ତା ଭାବେ ସମାଜସେବୀ ଅଜୟ ରାଉତ ଓ ସୋନାଲି ରାଉତ ଦାୟିତ୍ୱ ନିର୍ବାହ କରିଛନ୍ତି। ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ପୂଜା ଉତ୍ସବ ଓ ହୋମଯଜ୍ଞରେ ଯୋଗଦେଇଛନ୍ତି।

## ଅଞ୍ଚଳର ପ୍ରଥମ ଲୋକୋ ପାଇଲଟ ପତ୍ନୀଙ୍କ ପରଲୋକ

ବନ୍ତ/ଆଗରପଡ଼ା,୧୨।୪(ସମିସ): ଆଗରପଡ଼ା ବିଟିପୁର ଗ୍ରାମର ଧର୍ମପରାୟଣା ମହିଳା ପାର୍ବତୀ ସିଂହ (୮୪)ଙ୍କର ପରଲୋକ ଘଟିଛି। ସେ ଆଗରପଡ଼ା ଅଞ୍ଚଳର ପ୍ରଥମ ଲୋକୋ ପାଇଲଟ ରାମପ୍ରସାଦ ସିଂହଙ୍କ ଧର୍ମପତ୍ନୀ ଅଟନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର ଜୟଦେବ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଣୟ, ଶିକ୍ଷକ ଯଶୋବନ୍ତଙ୍କ ସମେତ ଅନ୍ୟାନ୍ୟ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ପୂର୍ବତନ ସରପଞ୍ଚ ସତ୍ୟବାନ ଦାସ, ଭାନୁମତୀ ଜେନା, ରବିନାରାୟଣ ମହାନ୍ତି, କଂଗ୍ରେସ ନେତା କାର୍ତ୍ତିକ ଜେନା, ଶିକ୍ଷକ ସଂଘ ବ୍ଲକ୍ ସମ୍ପାଦକ ଜଗନ୍ନାଥ ମଲ୍ଲିକ, ନିରଞ୍ଜନ ରାଉତ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



# ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନ୍ ଗଡ଼ ଭାଙ୍ଗିବା ଆରମ୍ଭ

ଯାଜପୁର,୧୨।୪(ସମିସ)



ଯାଜପୁର ମାଟିରୁ ଉତ୍ତର ଓଡ଼ିଶାରେ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେଇଥିବା ଟିପିଏନ୍‌ଓଡିଏଲ୍‌ରେ ଏକଦା ବିଦ୍ୟୁତ ଶ୍ରମିକମାନଙ୍କ ଦ୍ୱାରା ଆଦୃତ ଏକ ବଳିଷ୍ଠ ସଂଗଠନ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନ ତାରାକାନ୍ତ ପଟ୍ଟନାୟକଙ୍କ ବିୟୋଗ ପରେ ଏକରକମ ସ୍ଥାଣୁ ପାଲଟି ଯାଇଥିଲା। ସଠିକ ନେତୃତ୍ୱ ଓ ପରିଚାଳନା ଗତ ଅବ୍ୟବସ୍ଥା ଅଭାବରୁ କର୍ମଚାରୀଙ୍କ ସମସ୍ୟା ଦିନକୁ ଦିନ ସମାଧାନ ନ ହୋଇ ପଡିରହିବା। ବାଲେଶ୍ୱରରେ ଥିବା ନେତୃତ୍ୱ ଓ ଭୁବନେଶ୍ୱରରେ ଥିବା ଫେଡେରେସନର ନେତୃବୃନ୍ଦଙ୍କ ବାରମ୍ବାର ଅବହେଳାରେ ଅତିଷ୍ଠ ହୋଇ ଆଜି ପାଞ୍ଚଶହରୁ ଅଧିକ ବିଦ୍ୟୁତ ଶ୍ରମିକ ଯେଉଁଥିରେ ୫୦ ଜଣ ରେଗୁଲାର କର୍ମଚାରୀ ଓ ୬୫୦ ଠିକା କର୍ମଚାରୀ ପାୱାର ଏମ୍ପ୍ଲୋଇଜ ୟୁନିଅନରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେମାନେ ଶ୍ରୀକାନ୍ତ ବେହୁରିଆ ଓ ସୁରେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଙ୍ଘର ସଦସ୍ୟତା ଗ୍ରହଣ କରିଛନ୍ତି। ଏ ନେଇ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅମର କୁମର ପ୍ରତାପ ସିଂ, ଉପସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକ, ଯୋନାଲ ସମ୍ପାଦକ ହରିଶ ଚନ୍ଦ୍ର ଦାସ, ବଟକୃଷ୍ଣ ଜେନା, ପ୍ରଦୀପ କୁମାର ଦାସ, ନିଗମାନନ୍ଦ ରାଉତ, ଭଦ୍ରକର ପ୍ରିୟବ୍ରତ, ବିପ୍ଲବ କେଶରୀ ସାମନ୍ତରାଏ, ବିଜୟ ଭୁଜବଳ, କେନ୍ଦ୍ରୀୟ ଯୁଗ୍ମ ସମ୍ପାଦକ ଦେବାଶିଷ ପ୍ରଧାନ, ଯାଜପୁର ଟାଉନର ଅଭୟ କୁମାର ପଣ୍ଡା, ଭାବନୀ ଶଙ୍କର ଜେନା, ନିତ୍ୟାସୁନ୍ଦର ମହାନ୍ତି, ବିଭୁ ପ୍ରସାଦ ପଣ୍ଡା, ଅମିରୁଦ୍ଦିନ ଖାନ, ପ୍ରଭାତ କୁମାର ଶହ, ଶୁଭେନ୍ଦୁ କୁମାର ମହାନ୍ତି, ବାଦଲ କୁମାର ସାମଲ, ହେମନ୍ତ ନାୟକ, ପ୍ରଭାକର ମଳିକ, ଝୁମର ମଳିକ, ଗୋକୁଳାନନ୍ଦ ମହାପାତ୍ର, ସୁବ୍ରତ କୁମାର ନାୟକ ପ୍ରମୁଖ ମହାମିଶ୍ରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆଜିର ସଭାରେ ସୁରେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ଯାଜପୁର ଟାଉନ ପାଇଁ ଶ୍ରୀକାନ୍ତ କୁମାର ବେହୁରିଆଙ୍କୁ ନୂତନ ଡିଭିଜନ ସମ୍ପାଦକ, ଭବାନୀ ଶଙ୍କର ଜେନାଙ୍କୁ ଯାଜପୁର ସର୍କଲ ସହ ସଂଗଠନ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସୁରେନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ସଂଗଠନର ଉତ୍ତରାଞ୍ଚଳ ଶାଖାର ଉପସଭାପତି ଭାବେ ଚୟନ କରାଯାଇଥିଲା। ପ୍ରିୟବ୍ରତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଡ଼ ସମ୍ମିଳନୀ କକ୍ଷ ପାଇଁ ମୁଣ୍ଡ ପୂରାଉନି ପ୍ରଶାସନ

ବଲାଙ୍ଗିର, ୧୨।୪(ସମିସ)

- ବୈଠକ ପାଇଁ ବନ ବିଭାଗ ସମ୍ମିଳନୀ କକ୍ଷ ଭରସା
- କାର୍ଯ୍ୟକ୍ରମ ପାଇଁ ମେଡିକାଲ କଲେଜ ପ୍ରେକ୍ଷାଳୟ
- ଜିଲ୍ଲାସ୍ତରୀୟ ସମୀକ୍ଷା ଓ ଅନ୍ୟ ବୈଠକ ପାଇଁ ବଡ଼ ସମ୍ମିଳନୀ କକ୍ଷ ନାହିଁ
- ସରୁନି ପ୍ରେକ୍ଷାଳୟ କାମ, ନଷ୍ଟ ହେଉଛି ଟାଉନ ହଲ୍
- ବିକାଶର ନକ୍ସା ତିଆରି କରୁଛନ୍ତି; ହେଲେ ବୈଠକ ପାଇଁ ସମ୍ମିଳନୀ କକ୍ଷ ହୋଇପାରୁନି

ବଲାଙ୍ଗିରରେ କୌଣସି ସଭାସମିତି, କାର୍ଯ୍ୟକ୍ରମ ପାଇଁ ପ୍ରଶାସନକୁ ସମ୍ମିଳନୀ କକ୍ଷ ଓ ପ୍ରେକ୍ଷାଳୟ ସମସ୍ୟା ରହୁଛି। ଜିଲ୍ଲାସ୍ତରୀୟ ବୈଠକ ପାଇଁ ଡିଏଫଓ ସମ୍ମିଳନୀ କକ୍ଷ ଭରସା ଥିବା ବେଳେ ଯେକୌଣସି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମେଡିକାଲ କଲେଜ ପ୍ରେକ୍ଷାଳୟକୁ ଖୋଜିବାକୁ ପଡୁଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବୈଠକ, ଦିଶା ବୈଠକ, ସମୀକ୍ଷା ବୈଠକ ସହ ଅନ୍ୟ ଜିଲ୍ଲାସ୍ତରୀୟ ବୈଠକ ପାଇଁ ବିଭିନ୍ନ ସମୟରେ ସମସ୍ୟା ଦେଖାଦେଉଛି। ବୈଠକ କରିବା ପାଇଁ ସ୍ଥାନ ଖୋଜିବାକୁ ପଡୁଛି। କେତେବେଳେ ବୈଠକରେ ଯୋଗଦେବା ପାଇଁ ଆସୁଥିବା ନେତାଙ୍କ ସମସ୍ୟା ତ ପୁଣି କେତେବେଳେ ବୈଠକ ପାଇଁ ଜାଗା ସମସ୍ୟା ଏବେ ଜିଲ୍ଲା ପ୍ରଶାସନ ପାଇଁ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି।

ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ହେଉଛି ବଲାଙ୍ଗିର। ସବୁବେଳେ ଫୋକସରେ ରହୁଥିବା ଏହି ଜିଲ୍ଲାକୁ ବିଭିନ୍ନ ସମୟରେ ନେତା, ମନ୍ତ୍ରୀ, ଅଧିକାରୀ ଆସି ସମୀକ୍ଷା କରିଥାନ୍ତି। ସେହିପରି ନିୟମିତ ଭାବେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥାଏ। ବୈଠକରେ ଜନପ୍ରତିନିଧି ସହ ଅଧିକାରୀମାନେ ଉପସ୍ଥିତ ରହିଥାନ୍ତି; କିନ୍ତୁ ସେତେ ସଂଖ୍ୟାରେ ବସିବା ବ୍ୟବସ୍ଥା ଥିବା ସମ୍ମିଳନୀ କକ୍ଷ ବଲାଙ୍ଗିରରେ ନାହିଁ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଛୋଟ ସମ୍ମିଳନୀ କକ୍ଷ ରହିଛି; ହାର କ୍ଷମତା ଖୁବ କମ୍। ସେଥିପାଇଁ ହାତଗଣତି କିଛି ଅଧିକାରୀଙ୍କ ବୈଠକ କିମ୍ବା ସାମ୍ବାଦିକ ସମ୍ମିଳନୀ ସେଠାରେ କରାଯାଇଥାଏ।

ସେହିପରି ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଏକ ସମ୍ମିଳନୀ କକ୍ଷ ରହିଛି; ଯେଉଁଠି ପ୍ରାୟତଃ ବିଭିନ୍ନ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥାଏ। ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ବୈଠକ ଥିଲେ ଏହାକୁ ବ୍ୟବହାର କରାଯାଏ; କିନ୍ତୁ ସମସ୍ୟା ହେଉଛି ଏହି ସମ୍ମିଳନୀ କକ୍ଷ ଦ୍ୱିତୀୟ ମହଲାରେ ରହିଛି। ଅବଶ୍ୟକତା ଦୃଷ୍ଟିରୁ ସିଟ୍ ସଂଖ୍ୟା କମ୍। ତେଣୁ ବୈଠକ ସମୟରେ ଅନେକ ସମସ୍ୟା ହୋଇଥାଏ। ଏହା ସହିତ ବିଧାୟକ, ବରିଷ୍ଠ ନେତାମାନେ ଉପରକୁ ପାହାଚ ଚଢିବା ପାଇଁ ସମସ୍ୟା ହେଉଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥାନ୍ତି। କିଛି ବର୍ଷ ପୂର୍ବରୁ ପଞ୍ଚାୟତ ସାଧନ କେନ୍ଦ୍ର ନିର୍ମାଣ ହେବା ପରେ ସମସ୍ୟା ସମାଧାନ ହେବ ବୋଲି କୁହାଯାଉଥିଲା; କିନ୍ତୁ ସେଠାରେ ପ୍ରାୟତଃ କିଛି ନା କିଛି କାର୍ଯ୍ୟକ୍ରମ ରହିଥିବାରୁ ଏହି ସବୁ କାର୍ଯ୍ୟକ୍ରମ ପାଇଁ ଏକମାତ୍ର ଭରସା ହେଉଛି ବନ ବିଭାଗ ଡିଏଫଓ କାର୍ଯ୍ୟାଳୟରେ ନିର୍ମାଣ ହୋଇଥିବା ସମ୍ମିଳନୀ କକ୍ଷ। ଗତ ଦୁଇ ତିନି ବର୍ଷ ଭିତରେ ବଲାଙ୍ଗିରର ପ୍ରାୟତଃ ଜିଲ୍ଲାସ୍ତରୀୟ ବୈଠକ ସେଠାରେ ହିଁ ହେଉଛି। ସେହିପରି ବିଗତ କିଛି ବର୍ଷ ଭିତରେ ବଲାଙ୍ଗିର ଜିଲ୍ଲାସ୍ତରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପ୍ରେକ୍ଷାଳୟ ଭଳି ଜାଗା ଖୋଜିବା କାଠିକର ପାଠ ହୋଇପଡ଼ିଛି। ମେଡିକାଲ କଲେଜ ପେୟକ୍ଷାଳୟକୁ ଛାଡିଦେଲେ ଆଉ କୌଣସି ବ୍ୟବସ୍ଥା ନାହିଁ। ଏଣୁ ବାଧ ହୋଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମେଡିକାଲ କଲେଜ ପ୍ରେକ୍ଷାଳୟକୁ ବ୍ୟବହାର କରାଯାଉଛି। ସହର ଭିତରେ ଥିବା ଟାଉନ ହଲ୍ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ତାହାର ପୁନରୁଦ୍ଧାର ହେଉନି। ସେହିପରି ସହର ଉପକଣ୍ଠ କଦଳୀମୁଣ୍ଡାଠାରେ ନିର୍ମାଣ ହେଉଥିବା ବଡ ପ୍ରେକ୍ଷାଳୟ ନିର୍ମାଣ କାମ ମଧ୍ୟ ଅଧପନ୍ତରିଆ ହୋଇରହିଛି। ୫୦୦ ସିଟ୍ ବିଶିଷ୍ଟ ଏହି କାମ ୨୦୨୨-୨୩ ରେ ଆରମ୍ଭ ହୋଇଥିଲା। ତାହା କେବେ ସମ୍ପୂର୍ଣ୍ଣ ହେବ ତାହା କହି ହେଉନି। ଏହି ସମସ୍ୟା ଯୋଗୁଁ ବିଭିନ୍ନ ସମୟରେ ଜିଲ୍ଲା ସ୍ତରୀୟ ବୈଠକ ଓ କାର୍ଯ୍ୟକ୍ରମରେ ସମ୍ମିଳନୀ କକ୍ଷ ଭିତରେ ଯେତିକି, ବାହାରେ ସେତିକି ଅଧିକାରୀ ରହୁଥିବା ଦେଖିବାକୁ ମିଳୁଛି। ଏହି ସବୁ ଭିତରେ ଏହି କାର୍ଯ୍ୟକ୍ରମ, ବୈଠକର ଖବର ସଂଗ୍ରହ ପାଇଁ ଆସୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ବସିବା ପାଇଁ ଚୌକି ଖଣ୍ଡିଏର ବ୍ୟବସ୍ଥା ରହୁନାହିଁ। ଜିଲ୍ଲାର ବିକାଶ ନକ୍ସା ତିଆରି କରିବା ପାଇଁ ହେଉଥିବା ବୈଠକ ପାଇଁ ଏକ ବଡ ସମ୍ମିଳନୀ କକ୍ଷ ବ୍ୟବସ୍ଥା କରିବାରେ ପ୍ରଶାସନ ଓ ସରକାର ଫେଲ୍ ମାରିଛନ୍ତି; ଯାହାକି ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ତେବେ ଏହି ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧ କରି ନିର୍ମାଣାଧୀନ ପ୍ରେକ୍ଷାଳୟର ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ଓ ସହର ଭିତରେ ଏକ ବଡ ସମ୍ମିଳନୀ କକ୍ଷ ନିର୍ମାଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟ।

## ବେଲପଡ଼ା କଲେଜରେ ଯୁବ କବି ସମ୍ମିଳନୀ



ବେଲପଡ଼ାଁ, ୧୨।୪(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଯୁବ କବି ଓ ଲେଖକ ସମ୍ମିଳନୀ ମହା ସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ସଭାପତିତ୍ୱ କରିଥିବାବେଳେ ନୋଡାଲ ଅଫିସର ମନୋଜ ମହାଖୁଡ଼ ଉପସ୍ଥିତ ଥିଲେ। ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୯୬ ବର୍ଷରେ ଶିକ୍ଷାବିତ୍ ପ୍ରାଣବନ୍ଧୁ ନାୟକ



ବଲାଙ୍ଗିର, ୧୨।୪(ସମିସ): ପୃଥ୍ୱୀରାଜ ହାଇସ୍କୁଲର ପୂର୍ବତନ ଶିକ୍ଷକ ତଥା ବର୍ଷିୟାନ ଶିକ୍ଷାବିତ୍ ଏବଂ ସର୍ବୋପରି ରାଜ୍ୟ ସରକାରଙ୍କ ଆଦର୍ଶ ଶିକ୍ଷକ ପୁରସ୍କାରପ୍ରାପ୍ତ ପ୍ରବୀଣ ଶିକ୍ଷକ ପ୍ରାଣବନ୍ଧୁ ନାୟକଙ୍କ ୯୬ତମ ଜୟନ୍ତୀ ନିରାଡମ୍ବର ଭାବେ ପାଳିତ ହୋଇଛି। ଏହି ଉପଲକ୍ଷେ ଏକ ନିରାଡାମ୍ବର କାର୍ଯ୍ୟକ୍ରମରେ ବଲାଙ୍ଗିର ସହରର ବହୁ ଶିକ୍ଷାବିତ୍ ତଥା ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରାଧ୍ୟାପକ ସୁଭାଷ ଠାକୁର, ଆଇନଜୀବୀ ଗଣପତି ପୁରୋହିତ, ରାଜେନ୍ଦ୍ର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ସତ୍ୟବନ୍ତ ବେଦବାକ, ସାମାଜିକ କର୍ମୀ ଡିଙ୍ଗର ମିଶ୍ର, ଡ. ଗୋବର୍ଦ୍ଧନ ନାୟକ, ପିଆର ହାଇସ୍କୁଲ ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଗିରିଜା ଶଙ୍କର ରଥ, ଅଚ୍ୟୁତାନନ୍ଦ ମିଶ୍ର, ନେତାଜୀ ସଂଗ୍ରାମୀ ପରିଷଦର ଉପଦେଷ୍ଟା ରାଜେନ୍ଦ୍ର ଶର୍ମା, ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ସମେତ ପୃଥ୍ୱୀରାଜ ହାଇସ୍କୁଲର ବହୁ ପୁରାତନ ଛାତ୍ର ଏବଂ ବଲାଙ୍ଗିର ସହରର ବହୁ ଗଣ୍ୟମାନ୍ୟ ବକ୍ତି ଶ୍ରୀ ନାୟକଙ୍କ ବାସଭବନକୁ ଯାଇ ଶୁଭେଚ୍ଛା ଜ୍ଞାପନ କରିବା ସହ ଆଶୀର୍ବାଦ ନେଇଥିଲେ।

## ଅର୍ଡ଼ା ଓ ଦେଓଗାଁରେ ରାମଲୀଳା ସମ୍ପନ୍ନ

ଦେଓଗାଁ, ୧୨।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅର୍ଡ଼ା ଓ ଦେଓଗାଁ କଛାରପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୧୪ଦିନ ଧରି ଚାଲିଥିବା ରାମଲୀଳା ନାଟ୍ୟାଭିନୟ ସମ୍ପନ୍ନ ହୋଇଛି। ପ୍ରତ୍ୟେକ ଦିନ ରାତିରେ ଅନୁଷ୍ଠିତ ନାଟ୍ୟାଭିନୟ ଦର୍ଶକଙ୍କ ପାଇଁ ମନମୁଗ୍ଧକର ହୋଇଥିଲା। ଅର୍ଡାରେ ପୂଜକ ଭାବେ ଜଗତରାମ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ଶ୍ୟାମସୁନ୍ଦର ମେହେର ଓ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ମେହେର କର୍ତ୍ତା ଥିଲେ। ଅନ୍ତିମ ଦିବସରେ ରାମଚନ୍ଦ୍ରଙ୍କ



ରାଜ୍ୟାଭିଷେକ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ଅର୍ଡ଼ା ଗ୍ରାମ ଉପରପଡ଼ାର ସମସ୍ତ କଳାକାର ତଥା ପଡ଼ାବାସୀ ସହଯୋଗ କରିଥିଲେ। ସେହିପରି ଦେଓଗାଁରେ ପୂଜକ ଭାବେ ପ୍ରଦ୍ୟୁମ୍ନ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ କଛାରପାଲି ସାହୁପଡ଼ାର ସମସ୍ତ କଳାକାର ସହଯୋଗ କରିଥିଲେ।

## ବେଲପଡ଼ା କଲେଜରେ ପୁରାତନ ଛାତ୍ର ସମ୍ମିଳନୀ



ବେଲପଡ଼ା, ୧୨।୪(ସମିସ): ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ଉନ୍ନତି, ଶିକ୍ଷାଦାନରେ ଗୁଣବତ୍ତା, ମହାବିଦ୍ୟାଳୟ ପରିସରରେ ଶାନ୍ତି ଶୃଙ୍ଖଳା, ଅଣଛାତ୍ରଙ୍କ ପ୍ରବେଶ ନିଷେଧ ତଥା ନୂତନ ଶ୍ରେଣୀ ଗୃହ ନିର୍ମାଣ ଓ ପୁରୁଣାଗୁଡିକର ମରାମତି ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନର ମହାବିଦ୍ୟାଳୟ ପରିବେଶ ଦେଖି ପୁରାତନ ଛାତ୍ରଛାତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ସବୁବେଳେ ଅଧ୍ୟକ୍ଷଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। କଲେଜର ଉନ୍ନତି ପାଇଁ ଅକୁଣ୍ଠ ସାହାଯ୍ୟ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପକ ସୁଦାମଚନ୍ଦ୍ର ମହାପାତ୍ର ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅମୀୟ ବାବୁ ଧନ୍ୟବାଦ ଦେଇଥିଲେ।

## ● ମାସିକ ରଚନା ସନ୍ଧ୍ୟା

## ନାଟକ ସାଧାରଣ ଜନଜୀବନର କଥା କହେ



ବଲାଙ୍ଗିର, ୧୨।୪(ସମିସ): ସାଧାରଣ ଜନଜୀବନର କଥା କହେ ନାଟକ। ଗୋଟିଏ ସମୟରେ ଶିକ୍ଷା, ସଚେତନତା ଓ ମନୋରଞ୍ଜନର ମାଧ୍ୟମ ଥିଲା ନାଟକ। ଜଣେ କଳାକାର ବା ନିର୍ଦ୍ଦେଶକ ନିଜ ଅଞ୍ଚଳର ଲୋକଙ୍କ ରୁଚି, ଲୋକଚଳଣି ଓ ସାମାଜିକ ବିଷୟବସ୍ତୁକୁ ନେଇ ନାଟକ ପରିବେଷଣ କରୁଥିଲା। ସମୟକ୍ରମେ ଦର୍ଶକଙ୍କ ରୁଚି ବଦଳି ଥିଲେ ମଧ୍ୟ ନାଟକ ପ୍ରତି ଦର୍ଶକଙ୍କ ଭଲ ପାଇବା କମିନାହିଁ। ଖାଲି କଳାକାର ନିଜର ଜୀବନ୍ତ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ରଖିବା ପାଇଁ ସମର୍ଥ ହେବା ଆବଶ୍ୟକ। ବଲାଙ୍ଗିରର ଅଗ୍ରଣୀ ସାହିତ୍ୟିକ-ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ରଚନାର ଏମାସର ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ବଲାଙ୍ଗିରର ବରିଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ରାମଚନ୍ଦ୍ର ସାହୁ ଯୋଗଦେଇ ଏହି ମତ ରଖିଛନ୍ତି। ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ରଚନାର ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ନାଟ୍ୟକାର ରାମଚନ୍ଦ୍ର ସାହୁଙ୍କ ସହ ଏକ ଅନ୍ତରଙ୍ଗ ଆଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଚନାର ବରିଷ୍ଠ ସଦସ୍ୟ ତଥା କବି ଓ କଳାକାର ବିଜୟ ତ୍ରିପାଠୀ ଏହି ଆଳାପରେ ଭାଗ ନେଇଥିଲେ। ଶ୍ରୀ ସାହୁଙ୍କ ବଲାଙ୍ଗିର ମାଟିରୁ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପର୍ଯ୍ୟନ୍ତ ଯାତ୍ରା କିପରି ଥିଲା ଏବଂ ବଲିଉଡ କଳାକାରମାନଙ୍କ ସହିତ ଅଭିନୟ ସମୟରେ ତାଙ୍କ ଅନୁଭୂତି କିପରି ଥିଲା ତାହା ପଚାରିଥିଲେ। ଶ୍ରୀ ସାହୁ ନିଜର ସ୍ମୃତି ଅନୁଭୂତି କହିବା ସହ ବଲାଙ୍ଗିର ମାଟିର ପ୍ରାଚୀନ ରାମଲୀଳା, ଚଳଚିତ୍ର ଏବଂ ପ୍ରାୟ ଶହେଟି ମଞ୍ଚ ନାଟକରେ ରଙ୍ଗ ମାଖି ଅଭିନୟ କରିବା ସମୟରେ ନିଜକୁ କିପରି ଚରିତ୍ର ସହିତ ମିଶାଇ ରଖୁଥିଲେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ସାହୁଙ୍କ ପତ୍ନୀ ବିଶିଷ୍ଟ କଣ୍ଠଶିଳ୍ପୀ ରୋମା ସାହୁ ଏବଂ ବଲାଙ୍ଗିରର ଅନେକ ମଞ୍ଚ କଳାକାର, ଅଭିନେତା, ସଂସ୍କୃତିପ୍ରେମୀ, ନାଟ୍ୟ ନିର୍ଦ୍ଦେଶକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ରଚନାର ସହସମ୍ପାଦକ ରତ୍ନମୟ ତ୍ରିପାଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରମୋଦ ସାହୁଙ୍କ ବିୟୋଗରେ ଶୋକସଭା

ବଲାଙ୍ଗିର, ୧୨।୪(ସମିସ): ସ୍ଥାନୀୟ ଟିକ୍ରାପଡ଼ା ରାମଜୀ ମନ୍ଦିରରେ ପ୍ରମୋଦ ସାହୁଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ନେପାକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭଗବାନ ବଗର୍ତ୍ତି, ଅଶୋକ ଚାନ୍ଦ, ମଧୁସୂଦନ ନାୟକ, ରାଜେନ୍ଦ୍ର ମିଶ୍ର, ତ୍ରିନାଥ ସାହୁ, ବିଧୁଭୂଷଣ ତ୍ରିପାଠି, କୁନୁ ପାତ୍ର, ସନ୍ତକ ବହିଦାର ପ୍ରମୁଖ ଶ୍ରୀ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବନାରାୟଣ ରଥ, ଶରତ ଷାଣ୍ଢେ, ଦୁର୍ଗା ସାହୁ, ରାଜୁ ଅଗ୍ରୱାଲ, ରବି ଅଗ୍ରୱାଲ, ଲିନା ମହାନ୍ତି, ତୁଫାନ ସାହୁ, ପିଙ୍କୁ ପଣ୍ଡା, ଅନୁବେହେରା, ରାଜେନ୍ଦ୍ର ପାଣି, ଶିବେନ୍ଦ୍ର ସାହୁ, ହୃଦୟ ରଞ୍ଜନ ସାହୁ, ଦାଶରଥି ସାହୁ, ଅବଦୁଲ ରଜାକ, ଅମୀୟ ମିଶ୍ର, ରିୟାଜ ଖାନ, ସୁରେଶ ଅଗ୍ରୱାଲ, ହରିଶଙ୍କର ପଣ୍ଡା, ପ୍ରମୋଦ ସାହୁ, ଅଜିତ ପଣ୍ଡା, ଉଲ୍ଲାସ ମହାନ୍ତି, ରଶ୍ମି ମହାନ୍ତି, ସୁରେନ ସାହୁ, ଜ୍ୟୋତି ବାରିକ, ବାବୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ବଲାଙ୍ଗିର ଜିଲ୍ଲା କମିଟି ବୈଠକ




ବଲାଙ୍ଗିରଁ, ୧୨।୪(ସମିସ): ସ୍ଥାନୀୟ ଏଆଇଟିୟୁସି ଜିଲ୍ଲା କାର୍ଯ୍ୟାଳୟରେ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ବଲାଙ୍ଗିର ଜିଲ୍ଲା କମିଟି ବୈଚ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର ଜିଲ୍ଲା ସଭାପତି ତଥା ରାଜ୍ୟ ଉପ-ସଭାପତି ତୀର୍ଥ ପଧାନଙ୍କ ସଭାପତିତ୍ୱରେ ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ତଥା ସଂଗଠନର ରାଜ୍ୟ ସଭାପତି ବିଜୟ ନେତା, ସଂଗଠନର ରାଜ୍ୟ ସାଧାରଣ ସମ୍ପାଦିକା ନମିତା ସାହୁ, ଓମି ଗୁପ୍ତା ଓ ଉପଦେଷ୍ଟା ଦିଲୀପ ଭୋଇ ମଞ୍ଚାସୀନ ଥିଲେ। ଯେବେଠାରୁ ଓଡ଼ିଶାରେ ବିଜେପି ଶାସିତ ଡବଲ ଇଞ୍ଜିନ ସରକାର କ୍ଷମତାସୀନ ହେଲା ସେବେଠୁ ଆଶା କର୍ମୀମାନଙ୍କ ନିୟମିତ ପ୍ରୋତ୍ସାହନ ରାଶି ମିଳିବାରେ ବିଳମ୍ବ ହେଉଛି। ପ୍ରତ୍ୟେକ ମାସର ୧୦ ତାରିଖ ମଧ୍ୟରେ ଆଶାକର୍ମୀଙ୍କୁ ସେମାନଙ୍କ ପ୍ରୋତ୍ସାହନ ରାଶି ଦେବାର ସରକାରୀ ପ୍ରାବଧାନ ଅଛି; ହେଲେ ମାସ ମାସ ଧରି ମିଳୁ ନାହିଁ। ଗତ ବର୍ଷରୁ ଆୟୁଷ୍ମାନ ଭାରତ ଯୋଜନାରେ କାର୍ଯ୍ୟ କରିଥିବା ଆଶାକର୍ମୀଙ୍କ ପ୍ରୋତ୍ସାହନ ରାଶି ମିଳିନାହିଁ। ଏଚ୍‌ଆଇଭି ଟୀକାକରଣ କାର୍ଯ୍ୟକାକରୀରେ କିଶୋରୀ ବାଳିକାମାନଙ୍କୁ ଟୀକା ଦେବାରେ ଆଶା କର୍ମୀମାନଙ୍କୁ ଅଧିକ ଚାପ ପ୍ରୟୋଗ କରାଯାଉଛି; ହେଲେ ସେହି କାର୍ଯ୍ୟକ୍ରମର ମଧ୍ୟ କୌଣସି ପ୍ରୋତ୍ସାହନ ରାଶି ଦିଆଯାଉ ନାହିଁ। ଯେଉଁ ସବ ସେଣ୍ଟର ଗୁଡିକରେ ସିଏଚ୍‌ଓ ନିଯୁକ୍ତି ହୋଇଛନ୍ତି ସେହି ସବ ସେଣ୍ଟର ଅଧୀନରେ ଥିବା ଆଶାକର୍ମୀ ମାସକୁ ୧ ହଜାର ଟଙ୍କା ପାଇବାର ପ୍ରାବଧାନ ଥିଲେ ମଧ୍ୟ ତାହା ମିଳୁ ନାହିଁ। ସମାଜକୁ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ବଳେ ଆଶାକର୍ମୀ ନିଜ ତଥା ପରିବାର ବର୍ଗଙ୍କ ନାମରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡନାହିଁ। ଏପରିକି ରାସନ କାର୍ଡ ମଧ୍ୟ ଦିଆଯାଇନାହିଁ ବୋଲି ବୈଠକରେ ପ୍ରକାଶ ପାଇଛି। ଏହି ସବୁ ସମସ୍ୟାକୁ ନେଇ ମେ ୧୧ ତାରିଖ ଦିନ ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଦାବିପତ୍ର ପ୍ରଦାନ କରାଯିବ। ଏଥିରେ ବନିତା ପୁଟେଲ, ମମତା ଜେନା, ଶୋଭାଗିନୀ ବାଗ, ପୁଷ୍ପଲତା ଧିର, ଲତା ପୁଟେଲ, ତନ୍ମୟୀ ଦାସ, କଲ୍ୟାଣୀ ସାହୁ, ବିଳାସିନୀ ବାରିକ, ଶୋଭାଷିନୀ ଜାଲ, ଆରତି ସାହୁ, ଶୋଭାଗିନୀ ତାଣ୍ଡି, ମୁକ୍ତା ଉଦୁରକୁଲିଆ, ବାସନ୍ତୀ ସେଠ, ମିନାକ୍ଷୀ ଜେନା, ପଦ୍ମିନୀ କଟା, ଆଶା ଦୀପ, ସରସ୍ୱତୀ ସାହୁ, ସାଧବନୀ ସାହୁ, ଭାଗ୍ୟବତୀ ଷାଣ୍ଢ, ଜ୍ୟୋସ୍ନା ମିଶ୍ର, ନମିତା ସାହୁ, ପଦ୍ମିନୀ ସୁନା, ଭୂମିସୁତା ନାଗ, ହେମବତୀ ନାଗ, ତିଲୋଚମା କୁମ୍ଭାର, ପୁଷ୍ପାଞ୍ଜଳି ଲୁହା, ଜମ୍ବୋବତୀ ସାହୁ, ଲଳିତତା ବାଗ, ସୁବର୍ଣ୍ଣ ଡିଲା, ଆନନ୍ଦିନୀ ବିଶ୍ୱାଳ, ସାଇବୁ ନନ୍ଦ, ଖାରୁଆ ମଲ୍ଲିକ, ପ୍ରବୀର କମ୍ପ, ଜଗଦୀଶ ବେହେରା, ପୁରୁଷୋତ୍ତମ କର୍ମୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ।

## ● ସିଏମ୍ ଟ୍ରଫି-୨୦୨୬ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ

## ବାଳକ ଓ ବାଳିକା ଉଭୟ ବର୍ଗରେ ଲୋଇସିଂହା ଚାମ୍ପିଅନ



ବଲାଙ୍ଗିର, ୧୨।୪(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା ଖୋ-ଖୋ ଚାମ୍ପିୟନସିପ୍-୨୦୨୬ ଆଜି ଉଦ୍‌ଯାପିତ ହୋଇଯାଇଛି। ବାଳିକା ବର୍ଗରେ ଲୋଇସିଂହା ପୁଇଁନ୍ତଲା (କ)କୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ବାଳକ ବର୍ଗରେ ଲୋଇସିଂହା ବଲାଙ୍ଗିର (କ)କୁ ହରାଇ ଚାମ୍ପିୟନ ହୋଇଛି। କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ-ବିଜେତାଙ୍କୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଖୋ-ଖୋ, କବାଡ଼ି ଓ କ୍ରୀଡ଼ା ସମ୍ପାଦକ ତଥା ମ୍ୟାଚ କମିଶନର ବିଭୂତି ଭୂଷଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ା ସଂସଦ କାଉନସିଲ୍ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଫୁଟବଲ ସମ୍ପାଦକ ଶରତ ନନ୍ଦ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ରୀ, ଡ଼ା. ସିଦ୍ଧେଶ୍ୱର ମିଶ୍ର, ଡା. ଶୁଭମ ମିଶ୍ର ଓ କ୍ରୀଡ଼ାବିତ ସୁନିଲ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ମଞ୍ଚାସୀନ ଥିଲେ। ବୁଦ୍ଧିରାଜ ବିଶ୍ୱାଳ, ସୁଦର୍ଶନ ସେଠ, ଜନାର୍ଦ୍ଦନ ସାହୁ, ଚନ୍ଦ୍ରଶେଖର ମେହେର, ସସ୍ମିତା ମିଶ୍ର, ମାଧୁରୀ ପଣ୍ଡା, ଆଶିଷଦେବ ସା, ସୁଶାନ୍ତ ନାଗ, ରଶ୍ମିରାଣୀ ଖଟୁଆ ଖେଳ ପରିଚାଳନା କରିଥିଲେ। ଫୁଟବଲ ସମ୍ପାଦକ ଶରତ ନନ୍ଦ ଧନ୍ୟବାଦ ଦେଇଥିଲେ।

## ବରପୁତ୍ର, ସାହିତ୍ୟ ସାଧକଙ୍କ ସ୍ମୃତିଚାରଣ

ବଲାଙ୍ଗିର, ୧୨।୪(ସମିସ): ଦିବଂଗତ ବନ୍ଦନୀୟ ବରପୁତ୍ରମାନଙ୍କ କର୍ମ ଓ ସାମର୍ଥ୍ୟ ଆମ ସମୃଦ୍ଧ ଐତିହ୍ୟର ପରିଚୟ। ସେମାନଙ୍କ ପ୍ରଦର୍ଶିତ ମାର୍ଗରେ ଆମେ ଓ ଆମର ଉତ୍ତରପିଢି ଆଗକୁ ବଢ଼ିଲେ ଜାତି ପ୍ରତି କର୍ତ୍ତବ୍ୟକୁ ପୂରଣ କରିହେବ। ଭାଷା, ସାହିତ୍ୟ ଓ ଇତିହାସକୁ ନେଇ ଗର୍ବ କରିବା ଆବଶ୍ୟକ। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଗାଳ୍ପିକା ଗାୟତ୍ରୀ ଏହା ସରାଫ କହିଛନ୍ତି। ଓଡ଼ିଆ ପକ୍ଷ ପାଳନ ଅବସରରେ, ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଆୟୋଜନରେ ବଲାଙ୍ଗୀର ସଂସ୍କୃତି ଭବନରେ ବନ୍ଦନୀୟ ବରପୁତ୍ରଙ୍କ ସ୍ମୃତିଚାରଣ ଓ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ଆରମ୍ଭରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରାଜେନ୍ଦ୍ର ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଡା. ଜ୍ୟୋତିର୍ମୟୀ ସାହୁ, ଡା. ସଞ୍ଜୟ ମିଶ୍ର ଓ ଅଧ୍ୟାପକ ସନ୍ଦୀପ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ପାଟଣା ମହାରାଜ ରାଜେନ୍ଦ୍ର ନାରାୟଣ ସିଂହଦେଓ, ସାରସ୍ୱତ ସାଧକ ସନ୍ଥ ଚୈତନ୍ୟ ଦାସ, ବେଦବିଦ୍ୱାନ ବ୍ରଜବିହାରୀ, ବିଧୁଭୂଷଣ ଗୁରୁ, ସ୍ୱାଧୀନତା ସଂଗ୍ରାମୀ ନରସିଂହ ପ୍ରସାଦ ନନ୍ଦ, ଚିତ୍ରଶିଳ୍ପୀ ଛନ୍ଦାଚରଣ ଆଚାର୍ଯ୍ୟ, ନାଟ୍ୟକାର ଉଦୟନାଥ ଚନ୍ଦନ, ସମ୍ବିଧାନ ସଭା ସଦସ୍ୟ ଯୁଧିଷ୍ଠିର ମିଶ୍ର, ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ, ଗାଳ୍ପିକ ଗଗନ ସ୍ୱାଇଁ ଓ ଗାଳ୍ପିକ ମନୋଜ ପଣ୍ଡା ପ୍ରମୁଖ ବରପୁତ୍ର ଓ ସାହିତ୍ୟ ସାଧକମାନଙ୍କ ସାରସ୍ୱତ




କୃତୀ ଓ ପ୍ରତିଭା ସମ୍ପର୍କରେ ଆଲୋଚନା ହୋଇଥିଲା। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ଗୋବର୍ଦ୍ଧନ ନାୟକ, ଅଧ୍ୟାପକ ସନ୍ଦୀପ କୁଅଁର, ସାମ୍ବାଦିକ ବୀରେନ୍ଦ୍ର ଝାଙ୍କର, ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ, ଗାଳ୍ପିକ ଆଶିଷ ଚନ୍ଦନ, ଆଇନଜୀବୀ ଜୟକୃଷ୍ଣ ସାହୁ, କବି ଡ. ସଞ୍ଜୟ ମିଶ୍ର, ଡ. ଅଶ୍ୱିନୀ ରଥ, କବି ଭାଗୀରଥି ମିଶ୍ର ଓ କବି ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନା କରିଥିଲେ। କବି ରାଜୀବ ଲୋଚନ ଆଚାର୍ଯ୍ୟ, କବି ରତ୍ନମୟ ତ୍ରିପାଠୀ ଓ କବୟିତ୍ରୀ ଟୁମକି ଦାଶଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସନ୍ଦୀପ କୁଅଁର ଧନ୍ୟବାଦ ଜଣାଇଥିଲେ।

## ବନଦୁର୍ଗା ମହୋତ୍ସବ ଉଦ୍‌ଯାପିତ

## ରାଜନୈତିକ ଚିନ୍ତାଧାରା ଊର୍ଦ୍ଧ୍ୱରେ ରହିଲେ ଅଞ୍ଚଳର ବିକାଶ ହେବ

ବଲାଙ୍ଗିର, ୧୨।୪(ସମିସ)




ବିସ୍ଥାପିତଙ୍କ ଭିତରେ ଏକତା, ଡ୍ୟାମ ଅଞ୍ଚଳର ସମ୍ପୂର୍ଣ୍ଣ ବିକାଶ ଏବଂ ବିସ୍ଥାପିତଙ୍କ ବାକି ରହିଯାଇଥିବା ଦାବିଗୁଡିକର ସମାଧାନର ସୂତ୍ର ବାହାର କରିବା ପାଇଁ ବନଦୁର୍ଗା ମହୋତ୍ସବର ପରି କଳ୍ପନା କରାଯାଇଛି। ରାଜନୈତିକ ବିଦ୍ୱେଷ ତଥା ଚିନ୍ତାଧାରାକୁ ପଛରେ ପକାଇ ରାଜନୈତିକ ଦଳର ରାଜନେତାମାନେ ଊର୍ଦ୍ଧ୍ୱରେ ରହିଲେ ଅଞ୍ଚଳର ବିକାଶ ହେବ। ସମସ୍ତେ ଏକତ୍ରିତ ହୋଇ ଏହି ପ୍ରକଳ୍ପ ଅଞ୍ଚଳ ତଥା ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ ଆଗଭର ହେବା ଆବଶ୍ୟକ। ଲୋୟର ଶୁକତେଲ ଡ୍ୟାମ୍ ତଳେ ୫ ଦିନ ଧରି ଚାଲଇଥିବା ବନଦୁର୍ଗା ମହୋତ୍ସବର ଉଦ୍‌ଯାପନ ଦିବସରେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଏହା କହିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ପ୍ରତ୍ୟେକ ପ୍ରକଳ୍ପ କାମରେ ଦୁର୍ନୀତି ଏକ ମୁଖ୍ୟ ପ୍ରତିବନ୍ଧକ। ଲୋକେ ଏଥି ପ୍ରତି ସଜାଗ ରହିବା ଆବଶ୍ୟକ। ଦୁର୍ନୀତିର ଉଦାହରଣ ଦେଇ ଶ୍ରୀ ମିଶ୍ର କହିଥିଲେ ଯେ, ତାଙ୍କ ବିଧାୟକ ପାଣ୍ଠିରୁ ସଦେଇପାଲିର ଏକ ରାସ୍ତା ପାଇଁ ୩ ବର୍ଷ ପୂର୍ବରୁ ଅନୁଦାନ ଦିଆଯାଇଛି। ସଦର ବ୍ଲକ ତରଫରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା; କିନ୍ତୁ ଅନୁଦାନ ଗାୟବ ହୋଇ ଯାଇଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ଗୋପାଳଜୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକି ସାହୁ ଯୋଗଦେଇ ସମସ୍ତେ ମିଳିମିଶି ପ୍ରକଳ୍ପ ତଥା ବିସ୍ଥାପିତଙ୍କ ସମସ୍ୟା ପାଇଁ ସାମୂହିକ ଉଦ୍ୟମ କଲେ ଅଞ୍ଚଳର ବିକାଶ ନିଶ୍ଚିତ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକର ମିଶ୍ର, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷ ଗୁଲାପ ବାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଘାସିରାମ ବେହେରା, ସଭାପତି ସଞ୍ଜୟ ଗଡ଼ତ୍ୟା ପ୍ରମୁଖ ମଞ୍ଚାସୀନ ଥିଲେ। ବିକାଶ ରଞ୍ଜନ ରଥ ମଞ୍ଚ ପରିଚାଳନା କରିଥିଲେ। ଜୟକୃଷ୍ଣ ମିଶ୍ର, କୈଳାସ ଚନ୍ଦ୍ର ସିଂଦେଓ, ଲମ୍ବୋଦର ପ୍ରଧାନ, ପ୍ରମୋଦ ପଟେଲ, ଭରତ ସାହୁ, ବ୍ୟାସଦେବ ବନଛୋର ସଂହଯୋଗ କରିଥିଲେ।

# ବଣ୍ଡକାପୁଟ ବନ୍ଧରୁ ଯୁବକଙ୍କ ଶବ ଉଦ୍ଧାର

## ● ଶୌଚପାଇଁ ଯାଇ ବୁଡ଼ିଯାଇଥିଲେ

ନନ୍ଦପୁର,୧୨।୪(ସମିସ): ଶୌଚ ପାଇଁ ଯାଇ ବଣ୍ଡକାପୁଟ ବନ୍ଧରେ ବୁଡ଼ିଯାଇଥିବା ଯୁବକଙ୍କ ଶବ ରବିବାର ଉଦ୍ଧାର ହୋଇଛି। ନନ୍ଦପୁର ପୁଲିସ ଅଗ୍ନିଶମ ବିଭାଗର ସହାୟତାରେ ବନ୍ଧ ଭିତରରୁ ଶବ ଉଦ୍ଧାର କରିଛି। ଖବରରୁ ପ୍ରକାଶ ଯେ, ରବିବାର ସକାଳୁ ନନ୍ଦପୁର ସଦର



ଗ୍ରାମ ପଞ୍ଚାୟତ ଅଧୀନ ସରବତି ଗ୍ରାମର ବିକୁ ଖିଲ କିଛି କାମରେ ନିକଟ ଗ୍ରାମ ବଣ୍ଡକାପୁଟରେ ଯାଇ ଫେରିବା ସମୟରେ ଶୌଚ ପାଇଁ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ପୋଖରୀ ଭିତରେ ବୁଡ଼ିଯାଇଥିଲେ। ତାଙ୍କ ସ୍ତ୍ରୀ ଜାନକୀ ଖିଲ ଥାନାରେ ଏତେଲା ଦେବା ପରେ ନନ୍ଦପୁର ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ବେଦବର ସାହୁ ଓ ଏଏସଆଇ ଗୁପ୍ତେଶ୍ୱର ଗୌଡ ଏକ ଟିମ୍ ନେଇ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଭାସମାନ ଅବସ୍ଥାରେ ଥିବା ଶବ ଉଦ୍ଧାର କରିଥିଲେ। ସେପଟେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ଗୁହାରି କରିଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁ ମାଇ।

# ଗାୟତ୍ରୀ ମନ୍ଦିରରେ ଅଗ୍ନିକାଣ୍ଡ

ତେନ୍ତୁଳିଖୁଣ୍ଟି ୧୨।୪(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳ ଖାତିଗୁଡା ସ୍ଥିତ ଗାୟତ୍ରୀ ମନ୍ଦିରରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ଖବରପାଇ ନନ୍ଦାହାଣ୍ଡି



ଅଗ୍ନିଶ୍ରମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ମନ୍ଦିରରେ ହୋମ ତଥା ଭୋଜି ପାଇଁ ରଖାଯାଇଥିବା କାଠରେ ନିଆ ଲାଗିବା ପରେ ନିଆ ବ୍ୟପିଯାଇଥିଲା। ଏଥିରେ ଆସବାବ ପତ୍ର ମଧ୍ୟ ନଷ୍ଟ ହୋଇଥିବା ସୂଚନା ମିଳିଛି। ନିଆକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବାହିନୀଙ୍କୁ ନାକେଦମ ପଡିଥିଲା। ଏହି ସମୟରେ ନିଆଁକୁ ଆୟତ୍ତ କରିବାରେ ଅଗ୍ନିଶମ ବାହିନୀର ମୁଖ୍ୟ ହାବିଲଦାର ହେମରାଜ ଗହୀରଙ୍କ ନେତୃତ୍ୱରେ ପ୍ରମୋଦ ବେହେରା, ସୁଶାନ୍ତ ଡ଼ଙ୍ଗା, ଚନ୍ଦ୍ର ଧ୍ୱଜ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କ ଉମରକୋଟ ଗସ୍ତ



ଉମରକୋଟ,୧୨। ୪(ସମିସ): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଉମରକୋଟ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଉମରକୋଟ ପୌରପରିଷଦର ନୂତନ ବସଷ୍ଟାଣ୍ଡଠାରେ ଥିବା ଉଚ୍ଚ ଆକାଂକ୍ଷୀ ଶୌଚାଳୟର ଉଦ୍‌ଘାଟନ କରିଥିଲେ। ୧୬ ଲକ୍ଷ ଟଙ୍କା ବ୍ୟୟରେ ଏହି ଉଚ୍ଚ ଆକାଂକ୍ଷୀ ଶୌଚାଳୟ ନିର୍ମିତ ହୋଇଛି। ଏହାପରେ ମନ୍ତ୍ରୀଙ୍କ ୧୫ଲକ୍ଷ ଅନୁଦାନରେ ଉମରକୋଟ ଶ୍ରୀ ଜଗନ୍ନାଥ ମନ୍ଦିର ଭୋଗ ମଣ୍ଡପର ଶିଳାନ୍ୟାସ କରିଥିଲେ। ଏଥିସହିତ ୬୮ ଲକ୍ଷ ଟଙ୍କାର ପେଣ୍ଡ୍ରାଣୀ ମନ୍ଦିର ପରିସରରେ କମ୍ୟୁନିଟି ହଲ ଓ ଆକାଂକ୍ଷୀ ଶୌଚାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ରାମ ନାୟକ, ପୌରପରିଷଦ ଅଧ୍ୟକ୍ଷା ରାଧାଭତ୍ରା, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, କାଉନସିଲର ତପନ ଦେବନାଥ, ଚିତ୍ତରଞ୍ଜନ ପାତ୍ର, ମୋନଜ ନାୟକ, କନକ ଲତା ନାୟକ, ବିଜେପି କାର୍ଯ୍ୟକର୍ତ୍ତା ଓ ପୌରକର୍ମଚାରୀ ଉପସ୍ଥିତ ଥିଲେ।

# ଜିଲ୍ଲା ଡାକ୍ତରଖାନାରେ ବନ୍ଧୁକ ଦେଖାଇ ଆତଙ୍କ ଘଟଣା; ଯୁବକ ଗିରଫ

ରାୟଗଡ଼ା,୧୨।୪(ସମିସ): ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତକାଲି ରାତିରେ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିବା ଘଟଣାରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ କାଶିପୁର ଥାନା ଅନ୍ତର୍ଗତ ବାହାରପଦାମାଝି ଗ୍ରାମର ପ୍ରଭାତ ନାୟକ। ଅଭିଯୁକ୍ତ ଜଣଙ୍କ ରାୟଗଡ଼ା ସହର ସ୍ଥିତ ଗୌତମ ନଗର ୭ମ ଲାଇନରେ ରହୁଥିଲେ। ପୁଲିସ ଅଭିଯୁକ୍ତ ଠାରୁ ବନ୍ଧୁକ ଜବତ କରି ଆଜି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଗତକାଲି ରାତିରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଯୁବକ କାର୍ଯ୍ୟରତ ସେକୁରିଟି ଗାର୍ଡକୁ ବନ୍ଧୁକ ଦେଖାଇ ଭୟଭୀତ



କରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଦେଖିବାକୁ ଆସିଥିବା ବେଳେ କାର୍ଯ୍ୟରତ ସୁରକ୍ଷକର୍ମୀ ନାଗ କୈଳାଶ ଓ ରାଜୁ ଯାକକା ଜଣେ ହିଁ ଭେଟିବାକୁ ଯାଇପାରିବେ ବୋଲି କହିଥିଲେ। ସୁରକ୍ଷା କର୍ମୀ ଅବରୋଧ କରିବାରୁ ସିକ୍ୟୁରିଟି ଗାର୍ଡଙ୍କୁ ଉକ୍ତ ଯୁବକ ପିସ୍ତଲ ଦେଖାଇ ଭୟଭୀତ କରି ଡାକ୍ତରଖାନାର ୱାର୍ଡକୁ ଯାଇଥିଲେ। ଏନେଇ ସେକ୍ୟୁରିଟି ଗାର୍ଡ ରାୟଗଡ଼ା ଟାଉନ ପୁଲିସ ଥାନା ଓ ମେଡିକାଲ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ପରେ ସିକ୍ୟୁରିଟି ଗାର୍ଡ ସୁପରଭାଇଜର ନାଗେଶ ତାଡିଙ୍ଗି ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଯୁବକଙ୍କ ନାମରେ ପୂର୍ବରୁ କୌଣସି ମାମଲା ନଥିବା ବେଳେ ସେ କାହିଁକି ଓ କେଉଁଠୁ ଆଣି ବନ୍ଧୁକ ଧରି ବୁଲୁଥିଲେ ସେ ନେଇ ଜଣାପଡ଼ି ନଥିବା ଓ ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ପ୍ରସନ୍ନ କୁମାର ବେହେରା ପ୍ରକାଶ କରିଛନ୍ତି। ଭାରତୀୟ ନ୍ୟାୟ ସଂହିତା ଧାରା ୩୨୯(୪)/୩୫୧(୩) ଓ ଅସ୍ତ୍ରଶସ୍ତ୍ର ଆଇନ ୨୫(୧-ଏ)/୨୭ ରେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଆଇଆଇସି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ୨ ଗୁରୁତର

ମାଥିଲି,୧୨ ।୪(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ୩୨୬ ଜାତୀୟରାଜପଥ ବାଲିଗୁଡାଠାରେ ନିର୍ମାଣାଧୀନ ନୂତନ କୋର୍ଟ ନିକଟରେ ଏକ ଅଜଣା ଚାରି ଚକିଆ ଗାଡ଼ି ଧକ୍କାରେ ଶିକ୍ଷକଙ୍କ ସହ ଶିକ୍ଷକଙ୍କ ଶାଶୁ ଗୁରୁତର ହୋଇଥିବାର ସୂଚନା ମିଳିଛି। ଶିକ୍ଷକଙ୍କ ନାମ ଟୁକୁନା ସାହୁ, ସେ ମାଥିଲି ବ୍ଲକ୍ ଅନ୍ତର୍ଗତ ଅଟାଲଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସେ ତାଙ୍କ ଶାଶୁଙ୍କୁ ନେଇ ମାଥିଲିଠାରୁ ଗୋବିନ୍ଦପାଲିରେ ଛାଡ଼ିବାକୁ ନିଜ ମଟର ସାଇକେଲରେ ନେଇଯାଉଥିଲେ। ନିର୍ମାଣାଧୀନ ନୂତନ କୋର୍ଟ ନିକଟରେ ଏକ ଅଜଣା ଗାଡ଼ି ପଛପଟୁ ଧକ୍କା ଦେଇ କ୍ଷୀପ୍ର ଗତିରେ ଗୋବିନ୍ଦପାଲି ଆଡ଼କୁ ଚାଲିଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ଥିବା ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଅଟୋରେ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଉଭୟଙ୍କୁ ଆସୁ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଦୁଇ ଜଣଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇ ଦିଆଯାଇଛି ବୋଲି ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜରେ ପହଞ୍ଚିବା ପରେ ଡାକ୍ତରମାନେ ଚିକିତ୍ସା କରିବା ପରେ ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି। ସୂଚନାପାଇ ଦୁର୍ଘଟଣା ସ୍ଥଳରେ ଓ ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ମାଥିଲି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ପୋଲିସ ବିଭିନ୍ନ ସିସି ଟିଭି ଯାଞ୍ଚ କରୁଛି, ଖୁବ୍‌ଶୀଘ୍ର ଉକ୍ତ ଗାଡିଟିକୁ ଧରାଯିବ ବୋଲି ମାଥିଲି ଥାନା ଅଧିକରିଣୀ ଦିପାଞ୍ଜଳି ପ୍ରଧାନ ପ୍ରକାଶ କରିଛନ୍ତି।

# ଯୁବକଙ୍କ ମୃତ୍ୟୁ; ଅଂଶୁଘାତ ସନ୍ଦେହ

ଟିକିରି,୧୨।୪(ସମିସ):ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରି ମୁଖ୍ୟ ବଜାରରେ ପାନ ଦୋକାନ କରିଥିବା ସନ୍ୟାସୀ ସ୍ୱାଇଁଙ୍କ ପୁଅ ଶ୍ରୀଧର ସ୍ୱାଇଁ ଦୋକାନରେ ବସିଥିବା ଅବସ୍ଥାରେ ଗୁରୁତର ହୋଇଯିବାରୁ



ସଙ୍ଗେସଙ୍ଗେ ଉଷାପଡା ଉତ୍କଳ ହସ୍ପିଟାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅପରାହ୍ନରେ ଖାଇକି ଦୋକାନ କୁ ଆସି ବାପାଙ୍କୁ ଖାଇବାକୁ ଘରକୁ ପଠାଇ ବସିଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ ଓ ନାକରୁ ରକ୍ତ ବାହାରି ଅତ୍ୟାଧିକ ଝାଳ ବାହାରି ଦୋକାନ ଭିତରେ ପଡିଯାଇଥିଲେ। ବାପା ଖାଇକି ଆସି ଦେଖିଲା ବେଳକୁ ପୁଅ ଅଚେତ ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ପଡୋଶୀ ଦୋକାନୀଙ୍କୁ ଡାକି ଅଟରିକ୍ସା ଯୋଗେ ଉଷାପଡା ଉତ୍କଳ ହସ୍ପିଟାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ ଟିକିରି ଥାନାରେ ଅଭିଯୋଗ କରିଥିଲେ। ଟିକିରି ଥାନାରେ ଅପମୃତ୍ୟୁ ମାମଲା (୫/୨୦୨୬) ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଚଳାଇଛନ୍ତି। ସୋମବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ୨ଦିନ ଧରି ପ୍ରବଳ ଗରମ ଅନୁଭବ ହେଉଥିବାରୁ ଓ ଅଂଶୁଘାତରେ ତାଙ୍କର ମୃତ ଘଟିଥିବା ଅଞ୍ଚଳବାସୀ ସନ୍ଦେହ କରୁଥିବା ଚର୍ଚ୍ଚା ହେଉଛି।

# ବନ୍ଦନୀୟ ବରପୁତ୍ର ଓ କବି ସମ୍ମିଳନୀ

ରାୟଗଡ଼ା,୧୨।୪(ସମିସ): ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସ ଅବସରରେ ଆଜି ରବିବାର ଦିନ ସ୍ଥାନୀୟ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ବନ୍ଦନୀୟ ବରପୁତ୍ର ଓ କବି ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବରେଣ୍ୟ ବରପୁତ୍ରଙ୍କ ଜୀବନୀ ଓ ଅବଦାନ ବିଷୟରେ ସୁସ୍ମିତା ବାଉରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ କହଁର ପାଶ୍ଚାତ୍ୟ ସଭ୍ୟତାର କୁପ୍ରଭାବ ବିଷୟରେ ଆଲୋଚନା କରିବା ସହ ଓଡ଼ିଆ ଭାଷା, ପରମ୍ପରା, ବେଶ ପୋଷାକ, ଜୀବନ ଶୈଳୀ ପାଇଁ ଆମ ଓଡିଶା ଗାରିମାମୟ ହୋଇପାରିଛି, ବରପୁତ୍ରଙ୍କ ଜୀବନୀ ଆମକୁ ଶ୍ରୀ ପ୍ରଧାନ ଓଡ଼ିଆ ବରପୁତ୍ରଙ୍କ ସ୍ୱାଭିମାନ, ତ୍ୟାଗ, ବୀରତା ଓ ସଚ୍ଚୋଟ ପଣିଆ ଆଦି ଦିଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କବି ବିପିନ ବିହାର ବିଶ୍ୱାଳ, ରାଜଲକ୍ଷ୍ମୀ ଦେବୀ, ତ୍ରିବେଣୀ ମିଶ୍ର, ପ୍ରତିମା ରାଣୀ ମିଶ୍ର, ଶିବ ପ୍ରସାଦ ମିଶ୍ର, ପ୍ରଶାନ୍ତି ସାହୁ, ସୁସ୍ମିତା ମିଶ୍ର, ଲୋକନାଥ

ଏକ ଆଲୋଚନା ଚକ୍ର ତଥା କବିତା ଆସରରେ ବିଶିଷ୍ଟ ସାହିତ୍ୟିକ, କବି, ଯୁବ ଲେଖକ, ଲେଖିକା ପ୍ରମୁଖ ଅତ୍ୟନ୍ତ ଉତ୍ସାହର ସହ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର,



ମୁଖ୍ୟବକ୍ତା ଭାବେ ଶିକ୍ଷବିତ୍ତ ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ମାନିତ ବକ୍ତା ଭାବରେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସୁଶାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଆଦ ଯୋଗ ଦେଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ଆବାହିକା ଭାବେ ସୁଚାରୁ ରୂପେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ ଏବଂ ଶିକ୍ଷକ ଓ ସଙ୍ଗୀତଜ୍ଞ ପ୍ରଶାନ୍ତ କୁମାର ନାୟକ ମଞ୍ଚ ସଂଚାଳନ କରିଥିଲେ। କାର୍ଯ୍ୟକ୍ରମର ଆବାହିକା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଗର୍ବିତ କରିବା ସହ ଓଡ଼ିଆ ଅସ୍ମିତାର ରକ୍ଷା କରିବାରେ ପ୍ରେରଣା ଦେଇଥାଏ ବୋଲି ପ୍ରକାଶ କରିଥିଲେ। ସେହିପରି ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି ସ୍ୱତନ୍ତ୍ର ଓଡିଶା ଗଠନରେ ବିଦ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନଦର୍ଶ ଗୁଣାବଳୀ ଉପସ୍ଥାପନା କରିଥିଲେ। ସାହିତ୍ୟିକ ସୁଶାନ୍ତ କୁମାର ନାୟକ ରାୟଗଡା ମାଟିର ବରପୁତ୍ର ବିଶେଷ କରି ସାହିତ୍ୟ କ୍ଷେତ୍ରର ଅବଦାନ ରହିଥିବା ଡ଼ଃ ଡମ୍ବରୁଧର ପଟ୍ଟନାୟକ, ଶିବ ପ୍ରସାଦ ଗନ୍ତାୟତ, ପଣ୍ଡିତ ରଘୁନାଥ ପାଣିଗ୍ରାହୀ, ଶାନ୍ତିଦେବୀଙ୍କ ଅବାଦନ ବିଷୟରେ ଉପସ୍ଥାପନା କରିଥିଲେ କ୍ଷ ଡିଆଇପିଆରଓ ପଣ୍ଡା, ସୁଭାଷ ଚନ୍ଦ୍ର ବେହେରା, ବିମଳେନ୍ଦୁ ପଟ୍ଟନାୟକ, ଶ୍ରୀଧର ପଟ୍ଟନାୟକ, ରବି ଶତପଥୀ, ଅରୁଣ ପାଣିଗ୍ରାହୀ,ଶ୍ରୀଧର ମହାରଣା, ରୋଜାଲିନି ମଲ୍ଲ, ରୋଜାଲିନି ରାଉତ, କଲ୍ୟାଣୀ ସକ୍ଷସମାଲ ଆଦି ବନ୍ଦନୀୟ ବରପୁତ୍ର ଓ ସ୍ୱ ରଚିତ କବିତା ଆବୃତ୍ତି କରିଥିଲେ। ଏହା ସହିତ ଯୁବ କବୟତ୍ରୀମାନେ ନିଜସ୍ୱ କବିତାମାନ ଆବୃତ୍ତି କରିଥିଲେ। ସମସ୍ତ କବିମାନଙ୍କୁ ପ୍ରୀତି ଉପହାର, ପ୍ରମାଣ ପତ୍ର ଓ ସମ୍ମାନ ରାଶି ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀଙ୍କ ସମେତ ଅନେକ ଓଡିଆ ପ୍ରେମୀ ଏଥିରେ ଯୋଗ ଦେଇଥିଲେ।

# କତାମେଟାରେ କେନ୍ଦୁପତ୍ର ତୋଳା କାର୍ଯ୍ୟର ଶୁଭାରମ୍ଭ



ମାଲକାନଗିରି,୧୨।୪ (ସମିସ): ମାଲକାନଗିରି ଜିଲ୍ଲାରେ ଚଳିତ ବର୍ଷ ପାଇଁ ରବିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କତାମେଟା ସ୍ଥିତ ମା ମାଉଲି ମନ୍ଦିର ସମ୍ମୁଖରେ ଜାମୁଗୁଡା କେନ୍ଦୁପତ୍ର ଫଡିଠାରେ ୨୦୨୬ କେନ୍ଦୁପତ୍ର ଶସ୍ୟ ବର୍ଷ ନିମନ୍ତେ କେନ୍ଦୁପତ୍ର ତୋଳା କାର୍ଯ୍ୟ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜୟପୁର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଏ. ଉମା ମହେଶ, ବରିଷ୍ଠ ଆଇନଜୀବୀ ଗୁରୁ ଚରଣ ମହାନ୍ତି, ଜିଲ୍ଲା କେନ୍ଦୁପତ୍ର ବ୍ୟବସାୟୀ ସଂଘର ସମ୍ପାଦକଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ କେନ୍ଦୁପତ୍ର ତୋଳାଳୀଙ୍କ ନିମନ୍ତେ ଜଳ ଛତ୍ର ଏବଂ ମାଗଣାରେ ଓଆରଏସ ଯୋଗାଇଦେବାର ବ୍ୟବସ୍ଥା ବିଭାଗ ପକ୍ଷରୁ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ କତାମେଟା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ବେତାଳ ଜୟରାମ ପରିଚାଳନା କରିଥିବା ବେଳେ ମାଲକାନଗିରି କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ରଜନୀକାନ୍ତ ଷଡ଼ଙ୍ଗୀ ଏଥିରେ ସହଯୋଗ କରିଥିଲେ।

# ଝଞ୍ଜାବତୀ ମହିଳା ୱାକର୍ସ କ୍ଲବ୍ ପକ୍ଷରୁ ଚଲ୍ଲା ବଣ୍ଟନ




ରାୟଗଡ,୧୨।୪(ସମିସ): ପ୍ରବଳ ଖରା ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାୟଗଡ଼ା ଝଞ୍ଜାବତୀ ମହିଳା ୱାକର୍ସ କ୍ଲବ୍ ତରଫରୁ ଆଜି ସ୍ଥାନୀୟ ରେଲୱେ ଷ୍ଟେସନ ନିକଟ ଗଣେଶ ମନ୍ଦିର ନିକଟରେ ଏକ ଚଲ୍ଲା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କ୍ଲବ ସଭାପତି ୱାକର ଅନୁସୂୟା ମାଝିଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରାସ୍ତାରେ ଯାଉଥିବା ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀମାନେ ଚଲ୍ଲା ପାଇକି ନିଜର ତୃଷା ମେଣ୍ଟାଇ ବହୁତ୍ ଖୁସି ଅନୁଭବ କରିଥିଲେ। ଏଥିରେ ୱାକର ସତ୍ୟବାଦୀ ପତି, କ୍ଲବର ସେକ୍ରେଟେରୀ ଗୀତା ରାଣୀ ମିଶ୍ର ସହ ୨୦ ଜଣ ସଦସ୍ୟ ଉପସ୍ଥିତ ଥିଲେ।

# ଓଡ଼ିଆ ନବବର୍ଷ ଓ ବିଷୁବସଂକ୍ରାନ୍ତି ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ



ରାୟଗଡ,୧୨।୪(ସମିସ):

ଆସନ୍ତା ଏପ୍ରିଲ ୧୪ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି, ହନୁମାନ୍ତ ଜୟନ୍ତୀ ତଥା ଓଡିଆ ନବବର୍ଷ ପାଳନ ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି। ମହାବିଷୁବ ସଂକ୍ରାନ୍ତି ଉତ୍ସବ କମିଟି, ରାୟଗଡା ଜିଲ୍ଲା ତରଫରୁ ମହାବିଷୁବ ସଂକ୍ରାନ୍ତି ଆଡମ୍ବର ସହକାରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଅବସରରେ ରବିବାର ଦିନ କମିଟି ପକ୍ଷରୁ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପ ଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ରୀତିନୀତି ପୂଜାର୍ଚ୍ଚନ ପରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। ଆସନ୍ତା ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଆଡମ୍ବର ସହକାରେ ମହାବିଷୁବ ସଂକ୍ରାନ୍ତ ପାଳନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ୧୪ ତାରିଖ ଅପରାହ୍ନ ୪ଟା ସମୟରେ ଶ୍ରୀ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ଅଶୋକ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହେବ। ସନ୍ଧ୍ୟା ୬ଟା ସମୟରେ ପୂଜା ଓ ନୂତନ ପଞ୍ଜିକା ପଠନ କରାଯିବ। ସନ୍ଧ୍ୟା ୬ଟା୩୦ ସମୟରେ ପଣା ବଣ୍ଟନ କରାଯିବ। ସନ୍ଧ୍ୟା ୭ଟା ସମୟରେ ମହାବିଷୁବ ସଂକ୍ରାନ୍ତି କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ୧୪ ତାରିଖ ଦିନ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, ଅନୁସୁୟା ନାଥ ଓ ସୌମଶ୍ରୀ ଚରଞ୍ଜିତ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ୧୫ ତାରିଖ ଦିନ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତି, ସୁଶ୍ରୀ ଲିପ୍ସା ମହାପାତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଶୁଭଖୁଣ୍ଟି ସ୍ଥାପନ ସମୟରେ କମିଟିର ଭବାନୀ ଶଙ୍କର ଜେନା, ଦେବାଶିଷ ପଣ୍ଡା, ଦେବାଶିଷ ବକ୍ସିପାତ୍ର, ପ୍ରୀତମ କୁମାର, ରାଜକିଶୋର ପଣ୍ଡା, ରାଜେଶ ପାଢୀ, ପୁରୁଷୋତମ, ମିଟୁ ପାଣିଗ୍ରାହି, ସନ୍ତୋଷ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଙ୍ଗାଣିଗୁଡା-ପାମଗେଟା ରାସ୍ତା ନିମ୍ନମାନର

# ହାତରେ ଉଠି ଯାଉଛି ପିଚୁ, କଂକ୍ରିଟରେ ପୋତାଯାଇଛି ରଡ୍

ପଡିଆ,୧୨।୪(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ଶିଙ୍ଗାଣିଗୁଡା ଠାରୁ ପଡିଆମିଗୁଡା, ତଣ୍ଡାଗୁଡା ଏବଂ ପାମଗେଟା ପର୍ଯ୍ୟନ୍ତ ନିର୍ମାଣାଧିନ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧିନ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଯାଇଥିବା ବେଳେ ରୋଡନପଲ୍ଲୀ ଗ୍ରାମ ନିକଟରେ ଏହି ରାସ୍ତାର ପିଚୁ ସମ୍ପୂର୍ଣ୍ଣ ଉଠି ଯାଉଛି। ସ୍ଥାନୀୟ ଲୋକେ ଏହି ପିଚୁ ପରସ୍ତ ଉଠି ଯାଉଥିବା ଦେଖି ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବାରି ପାରିଥିଲେ। ଏନେଇ ରୋଡନପଲ୍ଲୀ, ପାମଗେଟା, ମେଟାଗୁଡା ଓ ସିଙ୍ଗାଣିଗୁଡା ଗ୍ରାମବାସୀ ଠିକାଦାରଙ୍କୁ କାର୍ଯ୍ୟର ମାନ ସୁଧାରିବାକୁ କହିବା ସହ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଠିକାଦାର ଜଣଙ୍କ ଗ୍ରାମବାସୀଙ୍କ କଥାକୁ ଅଣଦେଖା କରି ପତଳା ପରସ୍ତ ପିଚୁ ପୁରୁଣା ରାସ୍ତା ଉପରେ ବିଛେଇ କାମ ସାରିବାକୁ ଉଦ୍ୟମ କରିଛନ୍ତି। ଏଥିସହ ଏହି ରାସ୍ତାରେ ନିର୍ମାଣାଧିନ ଏକାଧିକ ପୋଲର ଲୁହା ଛଡ଼ ବ୍ୟବହାର କରିବା ପରିବର୍ତ୍ତେ କିଛି ଲୁହାଛଡ ନାମକୁ ମାତ୍ର ପୋଲ କାନ୍ଥରେ ପୋତି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ୬ କିମି ୨୦୦ ମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାର ୭୫ ସେମି ବିଶିଷ୍ଟ ଦୁଇସ୍ତର ମେଟାଲ୍ ବ୍ୟବହାର କରାଯାଇ ଏହି ପିଚୁ ରାସ୍ତା ନିର୍ମାଣ କରାଯିବାକୁ ଥିବା ବେଳେ ନିମ୍ନମାନର ସାମଗ୍ରୀ ବ୍ୟବହାର



କରି କାର୍ଯ୍ୟ ସାରିବାକୁ ଠିକାଦାର ଜଣଙ୍କ ପ୍ରୟାସ ଜାରୀ ରଖିଥିବା ଅଭିଯୋଗ କରିଛନ୍ତି। ଏବାବଦରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ନିମ୍ନମାନର କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ, କାର୍ଯ୍ୟର ତଦାରଖ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟପଟେ ଶିଙ୍ଗାଣିଗୁଡା ଠାରୁ ତୁଣ୍ଡଗୁଡା ଓ ପାମଗେଟା ରାସ୍ତାର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ତୁରନ୍ତ ଏହି କାର୍ଯ୍ୟକୁ ବିଭାଗୀୟ ଅଧିକାରୀ ତଦାରଖ କରି ପୁନଃନିର୍ମାଣ କରିବା ସହ ଠିକାସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିଙ୍ଗା ମାଡକାମି, ଶରତ ବେଟୀ, ବିପିନ ମୁଲି, ସନ୍ତୁ ମୁଲି, ମାରା କୁରାମ, ନବୀନ ମୂଳା ସମେତ ତିନି ଗ୍ରାମର ଗ୍ରାମବାସୀ ଦାବି କରିଛନ୍ତି।



# ସର୍କିଟ ହାଉସରେ ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର,୧୨।୪(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ କେନ୍ଦୁଝର ଗସ୍ତରେ ଅଛନ୍ତି। ଦ୍ୱିତୀୟ ଦିନ ରବିବାର ମଧ୍ୟାହ୍ନରେ ଶହ ଶହ ସଂଖ୍ୟାରେ ଲୋକ କେନ୍ଦୁଝର ସର୍କିଟ ହାଉସକୁ ଆସି ନିଜ ନିଜର ବ୍ୟକ୍ତିଗତ ଓ ଆଉ କିଛି ଲୋକ ସାମୂହିକ ସମସ୍ୟା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ବିଶେଷ କରି ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଭିଯୋଗଗୁଡିକ ମୁଖ୍ୟମନ୍ତ୍ରୀ ଧୈର୍ଯ୍ୟର ସହ ଶୁଣିବା ପରେ ଏହାର କିପରି ସମାଧାନ ହୋଇପାରିବ ତାହାର ଦାୟିତ୍ୱ ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରରେ ରହିଥିବା ସମସ୍ୟାଗୁଡିକୁ ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପ୍ରଶାସନ ଓ ଜନତାଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରି ବ୍ୟବସ୍ଥାକୁ ଲୋକଙ୍କ ଅତି ନିକଟତର କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି। ଏହି ଅଭିଯୋଗ ଶୁଣିବା ସମୟରେ ଡିଆଇଜି ବ୍ରିଜେଶ ରାୟ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ, ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର, ଡିଏଫ୍‌ଓ ଏଚ୍‌ଡି ଧନରାଜ, ଡିଏମ୍‌ଏଫ ସିଇଓ ଡକ୍ଟର ରୀନା ପ୍ରଧାନ, ମୁଖ୍ୟମନ୍ତ୍ରୀ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଦୁଇ କାର୍ ମଧ୍ୟରେ ଧକ୍କା; ବର୍ତ୍ତିଗଲେ ୭ ଯାତ୍ରୀ

ତୁରୁମୁଙ୍ଗା, ୧୨।୪(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ନିହୁଆଁ ଛକ ନିକଟରେ ରବିବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏକ କାର ପଛକୁ ଆଉ ଏକ କାର ଧକ୍କା ଦେବା ଫଳରେ ଉଭୟ ଗାଡ଼ିରେ ଥିବା ୭ ଜଣ ଯାତ୍ରୀ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ବାରିପଦା ଅଞ୍ଚଳର ଏକ ପରିବାରର ୫ ଜଣ ସମ୍ବଲପୁରରୁ ଫେରୁଥିବା ସମୟରେ କେନ୍ଦୁଝର ପଟୁ ଆଉ ଏକ କାରରେ ଦୁଇ ଜଣ କରଞ୍ଜିଆକୁ ଯାଉଥିଲେ। ନିହୁଆଁ ନିକଟ ଏକ ହମ୍ପସରେ ଆଗ ଗାଡ଼ି ବ୍ରେକ ମାରିବାରୁ ପଛରେ ଆସୁଥିବା କାର ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଉଭୟ ଗାଡ଼ିର ୭ ଜଣଙ୍କୁ





ଉଦ୍ଧାର କରି ସ୍ଥାନୀୟ ଲୋକେ ୧୦୮ ଓ ଏନଏଚଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ଆପୋଷ ବୁଝାମଣା ପରେ ଉଭୟ ଗାଡ଼ି ନେଇଯାଇଥିବା ଜଣାପଡ଼ିଛି। ଏନେଇ ତୁରୁମୁଙ୍ଗା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଏନଏଚଆଇର ଖାମଖିଆଲି ଯୋଗୁଁ ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ରାଜପଥ ଉପରେ ଥିବା ହମ୍ପସ ପୂର୍ବରୁ କୌଣସି ସୂଚନା ବା ସଙ୍କେତ ନଥିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି।

# ଯୁବକଙ୍କୁ କାଠଫାଳିଆରେ ମରଣାନ୍ତକ ଆକ୍ରମଣ

ଯୋଡ଼ା, ୧୨।୪(ସମିସ): ଯୋଡ଼ା ବସଷ୍ଟାଣ୍ଡରେ ଜଣେ ଯୁବକକୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଅଜୟ କୁମାର ପାତ୍ର ନାମକ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କର ମୁଣ୍ଡ ଓ ଆଖିପତାରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଛି। ତାଙ୍କୁ ନିକଟସ୍ଥ ଟାଟା ଷ୍ଟିଲ ମେନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଜି ସେ ଯୋଡ଼ା ବଜାରକୁ ପରିବା କିଣିବାକୁ ଆସିଥିବାବେଳେ ହଠାତ୍ କେହି ଦୁର୍ବୃତ୍ତ ତାଙ୍କୁ କାଠଫାଳିଆରେ ଆକ୍ରମଣ କରି ପଳାଇଯାଇଥିବା କୁହାଯାଉଛି। ଅଜୟଙ୍କ ନିଜ ଘର ପାଟଣା ଥାନା ମୂଷାପଡ଼ା ଗାଁରେ। ସେ କମାର ଯୋଡ଼ାରେ ରହି ରାଜମିସ୍ତ୍ରି ଭାବରେ କାମ କରୁଥିଲେ। ହେଲେ କାହିଁକି ତାଙ୍କୁ ଅତର୍କିତ ଭାବରେ ମରଣାନ୍ତକ ଆକ୍ରମଣ କରାଗଲା ତାହା ସ୍ପଷ୍ଟ ହୋଇପାରିନାହିଁ। ଅଜୟଙ୍କ କହିବା କଥା, ଗତକାଲି ସାଇଟ୍‌ରେ କାମକରୁଥିବା ବେଳେ କୌଣସି କାରଣକୁ ନେଇ ଜଣେ ମହିଳା ଶ୍ରମିକଙ୍କ ସହ ତାଙ୍କର ବଚସା ହୋଇଥିଲା, ଯାହାଫଳରେ ସେ ତାଙ୍କୁ ଦେଖିନେବେ ବୋଲି କହିଥିଲେ। ଖବର ପାଇ ଯୋଡ଼ା ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବଡଡୁମୁରିଆ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ଝୁମ୍ପୁରା, ୧୨।୪(ସମିସ): ଝୁମ୍ପୁରା ବ୍ଲକ ବଡଡୁମୁରିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ସପ୍ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାକାର୍ଯ୍ୟ ପ୍ରାରମ୍ଭରେ ଯୋଗଦାନ କରିଥିବା ଅତିଥିଙ୍କ ଦ୍ୱାରା ଭାରତମାତା ଓ ସରସ୍ୱତୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ବାର୍ଷିକୋତ୍ସବ ଉତ୍ସବରେ ମୁଖ୍ୟଅତିଥି ଭାବେ ଝୁମ୍ପୁରା ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ବିଭାଗ ସେବା ପ୍ରମୁଖ ଖଗେଶ୍ୱର ମହାନ୍ତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ ବାରିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଲଳିତ ମୋହନ ମହାନ୍ତ, ସରପଞ୍ଚ ରୁଦ୍ର ନାଏକ ଯୋଗଦାନ କରିଥିଲେ। ଶିକ୍ଷା, ସଂସ୍କୃତି, ମାତୃଭାଷା ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀଙ୍କ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ବୈକୁଣ୍ଠନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟା ମିଷ୍ଟରିତା ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିଶୁ ମନ୍ଦିରର ଗୁରୁଜୀ ତପନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କୁ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୁରୁଜୀ ପ୍ରମୋଦ ମହାକୁଡ଼, ଟଙ୍କ ଝାଳିଆ ଗୁରୁମା ଅନ୍ନପୂର୍ଣ୍ଣା ଗିରି, ସୁନନ୍ଦା ଗିରି, କମଳା ମହାନ୍ତ, ଲିପି ମହାନ୍ତି, ଭୂମିକା ମହାନ୍ତ, ଲିଜା ମହାନ୍ତ, ସବିତା ମହାନ୍ତ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଆ ନବବର୍ଷ ପାଳନ ପ୍ରସ୍ତୁତି



ଯୋଡ଼ା, ୧୨।୪(ସମିସ): ଯୋଡ଼ା ସହରରେ ଓଡ଼ିଆ ନବ ବର୍ଷ ପାଳନ ନିମନ୍ତେ ଓଡ଼ିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନବ ବର୍ଷ ପାଳନର ସମସ୍ତ କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରାଯାଇଥିଲା। ଏପ୍ରିଲ ୧୪ ମହାବିଷୁବ ସଂକ୍ରାନ୍ତି ଓଡ଼ିଆଙ୍କର ଏକ ପ୍ରମୁଖ ଦିନ ହୋଇଥିବା ବେଳେ ଓଡ଼ିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏହି ଦିନ ପୂର୍ବାହ୍ନରେ ଏକ ଶୋଭାଯାତ୍ରା କରାଯାଇ କେନ୍ଦୁଝର ଜିଲ୍ଲାର ଚାଙ୍ଗୁ ନୃତ୍ୟ ପରିବେଷଣ ସହ ସଂକୀର୍ତ୍ତନ, ଆଦିବାସୀ ନୃତ୍ୟ, ସାନ୍ତାଳୀ ନୃତ୍ୟ ଏବଂ ନିକଟ ଜିଲ୍ଲାରୁ ଆସୁଥିବା କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଲଉଡି ଖେଳ, ଘଣ୍ଟବାଦ୍ୟ ପ୍ରଭୃତି କରାଯିବ। ସନ୍ଧ୍ୟା ସମୟରେ ପଶ୍ଚିମ ଯୋଡ଼ାଠାରେ ଏକ ସଭାର ଆୟୋଜନ କରାଯିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ମଞ୍ଚର ସଭାପତି ଚର୍ଚ୍ଚିଲ ମହାକୁଡ଼, ସମ୍ପାଦକ ସୁଶୀଲ ମହାନ୍ତି, ଉପଦେଷ୍ଟା ସାରଦା ପ୍ରସାଦ ଆଚାର୍ଯ୍ୟ, ଗୋପାଳ ବେହେରା, କାଉନସିଲର ଦୀପ୍ତିରଞ୍ଜନ ବେହେରା, ରାମଚନ୍ଦ୍ର ପାତ୍ର, ମୁନା କାରୁଆଙ୍କ ସହ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ସାଇଁକୁଳରେ ବୈଦିକ ବ୍ରାହ୍ମଣ ସମ୍ମିଳନୀର ମହାସଭା



ଆନନ୍ଦପୁର, ୧୨।୪ (ସମିସ): ଘସିପୁରା ବ୍ଲକ୍‌ର ସାଇଁକୁଳ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ବୈଦିକ ବ୍ରାହ୍ମଣ ମହାସଭାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆବାହକ ସୁଶାନ୍ତ ପାଣିଙ୍କ ସଂଯୋଜନା ଓ ସଭାପତି ସାରଙ୍ଗଧର ନନ୍ଦଙ୍କ ସଭାପତିତ୍ୱରେ ସମ୍ପାଦକ ଭଗବାନ ପଣ୍ଡା ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ବ୍ରାହ୍ମଣ ମହାସଭା ସଭାପତି ଡ ସଦାନନ୍ଦ ଦୀକ୍ଷିତ, ଜିଲା ସମ୍ପାଦକ ପ୍ରସନ୍ନ ନନ୍ଦ ଉପସଭାପତି ରଞ୍ଜନ ପାଢୀ, ରାଜ୍ୟ ସମ୍ପାଦକ ଶାନ୍ତନୁ ମିଶ୍ର, ଓଡ଼ିଶା ମିଡ଼ିଆ ସେଲ ସମ୍ପାଦକ ମଦନ ପାଣିରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ମଧୁସୂଦନ ମିଶ୍ର, ଉପଦେଷ୍ଟା ହଳଧର ପଣ୍ଡା, ଆନନ୍ଦପୁର ସଂଯୋଜକ ମଦନ ମିଶ୍ର ଯୋଗଦେଇ ସଂରକ୍ଷଣ ବ୍ୟବସ୍ଥା ସାମାଜିକ ବ୍ୟବସ୍ଥାକୁ ନଷ୍ଟ କରୁଥିବାରୁ କୌଳିକ ବୃତ୍ତିର ମର୍ଯ୍ୟାଦା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଶରତଚନ୍ଦ୍ର ମିଶ୍ର, ବିଭୂତିଭୁଷଣ ଦାଶ, ଚିତ୍ତରଞ୍ଜନ ଦାଶ ବିଶ୍ୱରଂଜନ ମିଶ୍ର, କେଦାର ରଥ, ନରସିଂହ ଦାଶ ମହାସଭା ଆୟୋଜନର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ୧୬ ଶାସନ, ୩୨ ପଡ଼ା ଶାସନ ଓ ୬୪ଟି ଉପଶାସନର ବହୁ ମାନ୍ୟଗଣ୍ୟ ବ୍ରାହ୍ମଣ ବୈଦିକ ସଂସ୍କୃତି, ରୀତିନୀତି, ପରମ୍ପରା, ଯଜ୍ଞ, ଅନୁଷ୍ଠାନ, ବେଦଶାସ୍ତ୍ର, ଶ୍ରୀମଦ୍ ଭାଗବତ ଉପରେ ଆଲୋଚନା କରିଥିଲେ।

# କୀର୍ତ୍ତନବିହାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୨।୪(ସମିସ): ଘସିପୁରା ବ୍ଲକ ଶାଳଦେଇ କୀର୍ତ୍ତନ ବିହାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କନିଷ୍ଠ କିରାଣି ନରେନ୍ଦ୍ର କୁମାର ସେଠୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଅଧକ୍ଷ ସରୋଜ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ ରାଉତ, ମୁଖ୍ୟବକ୍ତା କେନ୍ଦୁଝର ଓଷ୍ଟା ସଂଘ ସଂପାଦକ ରଞ୍ଜନ ଘଡ଼େଇ, ସମ୍ମାନିତ ଅତିଥି ଶାଳଦେଇ ସରପଞ୍ଚ ରିତାଞ୍ଜଳି ବୋଇତାଇ, ପଞ୍ଚସଖା ଶିକ୍ଷାସେତୁ ସଭାପତି ନବଘନ ରାଉତ, ପ୍ରଭାତ ନଳିନୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟଦେବ ସାହୁ, ବାଲିବରୁଆଁ ସିଆରସିସି ପ୍ରଶାନ୍ତ ନାଥ ଯୋଗଦାନ କରିଥିଲେ। ଦୀର୍ଘବର୍ଷ ଧରି ବିଦ୍ୟାଳୟର ସମସ୍ତ କାର୍ଯ୍ୟ ନିଷ୍ଠାର ସହ କରିବା ସହ ବିଦ୍ୟାଳୟରେ ସମସ୍ତଙ୍କର ଅତି ପ୍ରିୟ ଭାବେ ଶ୍ରୀ ସେଠୀ ନିଜ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇଥିଲେ। ସହକାରୀ ଶିକ୍ଷକ ପ୍ରଦୀପ ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ବାସୁଦେବ ସାହୁ ସଭା ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ବରଦା ପ୍ରସନ୍ନ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦେବବ୍ରତ ଗୁରୁ, ବିଷ୍ଣୁଚରଣ ନାୟକ, ଦେବବ୍ରତ ସାହୁ, ମେନକା ରାଉତ, ପ୍ରିୟଙ୍କା ମଲ୍ଲିକ, ପ୍ରମୋଦ ସାହୁ, ଗୋବର୍ଦ୍ଧନ ସାହୁ, କର୍ମଚାରୀ ନିରଞ୍ଜନ ମୁଖୀ ସହଯୋଗ କରିଥିଲେ।

# ଆନନ୍ଦପୁର ମହୋତ୍ସବରେ ସାଇବର ସଚେତନତା

ଆନନ୍ଦପୁର, ୧୨।୪ (ସମିସ): ଆନନ୍ଦପୁର ମହୋତ୍ସବରେ ଆକ୍ସିସ ବ୍ୟାଙ୍କ ଆନନ୍ଦପୁର ଦ୍ୱାରା ସାଇବର ଫ୍ରଡ଼ର ସଚେତନତା ଏବଂ ସରକାରୀ ସ୍କିମର ଉପକାରିତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶାଖା ପରିଚାଳକ ଜୟନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଲୋକଙ୍କ ପାଖରେ ବ୍ୟାଙ୍କ ସୁବିଧା କିପରି ସୁରୁଖୁରୁରେ ପହଞ୍ଚିପାରିବ ଓ




ଆଲୋଚନାରେ ଜଣେ ଲୋକ କିପରି ସାଇବର ଫ୍ରଡରୁ ରକ୍ଷା ପାଇ ପାରିବ, ସରକାରଙ୍କ ଦ୍ୱାରା ଯେଉଁ ସ୍କିମ ସବୁ ଅଛି ସେଗୁଡିକର ସଠିକ ଉପଯୋଗ ସହ କୃଷକ, ମହିଳା, କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଉପଯୁକ୍ତ ଋଣ କିପରି ସହଜରେ ପାଇପାରିବେ ସେ ବିଷୟରେ ମଧ ଲୋକଙ୍କୁ ବୁଝାଯାଇଥିଲା। ବ୍ୟାଙ୍କ କର୍ମଚାରୀ ବିକ୍ରମ ବାରିକ, ସାର୍ଥକ ମିଶ୍ର, ମିତାଲି ଜେନା, ସତ୍ୟଜିତ ଶତପଥୀ, ରେଣୁକା ବିଶ୍ୱାଳ, ସୁମନ ପଣ୍ଡା, ବିଶ୍ୱଜିତ ନାୟକ, ଲିପୁନ ପଣ୍ଡା, ସମ୍ବିତ ମହାନ୍ତି, ସତ୍ୟମ ପରିଡା ପ୍ରମୁଖ ମହୋତ୍ସବରେ ଆସୁଥିବା ଲୋକଙ୍କୁ ସଚେତନ କରୁଛନ୍ତି।

# ପାଇପ୍‌ଲାଇନ୍ କାମ ଯୋଗୁଁ ସ୍କୁଲ କଂକ୍ରିଟ ଫାଟିଲା





ଆନନ୍ଦପୁର,୧୨।୪(ସମିସ): ଲୁହାପଥର ପରିବହନ ପାଇଁ ମାଟି ତଳେ କେନ୍ଦୁଝରରୁ ପାରାଦୀପ ପାଇପଲାଇନ ବିଛାଯାଇଥିବା ବେଳେ ଏସଓପି ଭୁଲିଯାଉଛି କାର୍ଯ୍ୟର ଦାୟିତ୍ୱରେ ରହିଥିବା କମ୍ପାନୀ। ପାଇପ୍ କାମ ଯୋଗୁଁ ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ କାନ୍ଥ ଫାଟି ଆଁ କରିଥିବାବେଳେ ଛାତ୍ରଛାତ୍ରୀ ଭୟଭୀତ ଅବସ୍ଥାରେ ଶିକ୍ଷାଦାନ କରୁଛନ୍ତି। କିଛି ଦିନ ତଳେ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ କ୍ଲାସ୍ ରୁମ୍ ଭିତରେ ଅଣ୍ଟୁଏ ଆଣ୍ଠୁଏ କାଦୁଅରେ ଭର୍ତ୍ତି ହୋଇଥିବାରୁ ଛାତ୍ରଛାତ୍ରୀ ପାଠ ପଢିବାରେ ଅସୁବିଧା ହୋଇଥିଲା। ଆଇରନ ପାଇପ୍ କମ୍ପାନୀ ମନମାନି କାମ ଯୋଗୁଁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ପାଇପଲାଇନ ବିଛା କାର୍ଯ୍ୟ ତ୍ୱରାନ୍ୱିତ କରୁଥିବା ବେଳେ କେତେକ ଛକ, ବଜାର ସ୍ଥାନରେ ଗଭୀର ମାଟି ତଳେ ପାଇପ ନେବା ପାଇଁ କମ୍ପାନୀ ପକ୍ଷରୁ ମେସିନ ସାହାଯ୍ୟରେ ଗଭିର ସୁଡଙ୍ଗ କରିବା ସମୟରେ କର୍ମଚାରୀମାନେ ଏସଓପି ଭୁଲି ତ୍ରୁଟିପୂର୍ଣ୍ଣ ଭାବେ ସୁଡଙ୍ଗ କାର୍ଯ୍ୟ କରୁଥିବାରୁ ଜାତୀୟ ରାଜପଥ କଡ଼ରେ ଥିବା ସର୍ଭିସ ରୋଡଗୁଡିକ ମାଟି କାଦୁଅରେ ପରିପୂର୍ଣ୍ଣ ହୋଇଯାଉଥିବା ଦେଖିବାକୁ ମିଳୁଛି।

**ଭୟରେ ଛାତ୍ରଛାତ୍ରୀ**

# ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ତୁରୁମୁଙ୍ଗା, ୧୨।୪(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ସରାସପଶି ନିକଟରେ କିଛିଦିନ ତଳେ ଘଟିଥିବା ଦୁର୍ଘଟଣାରେ ଗୁରୁତର ହୋଇଥିବା ତୁରୁମୁଙ୍ଗା ଗ୍ରାମର ଅରୁଣ ସାହୁ(୩୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ରାତି ମୃତ୍ୟୁ ଘଟିଛି। ଶନିବାର ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଶୁଭାଶିଷ ସ୍ମାରକୀ କ୍ରିକେଟ ଫାଇନାଲ ମ୍ୟାଚ ଦେଖିଲେ ମୁଖ୍ୟମନ୍ତ୍ରୀ

## କଟକ ରାଇଜିଂ ଷ୍ଟୁଡେଣ୍ଟ୍ସକୁ ହରାଇ ରାଉରକେଲା ୟୁଥ କ୍ରିକେଟ କ୍ଲବ ଚାମ୍ପିଅନ




କେନ୍ଦୁଝର, ୧୨।୪(ସମିସ): କେନ୍ଦୁଝରର ଷ୍ଟାଡିଅମଠାରେ ଆୟୋଜିତ ୧୧ତମ ଶୁଭାଶିଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ରାଉରକେଲା ୟୁଥ କ୍ରିକେଟ କ୍ଲବ ରାଇଜିଂ ଷ୍ଟୁଡେଣ୍ଟସ କଟକକୁ ୩୪ ରନରେ ପରାସ୍ତ କରି ବିଜୟୀ ହୋଇଛି। ଏହି ଫାଇନାଲ ମ୍ୟାଚ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଏବଂ ରନର୍ସ ଅପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେଉଛି ଆମ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଏଥିପାଇଁ ପ୍ରତି ପଞ୍ଚାୟତ ଏବଂ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରି ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ସରକାର ପ୍ରତିଭା ଚିହ୍ନଟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୨୦୨୮ରେ ୱାର୍ଲଡ ଆଥଲେଟିକ୍ସ ଇନ୍‌ଡୋର ଚାମ୍ପିଅନସିପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ଆୟୋଜନ କରାଯାଉଥିବାରୁ ଏହା ଓଡ଼ିଶା ପାଇଁ ଗୌରବର କଥା। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, କେବଳ କ୍ରିକେଟ ନୁହେଁ, ଅନ୍ୟ ଖେଳରେ ମଧ୍ୟ ଆମ ଖେଳାଳି ଭାରତ ପାଇଁ ଗୌରବ ଆଣିଛନ୍ତି। ଆମ ସରକାର ଏହି ଦିଗରେ ଯତ୍ନବାନ ଅଛନ୍ତି ଏବଂ ଏହି ଦିଗରେ କାର୍ଯ୍ୟ ମଧ୍ୟ କରୁଛନ୍ତି ବୋଲି ସେ କହିଥିଲେ। କେନ୍ଦୁଝର ଷ୍ଟାଡିୟମଠାରେ ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ, ଡାକ୍ତର ଫକୀର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ଜିଲ୍ଲାପାଳ ବିଶାଳ ସିଂହ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ସମାଜସେବୀ ଶୁକଦେବ ମହାନ୍ତ ଏବଂ ଫେମସ କ୍ଲବର ସଭାପତି ବିଶ୍ୱଜିତ ତ୍ରିପାଠୀ ଉପସ୍ଥିତ ଥିଲେ।

# ସଚିବଙ୍କ ପ୍ରତିଶ୍ରୁତି ପରେ ବି ୪ ଗ୍ରାମ୍ୟ କୃଷି କର୍ମଚାରୀ ନିରାଶ




## ଏପ୍ରିଲ ୨୦ରେ କୃଷି ଭବନରେ ଧାରଣା ସହ ଆତ୍ମଦାହ ଚେତାବନୀ

ଆନନ୍ଦପୁର, ୧୨।୪ (ସମିସ): କେନ୍ଦୁଝର ଜିଲ୍ଲାର ୪ ଜଣ ଆଶାୟୀ ଗ୍ରାମ୍ୟ କୃଷି କର୍ମଚାରୀ ଭାବେ ନିଯୁକ୍ତି ନମିଳିବାରୁ ଆଶାୟୀ ଗ୍ରାମ୍ୟ କୃଷି କର୍ମଚାରୀ ଭୁବନେଶ୍ୱରସ୍ଥିତ କୃଷି ଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ସମ୍ପୃକ୍ତ ସଚିବଙ୍କ ପ୍ରତିଶ୍ରୁତି ପରେ ଆଶାୟୀମାନେ ଧାରଣା ପ୍ରତିହାର କରିଥିଲେ। ମୁଖ୍ୟ କୃଷି ସଚିବ ତାଙ୍କ ପ୍ରତିଶ୍ରୁତିରେ କହିଥିଲେ ଯେ ଏକମାସ ମଧ୍ୟରେ ନିଯୁକ୍ତି ଦେବେ। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଆସନ୍ତା ୨୦ ତାରିଖରେ ଆଶାୟୀମାନେ ଆତ୍ମଦାହ କରିବାକୁ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ୨୦୦୮ ରେ କେନ୍ଦୁଝର ଜିଲ୍ଲାରେ ଗ୍ରାମ୍ୟ କୃଷି କର୍ମଚାରୀ ନିଯୁକ୍ତି ପାଇଁ ୩୬ଟି ପଦ ବାହାରିଥିଲା। ଏହା ଜିଲ୍ଲା ସ୍ତରରେ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଏହି ଆଦେଶକୁ ଉଲ୍ଲଙ୍ଘନ କରି ଅନ୍ୟ ଜିଲ୍ଲାର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବାରୁ ଏହି ଆଶାୟୀ ପ୍ରାର୍ଥୀମାନେ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ନୀଳାମ୍ବର ପରିଡା, ବେଣୁଧର ସା, ମନମୋହନ ସା, ସନ୍ଧ୍ୟାରାଣୀ ସେଠୀ ପ୍ରମୁଖ ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଥିଲେ। ୨୪ ସେପ୍ଟେମ୍ବର ୨୦୨୪ରେ ନ୍ୟାୟାଳୟ ଏହି ମାମଲାର ବିଚାର କରି ୪ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ଆଦେଶ ଦେଇଥିଲେ। ତେବେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଆଶାୟୀ ପ୍ରାର୍ଥୀ ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲ୍ଲା କୃଷି କାର୍ଯ୍ୟାଳୟରେ ୨ଥର ଆମରଣ ଅନଶନ ସହ ଆତ୍ମଦାହ ଦେବା ଭଳି ପଦକ୍ଷେପ ନେଇଥିବା ବେଳେ ଚାରିଜଣ ପ୍ରାର୍ଥୀ ଏକ ପ୍ରେସମିଟ ମାଧ୍ୟମରେ ୧୬ ମାର୍ଚ୍ଚ ୨୦୨୬ରେ କୃଷି ବିଭାଗକୁ ଆମରଣ ଅନଶନ ସହ ଆତ୍ମାହୁତି ଦେବାପାଇଁ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଭୁବନେଶ୍ୱର କୃଷି ଭବନ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଏକ ମାସ ଭିତରେ ବିଭାଗୀୟ ସଚିବ ଚାରି ଆଶାୟୀଙ୍କୁ ନିଯୁକ୍ତି ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଆଉ ୪ ଦିନ ଏକ ମାସକୁ ପୂରିବାକୁ ଥିଲେ ମଧ୍ୟ ଚାରି ଆଶାୟୀଙ୍କୁ ନିରାଶ ହେବାକୁପଡିଛି। ଆଜି ଘସିପୁରାଠାରେ ଚାରି ଆଶାୟୀ ଏପ୍ରିଲ ୨୦ ତାରିଖ ସୁଦ୍ଧା ସଚିବ ଏବଂ କୃଷି ନିର୍ଦ୍ଦେଶକ ଯଦି ଆମ ଦାବି ନଶୁଣନ୍ତି ୨୦.୦୪.୨୦୨୬ରେ କୃଷି ଭବନ ସମ୍ମୁଖରେ ସମୂହ ଆମରଣ ଅନଶନ ସହ ଆତ୍ମଦାହ ଦେବା ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# କଟକ ସିଟି



## ଟେଟ୍ରାହେଡ୍ରନ୍ ଏଡୁକେସନାଲ୍ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର



କଟକ,୧୨।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଭୟରପୁର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଟେଟ୍ରାହେଡ୍ରନ୍ ଏଡୁକେସନାଲ୍ ଟ୍ରଷ୍ଟ, ଟାଙ୍ଗୀ ଓ ରଘୁନାଥଜୀଉ କ୍ଲବ, ଭୟରପୁର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିରକୁ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ଯୁବ ରେଡ଼କ୍ରସ କଟକ ଜିଲ୍ଲା ସଂଯୋଜିକା ଅଧ୍ୟାପିକା ସସ୍ମିତା ପଟ୍ଟନାୟକ ଉଦଘାଟନ କରିଥିଲେ। ଶ୍ରୀରାମ ମନ୍ଦିର କମିଟି ତରଫରୁ ବଂଶୀଧର ମହାନ୍ତି, ବିଜୟ ମହାପାତ୍ର, ହେମନ୍ତ ଓଝା, ଦିଲ୍ଲୀପ ସାହୁ ପ୍ରମୁଖ ରକ୍ତଦାତଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୫୦ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। କେନ୍ଦ୍ରୀୟ ରେଡ଼କ୍ରସ ରକ୍ତ କେନ୍ଦ୍ର କଟକ ତରଫରୁ ଡା. ଅରୁଣ ଖୁଣ୍ଟିଆ, ସୁନୀଲ ଖଣ୍ଡାଇ, ବିଜୟ ସ୍ୱାଇଁ, ପ୍ରକାଶ ମଲ୍ଲିକ ଓ କୀର୍ତ୍ତନ ବହିଦାର ପ୍ରମୁଖ ରକ୍ତ ସଂଗ୍ରହ କରିଥଲେ। ରଘୁନାଥଜୀଉ କ୍ଲବର ସଭାପତି ରତିରଞ୍ଜନ ସାହୁ ଓ ସମ୍ପାଦକ ଜ୍ୟୋତି ପ୍ରକାଶ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରକୁ ବିଶ୍ୱରଞ୍ଜନ ସାହୁ, ଲିଲିବାଳା ମହାନ୍ତି, ପ୍ରକାଶ ପ୍ରଧାନ, ଧନଞ୍ଜୟ ବେହେରା, ରଞ୍ଜିତ ବେହେରା, ପ୍ରଭାତ ରଞ୍ଜନ ମହାନ୍ତି, ସନ୍ଦୀପ ମହାପାତ୍ର, ସଂଗ୍ରାମ ବେହେରା, ବଳରାମ ସାହୁ, ସୌମ୍ୟ ରଞ୍ଜନ ସାହୁ, ଶୁଭମ ଜ୍ୟୋତି ସାହୁ ଓ ଗୌରବ ସାହୁ ସହ ରଘୁନାଥଜୀଉ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



କଟକ,୧୨।୪(ସମିସ): କଟକର ଐତିହାସିକ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ "ରାଗିଣୀ' ପାଳିତ ହୋଇଯାଇଛି। ଏହି ସାରସ୍ୱତ ସମାରୋହରେ ସୁନାମଧନ୍ୟ ସଙ୍ଗୀତ ଶିଳ୍ପୀ ତୃପ୍ତି ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଉନ୍ମୋଚିତ ହେବା ସହ ପ୍ରଦୀପ ପ୍ରଜ୍ୱଳନ ଓ ଛାତ୍ରଛାତ୍ରୀଙ୍କ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଫେସର ଡଃ ନିବେଦିତା ଗୁରୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଶିକ୍ଷକ ଶିକ୍ଷାର ମହାନ ପରମ୍ପରାକୁ ସମୃଦ୍ଧ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'କ୍ଷଣିକା' ଉନ୍ମୋଚିତ ହେବା ସହ ଛାତ୍ର ସଂସଦର ଉପସଭାପତି ସୌରଭ ଶୁଭମ୍ କର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ର ସଂସଦର ଉପଦେଷ୍ଟା ଡଃ ସୌଦାମିନୀ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ସବ୍ୟସାଚୀ ମହାନ୍ତି ନିଜର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଧାରଣ ସମ୍ପାଦକ ବିଶାଳ ଶର୍ମାଙ୍କ ଧନ୍ୟବାଦ ଅର୍ପଣ ପରେ ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ 'ମହାନାଟକ' ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଆରତୀ ସାହୁ, ହିନ୍ଦୀ ବିଏଡ୍ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡଃ ସତ୍ୟାନାରାୟଣ ପଣ୍ଡା, ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## 'ଚିତ୍ରଭୂମି ସଣ୍ଡେ ଆର୍ଟ ଏକାଡେମୀ' ଉଦ୍‌ଘାଟିତ

କଟକ,୧୨।୪(ସମିସ): କଟକ ବୟାଳିଶ ମୌଜା ଅଞ୍ଚଳରେ ଶିଳ୍ପକଳାର ବିକାଶ ଓ ପ୍ରସାର ନିମନ୍ତେ ଶ୍ରୀରାମ ମାର୍କେଟସ୍ଥିତ ମେଡ୍ ପ୍ଲସ୍ ପରିସରରେ "ଚିତ୍ରଭୂମି ସଣ୍ଡେ ଆର୍ଟ ଏକାଡେମୀ' ଶୁଭାରମ୍ଭ ହୋଇଯାଇଛି। ସିରିଡ଼ି ସାଇ ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ



ଡଃ ରୁଦ୍ର ମହାନ୍ତି ଏହି ଏକାଡେମୀକୁ ଉଦଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ ଧର୍ମପଦ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗଦେଇ ନୂତନ ପିଢ଼ିର କଳାକାରମାନଙ୍କୁ ଶିଳ୍ପକଳାର ସୂକ୍ଷ୍ମତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କଳା ଅଧ୍ୟାପକ ଶୁକଦେବ ମହାରଣା, ସୁଦର୍ଶନ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ଦାଶ, ଅଧ୍ୟାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ବୀରବର ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ବନପ୍ରଭା ପରିଡା, ଶିକ୍ଷାବିତ ପ୍ରଫୁଲ୍ଲଚନ୍ଦ୍ର ମହାପାତ୍ର, ସଙ୍ଗୀତ ଶିକ୍ଷକ ଅମିତାଭ ସାହୁ ଏବଂ ୪୨ ମୌଜା ସାମ୍ବାଦିକ ସଂଘର ସଭାପତି ଅନିଲ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏକାଡେମୀର ପରିଚାଳକ ଚିତ୍ରଶିଳ୍ପୀ ସତ୍ୟ ଶେଖର ପରିଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଅନୁଷ୍ଠାନର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଧର୍ମାନନ୍ଦ ପାଣ୍ଡେ, ଶରତ ଚନ୍ଦ୍ର ପରିଡା, ଦୀପ୍ତିମୟୀ ବେହେରା, କୁନମୁନ ସାହୁ, ସୁଶ୍ରୀସ୍ମିତା ନନ୍ଦ, ଗଣେଶଚନ୍ଦ୍ର ମୁଦୁଲି, ସରାଫଦ ବେଗ, ନିକୁଞ୍ଜ ସ୍ୱାଇଁ, ଚିନ୍ମୟ ମହାପାତ୍ର, ନିରଞ୍ଜନ ନାୟକ, ସୁରେନ୍ଦ୍ର ବେହେରା ଏବଂ ଶଶାଙ୍କ ଶେଖର ପରିଡା ପ୍ରମୁଖ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶିକ୍ଷାବିତ ଶ୍ୟାମସୁନ୍ଦର ପରିଡା ଧନ୍ୟବାଦ ଦେଇଥିଲେ।

### କଟକରେ ଏଲ୍‌ପିଜି ସଂକଟ

# ହୋଟେଲରେ ମହଙ୍ଗାହେଲା ଖାଇବା

କଟକ,୧୨।୪(ସମିସ):



ସିଲଭର ସିଟି କଟକରେ ଏବେ ଏଲ୍‌ପିଜି ଗ୍ୟାସ ସଂକଟ ସଂଗୀନ ରୂପ ଧାରଣ କରିଛି। ଗ୍ୟାସ ଏଜେନ୍ସିଗୁଡ଼ିକ ପ୍ରମୁଖ ତୈଳ କମ୍ପାନୀମାନଙ୍କୁ ଚିଠି ଲେଖିଥିଲେ ସୁଦ୍ଧା ସ୍ଥିତିରେ କୌଣସି ସୁଧାର ଆସୁନାହିଁ। ଫଳରେ ସହରର ଶହ ଶହ ହୋଟେଲ ଓ ଜଳଖିଆ ଦୋକାନରେ ରନ୍ଧନ ଗ୍ୟାସର ଅଭାବ ଦେଖାଦେଇଥିବା ବେଳେ ଏହାର ସିଧାସଳଖ ପ୍ରଭାବ ସାଧାରଣ ଖାଉଟିଙ୍କ ପକେଟ୍ ଉପରେ ପଡ଼ିଛି। ଗ୍ୟାସ ନ ମିଳିବାରୁ ହୋଟେଲ ମାଲିକମାନେ ବାଧ୍ୟ ହୋଇ କାଠ ଓ କୋଇଲା ଚୁଲି ଉପରେ ନିର୍ଭର କରୁଛନ୍ତି, ଯାହା ଖାଦ୍ୟ ପଦାର୍ଥର ମୂଲ୍ୟକୁ ବଢ଼ାଇ ଦେଇଛି।

ଗ୍ୟାସ ସଂକଟର ସୁଯୋଗ ନେଇ ବଜାରରେ ଜାଳେଣି କାଠ ଓ କୋଇଲା ଦର ଅହେତୁକ ଭାବେ ବୃଦ୍ଧି ପାଇଛି। କ୍ୱିଣ୍ଟାଲ ପିଛା କାଠ ଦରରେ ପ୍ରାୟ ୪୦୦ ଟଙ୍କା ବୃଦ୍ଧି ଘଟିଛି। ଝାଉଁ କାଠ କ୍ୱିଣ୍ଟାଲ ପୂର୍ବରୁ ୨୦୦୦ ଟଙ୍କା ଥିବା ବେଳେ ଏବେ ତାହା ୨୫୦୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୦ କେଜିଆ କୋଇଲା ବସ୍ତା ଯାହା ୮୦ ଟଙ୍କାରେ ମିଳୁଥିଲା, ତାହା ଏବେ ୩୦୦ ଟଙ୍କାରେ ବିକ୍ରି ହେଉଛି। ଏଭଳି ସ୍ଥିତିରେ ହୋଟେଲ ମାଲିକମାନେ ନିଜର ବ୍ୟବସାୟ ବଞ୍ଚାଇବା ପାଇଁ ମିଲ୍ ଏବଂ ଜଳଖିଆ ଦର ବଢ଼ାଇବାକୁ ବାଧ୍ୟ ହୋଇଛନ୍ତି। ରାଜ୍ୟ ସରକାର ଗ୍ୟାସ ମହଜୁଦ ଥିବା କହୁଥିଲେ ସୁଦ୍ଧା ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଇଣ୍ଡେନ୍, ଭାରତ ଓ ଏଚ୍‌ପି ଗ୍ୟାସ କମ୍ପାନୀ ପକ୍ଷରୁ ଜାରି କରାଯାଇଥିବା ମୋବାଇଲ୍ ବୁକିଂ ନମ୍ବରଗୁଡ଼ିକ କାର୍ଯ୍ୟ

- ଜାଳେଣି କାଠ ଓ କୋଇଲା ଦର ଆକାଶଛୁଆଁ
- ୨୫ଟି ସିଲିଣ୍ଡର ବଦଳରେ ମିଳୁଛି ମାତ୍ର ୫ଟି
- ମୁଣ୍ଡରେ ହାତ ଦେଲେଣି ହୋଟେଲ ମାଲିକ

କରୁନାହିଁ। ଅନଲାଇନ୍ ଆପ୍‌ରେ ପେଜ୍ ଖୋଲୁଥିଲେ ମଧ୍ୟ ବୁକିଂ ସମ୍ଭବ ହେଉନାହିଁ। ମାସିକ ୨୫ଟି ସିଲିଣ୍ଡର ଆବଶ୍ୟକ କରୁଥିବା ହୋଟେଲଗୁଡ଼ିକୁ ମାତ୍ର ୫ଟି ସିଲିଣ୍ଡର ମିଳୁଥିବାରୁ ବହୁ ଛୋଟ ଦୋକାନୀ ଏବେ ବନ୍ଦ ହେବା ଅବସ୍ଥାକୁ ଚାଲିଆସିଲେଣି। ସହରରେ ଗ୍ୟାସ ସଂକଟ ଯୋଗୁଁ ଦଲାଲମାନେ ସକ୍ରିୟ ହୋଇଉଠିଛନ୍ତି। ୧୪ କେଜିଆ ଘରୋଇ ସିଲିଣ୍ଡର ଯାହା ପୂର୍ବ ସପ୍ତାହରେ ଚୋରାରେ ୧୯୦୦ ଟଙ୍କାରେ ମିଳୁଥିଲା, ତାହା ଏବେ ୨୪୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ୧୯ କେଜିଆ କମର୍ସିଆଲ୍ ସିଲିଣ୍ଡରର ଦାମ୍ ୩୫୦୦ ଟଙ୍କା ଛୁଇଁଛି। ଛୋଟ ୫ କେଜିଆ ସିଲିଣ୍ଡର ୮୫୦ ଟଙ୍କାରେ କଳାବଜାରୀ ହେଉଥିବା ବେଳେ ପ୍ରଶାସନ ଏହାକୁ ରୋକିବାରେ ସଫଳ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଯଦି ତୁରନ୍ତ ଏହି ସଂକଟ ଦୂର ନହୁଏ, ତେବେ ସାଧାରଣ ରୋଷଶାଳା ମଧ୍ୟ ଶୀଘ୍ର ପ୍ରଭାବିତ ହେବାର ଆଶଙ୍କା ରହିଛି।

## ଓରମାସ୍ ପକ୍ଷରୁ ମାକ୍ରାମେ ହସ୍ତଶିଳ୍ପ ପ୍ରଶିକ୍ଷଣ

କଟକ,୧୨।୪(ସମିସ): ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପରିକ କୌଶଳ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓରମାସ୍ କଟକ ପକ୍ଷରୁ ଏକ ଦୁଇଦିନିଆ ମାକ୍ରାମେ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓରମାସ୍‌ର ଏହି ଅଭିନବ ପ୍ରୟାସରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗର ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ସୂତା ଓ ରସିକୁ ବିଭିନ୍ନ ପ୍ରକାରର ଗଣ୍ଠି ପକାଇ ସୁନ୍ଦର ଆଳଙ୍କାରିକ ବସ୍ତୁ ପ୍ରସ୍ତୁତ କରିବାର କୌଶଳ ଶିକ୍ଷା ଦିଆଯାଇଥିଲା। ଏହା ସହିତ



ଉତ୍ପାଦର ବିକାଶ, ବ୍ରାଣ୍ଡିଂ ଏବଂ ବଜାରୀକରଣ ସମ୍ପର୍କରେ ମଧ୍ୟ ବିସ୍ତୃତ ଜ୍ଞାନ ପ୍ରଦାନ କରାଯାଇଥିଲା। ଓରମାସ୍‌ର ଯୁଗ୍ମ କାର୍ଯ୍ୟ ନିର୍ବାହୀ ବିପିନ ରାଉତଙ୍କ କହିବା ଅନୁଯାୟୀ, ଏହି ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗ୍ରାମୀଣ ଶିଳ୍ପୀଙ୍କ କଳାକୁ ନିକଟରୁ ଦେଖିବା ସହ ବ୍ୟବସାୟିକ ସମ୍ଭାବନା ସମ୍ପର୍କରେ ଅବଗତ ହୋଇଛନ୍ତି। କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭବାନୀ ଶଙ୍କର ଭୂୟାଁ ଏବଂ ଓରମାସ୍‌ର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପଦକ୍ଷେପ ଯୁବପିଢ଼ିଙ୍କ ମଧ୍ୟରେ ଗ୍ରାମୀଣ ଉଦ୍ୟମିତା ବିକାଶ କରିବାରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

## ଡ୍ରିମ୍‌ସ ନର୍ସିଂ ସ୍କୁଲରେ ସୁରକ୍ଷିତ ମାତୃତ୍ୱ ଦିବସ



କଟକ,୧୨।୪(ସମିସ): ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂରେ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ନର୍ସିଂ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଶିଶୁ ଓ ମା'ର ଯତ୍ନ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପଦ୍ମିନୀ କେୟାର ହସ୍ପିଟାଲ ସ୍ତ୍ରୀ ଓ ପ୍ରସୂତି ବର୍ହି ବିଭାଗରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଗର୍ଭାବସ୍ଥା, ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସମୟରେ ମା' ଓ ନବଜାତ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ସମ୍ବନ୍ଧରେ ଉପସ୍ଥିତ ପ୍ରସୂତିଙ୍କୁ ଅବଗତ କରାଯିବା ସହ ସେମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ହସ୍ପିଟାଲର ନିର୍ଦ୍ଦେଶକ (କ୍ଲିନିକାଲ) ଡା. ପ୍ରମୋଦ ମିଶ୍ର, ନର୍ସିଂ ସ୍କୁଲର ସହକାରୀ 'ଡିନ୍'ଏନ୍ ପ୍ରେମଲତା ଦେବୀ, ସହକାରୀ ପ୍ରାଧ୍ୟାପିକା ସଂଗୀତା ନାୟକ ଏବଂ ବିଏସ୍‌ସି (ନର୍ସିଂ) ୬ଷ୍ଠ ସେମିଷ୍ଟାର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଦୁର୍ଘଟଣାରେ ଅଟୋ ଚାଳକ ଗୁରୁତର

କଟକ,୧୨।୪(ସମିସ): କ୍ୟାଣ୍ଟନ୍‌ମେଣ୍ଟ ଥାନା ଡିୟର୍ ପାର୍କ ଗଡ଼ାରେ ଦୁର୍ଘଟଣା ଘଟି ଜଣେ ଅଟୋ ଚାଳକ ଗୁରୁତର ହୋଇଛନ୍ତି। ସେ ଚୌଦ୍ୱାର ଅଞ୍ଚଳର ବିମ୍ବାଧର ସ୍ୱାଇଁ ବୋଲି ଜଣାପଡ଼ିଛି। ଦିନ ୨ଟା ୩୦ରେ ବିମ୍ବାଧର ଏକ ଅଟୋରେ ମୃଦୁ ପାନୀୟ ନେଇ ଚହଟା ଆଡ଼କୁ ଦ୍ରୁତ ଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଅଟୋ ସହ ରାସ୍ତାକଡ଼କୁ ଓଲଟି ପଡ଼ିଥିଲେ। ପଥଚାରୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏସସିବି ମେଡିକାଲ ପଠାଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡ଼ିଟିକୁ ଥାନାକୁ ଆଣି ମାଲିକଙ୍କୁ ହସ୍ତାନ୍ତର କରିଛି।

## ବିଦ୍ୟାଧରପୁର ବାଳିକା ବିଦ୍ୟାଳୟକୁ 'ସହଶିକ୍ଷା' ଅନୁଷ୍ଠାନ ମାନ୍ୟତା

କଟକ,୧୨।୪(ସମିସ): କଟକ ଉପକଣ୍ଠ ବିଦ୍ୟାଧରପୁର ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ୧୯୯୧ରେ ସ୍ଥାପିତ ବିଦ୍ୟାଧରପୁର ଉଚ୍ଚ ବାଳିକା ବିଦ୍ୟାଳୟକୁ ସରକାର ଏବେ ସହଶିକ୍ଷା ବିଦ୍ୟାଳୟରେ ପରିଣତ କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ମତାମତ ଓ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଏହି ବିଦ୍ୟାଳୟକୁ ବାଳକ ଓ ବାଳିକା ଉଭୟଙ୍କ ପାଠପଢ଼ା ନିମନ୍ତେ ମାନ୍ୟତା ପ୍ରଦାନ କରାଯାଇଛି। ଏହି ପରିବର୍ତ୍ତନ ସହ ଏହାର ନାମକୁ ମଧ୍ୟ ସଂଶୋଧନ କରାଯାଇ "ବିଦ୍ୟାଧରପୁର ଉଚ୍ଚ ବିଦ୍ୟାଳୟ' ଭାବେ ନାମିତ କରାଯାଇଛି। ଚଳିତ ଶିକ୍ଷାବର୍ଷରୁ ଛାତ୍ରମାନଙ୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ହୋଇଥିବା ବେଳେ ଗତକାଲି ଅର୍ଥାତ୍ ଏପ୍ରିଲ ୧୧ ତାରିଖରେ ବିଦ୍ୟାଳୟରେ ପ୍ରଥମ କରି ଛାତ୍ରମାନଙ୍କର ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ଛାତ୍ରମାନେ ନାମ ଲେଖାଇଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଏହି ଅଞ୍ଚଳର ଛାତ୍ରମାନେ ଉଚ୍ଚଶିକ୍ଷା ପାଇଁ ଦୂରବର୍ତ୍ତୀ ସ୍ଥାନକୁ ଯିବାକୁ ପଡୁଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଦ୍ୟାଧରପୁର ଅଞ୍ଚଳର ଅଭିଭାବକ ଓ ଶିକ୍ଷାପ୍ରେମୀମାନେ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଛନ୍ତି।

**ଚଳିତ ଶିକ୍ଷାବର୍ଷରୁ ଛାତ୍ରଙ୍କ ନାମଲେଖା ଆରମ୍ଭ**

## ସମ୍ଭାବନା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଜଳସେବା



କଟକ,୧୨।୪(ସମିସ):

ଗ୍ରୀଷ୍ମ ପ୍ରବାହ ସମୟରେ ମୂକ ପଶୁ ଓ ପକ୍ଷୀମାନଙ୍କ ତୃଷା ନିବାରଣ ନିମନ୍ତେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ "ସମ୍ଭାବନା ଚାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ଏକ ଅଭିନବ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିଏ ସେକ୍ଟର-୧୧ସ୍ଥିତ ବିଜୁ ପଟ୍ଟନାୟକ ପାର୍କରେ ଆୟୋଜିତ ଏହି ଅଭିଯାନକୁ କଟକ ମେୟର ସୁବାସଚନ୍ଦ୍ର ସିଂହ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ୩ ନମ୍ବର ୱାର୍ଡର କର୍ପୋରେଟର ପ୍ରଦୀପ ରାଉତ, କର୍ପୋରେଟର ଶୁଭାଶିଷ ପଟ୍ଟନାୟକ ଏବଂ ପୂର୍ବତନ ବାୟୁସେନା ଅଧିକାରୀ ବିମଳ ପ୍ରସାଦ ଜେନା ଯୋଗ ଦେଇଥିଲେ। ପାର୍କର ବିଭିନ୍ନ ସ୍ଥାନରେ ୧୫ଟି ପାରାକୁଣ୍ଡ ରଖାଯିବା ସହ ଗଛ ଡାଳଗୁଡ଼ିକରେ ୧୦୦ଟି ଶିକାଯୁକ୍ତ ପାଣି ସରା ବନ୍ଧାଯାଇ ଜଳର ବ୍ୟବସ୍ଥା କରାଯାଇଥିଲା। ଟ୍ରଷ୍ଟର ସଭାପତି ପ୍ରିୟରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ସିପନ ସ୍ୱାଇଁ, ରାକେଶ ଶତପଥୀ, ଡଃ ଓଁକାର ରାଉତ, ବିପାଶା ମହାନ୍ତି ଏବଂ ପ୍ରଶାନ୍ତ କାନୁନଗୋ ପ୍ରମୁଖ ପରିଚାଳନା କରିଥିଲେ। ଆଲୋକ ସାହୁ, ଶୈଳେନ୍ଦ୍ର ସାହୁ, ଅନୀଲ ଦାସ, ଇକବାଲ ହୁସେନ, ପିନାକୀ ସିଂହ, ରୀନା ଜେନା ଓ ଚିନ୍ତାମଣି ମହାଲିକ ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ।

10001/39/2627

# ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ୍/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0003

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ



ବୈପାରୀଗୁଡା,୧୨।୪(ସମିସ): କୁନ୍ଦୁରା ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ତରଫରୁ ସ୍ଥାନୀୟ ଜିରାଗୁଡା ଓ କେନ୍ଦୁଗୁଡାଠାରେ ଚାଲିଥିବା ୭ ଦିନିଆ ଗ୍ରୀଷ୍ମ କାଳୀନ ଶିବିରର ଆଜି ଉଦଯାପିତ ହୋଇଯାଇଛି। ବୈପାରୀଗୁଡା ସହିଦ ଲକ୍ଷ୍ମଣ ନାୟକ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷା ସ୍ନେହଲତା ପଟ୍ଟନାୟକ ଏବଂ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ଶିକ୍ଷା ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ଦାମୋଦର ଗଣ୍ଡା, ଇତିହାସ ବିଭାଗ ଅଧ୍ୟାପକ ଅନିଲ କୁମାର ପଟ୍ଟନାୟକଙ୍କ ସହ ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ଏହି ଶିବିରରେ ଜିଲ୍ଲା ସଂଯୋଜକ ସୁଶାନ୍ତ କୁମାର ବେହେରା, ତାଲିମ୍ପ୍ରାପ୍ତ ଜନଗଣନା ଅଧିକାରୀ ନିରଞ୍ଜନ ପଣ୍ଡା ଏବଂ ସତ୍ୟ ନାରାୟଣ ମିଶ୍ର, ଜଳ ଓ ପରିମଳ ବିଭାଗର ପିଣ୍ଟୁ କୁଳଦୀପ, ଗୋଷ୍ଠୀ କୃଷି ଅଧିକାରୀ ତାପସ ଚନ୍ଦ୍ର ରାୟ, ଅନୁଷ୍ଠାନ ଅଧ୍ୟାପକ ଶ୍ୱେତ ବସନ୍ତ ରଥ, ଦୁର୍ଗା ମାଧବ ଦାଶ, ଆକାଶ ମହାରଣା, ଡାକ୍ତର ହରିଶ୍ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ପ୍ରତି ବିଭାଗରେ ୫୦ ଲେଖାଏଁ ସ୍ୱେଚ୍ଛାସେବୀ ଯୋଗ ଦେଇଥିବା ବେଳେ ସେମାମନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ନିଶା ନିବାରଣ, ସ୍ୱ-ଜନ ଗଣନା ତଥା ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଉନ୍ନୟନ ମୂଳକ ସହାୟତା ଆଦି ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ରମେଶ ଚନ୍ଦ୍ର ଲେଙ୍କା ଏବଂ ଅଜିତା କୁମାରୀ ପଣ୍ଡା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ରବି ଶଙ୍କର ସାହୁ, ଆର୍ତ୍ତତ୍ରାଣ ମଣ୍ଡଳ, ଦିବାକର ପଟ୍ଟନାୟକ, ସିମାଞ୍ଚଳ ଚୌଧୁରୀ, ରତ୍ନାକର ମିନରବାଲିଆ, ଶିବ ମିନରବାଲିଆ ଆଦି ସହଯୋଗ କରିଥିଲେ। ଶେଷରେ ସମସ୍ତଙ୍କୁ ମାନପତ୍ର ବଣ୍ଟନ କରାଯାଇଥିଲା।

## ବାଣିଆ ଗ୍ରାମରେ ଜଳସଙ୍କଟ

# ୯୦ ପରିବାର ପାଇଁ ୨ ନଳକୂଅ



ନବରଙ୍ଗପୁର/ନନ୍ଦାହାଣ୍ଡି,୧୨।୪(ସମିସ): ଗ୍ରୀଷ୍ମ ଋତୁ ଆରମ୍ଭରୁ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ନିଶିନାହାଣ୍ଡି ଗ୍ରାମପଞ୍ଚାୟତର ବାଣିଆ ଗ୍ରାମ ହରିଜନ ସାହିରେ ଦେଖାଦେଇଛି ପାନୀୟ ଜଳ ସଙ୍କଟ। ପାଣି ପାଇଁ ସାହି ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଉଥିବା ଅଭିଯୋଗ କରିଛନ୍ତି। ସାହିରେ ୯୦ ପରିବାର ୫ ଶହରୁ ଅଧିକ ଲୋକ ବସବାସ କରୁଛନ୍ତି। ଗ୍ରାମରେ ମାତ୍ର ଦୁଇଟି ନଳକୂପ ରହିଛି। ସେଥି ମଧ୍ୟରେ ପୁଣି ଗୋଟିଏ ନଳକୂପ ରେ ଠିକ ଭାବେ ପାଣି ବାହାରୁ ନଥିବାବେଳେ ଆଉ ଗୋଟିଏ ନଳ କୂପ ରେ ଭିଡ଼ ଜମୁଛି। ବସୁଧା ପାଣି ବି ସମସ୍ତ ପରିବାରକୁ ଠିକ ଭାବେ ମିଳିପାରୁନାହିଁ। ସାହିରେ ଅଧିକାଂଶ ସମୟରେ ବସୁଧା ଜଳ ଆସୁନଥିବା ଅଭିଯୋଗ କରିଛନ୍ତି ସହିବାସିନ୍ଦା। ୫ଶହରୁ ଉର୍ଦ୍ଧ ଲୋକ ସଂଖ୍ୟା ରହୁଥିବାରୁ ୨ଟି ନଳକୂପରେ ପର୍ଯ୍ୟାପ୍ତ ପାଣି ମିଳିପାରୁନାହିଁ। ଯାଦ୍ୱାରା ପିଇବା ପାଣି ପାଇଁ ଲୋକେ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସାହିରେ ଆଉ ଗୋଟିଏ ନଳକୂଅ ଖୋଳାଇବାକୁ ପାନୀୟ ଜଳଯୋଗାଣ ବିଭାଗ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ ପରେ ବି ଶୁଣୁନଥିବା ସାହିର ଖଗପତି ହରିଜନ, ରଞ୍ଜନ ହରିଜନ, ଚୈତନ୍ୟ ହରିଜନ, ଟୁନା ହରିଜନ, ରାଜୁ ହରିଜନ, ଖଗ ହରିଜନ, ସରେନ ହରିଜନ, ମଦନ ହରିଜନ, ବିଘ୍ନ ଗଣ୍ଡା, ବିପି ହରିଜନ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି। ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି। ଏନେଇ ପାନୀୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ଜୟପ୍ରକାଶ ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲା, କିନ୍ତୁ ସେ ଫୋନ୍ ନଉଠାଇବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ଘର ତାଲା ଭାଙ୍ଗି ଟଙ୍କା, ସୁନାଗହଣା ଲୁଟ୍

ନନ୍ଦାହାଣ୍ଡି,୧୨।୪(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ପଡଲଗୁଡା ରଇନୁ ବିଶୋଇଙ୍କ ଘରେ ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ପରିବାର ଲୋକ ରାତିରେ ଶୋଉଥିବା ସମୟରେ ଦୁର୍ବୃତ୍ତ ତାଲା ଭାଙ୍ଗି ଘରେ ପଶି ପେଡି ସୁନାଗହଣା ଓ ୩୦ ହଜାର ଟଙ୍କା ନେଇଛନ୍ତି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପଡାଲଗୁଡା ଗ୍ରାମର ରଇନୁ ବିଷୋୟୀଙ୍କ ପରିବାର ଶୋଇଥିବା ସମୟରେ ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତମାନେ ଘରେ ପଶି ସୁନାଗହଣା ଓ ଟଙ୍କା ନେଇଥିବା ରଇନୁ ଥାନାରେ ଅଭିଯୋଗ କରିଛନ୍ତି। ରଇନୁ ବିଷୋୟୀ ସକାଳେ ଦେଖି ପୋଲିସକୁ ଖବର ଦେଇଥିଲେ। ସୁନା ଗୋଟିଏ ତୁଳା ଓ ରୁପା ଦୁଇ ତୁଳା ପୀତଳ ହାଣ୍ଡି ୪ଟି. ପିତଳ ଡାଲି ୫, ପୀତଳ ଗ୍ଲାସ ୨ ଟି, ଶାଢି ୧୦ଖଣ୍ଡ, ପୀତଳ ଡାଳ ୨ଟି. ପୀତଳ ବାଲ୍ଟି ୧ ଚୋରି ହୋଇଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ପଡ଼ାଲ ଗୁଡା କ୍ରିଷ୍ଟୀୟନ ସାହିର ଦନମୋତି ହରିଜନ ଘରେ ପଶି ଗଡ଼ରେଜ ଭାଙ୍ଗି ପାଞ୍ଚ ହଜାର ନେଇଯାଇଥିବା ଜଣାପଡ଼ିଛି।

# ଫାର୍ସାରେ ଆକ୍ରମଣ କରି ଲୁଟିନେଲେ ସୁନା, ଟଙ୍କା



ଉମରକୋଟ,୧୨।୪(ସମିସ): ମୁହରେ କଳା କପଡା ବାନ୍ଧି କବାଟ ଭାଙ୍ଗି ଘର ଭିତରେ ପଶି ଫାର୍ସାରେ ଆକ୍ରମଣ କରି ଲୁଟି ନେଲେ ଟଙ୍କା ଓ ସୁନାଗହଣା। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଞ୍ଚଳରେ। ଲୁଟର ଶିକାର ହୋଇଥିବା ଦମ୍ପତି ହେଲେ ଉମରକୋଟ ପୌର ପରିଷଦ ଜମାଇ କୋଲନୀ ୱାର୍ଡ ନଂ ୮ ର ତାରକ ହାଲଦାର ଓ ତାଙ୍କ ପତ୍ନୀ। ଘଟଣା ପ୍ରକାରେ ଜମାଇ କୋଲନୀରେ ସପରିବାର ରହନ୍ତି ତାରକ। ତାରକ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଏକ ଜଳଖିଆ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ଗତକାଲି ବିଳମ୍ବିତ ରାତିରେ ତାରକ ଘରେ ଶୋଇଥିବା ସମୟରେ ୫ ଜଣ ଦୁର୍ବୃତ୍ତ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ଦୃବୃତ୍ତମାନେ ଘରେ ପଶିଥିବା ଦେଖି ତାରକ ଓ ସ୍ତ୍ରୀ ଉଠି ପାଟି କରିଥିଲେ। ଦୃବୃତ୍ତମାନେ ତାରକଙ୍କୁ ଫାର୍ଶାରେ ଆକ୍ରମଣ କରିଥିଲେ। ଫଳରେ ତାରକ ଗୁରୁତର ଅବସ୍ଥାରେ ସେମାନଙ୍କ ସମ୍ମୁଖରେ ତଳେ ପଡି ରହିଥିଲେ ତଥାପି ସେମାନେ ତାରକ କୁ ଛାଡି ନଥିଲେ। ତାରକ ଙ୍କୁ ମାଡ଼ ମାରି ଦୁଇଟି ମୋବାଇଲ, ସ୍ତ୍ରୀର ଦୁଇଟି ସୁନା କାନ ଫୁଲ, ସୁନା ଚୁଡି ଓ ଗାଡି ଡିକିରେ ଥିବା ୨୦୦୦ ଟଙ୍କା ଲୁଟ କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ତାରକଙ୍କ ମା' ଶୋଇଥିବା ଘର କବାଟ ଭାଙ୍ଗି ଜରୁରୀକାଗଜ ପତ୍ର ଗୁଡିକ ନେଇଯାଇଥିଲେ। ଡ଼କାୟତମାନଙ୍କ ମଧ୍ୟରୁ ଜଣେ ହିନ୍ଦିରେ କଥା ହେଉଥିବାବେଳେ ଅନ୍ୟମାନେ ଓଡିଆ ଭାଷାରେ କଥା ହେଉଥିବା ତାରକ କହିଥିଲେ। ଖବରପାଇ ଉମରକୋଟ ପୁଲିସ ବିଳମ୍ବିତ ରାତିରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ଆଜି ତାରକ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଚଳାଇଛନ୍ତି। ସହରରେ ପୋଲିସର ପାଟ୍ରୋଲଂ କଡାକଡି କରିବାକୁ ସହରବାସୀ ଦାବି କରିଛନ୍ତି।

# ଜୟପୁର କ୍ରିକେଟ ଲିଗ୍‌ର ଅଷ୍ଟମ ଦିବସ



ଜୟପୁର,୧୨।୪(ସମିସ) : ଜୟପୁର ଦଶହରା ପି?ଆରେ ଜୟପୁର କ୍ରିକେଟ ଲିଗର ରବିବାର ଅଷ୍ଟମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା କ୍ଷ ପ୍ରଥମ ମ୍ୟାଚକରେ ଆୟୋଜକ ଇଭିନିଂ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୧୮୨ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳ ଜୟପୁର ଜାଗୁଆର ଦଳ ୧୪ ଓଭରରେ ୭ଟି ୱିକେଟ ହରାଇ ୧୮୩ ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଦେଓମାଳୀ ରାଇଡର୍ସ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୭ଟି ୱିକେଟ ହରାଇ ୧୭ ୯ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଜିକେସିଟି ସ୍ଥାରିକିଙ୍ଗ ଦଳର ବ୍ୟାଟସମ୍ୟାନ ସନ୍ତୋଷ ବେହେରା ଅନ୍ତିମ ବଲରେ ଏକ ଛକା ମାରି ଦଳକୁ ବିଜୟୀ କରିଥିଲେ। ପ୍ରଥମ ମ୍ୟାଚରେ ଅମିଲ ଟାକ୍ରି ଓ ଦ୍ୱିତୀୟ ମ୍ୟାରେ କେ, ରାଜା ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଉଭୟ ମ୍ୟାଚକୁ ଏମ୍ପାୟର ଭାବେ ଜୀବନ କୁମାର , ଗୁପ୍ତ ପାଣିଗ୍ରାହୀ , ନୀଳମାଧବ ସେଠୀ, ଅମିର ମହାନନ୍ଦିଆ ପରିଚାଳନା କରିଥିଲେ।

# କଂଗ୍ରେସର ମିଶ୍ରଣ ପର୍ବ

କୋଷାଗୁମୁଡା,୧୨।୪(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ମାଝୀଧୋନୁଆ ପଂଚାୟତ ଅନ୍ତର୍ଗତ ସରଳଧନୁଆ ଗ୍ରାମଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଉକ୍ତ ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡ଼କ୍ଟର ଲିପିକା ମାଝୀ, କୋଷାଗୁମୁଡା ବ୍ଲକ କଂଗ୍ରେସ ସଭାପତି ପଦ୍ମସାଇ ମାଳି, ବାବୁଲି ବାଘ, ଯୁବ କଂଗ୍ରେସ ସଭାପତି ଧନୁର୍ଜୟ ବିଶୋଇ, ମାଝୀ ଧୋନୁଆ ସମିତି ସଭ୍ୟ ଯୁଗଧର ହରିଜନ, ଚିତରଞ୍ଜନ ଗୌଡ଼, ସ୍ଥାନୀୟ ସରପଞ୍ଚ ଦୟାରାମ ପୂଜାରୀ, ରଘୁ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଶତାଧିକ କଂଗ୍ରେସରେ ସାମିଲ ହୋଇଥିଲେ। ଦଳରେ ନୂତନ ଭାବେ ଯୋଗ ଦେଇଥିବା କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା।

# ଅରୁଣ ମିଶ୍ର ନନ୍ଦାହାଣ୍ଡି ବ୍ଲକ୍ ଟ୍ରାକ୍ଟର ସଂଘ ସଭାପତି



ନନ୍ଦାହାଣ୍ଡି/ନବରଙ୍ଗପୁର,୧୨।୪(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଦହଣା ପଞ୍ଚାୟତ ଅନ୍ତର୍ଗତ ପଖନାଗୁଡାଠାରେ ଅନୁଷ୍ଠିତ ବୈଠକରେ ବ୍ଲକ୍ ଟ୍ରାକ୍ଟର ମାଲିକ ସଂଘ ଗଠିତ ହୋଇଛି। ସର୍ବ ସମ୍ମତି କ୍ରମେ ବ୍ଲକର ଜୋନ -୨ ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ରଙ୍କୁ ସଂଘର ସଭାପତି ଚୟନ କରାଯାଇଛି। ବୈଠକରେ ଉପସଭାପତି ଭାବେ ଶରତ କୁମାର ନିଗି, ସମ୍ପାଦକ ରୂପ ଈଶ୍ୱର ଗୌଡ଼, କୋଷାଧ୍ୟକ୍ଷ ବୁଲୁ ଗାଦବା, ଆଇନ ପରାମର୍ଶଦାତ୍ରୀ ଭାବେ ଆଇନଜୀବୀ ଶର୍ମିଷ୍ଠା ରଥଙ୍କୁ ଚୟନ କରାଯାଇଛି। ସ୍ୱତନ୍ତ୍ର ସଦସ୍ୟ ଭାବେ ଜ୍ୟୋତିର୍ମୟ ତ୍ରିପାଠୀ, ଶ୍ରୀକାନ୍ତ ପଣ୍ଡା, ଆଲୋକ ରଞ୍ଜନ ଦାସ, ସୁଧୀର ବିଷୋୟୀ ଓ ପରେସ ଚନ୍ଦ୍ର ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି। ବ୍ଲକରେ ୩୭୦ ଜଣ ଟ୍ରାକ୍ଟର ମାଲିକ ଥିବା ବେଳେ ଏଯାବତ୍ କୌଣସି ଦୃଢ଼ ସଂଗଠନ ହୋଇପାରି ନଥିଲା ବୋଲି ସୂଚନା ମିଳିଛି। ମାଲିକମାନେ ଅନେକ ସମୟରେ ଅନେକ ସ୍ଥାନୀୟ ସମସ୍ୟାର ସମ୍ମୁଖୀନ ହେବା ସହ ଶୋଷଣର ଶିକାର ହେଉଥିବା ସଭାପତି ଶ୍ରୀ ମିଶ୍ର କହିଛନ୍ତି। ଆଗାମୀ ଦିନରେ ବ୍ଲକ୍‌ର ସମସ୍ତ ଟ୍ରାକ୍ଟର ମାଲିକମାନଙ୍କୁ ସଂଘରେ ସାମିଲ କରି ଚାଷୀ ଓ ମାଲିକମାନଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ଲକ୍ଷ୍ୟ ବୋଲି କହିଛନ୍ତି।

# ଜିଲ୍ଲା ଇପିଏଫ୍ ପେନ୍‌ସନର୍ସ ମହାସଂଘର ବୈଠକ




ଜୟପୁର,୧୨।୪(ସମିସ): ଜୟପୁର ଯାଦବ ଭବନଠାରେ କମଚାରୀ ପ୍ରଭିଡେଣ୍ଟ ଫଣ୍ଡ(ଇପିଏଫ୍) ପେନସନର୍ସ ମହାସଂଘର ଜିଲ୍ଲା କମିଟିର ବୈଠକ ନଳିନୀ କାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଭାପତି କହିଛନ୍ତି ଯେ, ଦୀର୍ଘ ୨୦୧୮ ମସିହାରୁ ଇପିଏଫ -୯୫ ପେନସନଭୋଗୀମାନଙ୍କୁ ମାସିକ ସର୍ବନିମ୍ନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ଯୋଡ଼ିବା ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ପାଇଁ ବ୍ୟବସ୍ଥା କରିବା ପାଇଁ ଦାବି କରି ଦିଲ୍ଲୀର ଯନ୍ତରମନ୍ତରଠାରେ କ୍ରମାଗତ ଧାରଣା ଜାରି ରହିଛି। ପରବର୍ତ୍ତି ଆନ୍ଦୋଳନ ପନ୍ଥା ଘୋଷଣା କରାଯିବା ପରେ ଆଗାମୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ଏହି ଅବସରରେ କହିଛନ୍ତି, ବର୍ତ୍ତମାନ ଚାଲିଥିବା ନିର୍ବାଚନରେ ଶାସକ ବିଜେପି ଓ ଅନ୍ୟ ଦଳମାନେ କ୍ଷମତାକୁ ଆସିଲେ ପ୍ରତି ଘର ମହିଳାମାନଙ୍କୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ପ୍ରଦାନ ନେଇ ଘୋଷଣା କରିଛନ୍ତି। କେତେକ ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ମାସିକ ୩ ହଜାର ଟଙ୍କାରୁ ଅଧିକ ଦିଆଯାଉଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେଉଁ ଶ୍ରମିକ କର୍ମଚାରୀମାନେ ଚାକିରି କାଳ ଭିତରେ ପ୍ରୋଭିଡେଣ୍ଟ ଫଣ୍ଡକୁ ପ୍ରତି ମାସରେ ହଜାର ହଜାର ଟଙ୍କା ଦୀର୍ଘ ୩୦ରୁ ୪୦ ବର୍ଷ ଧରି ଦେଇ ଆସିଛନ୍ତି। ସେମାନଙ୍କୁ ମାତ୍ର ୩ ରୁ ୪ ହଜାର ଟଙ୍କା ପେନସନ ମିଳୁଛି। ପେନସନ ପାଣ୍ଠିରେ ଲକ୍ଷ ଲକ୍ଷ କୋଟି ଟଙ୍କା ରହିଥିଲେ ସୁଦ୍ଧା କେନ୍ଦ୍ର ସରକାର ଦେଶର ୭୦ ଲକ୍ଷ ପେନସନଧାରୀଙ୍କୁ ଅଣଦେଖା କରୁଛନ୍ତି। ଏଣୁ ସ୍ଥାନୀୟ ଅଞ୍ଚଳର ପେନସନଧାରୀମାନେ ମିଳିତ ହୋଇ ଆନ୍ଦୋଳନକୁ ଅଧିକ ଜୋରଦାର କରିବାକୁ ଆହ୍ୱାନ କରାଯାଇଥିଲା। ଏଥିସହ ସଂଘର ସଭ୍ୟ ସଂଖ୍ୟା ବୃଦ୍ଧି କରିବା ପାଇଁ ଉପଦେଷ୍ଟା ଯୁଧିଷ୍ଠିର ରାଉଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ବସନ୍ତ ବେହେରା, ଉମାକାନ୍ତ ରଥ, ରାମକୃଷ୍ଣ ଦାସ, ଭାସ୍କର ମିଶ୍ର ପ୍ରମୁଖ ନିଜ ନିଜ ମତାମତ ପ୍ରଦାନ କରିଥିଲେ। ଶେଷରେ ସଦସ୍ୟ କିଶୋର ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସରପଞ୍ଚ, ପିଇଓଙ୍କ ମନୋମୁଖୀ କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ

କୋଷାଗୁମୁଡ଼ା,୧୨।୪(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କେ. ସେମଳା ପଞ୍ଚାୟତ ସରପଞ୍ଚ ଓ ପିଇଓଙ୍କ ମନମୁଖୀ କାର୍ଯ୍ୟକଳାପକୁ ପୂଜାରିଗୁଡାଳ ଗ୍ରାମବାସୀ ବିରୋଧକରି କୋଡ଼ିଙ୍ଗା ଥାନାରେ ଏତଲା ଦେବା ସହ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, କେ.ସେମଳା ପଞ୍ଚାୟତର ପୂଜାରିଗୁଡା ଗ୍ରାମ ନିକଟରେ ଏମ୍‌ଆଇ ପ୍ରକଳ୍ପର ଏକ ୧୦ ଏକର କ୍ଷମତା ଧାରଣ ବିଶିଷ୍ଟ ଜଳାଶୟ ରହିଛି। ଏହି ଜଳାଶୟରେ ମାଛଚାଷ ନିମନ୍ତେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପଞ୍ଚାୟତ ଅଧିକାରୀ ୨୦୨୫/୨୬ରେ ଚିଠି ନଂ. ୨୫୦୩ ଅନୁଯାୟୀ ୨୬।୯।୨୫ ଅନୁଯାୟୀ ପଞ୍ଚାୟତର ଆୟ ନିମନ୍ତେ ଏହାର ନିଲାମ କରାଯାଉ ବୋଲି ପଞ୍ଚାୟତକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶକ୍ରମେ ୧୧।୧୧।୨୫ରେ ପଞ୍ଚାୟତରେ ନିଲାମ ଡକାଯାଇଥିଲା। ନିଲାମ ପ୍ରକାରେ ପୂଜାରିଗୁଡ଼ା ଗ୍ରାମର ୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ପଞ୍ଚାୟତ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ରାଶି ୧୩,୫୦୦ ଦାଖଲକରି ଭାଗ ନେଇଥିଲେ। କିନ୍ତୁ ହଠାତ୍ ପଞ୍ଚାୟତ ଦ୍ୱାରା ନିଲାମକୁ ବାତିଲ କରାଯାଇ ଅନ୍ୟ ଏକ ଦିନ ଧାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଆଉ ନିଲାମ ଡକାଯାଇ ନ ଥିଲା। ବର୍ତ୍ତମାନ ପଞ୍ଚାୟତ କର୍ତ୍ତୃପକ୍ଷ ଜଳାଶୟରୁ ମାଛ ମାରି ବିକ୍ରି କରୁଛନ୍ତି। ଏ ନେଇ ପଞ୍ଚାୟତର ପିଇଓଙ୍କୁ ପଚାରିବାରୁ ଉପଜିଲାପାଳଙ୍କ ଚିଠି ପୂର୍ବରୁ ସେହି ଜଳାଶୟରେ ଅନ୍ୟ ଏକ ଗ୍ରାମର ଲୋକ ମାଛଚାଷ କରୁଥିଲେ। ତେଣୁ ଗତ ବର୍ଷ ଆମେ ନିଲାମ ବାତିଲ କରିଥିଲୁ। ବର୍ତ୍ତମାନ ଆମେ ସେଠାରୁ ମାଛ ଧରିନାହୁଁ ଚଳିତ ବର୍ଷ ଅତିଶୀଘ୍ର ଏହାର ନିଲାମ କରାଯିବ ବୋଲି ସେ କହିଛନ୍ତି।


10001/39/2627

## ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ୍/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0003

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

### ୧୦ମ ରାଉରକେଲା ଦିବସ ଉଦ୍‌ଯାପିତ

# ପପୁ ପମ୍‌ପମ୍‌ଙ୍କ କମେଡି, ଶ୍ରଦ୍ଧାମିଶ୍ର, ବିଷ୍ଣୁମୋହନ ଓ ରୁକୁସୁନାଙ୍କ ସଙ୍ଗୀତରେ ଝୁମିଲେ





**ରାଉରକେଲା, ୧୨।୪(ସମିସ)**

'କାନଭାସ' ପକ୍ଷରୁ ୧୦ମ ରାଉରକେଲା ଦିବସ ସେକ୍ଟର - ୧୩ ମେଳଣ ପଡ଼ିଆରେ ଆଜି ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ କହିଲେ ରାଉରକେଲା ହେଉଛି ଏକ ବହୁ ଭାଷାଭାଷୀ ସହର, ଯେଉଁଠି ଭାରତର ସବୁ କୋଣ ଅନୁକୋଣରୁ ସବୁ ଜାତିଧର୍ମର ଲୋକ ବାସ କରନ୍ତି। 'କାନଭାସ' ପରିବାରର ଆବାହକ ସୁରେଶ ପ୍ରଧାନ କହିଲେ ନିଜ କାନଭାସ୍ କାହା ଦୟାର ପାତ୍ର ନୁହେଁ। କାନଭାସ ପରିବାରର ସମସ୍ତ ସଦସ୍ୟ ନିଜ ନିଜ ପକେଟର ଅର୍ଥ ବ୍ୟୟରେ ପ୍ରତିବର୍ଷ ଏହି 'ରାଉରକେଲା ଦିବସ' ଆୟୋଜିତ ହୋଇଆସୁଛି। ରାଉରକେଲା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଗଣଦୌଡ଼, ସାଇକ୍ଲୋଥୋନ, ଚକ୍ଷୁ ପରୀକ୍ଷା ଇତ୍ୟାଦି ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବିଏମ୍‌ଏସ୍‌ର ସାଧାରଣ ସମ୍ପାଦକ ହିମାଂଶୁ ବଳ କହିଲେ କାନଭାସ ରାଉରକେଲାବାସୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଛି। ଅନ୍ୟତମ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ସୁବ୍ରତ ତରାଇ କହିଲେ ରାଉରକେଲାର ବିକାଶ ପାଇଁ ରାଉରକେଲାବାସୀଙ୍କ ସମ୍ମିଳିତ ଉଦ୍ୟମ ଆବଶ୍ୟକ। ବିଏମ୍‌ଏସ୍‌ର ସାଧାରଣ ସମ୍ପାଦକ ହିମାଂଶୁ ବଳ, ପୂର୍ବତନମନ୍ତ୍ରୀ ସୁବ୍ରତ ତରାଇ, ପୂର୍ଣ୍ଣିମା କେରକେଟା, ସାମ୍ବାଦିକ ମନୋରଞ୍ଜନ ଦାଶ, ସାଇ ଶୁଭେନ୍ଦୁ ମାଝୀ, ରଜତ ଜେନା, ଦୌଲତ ଅଗ୍ରୱାଲ, କେଦାର ପରିଡ଼ା, ସୁଧାଂଶୁ ରାଉତ, ନଚିକେତା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଉରକେଲା ରତ୍ନ ସମ୍ମାନରେ ଓପି ଗୁପ୍ତା, ରାଉରକେଲା ଗୌରବ ଭାବେ ରଘୁ ବଳ, ରାଉରକେଲାର ଶ୍ରେଷ୍ଠ ସଂଗଠନ ଭାବେ ପ୍ରଗତି ଉତ୍କଳ ସଂଘ, ଓଡ଼ିଶା ରତ୍ନ ଡ. ହରିଶ ଚୌଧୁରୀ, ଓଡ଼ିଶା ଗୌରବ ସମ୍ମାନ ଭାବେ ଅର୍ଜୁନ ପୁରସ୍କାର ବିଜେତା ମୀନତି ମହାପାତ୍ର, ଶ୍ରେଷ୍ଠ କ୍ରୀଡା ସମ୍ମାନରେ ସସ୍ମିତା ଦାସ, ଶ୍ରେଷ୍ଠ ସାହିତ୍ୟିକ ମରଣୋତ୍ତର ସମ୍ମାନ ରବି କାନୁନଗୋ, ସାମ୍ବାଦିକ ପବନ ତିୱାରୀ, କ୍ରୀଡ଼ା ପ୍ରଶିକ୍ଷକ ଦେବଦତ୍ତ ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବାଶିଷ ମହାନ୍ତି ଧନ୍ୟବାଦ ଦେଇଥିଲେ। ପ୍ରତିଭା କଳାନୁଷ୍ଠାନର କଳାକାରଙ୍କ ଗୀତିନାଟ୍ୟ, ପପୁ ପମପମ୍‌ଙ୍କ କମେଡି ଓ ବିଷ୍ଣୁମୋହନ କବିଙ୍କ ମାଆ ତୁମେ... ଚୁରାଲିଆ.. ହୃଦୟର ଏଇ ଶୂନ୍ୟତାକୁ.., ପୂର୍ଣ୍ୟର ନଦୀ ତୀରେ... ଇସ୍କ ହୈ.. ସଙ୍ଗୀତରେ ଝୁମିଥିଲେ ଦର୍ଶକ। ସେହିପରି ଗତକାଲି ଏହି ଦିବସକୁ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ରାଉରକେଲା ଅପେଲୋ ହସ୍ପିଟାଲ ସିଇଓ ଡ. ଅଖିଳ ଜୈନ, ନାରୀନେତ୍ରୀ ତଥା ଜୁଏଲଙ୍କ ଜିଲ୍ଲା ପ୍ରତିନିଧି ଖୁସ୍‌ବୁ ଯାଦବ, ମନୋଜ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଆବାହକ ସୁରେଶ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ ନରେନ ଦାସ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଭାପତି ନଚିକେତା ମହାପାତ୍ର, ସାଙ୍ଗଠନିକ ସମ୍ପାଦକ ପ୍ରଶାନ୍ତ ନାୟକ ଓ ସୁଧାଂଶୁ ରାଉତ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ମଞ୍ଚ ଅଭିନେତା ତଥା ରାଉରକେଲା ମାଟିର ପୁଅ କେପି (କୈଳାସ ପାତ୍ର) ଓ ମୋନାଲିସା ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ରାଉରକେଲା ପାଇଁ ପ୍ରାଣବଳୀ ଦେଇଥିବା ବିଶିଷ୍ଟ ସମାଜସେବୀମାନଙ୍କ ଏକ ଗ୍ୟାଲେରୀ କରାଯାଇ ସମସ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଖ୍ୟାତ କଣ୍ଠଶିଳ୍ପୀ ଶ୍ରଦ୍ଧା ମିଶ୍ରଙ୍କ ସହ ଏସ୍ ଜିତୁ ଓ ସୌଜନ୍ୟା ରଥ ଏକାଧିକ ଓଡ଼ିଆ ଓ ହିନ୍ଦୀ ହିଟ୍ ଗୀତ ପରିବେଷଣ କରି ଶ୍ରୋତାଙ୍କ ମନ ମୋହିଥିଲେ।

## ଡାଲମିଆ ମହାବିଦ୍ୟାଳୟରେ 'ବନ୍ଦନୀୟ ବରପୁତ୍ର'



**କୁତ୍ରା, ୧୨।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଡାଲମିଆ ମହାବିଦ୍ୟାଳୟରେ ରବିବାର ଓଡ଼ିଆ ପକ୍ଷ ପାଳନ- ୨୦୨୬ ଉପଲକ୍ଷେ ବନ୍ଦନୀୟ ବରପୁତ୍ରଙ୍କ ଫଟୋରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ.ଜିତେନ୍ଦ୍ର କୁମାର ପଟେଲ ଅଧକ୍ଷତା କରି ଓଡ଼ିଶା ତଥା ସୁନ୍ଦରଗଡ଼ ମାଟିର ବରପୁତ୍ର ନିର୍ମଳ ମୁଣ୍ଡା, ବିର୍ସା ମୁଣ୍ଡା, ମାଦ୍ରୀ କାଲୋ ପ୍ରମୁଖଙ୍କ ସହ ଅନେକ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିଷୟରେ ସମ୍ୟକ ଆଲୋଚନା କରିଥିଲେ। ଅଧ୍ୟାପିକା ଡ. ତବସ୍ସୁ ବାନୋ ବରପୁତ୍ରମାନଙ୍କ ଜୀବନୀ ବିଷୟରେ ସୂଚନା ଦେଇଥିଲେ।

## ରାଉରକେଲାରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଷ୍ଟୋର ଶୁଭାରମ୍ଭ



**ରାଉରକେଲା, ୧୨।୪(ସମିସ):** ଅକ୍ଷୟ ତୃତୀୟା ପୂର୍ବରୁ ସ୍ଥାନୀୟ ଡେଲି ମାର୍କେଟଠାରେ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ପ୍ରଥମ ରାଉରକେଲା ଷ୍ଟୋରର ଶୁଭାରମ୍ଭ ହୋଇଯାଇଛି। ବଲିଉଡ ଅଭିନେତ୍ରୀ ଭୂମି ପେଡନେକର ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେନକୋ ଗୋଲ୍ଡର ନିର୍ଦ୍ଦେଶକ ଓ ପ୍ରତିଷ୍ଠାତା ଶୁଭଙ୍କର ସେନ୍ ଉପସ୍ଥିତ ଥିଲେ। ଏକ ୫, ୦୦୦ ବର୍ଗଫୁଟର ଏହି ଷ୍ଟୋରରେ ସୁନା, ହୀରା ଓ ପ୍ଲାଟିନମ୍ ସଂଗ୍ରହରେ ସେନକୋର ସ୍ୱତନ୍ତ୍ର କାରିଗରୀ ପ୍ରଦର୍ଶିତ ହୋଇଛି। ଏହି ଅବସରରେ ଅଭିନେତ୍ରୀ ଭୂମି ପେଡନେକର କହିଲେ ସେନ୍‌କୋ ଅଳଙ୍କାର ପ୍ରତିଟି ଗହଣାରେ ଏକ ଉଷ୍ମତା ଓ ପ୍ରାମାଣିକତା ଭରି ରହିଥାଏ। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଶୁଭଙ୍କର ସେନ୍ କହିଲେ ରାଉରକେଲା ଏକ ପ୍ରତିଶ୍ରୁତିବଦ୍ଧ ବଜାରକୁ ପ୍ରତିନିଧିତ୍ୱ କରେ ଯେଉଁଠାରେ ଅଳଙ୍କାର ସହିତ ଏକ ଗଭୀର ସାଂସ୍କୃତିକ ଏବଂ ଆବେଗିକ ସମ୍ପର୍କ ରହିଛି। ଏହି ଅବସରରେ ମାର୍କେଟିଂ ଏବଂ ଡିଜାଇନ୍ ମୁଖ୍ୟ ତଥା ନିର୍ଦ୍ଦେଶିକା ଜୋଇତା ସେନ ଉପସ୍ଥିତ ଥିଲେ।

## ପତ୍ନୀ ହତ୍ୟା ଅଭିଯୋଗରେ ଅଭିଯୁକ୍ତ କୋର୍ଟ ଚାଲାଣ

**ଲହୁଣୀପଡ଼ା, ୧୨।୪(ସମିସ):** ଲହୁଣୀପଡ଼ା ଥାନା ଅଧୀନ ଶଶ୍ୟକଳା ପଞ୍ଚାୟତ ଅଧୀନସ୍ଥ ଓ ଏମସି ପ୍ଲଟରେ ଘଟିଯାଇଥିବା ବହୁ ଚର୍ଚ୍ଚିତ ସ୍ତ୍ରୀ ହତ୍ୟାକାଣ୍ଡର ଅଭିଯୁକ୍ତ ସ୍ୱାମୀକୁ ଆଜି କୋର୍ଟ ଚାଲାଣ କରାଯାଇଛି। ଗତ ୧୦ ତାରିଖ ସନ୍ଧ୍ୟାରେ ଶଶ୍ୟକଳା ପଞ୍ଚାୟତ ଓ ଏମସି ପ୍ଲଟରେ ଘଟିଯାଇଥିବା ହତ୍ୟାକାଣ୍ଡର ଅଭିଯୁକ୍ତ ଜାଲୁ ମିଞ୍ଜ ନିଜ ସ୍ତ୍ରୀ ସେଲଫିନାକୁ ପାରିବାରିକ ଝଗଡ଼ାକୁ କେନ୍ଦ୍ରକରି ନୃଶଂସ ଭାବେ ଏକ କାଠ ଫାଳିଆରେ ପିଟି ହତ୍ୟାକରି ଥିବା ପୁଲିସ ଆଗରେ ବୟାନ ଦେଇଥିବା ଜଣାପଡ଼ିଛି। ପୁଲିସ ଏକ ହତ୍ୟା ମାମଲା ରୁଜୁକରି ହତ୍ୟାକାରୀ ଜାଲୁ ମିଞ୍ଜକୁ ଗିରଫକରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଗାଙ୍ଗପୁର ମଜଦୁର ମଞ୍ଚ ୟୁନିଅନର ବାର୍ଷିକ ସମ୍ମିଳନୀ



**ରାଉରକେଲା, ୧୨।୪(ସମିସ):** ଗାଙ୍ଗପୁର ମଜଦୁର ମଞ୍ଚ ୟୁନିଅନର ବାର୍ଷିକ ସମ୍ମିଳନୀ ଏବଂ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ଗତବର୍ଷର କାର୍ଯ୍ୟକଳାପ, ସଫଳତା, ସମସ୍ୟା ଓ ଆଗାମୀ କାର୍ଯ୍ୟଯୋଜନା ବିଷୟରେ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ଗୋପାଳ ଦାସ ୧୭ଟି ପ୍ରସ୍ତାବ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ ଯୋଗ ଦେଇଥିଲେ। ସେ ପ୍ରାସଙ୍ଗିକତା ବ୍ୟାଖ୍ୟା କରି ଲୋକମାନଙ୍କୁ ସେମାନଙ୍କର ମୌଳିକ ଓ ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ ହେବାକୁ ଆହ୍ୱାନ କରିଥିଲେ। ବିରମିତ୍ରପୁର ବିଧାୟକ ଓ ନୂତନ ଭାବେ ନିର୍ବାଚିତ ନେତୃତ୍ୱ ରୋହିତ ଜୋସେଫ ତିର୍କୀ ଉପସ୍ଥିତ ଥିଲେ। ସେ ତାଙ୍କ ଉଦ୍‌ବୋଧନରେ ଶ୍ରମିକମାନଙ୍କ ଅଧିକାର ପାଇଁ ନିରନ୍ତର ଆନ୍ଦୋଳନ ଜାରି ରଖିବା ଓ ଗାଙ୍ଗପୁର ମଜଦୂର ମଞ୍ଚର ପ୍ରତିଷ୍ଠାତା ଏବଂ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଦେଖାଇଥିବା ପଥକୁ ଅନୁସରଣ କରି ସଂଘର୍ଷକୁ ଆଗେଇ ନେବା ପାଇଁ ଆହ୍ୱାନ କରିଥିଲେ। ରୋହିତ ଜୋସେଫ ତିର୍କୀ ସଭାପତି ଗୋପାଳ ଦାସ ସାଧାରଣ ସମ୍ପାଦକ, ମାଙ୍ଗେ ଏକ୍କା କାର୍ଯ୍ୟକାରୀ ସଭାପତି, ଥୋମାସ ଟୋପୋ, ବାସିଲ୍ ଏକ୍କା, ଚିତ୍ତରଞ୍ଜନ ଭୂମିଜ୍, ବିଷ୍ଣୁ ଚରଣ ମହନ୍ତ ଓ ରାଜେଶ ତିର୍କୀ ଉପସଭାପତି ଏବଂ ଆନନ୍ଦ ଟୋପ୍ପୋ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସାଧାରଣ ସମ୍ପାଦକ ଗୋପାଳ ଦାସ ଆସନ୍ତା ରାଉରକେଲା ଇସ୍ପାତ କାରଖାନାରେ ହେବାକୁ ଥିବା ସ୍ୱିକୃତି ପ୍ରାପ୍ତ ଶ୍ରମିକ ନିର୍ବାଚନରେ କାହା ସହିତ ସନ୍ଧି ନକରି ଗାଙ୍ଗପୁର ମଜଦୂର ମଞ୍ଚ ୟୁନିଅନ ସ୍ୱତନ୍ତ୍ର ଭାବେ ପ୍ରତିଯୋଗିତା କରିବ ବୋଲି ସୂଚନା ଦେଇଥିଲେ।

## ଆଇଜିଏଚ୍ ଦ୍ୱାରା ସ୍ୱାସ୍ଥ୍ୟସେବା ଓ କ୍ଲିନିକାଲ୍ ସଫଳତା

**ରାଉରକେଲା, ୧୨।୪(ସମିସ):** ଆର୍‌ଏସ୍‌ପି ଅଧୀନସ୍ଥ ଆଇଜିଏଚର ଡାକ୍ତର ଏବଂ ସ୍ୱାସ୍ଥ୍ୟସେବୀ ଗୁରୁତର ଆହତ ବ୍ୟକ୍ତିଙ୍କ ସଫଳ ଚିକିତ୍ସା କରି ତାଙ୍କୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ରାଉରକେଲା ଇସ୍ପାତ କାରଖାନା ଅଧୀନ ପ୍ଲେଟ୍ ମିଲ୍ ବିଭାଗର ଜଣେ ଯୁବ ଅଧିକାରୀ ପି. ଏମ୍. ସି ଦତ୍ତା ଜାନୁଆରୀ ୮ ତାରିଖରେ କାର୍ଯ୍ୟକୁ ଯାଉଥିବା ସମୟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମେରୁଦଣ୍ଡର ୧୨ କଟିବନ୍ଧ ଭାଙ୍ଗି ଯାଇଥିଲା। ଏମ୍‌ଆରଆଇ ଏବଂ ପରବର୍ତ୍ତୀ ଏକ୍ସରେ ସହ ଚିକିତ୍ସା ଏବଂ ଡାକ୍ତରୀ ପରାମର୍ଶ ପରେ ତାଙ୍କୁ ୬ ସପ୍ତାହ ପାଇଁ ବେଡ୍ ରେଷ୍ଟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୬ ସପ୍ତାହ ପରେ ଆରୋଗ୍ୟ ଆଶାୟୀ ଜଣଙ୍କ ପିଠିରେ ଯନ୍ତ୍ରଣା ସହିତ ଦ୍ୱିପାକ୍ଷିକ ନିମ୍ନଅଙ୍ଗର ବିକିରଣ ଯନ୍ତ୍ରଣା ଏବଂ ଚାଲିବାରେ କଷ୍ଟ ଅନୁଭବ କରିଥିଲେ। ଅଧିକ ଡାକ୍ତରୀ ପରୀକ୍ଷା ପରେ ତାଙ୍କ ମେରୁଦଣ୍ଡରେ ଜଟିଳତା ଦେଖା ଯାଇଥିଲା। ତଦନୁସାରେ, ସ୍ନାୟୁରୋଗ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓଙ୍କ ଦ୍ୱାରା ଅସ୍ତ୍ରୋପଚାର କରଯାଇଥିଲା ବେଳେ ଅତିରିକ୍ତ ସିଏମଓ ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ଦ୍ୱାରା ଆନାସ୍ଥେସିଆ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅସ୍ତ୍ରୋପଚାରରେ ନର୍ସିଂ ଅଧିକାରୀ- କମଳାକର ଭାଇ ଏବଂ ଗୋଧୂଳି ଭଉଣୀଙ୍କ ଦ୍ୱାରା ସହାୟତା ଯୋଗାଇ ଦିଆଯାଇଥିଲା। ଅସ୍ତ୍ରୋପଚାର ପରେ, ମେରୁଦଣ୍ଡର ଅସ୍ୱାଭାବିକତା ଠିକ୍ ହେବାସହ ତାଙ୍କ ଅବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇଥିଲା। ସଫଳ ଅସ୍ତ୍ରୋପଚାର ଏବଂ ଏହାର ପରବର୍ତ୍ତୀ ଯତ୍ନର ଫଳସ୍ୱରୂପ ପରଦିନ ହିଁ ଆରୋଗ୍ୟ ଆଶାୟୀ ଜଣଙ୍କ ସିଡି ଚଢ଼ିପାରିଥିଲେ। ଅସ୍ତ୍ରୋପଚାର ପରେ ପ୍ରେମାନନ୍ଦ ସ୍ୱାଇଁଙ୍କ ଦ୍ୱାରା ତାଙ୍କର ଫିଜିଓଥେରାପି କରାଯାଇଥିଲା। ପରେ ୱାର୍ଡରେ ସେବିକା ସ୍ୱପ୍ନା ଭଉଣୀ, ସବିତା ଭଉଣୀ, ଏକତା ଭଉଣୀ, ପ୍ରଭାଞ୍ଜଳି ଭଉଣୀ ଏବଂ ଅନ୍ୟମାନେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ।

### ୨୧ରେ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ

# ଆଦିବାସୀ ସଂଗ୍ରହାଳୟ, କମାଣ୍ଡକଣ୍ଟ୍ରୋଲ ସେଣ୍ଟର ସହ ଅନେକ ପ୍ରକଳ୍ପ କରିବେ ଉଦ୍‌ଘାଟନ




**ରାଉରକେଲା, ୧୨।୪(ସମିସ)**

ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୧ରେ ରାଉରକେଲା ଗସ୍ତକରି ନବନିର୍ମିତ ଆଦିବାସୀ ସଂଗ୍ରହାଳୟ, କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ସହ ଅନେକ ପ୍ରକଳ୍ପ ଉଦ୍‌ଘାଟନ କରିବେ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ସୂଚନା ଦେଇଛନ୍ତି। ଆଜି ସ୍ଥାନୀୟ ସେକ୍ଟର-୩ ସ୍ଥିତ ବିଜେପି ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନାଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ କହିଲେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୧ ତାରିଖ ପୂର୍ବାହ୍ନ ୧୧ଟା ୧୯ ମିନିଟରେ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିବେ। ଏହାପରେ ସେ ୧୫ ମିନିଟ୍ ବିଶ୍ରାମପରେ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ଜନଜାତି ଆଦିବାସୀମାନଙ୍କ ଜୀବିକା ଓ ଜୀବନ ଶୈଳୀ ଉପରେ ନିର୍ମିତ ଆଦିବାସୀ ସଂଗ୍ରହାଳୟକୁ ଲୋକାର୍ପଣ କରିବା ସହ ସେଠାରେ ୪୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି)କୁ ଉଦ୍‌ଘାଟନ କରିବେ। ଏହାପରେ ସେକ୍ଟର-୧୩ସ୍ଥିତ ଏୟାରପୋର୍ଟ ଗ୍ରାଉଣ୍ଡରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାରେ ଯୋଗଦେଇ ଉଦ୍‌ବୋଧନ ଦେବାର କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମହାମହିମ ରାଷ୍ଟ୍ରପତି ସେଠାରେ ଆଭାସୀ ମାଧ୍ୟମରେ କୋଏଲ ନଗର ଠାରେ ୪୨ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୋଏଲ ନଦୀକୂଳ ମନୋରଞ୍ଜନ ପାର୍କ ଏବଂ ଛେଣ୍ଡ କଲୋନୀଠାରେ ୨୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜ୍ଞାନ ପାର୍କ ଏବଂ ପ୍ଲାନେଟୋରିୟମକୁ ଲୋକାର୍ପଣ କରିବେ। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାର ୧୦ ହଜାର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏବଂ ୩୫ରୁ ଅଧିକ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଆକର୍ଷଣୀୟ ସାଂସ୍କୃତିକ ନୃତ୍ୟ ପରିବେଷଣ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ, ମନ୍ତ୍ରୀ, ବିଧାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ଓରାମ ସୂଚନା ଦେଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ଧିରେନ ସେନାପତି, ବୀରମିତ୍ରପୁରର ପୂର୍ବତନ ବିଧାୟକ ଶଙ୍କର ଓରାମ, ନାରୀନେତ୍ରୀ ପ୍ରମିଳା ଦାଶ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମଙ୍କ ପ୍ରତିନିଧି ଖୁସ୍‌ବୁ ଯାଦବ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ ଆଦିବାସୀ ସଂଗ୍ରହାଳୟ, ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି), କୋଏଲ ନଦୀକୂଳ ମନୋରଞ୍ଜନ ପାର୍କ ଏବଂ ଛେଣ୍ଡ କଲୋନୀ ସ୍ଥିତ ବିଜ୍ଞାନ ପାର୍କ ଏବଂ ପ୍ଲାନେଟୋରିୟମକୁ ବୁଲି ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତଗିରଙ୍କ ସମେତ ସ୍ମାର୍ଟ ସିଟି ଲିମିଟେଡର ବିଭିନ୍ନ ପଦାଧିକାରୀମାନେ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ରାଷ୍ଟ୍ରପତିଙ୍କ ଗସ୍ତକୁ 'ଐତିହାସିକ' ବୋଲି ଅଭିହିତ କରି ଶ୍ରୀ ଓରାମ କହିଛନ୍ତି ଯେ ଏହା ରାଉରକେଲା ଏବଂ ରାଜ୍ୟବାସୀଙ୍କ ପାଇଁ ଏକ ବଡ଼ ଗର୍ବ ଏବଂ ଆନନ୍ଦର ବିଷୟ ହେବ। ଏହି ଗସ୍ତକୁ ସ୍ମରଣୀୟ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରସ୍ତୁତି ଆଲୋଚନା ପୂର୍ବରୁ ଅନୁଷ୍ଠିତ ହୋଇସାରିଛି। ସୁରକ୍ଷା, ଭିତ୍ତିଭୂମି ପ୍ରସ୍ତୁତି ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଉପରେ ଧ୍ୟାନ ଦେଇ ପ୍ରଶାସନ ଏହି ହାଇ-ପ୍ରୋଫାଇଲ୍ ଗସ୍ତ ପୂର୍ବରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବ ବୋଲି ଆଶା କରାଯାଉଛି।


10001/39/2627

ଅଂଶୁଘାତ ସତର୍କତା

**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0003

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/



# ରାଜଧାନୀରେ ଲଜ୍ଜା ଡାକ୍ତରଖାନା ଆଟେଣ୍ଡାଣ୍ଟଙ୍କୁ ଲଜ୍‌ରେ ଦୁଷ୍କର୍ମ

ଭୁବନେଶ୍ୱର,୧୨।୪(ସମିସ)



ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି। ଜଣେ ଡାକ୍ତରଖାନା ଆଟେଣ୍ଡାଣ୍ଟ ଦୁଷ୍କର୍ମର ଶିକାର ହୋଇଛନ୍ତି। ସେ ସହିଦନଗର ଥାନାରେ ଏତଲା ଦେବାପରେ ଜିରୋ ଏଫ୍‌ଆଇଆର୍ ରୁଜୁ କରି କ୍ୟାପିଟାଲ ଥାନାକୁ ପଠାଇ ଦିଆଯାଇଛି। କ୍ୟାପିଟାଲ ଥାନା ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛି ଆଚାର୍ଯ୍ୟ ବିହାର ବିଶେଶ୍ୱର ବସ୍ତିରେ ରହୁଥିବା କଟକ ଜିଲ୍ଲା ଟାଙ୍ଗୀ ଥାନା ଅଞ୍ଚଳର ରାଜେନ୍ଦ୍ର ନାଏକ (୩୧)। ପୁଲିସ ସୂଚନା ଅନୁଯାୟୀ, ଜଣେ ବିବାହିତା ମହିଳା ସ୍ୱାମୀଙ୍କ ଠାରୁ ଅଲଗା ହେବାପରେ ଏକ ଡାକ୍ତରଖାନାରେ ଆଟେଣ୍ଡାଣ୍ଟ ଭାବେ କାମ କରୁଛନ୍ତି। ବିଶ୍ୱେଶ୍ୱର ବସ୍ତିର ରାଜେନ୍ଦ୍ର ଏକ ଘରୋଇ ଋଣ ପ୍ରଦାନକାରୀ ସଂସ୍ଥାରେ ଚାକିରି କରୁଥିଲା। ପୀଡ଼ିତା ସଂପୃକ୍ତ ବସ୍ତିରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯିବାଆସିବା କରିବା ମଧ୍ୟରେ ରାଜେନ୍ଦ୍ର ସହ ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିବା ସହ ରାଜେନ୍ଦ୍ର ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ବିଭିନ୍ନ ଆଳ ଦେଖାଇ କ୍ୟାପିଟାଲ ଥାନା ଅଧୀନ ଏକ ଲଜ୍‌କୁ ନେଇଥିଲା। ସେଠାରେ ମହିଳାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ପୀଡ଼ିତା ବାରମ୍ବାର ବାରଣ କରୁଥିଲେ ମଧ୍ୟ ସେ ଶୁଣି ନଥିଲା। ଏହାରି ଭିତରେ ପୀଡ଼ିତାଙ୍କୁ ବ୍ଲାକମେଲିଂ କରି ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ଠାରୁ ଦେଢ଼ଲକ୍ଷ ଟଙ୍କା ନେଇ ଯାଇଥିଲା।

- ଔଷଧ ଦେଇ ଗର୍ଭ ନଷ୍ଟ ଅଭିଯୋଗ
- ବ୍ଲାକମେଲିଂ କରି ଦେଢ଼ଲକ୍ଷ ନେଇଛି
- ସହିଦନଗରରେ ଜିରୋ ଏଫ୍‌ଆଇଆର୍; କ୍ୟାପିଟାଲରେ ମାମଲା

ପୀଡ଼ିତା ବିବାହ କରିବାକୁ କହିବାରୁ ରାଜେନ୍ଦ୍ର ଧରାଛୁଆଁ ଦେଇନଥିଲା। ମୋବାଇଲ ଫୋନ୍ ବନ୍ଦ କରିବା ସହ ପୀଡ଼ିତାଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ କରି ଦେଇଥିଲା। ଏହାରି ଭିତରେ ରାଜେନ୍ଦ୍ର ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିଲା। ବିବାହ ପରେ ମଧ୍ୟ ପୁଣିଥରେ ପୀଡ଼ିତାଙ୍କ ପାଖକୁ ଆସି ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ବାରମ୍ବାର ଦୁଷ୍କର୍ମର ଶିକାର ହୋଇ ପୀଡ଼ିତା ଗର୍ଭବତୀ ହୋଇ ଯାଇଥିଲେ। ଏ ବିଷୟରେ ଜାଣିବା ପରେ ରାଜେନ୍ଦ୍ର ତାଙ୍କ ଅଜାଣତରେ ପୀଡ଼ିତାଙ୍କୁ ଔଷଧ ଦେଇଥିଲା। ଫଳରେ ତାଙ୍କ ଗର୍ଭ ନଷ୍ଟ ହୋଇ ଯାଇଥିଲା।

ଶେଷରେ ପୀଡ଼ିତା ଜଣକ ସହିଦନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଘଟଣାଟି କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବାରୁ ସହିଦନଗର ଥାନା ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରି ପଠାଇ ଥାନା ପୁଲିସ କେସ୍ ନଂ - ୨୩୯/୨୬ ରେ ଦଫା - ୬୪(୧), ୩୧୮(୪), ୩୦୮(୪), ୮୮, ୩୫୧(୨) ଓ ୨୯୬ ବିଏନ୍‌ଏସ୍‌ରେ ମାମଲା ରୁଜୁ କରିଥିଲା। ରବିବାର ସକାଳେ ରାଜେନ୍ଦ୍ରକୁ ଥାନାକୁ ଉଠାଇ ଆଣିଥିଲା ପୁଲିସ। ପୀଡ଼ିତା ଓ ଅଭିଯୁକ୍ତର ଡାକ୍ତରୀମାଇନା କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ରାଜେନ୍ଦ୍ରକୁ କୋର୍ଟ ଚାଲାଣ କରିଛି।

## ଲୁହାରଡ଼ରେ ଆକ୍ରମଣ କରି ବାପପୁଅ ଗିରଫ

ନନ୍ଦନକାନନ,୧୨।୪(ସମିସ): ନନ୍ଦନକାନନ ଥାନା କଲ୍ୟାଣପୁର ଗ୍ରାମରେ ଜଣେ ଯୁବକଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିବା ଅଭିଯୋଗରେ ସେହି ଗ୍ରାମର ବାପ-ପୁଅଙ୍କୁ ଗିରଫ କରିଛି ପୁଲିସ। ଗିରଫ ଦ୍ୱୟ ହେଲେ କାହ୍ନୁ ନାଏକ(୫୬) ଓ ତାଙ୍କ ପୁଅ ଅନୀଲ ନାଏକ(୨୨)। ପୁଲିସ ସୂଚନା ଅନୁସାରେ ଦୀପକ ନାଏକ (୨୮) ଶନିବାର ରାତି ୧୧ଟା ବେଳେ ତାଙ୍କ ଗ୍ରାମର ମଙ୍ଗଳା ମନ୍ଦିର ନିକଟରେ ବସି ତାଙ୍କ ମାମୁଙ୍କ ପୁଅ ସହ କଥା ହେଉଥିବା ସମୟରେ ପୂର୍ବ ବଚସାକୁ କେନ୍ଦ୍ର କରି ତାଙ୍କ ଗ୍ରାମର କାହ୍ନୁ ନାଏକ ଓ ତାଙ୍କ ପୁଅ ଅନୀଲ ଆସି ଗାଳିଗୁଲୋଜ କରିଥିଲେ। ଦୀପକ ଏଥିରେ ତାଙ୍କୁ ବାଧା ଦେବାରୁ କାହ୍ନୁ ନାଏକ ଏକ ଲୁହା ରଡ୍ ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଦୀପକଙ୍କ ମୁଣ୍ଡରେ ଜୋର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପୁଣିଥରେ କାହ୍ନୁ ଓ ତାଙ୍କ ପୁଅ ଅନୀଲ ଧମକଚମକ ଦେଇଥିଲେ। ଘଟଣା ପରେ ଦୀପକ ସେଠୁ ପଳାଇ ଯାଇଥିଲେ। ରବିବାର ସକାଳେ ଥାନାକୁ ଆସି ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ କରିବା ସହ ଉଭୟ ବାପପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପ୍ରହସନ ପାଲଟିଛି ଶୋଭାଯାତ୍ରା ଅନୁମତି ବାଣ ଫୁଟୁଛି, ଡିଜେ ବାଜୁଛି, ଟ୍ରାଫିକ୍ ଜାମ୍ ବି ହେଉଛି

ଭୁବନେଶ୍ୱର,୧୨।୪(ସମିସ)

ରାଜଧାନୀରେ ବିବାହ, ବ୍ରତ ଭଳି ସାମାଜିକ କାର୍ଯ୍ୟକ୍ରମରେ ପୁଲିସ ଠାରୁ ଶୋଭାଯାତ୍ରା ପାଇଁ ନିଆଯାଉଥିବା ଅନୁମତି ଏକପ୍ରକାର ପ୍ରହସନରେ ପରିଣତ ହୋଇଛି। ଲୋକଙ୍କ ସୁରକ୍ଷା, ଟ୍ରାଫିକ୍ ସମସ୍ୟାକୁ କମାଇବା, ଶୋଭା ଯାତ୍ରାରେ ଡିଜେ ଏବଂ ବାଣ ଫୁଟାଇବା ଭଳି ବେଆଇନ୍ କାର୍ଯ୍ୟକୁ ରୋକିବାକୁ ପୁଲିସର ଅନୁମତି ପତ୍ର ଅନିବାର୍ଯ୍ୟ କରାଯାଇଛି। କିନ୍ତୁ ଶୋଭାଯାତ୍ରା ବେଳେ ଗୋଟିଏ ବି ନିୟମ ପାଳନ ହେଉନାହିଁ। ବରଯାତ୍ରୀ ଦଳ ରାସ୍ତାରେ ମନଇଚ୍ଛା ଉତ୍ପାତ କରୁଛନ୍ତି। ଟ୍ରାଫିକ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ବାଣ ଫୁଟୁଛି ଆଉ ଡିଜେ ବି ବାଜୁଛି। ରାସ୍ତା ଉପରେ ମଦ୍ୟପାନ ବି କରାଯାଉଛି। ତେବେ ବିବାହ, ବ୍ରତର ଏହି ଶୋଭାଯାତ୍ରା ଅନୁମତି କ'ଣ ପାଇଁ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ କରାଯାଇଛି। ଏଭଳି ନୁହେଁ ଯେ ପୁଲିସର ଉପସ୍ଥିତି ଦେଖାଯାଉ ନାହିଁ। ଅଧିକାଂଶ ସ୍ଥାନରେ ନିୟମ ଉଲ୍ଲଘଂନ ହେବା ମାତ୍ରେ ପୁଲିସ କିମ୍ବା ପିସିଆର୍ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଯାଉଛି। ଯାଞ୍ଚ କରୁଛି।

ପରମିସନ ନେଇଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରୁଛି। ୫ରୁ ୧୦ ମିନିଟ୍ ପରେ ପୁଲିସ ସେଠାରୁ ଅନ୍ତର୍ଦ୍ଧାନ୍ ହୋଇଯାଉଛି। ପରିସ୍ଥିତି ପୂର୍ବରୁ ଯାହା ରହୁଥିଲା ତାହା ଠାରୁ ଅଧିକ ବିଗିଡ଼ି ଯାଉଛି। ନିଶାସକ୍ତ ବରଯାତ୍ରୀଙ୍କ ଆଗରେ ସ୍ଥାନୀୟ ଲୋକେ ମଉନ ରହିବା ଉଚିତ୍ ମନେ କରୁଛନ୍ତି।

କମିସନରେଟ୍ ପୁଲିସର ନିୟମ ଅନୁଯାୟୀ ବିବାହ ପ୍ରଶେସନ ପାଇଁ ଜଣେ ବ୍ୟକ୍ତି ଅନୁମତି ପାଇବା ପୂର୍ବରୁ ନୋଟାରୀ ପାଖରେ ଏକ ଆଫିଡେଭିଟ୍ କରୁଛନ୍ତି। ସବୁ ନିୟମ କାନୁନ୍ ମାନିବେ ବୋଲି ଲିଖିତ ସମ୍ମତି ଦେଉଛନ୍ତି। ଯେଉଁଥିରେ ଉଲ୍ଲେଖ ରଖୁଛି ବାଣ ଫୁଟାଇବେ ନାହିଁ କିମ୍ବା ଡିଜେ ବଜାଇବେ ନାହିଁ। କିନ୍ତୁ ସବୁ ପ୍ରଶେସନ୍‌ରେ ବାଣ ଫୁଟାଯାଉଛି ଆଉ ଡିଜେ ବି ବାଜୁଛି। ଏହାପରେ ସିକ୍ୟୁରିଟି ଗାର୍ଡ ନିୟୋଜିତ କରିବାକୁ ଏକ ସ୍ୱତନ୍ତ୍ର ପ୍ରମାଣପତ୍ରର ଆବଶ୍ୟକତା ପଡୁଛି। କିନ୍ତୁ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେଉଥିଲେ ବି ସିକ୍ୟୁରିଟି ଗାର୍ଡଙ୍କ ଦେଖାମିଳୁନି। ଏଥିପାଇଁ ଲୋକଙ୍କୁ ବହୁ ଟଙ୍କା ଗଣିବାକୁ ପଡୁଛି। ହେଲେ ଟ୍ରାଫିକ୍ ବ୍ୟବସ୍ଥାରେ କିମ୍ବା ଅନୁପାଳନରେ କୌଣସି ସୁଧାର ଆସୁ ନାହିଁ।

ରାଜଧାନୀରେ ପୁରୀ ବାଇପାସ୍ ରୋଡ୍ ସବୁ ସମୟରେ ଟ୍ରାଫିକ୍ ଭିଡ଼ ରହୁଛି। ରାତି ସମୟରେ ବରଯାତ୍ରୀ ପ୍ରଶେସନ ପାଇଁ ଆମ୍ବୁଲାନ୍ସ ବି ଫସି ଯାଉଛି। ଚନ୍ଦ୍ରଶେଖରପୁର, ପଟିଆ, ଖଣ୍ଡଗିରି, ଭୁବନେଶ୍ୱର ଉପକଣ୍ଠରେ ସମାନ ସ୍ଥିତି ଦେଖାଦେଉଛି। କଟକରେ ମଧ୍ୟରେ ସମାନ ପରିସ୍ଥିତି ଉପୁଜୁଛି। କଟକ ୪୨ ମୌଜା, ମହାନଦୀବିହାର, ସିଡିଏ ଅଞ୍ଚଳରେ ଅଧିକାଂଶ ରାତିରେ ଲୋକଙ୍କ ଯାତାୟତ ଠପ୍ ହୋଇଯାଉଛି। ପୁଲିସ ସାମ୍ନାରେ ଡିଜେ ବାଜୁଛି। ଆଉ ବାଣ ବି ଫୁଟୁଛି। ପୁଲିସର ଏଭଳି ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ବାଣ ବିସ୍ଫୋରଣରେ ୩ ଗୁରୁତର



ଭୁବନେଶ୍ୱର,୧୨।୪(ସମିସ): ରାଜଧାନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବାଣ ବିସ୍ଫୋରଣ ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ଶରୀରର ବିଭିନ୍ନ ଅଂଶ ଜଳିଯାଇଛି। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାହାଘର ପ୍ରଶେସନ ବେଳେ ପଡ଼ି ରହିଥିବା ଅଫୁଟା ବାଣରୁ ଏଭଳି ଅଘଟଣ ଘଟିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ବିନ୍ ଆରମ୍ଭ କରିଛି।

ମିଳିଥିବା ସୂଚନା ମୁତାବକ, ଗତ ୧୧ ତାରିଖ ଦିନ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ବିବାହ ପ୍ରଶେସନ୍ ବାହାରିଥିଲା। ଏହି ସମୟରେ ବରଯାତ୍ରୀମାନେ ରାସ୍ତାରେ ବାଣ ଫୁଟାଉଥିଲେ। କିଛି ବାଣ ଅଫୁଟା ରହି ଯାଇଥିଲା। ଏହି ବାଣ ପାଖରେ ଜଣେ ଯୁବକ ଏବଂ ଦୁଇ ଜଣ ନାବାଳକ ଛିଡ଼ା ହୋଇଥିଲେ। ଅଚାନକ ବାଣ ଫୁଟି ଯାଇଥିଲା। ଫଳରେ ଯୁବକଙ୍କ ହାତ, ଗୋଡ଼ ଏବଂ ପେଟ ପୋଡ଼ିଯାଇଥିଲା। ଦୁଇ ନାବାଳକଙ୍କ ହାତ ପୋଡ଼ି ଯାଇଥିଲା। ଆହତମାନଙ୍କୁ ସ୍ଥାନୀୟ ଲୋକେ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ବିଶେଶ୍ୱର ବସ୍ତିରେ ଗୋଷ୍ଠୀ ସଂଘର୍ଷ, ୫ ଗିରଫ



ଭୁବନେଶ୍ୱର,୧୨।୪(ସମିସ)

ସହିଦନଗର ଥାନା ବିଶେଶ୍ୱର ବସ୍ତିରେ ଗୋଷ୍ଠୀ ସଂଘର୍ଷ ଅଭିଯୋଗରେ ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂଚନା ମୁତାବକ, ରାତି ସମୟରେ ବିଶେଶ୍ୱର ବସ୍ତିର ଦୁଇଟି ଦଳ ମଧ୍ୟରେ ଗାଡ଼ି ଯାତାୟାତ ସମ୍ବନ୍ଧୀୟ ଏକ ସାଧାରଣ କଥାକୁ ନେଇ ପ୍ରଥମେ ବିବାଦ ସୃଷ୍ଟି ହୋଇଥିଲା। ଯାହା ପରେ ତୀବ୍ର ରୂପ ଧାରଣ କରି ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଗୋଟିଏ ପକ୍ଷର ସଦସ୍ୟମାନେ ପ୍ରତିପକ୍ଷର ଘରକୁ ଅବୈଧ ଭାବରେ ପ୍ରବେଶ କରି ସେଠାରେ ଥିବା ଲୋକମାନେ ଓ ସେମାନଙ୍କ ସହଯୋଗୀଙ୍କୁ କଟୁରି, ଲାଠି, ଇଟା ଓ ପଥର ଭଳି ମାରଣାସ୍ତ୍ରରେ ଆକ୍ରମଣ କରି ଆହତ କରିବା ସହିତ ସୁନା ଗହଣା ଛିନତାଇ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷ ମଧ୍ୟ ପ୍ରତିଆକ୍ରମଣ କରିଥିଲେ। ଏଥିସହ ଉଭୟ ପକ୍ଷ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ।

ଏହି ଘଟଣାରେ ଉଭୟ ପକ୍ଷର କେତେକ ବ୍ୟକ୍ତି ଆହତ ହୋଇଥିଲେ। ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶେଶ୍ୱର ବସ୍ତିରେ ଚଢ଼ଉ ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ସୁନା ମୁକୁଳାଇବା ଆଳରେ ଠକେଇ; ଠକ ଗିରଫ

ଭୁବନେଶ୍ୱର,୧୨।୪ (ସମିସ): ବନ୍ଧକ ସୁନା ମୁକୁଳାଇବା ଆଳରେ ୩ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୀ ଜିଲ୍ଲା ଚନ୍ଦନପୁର ଥାନା ତଳଜଙ୍ଗ ଗାଁର ସତୀଶ ପ୍ରଧାନ (୩୬)।



ପୁଲିସ ସୂଚନାନୁସାରେ, ଗୌରୀଶଙ୍କର ବେହେରା ଜାଗୁଆର ଫିଟନେସ୍ ଜିମକୁ ଯାଉଥିବା ବେଳେ ସେଠାରେ ରହୁଥିବା ସତୀଶ ସହ ପରିଚୟ ହୋଇଥିଲା। ସୁନା ଅଳଙ୍କାର ପୁରୀର ଗୋଟିଏ ବ୍ୟାଙ୍କରେ ବନ୍ଧକ ରଖାଯାଇଛି ଓ ଶୀଘ୍ର ନିଲାମ ହୋଇଯିବ ବୋଲି କହି ସତୀଶ ଟଙ୍କା ଧାର୍ ମାଗିଥିଲା। ଗୌରୀଶଙ୍କର ତା'ର କଥାକୁ ବିଶ୍ୱାସ କରି ଦୁଇଟି ପର୍ଯ୍ୟାୟରେ ୧ ଲକ୍ଷ ୯୮ ହଜାର ଟଙ୍କା ଦେଇଥିଲେ। ସତୀଶ ତାଙ୍କ ଭାଇଙ୍କ ଠାରୁ ମଧ୍ୟ ସମାନ ଢଙ୍ଗରେ ଏକଲକ୍ଷ ଟଙ୍କା ନେଇଥିଲା। ଦୁଇ ଭାଇଙ୍କ ଠାରୁ ମୋଟ ୨ ଲକ୍ଷ ୯୮ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲା। ଏମିତିକି ଟଙ୍କା ଫେରସ୍ତ ଦେବାକୁ ମନା କରିବା ସହ ଦୁର୍ବ୍ୟବହାର ଓ ଧମକ ଦେଇଥିଲା। ଏ ନେଇ ଗୌରୀଶଙ୍କର କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତ ସମୟରେ ଫୋନ୍-ପେ ନେଣଦେଣର ସ୍କ୍ରିନସଟ୍ ଜବତ କରିଥିଲା। ରବିବାର ପୈତୃକ ଗାଁରେ ଚଢ଼ଉ କରି ସତୀଶକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ଯୁବତୀଙ୍କ ଠାରୁ ମୋବାଇଲ ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର,୧୨।୪ (ସମିସ): ମୋବାଇଲ ଫୋନ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୯ ଭଗବତୀ ବସ୍ତିର ଦୀପକ ସିଂ (୨୬)।



ପୁଲିସ ସୂଚନା ଅନୁଯାୟୀ, ଗତକାଲି ସକାଳ ସମୟରେ ଜଣେ ଯୁବତୀ ସତ୍ୟନଗର ମୋ ବସ୍ ଷ୍ଟପ୍ ନିକଟରେ ଛିଡ଼ା ହୋଇ ମୋବାଇଲ୍ ଫୋନ୍‌ରେ କଥା ହେଉଥିଲେ। ସେହି ସମୟରେ ଦୀପକ ଆସି ହଠାତ୍ ତାଙ୍କ ହାତରୁ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ପଳାଇଥିଲା। ଏ ନେଇ ସେ ଖାରବେଳ ନଗର ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ରବିବାର ସକାଳେ ମାଷ୍ଟରକ୍ୟାଣ୍ଟିନ ଛକରେ ଚଢ଼ଉ କରି ଦୀପକକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଜବତ କରିଥିଲା।

## ସମ୍ପତ୍ତି ଲୋଭରେ ଭାଇକୁ ହାଣି ବଡ଼ ଭାଇ ଗିରଫ



ଭୁବନେଶ୍ୱର,୧୨।୪(ସମିସ): ସମ୍ପତ୍ତି ଲୋଭରେ ଭାଇକୁ ହାଣିବା ଘଟଣାରେ ବଡ଼ଭାଇକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ମହାବୀର ନଗରର ଚିତ୍ତରଞ୍ଜନ ସାମନ୍ତରାୟ ଓରଫ୍ ବାପୁ (୪୨)। ପୁଲିସ ସୂଚନା ଅନୁସାରେ, ସମ୍ପତ୍ତିକୁ ନେଇ ଚିତ୍ତରଞ୍ଜନ ଓ ସାନଭାଇ ନିରଞ୍ଜନ ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ଶୁକ୍ରବାର ରାତିରେ ନିରଞ୍ଜନ ତାଙ୍କ କପଡ଼ା ଦୋକାନ ବନ୍ଦ କରି ମହାବୀର ନଗରସ୍ଥିତ ଘରକୁ ଫେରୁଥିବା ବେଳେ ଚିତ୍ତରଞ୍ଜନ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଚାପଡ଼ରେ ହାଣିଥିଲା। ଏଥିସହିତ ପେଟରେ ଛୁରି ଭୁସି ଦେଇଥିଲା। ଫଳରେ ଶରୀରର ବିଭିନ୍ନ ଅଂଶରେ ଆଘାତ ସୃଷ୍ଟି ହୋଇଥିଲା। ସେ ଲିଫ୍ଟ ମାଗି ନୂଆପଲ୍ଲୀ ଥାନାରେ ପଶିଯିବା ପରେ ପୁଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏ ନେଇ ନିରଞ୍ଜନ ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଚିତ୍ତରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି।


10001/39/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0003

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

## ବାବା ବୁଦ୍ଧେଶ୍ୱର ମହାଦେବଙ୍କ ଉଡ଼ାଯାତ୍ରା



ରାସଗୋବିନ୍ଦପୁର,୧୨।୪(ସମିସ): ଉତ୍ତର ଓଡ଼ିଶାର ସର୍ବପୁରାତନ ସ୍ୱୟମ ଶମ୍ଭୁ ଆବିର୍ଭୂତ ବାବା ବୁଦ୍ଧେଶ୍ୱର ମହାଦେବ ଦେବଶୋଳର ଏକ ନିଛାଟିଆ ନଟାବୁଦା ଭିତରେ ଥିବା ନିମ୍ବ ଗଛମୂଳରୁ ଆଜିକୁ ପ୍ରାୟ ଦେଢ ଶହ ବର୍ଷ ପୂର୍ବରୁ ଆବିର୍ଭୂତ ହୋଇ ଥିବା ବୁଦ୍ଧେଶ୍ୱର ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା ହୋଇଆସୁଛନ୍ତି। ଯିଏ ଯେମିତି ମନ ନେଇ ବୁଦ୍ଧେଶ୍ୱରଙ୍କୁ ପୂଜାର୍ଚ୍ଚନା କରିଛି, ସିଏ ସେମିତି ମନ ମୁତାବକ ଫଳ ପାଇଥିବାବେଳେ ଅଦ୍ୟାବଧି ବଂଶାନୁକ୍ରମେ ବାବା ବୁଦ୍ଧେଶ୍ୱରଙ୍କ ଦର୍ଶନ କରି ଆଶିଷ ଭିକ୍ଷା ପାଇଁ ଚାଲି ଆସିଛି। ବୁଦ୍ଧେଶ୍ୱରଙ୍କ ପୀଠରେ ଆଜି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ପୂଜା ଓ ପର୍ବପର୍ବାଣୀ, ମେଳା ହୋଇଆସୁଥିବାବେଳେ ଆଜି ମଧ୍ୟ ସେଇ ରୀତିନୀତି ଅନୁସାରେ ବୁଦ୍ଧେଶ୍ୱର ମହାଦେବଙ୍କ ବିଭିନ୍ନ ପୂଜା ପର୍ବ ବହୁ ଆଡମ୍ବର ସହକାରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ମହାଦେବଙ୍କ ଉଡ଼ା ଯାତ୍ରାରେ ଶିବ ପାର୍ବତୀଙ୍କ ବିବାହ ମହୋତ୍ସବ ତେର ଦିନର ବ୍ରତ ପାଳନ କରୁଥିବା ଭକ୍ତାଙ୍କ ଦ୍ୱାରା ପାଳିତ ହେଉଥିବାବେଳେ ଦଣ୍ଡବତୀ, ନୀଳ ପାଟ, କଣ୍ଟା ପାଟ, ଝୁଲଣ ପାଟ, ନିଆଁ ପାଟ ଓ ସେହି ରାତି ଭୋରରୁ ଦଶନଖି ପାଟ, ସର୍ବଶେଷ ପାଟ ଜିଭରେ ଧାରୁଆ ତ୍ରିଶୂଳ ଫୁଟାଇ ପାଟ ଶେଷ କରିବାପରେ ଚୈତ୍ର ମାସ ଶେଷ ନିଶା ଭୋର ରାତିରେ ପୂର୍ବରୁ ଉଠିଥିବା ନିଶାଘଟକୁ ପାତାଳୀ ଦେଇ ମହାଦେବଙ୍କ ଚୈତି ଉଡ଼ା ଯାତ୍ରାର ସେଇ ବର୍ଷପାଇଁ ପରିସମାପ୍ତି ହେବା ପରେ ପହିଲି ବୈଶାଖ ସଂକ୍ରାନ୍ତି ଦିନ ମନ୍ଦିରରୁ ନିଜ ନିଜ ଘରକୁ ଫେରିଥା'ନ୍ତି। ବୁଦ୍ଧେଶ୍ୱର ମହାଦେବଙ୍କ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିରରେ ରହିବା, ପୂଜା ସମାଗ୍ରୀ, ହବିଷ୍ୟାନ୍ନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି।

## ତିରିଂ କଂଗ୍ରେସ କମିଟିର କର୍ମୀ ସମ୍ମିଳନୀ




ରାଇରଙ୍ଗପୁର,୧୨।୪(ସମିସ): ତିରିଂ ବ୍ଲକ ଅନ୍ତର୍ଗତ ଦୁର୍ଗାମଣ୍ଡପ ନିକଟସ୍ଥ ହଲରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତିରିଂ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତିରିଂ ବ୍ଲକ କଂଗ୍ରେସ ସଭାପତି ଭାଗୀରଥି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ତଥା ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ରାଜ୍ୟ କଂଗ୍ରେସ ସମ୍ପାଦକ ଲକ୍ଷ୍ମୀଧର ସିଂହ, ଜିଲ୍ଲା ସମ୍ପାଦକ ଜାକିର ହୁସେନ, ରୁପକ ମହାନ୍ତି, ଦଳୀୟ ପର୍ଯ୍ୟବେକ୍ଷକ ଆଇନଜୀବୀ ହରି ସାହୁ, ଗତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇଥିବା ଯୋଗେନ୍ଦ୍ର ବାନରା ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ନେତା ଓ କର୍ମୀଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ରଣକୌଶଳ ସମ୍ବନ୍ଧରେ ଆଲୋଚନା କରିଥିଲେ। କଂଗ୍ରେସ ନେତା ମହମ୍ମଦ ଅଲ୍ଲୀ ଖାନ, ଇଂ ଅନୁପ ସୋରେନ, ଶଙ୍କର କ୍ଷେତ୍ରୀ, ମନୋଜ ନାଏକ, ଇନ୍ତିଖାବ ଆଲାମ, ସନ୍ତୋଷ ନାଏକ, ବାଲ୍ମିକୀ କୁମ୍ଭକାର, ହରିଶ ମାର୍ଣ୍ଡି, ସୁଶୀଲ ଗିରି, ଶ୍ରୀହରି ପାତ୍ର, ମଧୁସୂଦନ ସର୍ଦ୍ଦାର, ଦୁର୍ଲଭ ମାଝୀ, ସୁଦାମ ମୁର୍ମୁ, ବିଶ୍ୱାମିତ୍ର ବାରିକ, କରୁଣା ସୋରେନ, ସାଲଖୁ ମାଝୀ, ଭାଦୁ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ତିରିଂ ବ୍ଲକ ଇଲାକାର ଦୁଇ ଆଦିବାସୀ ନେତା ରୁପାଇ ମୁର୍ମୁ ଓ ସୁନ୍ଦରମୋହନ ଟୁଡୁ କଂଗ୍ରେସ ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ଜେଏମଏମ ଛାଡି କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ସଭାପତି ଶ୍ରୀ ସାହୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି ତିରିଂ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସ୍ୱରୁପ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ଭାଗୀରଥି ପାତ୍ର ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ସଫଳତା ପାଇଁ ସଭାରେ ଉପସ୍ଥିତ ନେତାଙ୍କୁ ଉଦବୋଧନ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ଅଲ୍ଲୀ ଖାନ ଧନ୍ୟବାଦ ଦେଇଥିଲେ।

## ବାୟୁସେନା ସଂଘର ଜିଲ୍ଲା ଶାଖା ଉଦ୍‌ଘାଟିତ




ବାରିପଦା, ୧୨।୪(ସମିସ): ରାଜ୍ୟ ବାୟୁସେନା ସଂଘର ନୂତନ ଜିଲ୍ଲା ଶାଖା ଉଦ୍‌ଘାଟିତ ହୋଇଯାଇଛି। ରାଖାଲ ଚନ୍ଦ୍ର ଆଇଟିସି ସଭାଗୃହରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଅବସରପ୍ରାପ୍ତ ବାୟୁସେନା ଅଧିକାରୀ/କର୍ମଚାରୀ ଓ ସେମାନଙ୍କ ପରିବାରଙ୍କ କଲ୍ୟାଣ ନିମନ୍ତେ ନୂଆଦିଲ୍ଲୀ ଓ ଭୁବନେଶ୍ୱର ଶାଖା ସହାୟତାରେ ଜିଲ୍ଲା ସ୍ତରରେ କାର୍ଯ୍ୟ କରିବ। ଫ୍ଲାଇଙ୍ଗ ଅଫିସର ଜୟନାରାୟଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ/କର୍ମଚାରୀ ଯୋଗ ଦେଇଥିଲେ। ଶାଖାକୁ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ସୂଚାରୁରୂପେ ପରିଚାଳନା ନିମନ୍ତେ କାର୍ଯ୍ୟକାରୀ କମିଟି ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପସଭାପତି ଭାବେ ଜୟନାରାୟଣ ବେହେରା, ସମ୍ପାଦକ ପରମେଶ୍ୱର ନାୟକ, କୋଷାଧ୍ୟକ୍ଷ ଭାବେ ରବୀନ୍ଦ୍ର କୁମାର ମହାନ୍ତ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟାଳୟ ପ୍ରାରମ୍ଭିକ ସ୍ତରରେ ବ୍ୟାଙ୍କ କଲୋନୀ, ତୁଳସୀଚୌରାରେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି।

### ଛଉ ପଡ଼ିଆରେ ଜମୁଛି ଚୈତ୍ର ପର୍ବ ଓ ପଲ୍ଲୀଶ୍ରୀ ମେଳା

## ଗ୍ରାମାଞ୍ଚଳ ପ୍ରତିଯୋଗିତାରେ ରାଇରଙ୍ଗପୁର ବଡ଼ଦା ପ୍ରତିଷ୍ଠାନ ପ୍ରଥମ







ବାରିପଦା,୧୨।୪(ସମିସ):

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଚୈତ୍ର ପର୍ବ ଓ ପଲ୍ଲିଶ୍ରୀ ମେଳାରେ କଳାକାରମାନଙ୍କ ପ୍ରତିଭା ପ୍ରଦର୍ଶନ ହୋଇଛି। ବାରିପଦା ଛଉ ପଡିଆରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାରେ ଘଟ ସ୍ଥାପନ ସହ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ପରେ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଛି। ଗ୍ରାମାଞ୍ଚଳରୁ ଆସିଥିବା ଛଉ ନୃତ୍ୟ ଦଳ ରାତି ୧୦ଟାରୁ ପ୍ରାତଃ ୫ଟା ପର୍ଯ୍ୟନ୍ତ ନୃତ୍ୟ ପରିବେଷଣ କରୁଛନ୍ତି। ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠିତ ଗ୍ରାମାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ବଡଦା ରାଇରଙ୍ଗପୁର ଛଉ ନୃତ୍ୟ ପ୍ରତିଷ୍ଠାନ ପ୍ରଥମ ଓ ଦେବଘୁନିଆଁ ବଡ଼ଦା ଛଉ ନୃତ୍ୟ ପ୍ରତିଷ୍ଠାନ ଚତୁର୍ଥ, ମନପ୍ରୀତ ମହାନ୍ତ ବଡ଼ଦା ଛଉ ନୃତ୍ୟ ପ୍ରତିଷ୍ଠାନ ୫ମ, ବଡ଼ଜାମବଣୀ ଛଉନୃତ୍ୟ ପ୍ରତିଷ୍ଠାନ ଦାନ୍ତିଆମୁହାଁ ଦ୍ୱିତୀୟ, ବାମନିପାହାଡ ଛଉ ନୃତ୍ୟ ପ୍ରତିଷ୍ଠାନ ଅଁଳାଯୋଡି ରାଇରଙ୍ଗପୁର ତୃତୀୟ ସ୍ଥାନ ଅଧିକାର କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରେଷ୍ଠ ଛଉ ନୃତ୍ୟ ପ୍ରତିଷ୍ଠାନ ଗୁଡିକୁ ଯଥାକ୍ରମେ ୧୦ହଜାର, ୭ହଜାର, ୫ହଜାର ଓ ୪ର୍ଥ ଓ ୫ମକୁ ୩ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ତୃତୀୟ ସନ୍ଧ୍ୟାରେ କୁଇଜ ପ୍ରତିଯୋଗିତା, ଡ୍ରପ ଦି ବିଟ୍, ଚିକମିକ୍ ରିମିକ୍ସ ଗୁରୁକୂଳ ଓ ଆଦ୍ୟା ବାରିପଦା ପକ୍ଷରୁ ଡ୍ୟାନ୍ସ ପ୍ରତିଯୋଗୀତା ହେବ। ପରେ ମହାରାଷ୍ଟ୍ର ରାଜ୍ୟର କଥକ ନୃତ୍ୟ ପରିବେଷଣ ହେବାକୁ ଯାଉଥିବା ବେଳେ ଏହାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରଖାଯାଇଛି। ଓଡିଶାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଜାନଦୃତ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। କଳାକାରମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସୁଯୋଗ ଦିଆଯାଉଛି। ଜିଲ୍ଲାର କୋଣଅନୁକୋଣରୁ କଳାକାର ସମେତ ଜନସାଧାରଣଙ୍କ ଭିଡ ଜମୁଛି। ପଲିଶ୍ରୀ ମେଳାରେ ୧୫୦ ଷ୍ଟଲ ସହିତ ସ୍ୱାଦିଷ୍ଟ ଖାଦ୍ୟ ସହ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମରେ ରାତି ତମାମ ଛଉ ପଡିଆ ସରଗରମ ରହୁଛି।

## ତିନି ଅନାଥ ପିଲାଙ୍କୁ ପୂର୍ବତନ ସରପଞ୍ଚଙ୍କ ସହାୟତା



ଗୋରୁମହିଷାଣୀ, ୧୨।୪(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ନିମନ୍ତେ ବିଭିନ୍ନ ଜନକଲ୍ୟାଣ ବିଭାଗ ଖୋଲିଛନ୍ତି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି କ୍ଷେତ୍ରରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଦେଇଛି ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ କୁଲେଇଶିଳା ପଞ୍ଚାୟତର ଜାରିହିଲ ଗ୍ରାମର ସର୍ଗତ ଡମା ନାଏକଙ୍କ ତିନି ଅନାଥ ପିଲା। ବାପାମାଆ ଛେଉଣ୍ଡ ଏହି ତିନି ଛୁଆଙ୍କୁ କେହି ସାହା ଭରଷା ନ ଥିଲେ। ଖବର ପାଇ କୁଲେଇଶିଳାର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାଏକ ତାଙ୍କ ଘରକୁ ଯାଇ ତିନି ଅନାଥ ପିଲାଙ୍କୁ ସହାୟତା କରିଛନ୍ତି। ବଡଭାଇ ସମୀୟନା ନାଏକ ୯ ବର୍ଷ, ରିଙ୍କି ନାଏକ ୭ ବର୍ଷ, ପିଙ୍କି ନାଏକ ୬ ବର୍ଷ। ବାପା ଡମା ନାଏକ ଓ ମାଆ ସୁଖୀ ନାଏକ କିଛିବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ। ଫଳରେ ସେମାନେ ନାହିଁ ନ ଥିବା ଅସୁବିଧା ମଧ୍ୟରେ ଗତି କରି ଅପପୁଷ୍ଟିର ଶିକାର ହେବା ସହିତ ବିଦ୍ୟାଳୟ ଯିବାରୁ ବଞ୍ଚିତ ହୋଇଥିଲେ। ଏହି ସମସ୍ୟାକୁ ନେଇ ଜାରିହିଲର ଆଶା ଦିଦି ବୈଶାଖୀ ମୁଣ୍ଡାରୀ ଅଙ୍ଗନବାଡ଼ି ଦିଦି ସହିତ ଯୋଗାଯୋଗ କରି ଶ୍ରୀ ନାଏକ ତାଙ୍କ ପରିବାର ଲୋକଙ୍କ ସହିତ ବୁଝାସୁଝା କରି ବିଦ୍ୟାଳୟରେ ପାଠ ପଢିବାକୁ ରାଜି କରାଇଥିଲେ। ରାଇରଙ୍ଗପୁର ବ୍ଲକ୍‌ର ମଙ୍ଗଳ ଅଧିକାରୀ ଶୁଭେନ୍ଦୁ ମୋହନ ବଳ ସହିତ ଯୋଗାଯୋଗ କରି ସହଯୋଗ କରିବାକୁ ନିବେଦନ କରିଥିଲେ। ଶ୍ରୀ ବଳ ସଙ୍ଗେ ସଙ୍ଗେ କୁକୁଡ଼ିମୁଣ୍ଡି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁରୁପ୍ରସାଦ ମହାକୁଡଙ୍କୁ ତିନି ନାବାଳକ ଛୁଆଙ୍କୁ ବିଦ୍ୟାଳୟରେ ନାମ ଲେଖିବା ବ୍ୟବସ୍ଥା କରିବାକୁ କହିଥିଲେ। ସମସ୍ତଙ୍କ ସହଯୋଗରେ ତିନି ଆଦିବାସୀ ପିଲାଙ୍କ ଶିକ୍ଷାଦାନ ବ୍ୟବସ୍ଥା ହୋଇପାରିଥିବାରୁ ପୂର୍ବତନ ସରପଞ୍ଚ ଶ୍ରୀ ନାଏକଙ୍କ ପ୍ରଶଂସା କରାଯାଇଛି।

■ ୧୦୦ ବର୍ଷର ପରମ୍ପରା

## ଗାଁରେ ଶାନ୍ତି ପାଇଁ ମା' ଶୀତଳାଙ୍କ ଗ୍ରାମ ପରିକ୍ରମା

ମୋରଡ଼ା,୧୨।୪(ସମିସ): ପାରମ୍ପାରିକ ଧେଣ୍ଟୁରା ବାଦ୍ୟ ମାଧ୍ୟମରେ ଚିତ୍ରଡା ଅଞ୍ଚଳର ଲୋକଙ୍କୁ ମା' ଶୀତଳା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ସମ୍ପର୍କରେ ପୂର୍ବରୁ ଅବଗତ କରାଯାଇଥିବାବେଳେ ମା'ଙ୍କ ଆଗମନକୁ ନେଇ ଅଞ୍ଚଳରେ ନିଆଁ ଓ ପାଣିକୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବନ୍ଦ ରଖିଥିଲେ ଅଞ୍ଚଳବାସୀ। ଚିତ୍ରଡା ଅଞ୍ଚଳରେ ଏହି ପୂଜା ୧୦୦



ବର୍ଷର ପରମ୍ପରା। ଶନିବାର ଚିତ୍ରଡା ପଞ୍ଚାୟତ ଅଧୀନ ଚିତ୍ରଡା ବସଷ୍ଟାଣ୍ଡରେ ମା'ଙ୍କ ଅସ୍ଥାୟୀ ପୀଠକୁ କୁଟା ଓ ବିଭିନ୍ନ ପ୍ରକାରର ଫୁଲରେ ସଜାଯାଇଥିବା ଦେଖିବାକୁ ମିଳିଛି। ଚିତ୍ରଡା ସରପଞ୍ଚ ବାଳକ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ୱାର୍ଡ ସଭ୍ୟମାନେ ତିନୋଟି ପୂଜା ବାବଦକୁ ପ୍ରତି ପରିବାର ପାଖରୁ ଦୁଇ ଶହ ଟଙ୍କା ଲେଖାଏଁ ଉଠାଇ ପୂଜାରେ ଖର୍ଚ୍ଚ କରିଥିବା ଦେଖିବାକୁ ମିଳିଛି। ଶନିବାର ଦିନ ମା' ଶୀତଳା ବୁଢ଼ୀ ଠାକୁରାଣୀ ଆସି ରାତି ୧୨ଟା ପରେ ପଞ୍ଚାୟତର ବିଭିନ୍ନ ୱାର୍ଡକୁ ବାଜା ସାଙ୍ଗକୁ ବାଣ ଫୁଟାଇ ଲୋକମାନେ ରୋଗ, ବ୍ୟାଧି ଦୂର କରାଇବା ସହିତ ଗ୍ରାମଶାନ୍ତି ପାଇଁ ଗାଁ ପରିକ୍ରମା କରାଇଥିଲେ। ପରେ ଘଟ ଉତ୍ତୋଳନ କରାଯାଇଥିଲା। ତେବେ କମାରଗଡ଼ିଆ ପୀଠରୁ ମା' ଆସିଥିବାବେଳେ ପୂଜକ ଭାବେ ରବୀନ୍ଦ୍ରନାଥ ମିଶ୍ର ଓ ଅଭିଜିତ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୂଜକଙ୍କ କହିବା ମୁତାବକ ଚଳିତ ବର୍ଷ ୬ ଶହରୁ ଉର୍ଦ୍ଧ୍ୱ ମାନସିକ କରିବା ସହିତ ପୂଜା କରିବା ପାଇଁ ଆସିଥିଲେ।

## ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ, ସ୍ଥାନାନ୍ତର ଦାବି

ଶୁକ୍ଳି, ୧୨।୪(ସମିସ): ଶୁକ୍ଳି ବ୍ଲକ୍‌ରେ ଦୁଇଟି ମଦ ଦୋକାନକୁ ସରକାରଙ୍କ ପକ୍ଷରୁ ସ୍ୱୀକୃତି ମିଳିଛି। ତେବେ ମଦ ଦୋକାନ ଶିକ୍ଷାନୁଷ୍ଠାନ ନିକଟରେ ରହିଛି। ସରକାରୀ ନିୟମ ଅନୁସାରେ ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ କିମ୍ବା ରାସ୍ତାର ୫୦୦ ମିଟର ଦୂରରେ ମଦ ଦୋକାନ ଖୋଲିବା କଥା। କିନ୍ତୁ ଶୁକ୍ଳିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗୋଟିଏ ମଦ ଦୋକାନ ଶୁକ୍ଳି ବ୍ଲକ ଅଫିସ ପାଚେରୀକୁ ଲାଗି ରହିଥିବାବେଳେ ଆଉ ଗୋଟିଏ ମଦ ଦୋକାନ ଚାରି ପାଖରେ ସ୍କୁଲ ରହିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପ୍ରକାଶ ପାଉଥିବାବେଳେ ସ୍ଥାନାନ୍ତର କରାଯିବାକୁ ଦାବି ହେଉଛି। ଏଥିସହ ମଦ ଦୋକାନରେ ଏବେ ଚଡା ଦରରେ ମଦ ବିକ୍ରି ହେଉଛି। ବୋତଲ ପିଛା କୋଡିଏରୁ ପଚାଶ ଟଙ୍କା ଅଧିକ ନେଉଥିବା ଅଭିଯୋଗ ଆସିଛି। ପଚାରିଲେ ଉତ୍ତର ମିଳୁଛି ମଦର ଦାମ ବଢିଛି। କିନ୍ତୁ ମଦର ଦାମ ବଢୁ କି ନ ବଢୁ ପ୍ରିଣ୍ଟରେ ପୁରୁଣା ଦର ଥିଲେ ବି ଚଡ଼ା ଦର ନେଉଛନ୍ତି ଦୋକାନୀ। ଅବକାରୀ ବିଭାଗ ମହୁଲି ମଦ ପଛରେ ଗଡାଉଛି। ହେଲେ ଏମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଶୂନ। ଏଥିପ୍ରତି ବିଭାଗ ଦୃଷ୍ଟି ଦେବା ଆବଶ୍ୟକ ରହିଛି।

### ଭକ୍ତାଙ୍କ ନିଆଁପାଟ ନୀତି ସମ୍ପନ୍ନ

## ଜଗତ କଲ୍ୟାଣ କାମନା କରି ନିଆଁ ଝୁଲରେ ଚାଲିଲେ ଭକ୍ତା

ବାରିପଦା, ୧୨।୪(ସମିସ):

ମୟୂରଭଞ୍ଜର ସର୍ବପୁରାତନ ପାରମ୍ପରିକ



ଉଡାପର୍ବ ନେଇ ଭକ୍ତାଙ୍କ ଦ୍ୱାରା ରବିବାର ନିଆଁପାଟ ନୀତି ଅନୁଷ୍ଠିତ ହୋଇଛି। ଉତ୍ତର ସାହି ଓ ଦକ୍ଷିଣ ସାହି ଭକ୍ତାଙ୍କ ଦ୍ୱାରା ବଡ଼ବଜାରସ୍ଥ ପୁରୁଣା ରାଜପ୍ରାସାଦ ତଥା ବର୍ତ୍ତମାନର ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ଥ ସିଂହେଶ୍ୱର ମହାଦେବ ମନ୍ଦିର ସମ୍ମୁଖରେ ନିଆଁପାଟ ନୀତି ହୋଇଛି। ଜଗତ କଲ୍ୟାଣ କାମନା କରି ନିଆଁଝୁଲ ଉପରେ ଭକ୍ତାମାନେ ଚାଲି ନିଆଁ ପାଟ ନୀତି କରିଛନ୍ତି। ସିଂହେଶ୍ୱର ମହାଦେବ ମନ୍ଦିର ଓ ମା' ଶୀତଳା ମନ୍ଦିର ସଂଲଗ୍ନ ବାବା ବଳଗଣ୍ଡେଶ୍ୱର ମନ୍ଦିର ସମ୍ମୁଖରେ ଭକ୍ତ ନୀତି ଅନୁଷ୍ଠିତ ହୋଇଥିଲା। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ନିଆଁ ଅଙ୍ଗାର ଉପରେ ଭକ୍ତାମାନେ ଚାଲିଥିଲେ। ରବିବାର ମଧ୍ୟରାତିରେ ଭକ୍ତାଙ୍କ ନିଶାଘଟ ବଡପୋଖରୀ ଆଡିରେ ପୂଜାର୍ଚ୍ଚନା କରାଯାଇ ମଧ୍ୟରାତ୍ରିରେ ଚୈତ୍ର ପର୍ବ ସ୍ଥାନ ଛଉ ପଡିଆର ମଣ୍ଡପକୁ ଅଣାଯିବ। ସୋମବାର ଉଗ୍ରତପାଟ (ନିଆଁଝୁଲା) ନୀତି ଅନୁଷ୍ଠିତ ହେବ। ମଙ୍ଗଳବାର ଅପରାହ୍ନରେ ବଡଦାଣ୍ଡରେ ଉଡ଼ା ପର୍ବ ଅନୁଷ୍ଠିତ ସହ ଚୈତ୍ର ଭକ୍ତ ପର୍ବର ସମାପ୍ତି ହେବ।


10001/39/2627

ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0003

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/



# ଭୁବନେଶ୍ୱର ସିଟି

# ମିଳୁନି ସିଲିଣ୍ଡର; କ୍ୟାଟେରିଙ୍ଗ ବ୍ୟବସାୟ ପ୍ରଭାବିତ

ଭୁବନେଶ୍ୱର,୧୨।୪(ସମିସ)




ଏଲପିଜି ସିଲିଣ୍ଡର ଅଭାବ ଯୋଗୁଁ ରାଜ୍ୟର କ୍ୟାଟେରିଙ୍ଗ ବ୍ୟବସାୟ ଗଭୀର ଭାବେ ପ୍ରଭାବିତ ହୋଇଛି। ଏ ନେଇ କ୍ୟାଟେରିଙ୍ଗ ଆସୋସିଏସନ ପକ୍ଷରୁ ଏକ ସମ୍ମିଳନୀରେ କ୍ଷୋଭ ପ୍ରକାଶ ପାଇଛି। ମଧ୍ୟ ପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଓଡ଼ିଶାରେ ୨ହଜାରରୁ ଅଧିକ କ୍ୟାଟେରିଙ୍ଗ ସଂସ୍ଥା କାର୍ଯ୍ୟରତ ଥିବାବେଳେ, ସେଥିରେ ଜଡ଼ିତ ଲକ୍ଷାଧିକ କର୍ମଚାରୀ ଏବେ ଅନିଶ୍ଚିତତାରେ ଅଛନ୍ତି। ବର୍ତ୍ତମାନ ଏଲ୍‌ପିଜି ସିଲିଣ୍ଡରର ଅଭାବ ଯୋଗୁଁ ଏହା ପୁଣିଥରେ ସଂକଟଗ୍ରସ୍ତ ହୋଇପଡ଼ିଛି। ବିଶେଷକରି କମର୍ସିଆଲ ସିଲିଣ୍ଡର ମିଳୁନଥିବାରୁ ଅନେକ ସଂସ୍ଥା ବ୍ୟବସାୟ ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ଏକ ପକ୍ଷରେ ସରକାର ଗଣମାଧ୍ୟମ ମାଧ୍ୟମରେ କହୁଛନ୍ତି ଯେ ଏଲପିଜି ସିଲିଣ୍ଡରର କୌଣସି ଅଭାବ ନାହିଁ, କିନ୍ତୁ ଅନ୍ୟପକ୍ଷରେ ରାଜ୍ୟର ଅଧିକାଂଶ ଗ୍ୟାସ ଏଜେନ୍ସି ନିକଟରେ ସିଲିଣ୍ଡର ଉପଲବ୍ଧ ନଥିବା କଥା ଜଣାପଡୁଛି। ଏହାକୁ ବ୍ୟବସାୟୀମାନେ ସତ୍ୟ ଓ ଅସତ୍ୟ ମଧ୍ୟରେ ଅସ୍ୱଷ୍ଟତାରେ ରହିଛନ୍ତି।

ଏହି ସମସ୍ୟା ସମାଧାନ ପାଇଁ କ୍ୟାଟେରିଙ୍ଗ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ସାକ୍ଷାତ କରାଯାଇଥିଲା। ସେଥିରେ ଶୀଘ୍ର ସମାଧାନର ଆଶ୍ୱାସନ ଦିଆଯାଇଥିଲା। କିନ୍ତୁ ୭ ଦିନ ବିତିଗଲା ସତ୍ତ୍ୱେ କୌଣସି ପ୍ରାୟୋଗିକ ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ପରିସ୍ଥିତିରେ ବ୍ୟବସାୟୀମାନେ ଦୁଇମୁଖୀ ସମସ୍ୟାରେ ପଡ଼ିଛନ୍ତି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନହୁଏ, ତେବେ କ୍ୟାଟେରିଙ୍ଗ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ପରିବାର ସମେତ ଆନ୍ଦୋଳନ ଆରମ୍ଭ କରାଯିବାକୁ ବାଧ୍ୟ ହେବ ବୋଲି ସତର୍କ କରିଛି। ସରକାରଙ୍କୁ ତୁରନ୍ତ ଏହି ସମସ୍ୟା ଉପରେ ଗୁରୁତ୍ୱ ଦେଇ କ୍ୟାଟେରିଙ୍ଗ ବ୍ୟବସାୟୀଙ୍କୁ ସହାୟତା କରିବା ପାଇଁ ଦାବି ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ବିନୟ ଭୂଷଣ ପଟ୍ଟନାୟକ, ସମ୍ପାଦକ ଦେବୀ ପ୍ରସାଦ ରଥ, ଚେୟାରମାନ ଅନୁପ କୁମାର ବଗାଇ, କୋଷାଧ୍ୟକ୍ଷ ଏମ ଜୟ ପ୍ରସାଦ ରାଓ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କାର ଦୁର୍ଘଟଣାରେ ଦମ୍ପତି ଆହତ

ଧଉଳି,୧୨।୪(ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ କୌଶଲ୍ୟାଗଙ୍ଗ ଫାଣ୍ଡି କେଇସି କଲେଜ ନିକଟରେ ଭୋର ସମୟରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳରୁ ଦମ୍ପତି ଆଜି ଜଗା ଦର୍ଶନ ନିମନ୍ତେ ପୁରୀ ଅଭିମୁଖେ ଯାଉଥିଲେ। ଭୋର ପ୍ରାୟ ୫ ଟା ସମୟରେ କାରଟି ଭାରସାମ୍ୟ ହରାଇ କାରଟି ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ କାରଟିର ସମ୍ମୁଖ ପାଶ୍ୱର୍ ଭାଙ୍ଗି ଯାଇଥିବାବେଳେ ଏଥିରେ ବସିଥିବା ଦମ୍ପତି ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଉଦ୍ଧାର କରି ତଦନ୍ତ ଚଳାଇଛି।

## ଇମ୍ରାନ୍ ମାମଲାରେ ଏସ୍‌ଟିଏଫ୍‌ର ତନାଘନା

ଭୁବନେଶ୍ୱର,୧୨।୪(ସମିସ): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଭୁବନେଶ୍ୱର ୟୁନିଟ୍-୬ ଗଙ୍ଗନଗର ଅଞ୍ଚଳରୁ ଶେଖ୍ ଇମ୍ରାନ୍ ନାମକ ଯୁବକଙ୍କୁ ଦେଶ ବିରୋଧୀ କାର୍ଯ୍ୟକଳାପ, ଧର୍ମୀୟ କଠୋରତା, ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ଏବଂ ଚରମପନ୍ଥୀଙ୍କ ସହ ଲିଙ୍କ୍ ଅଭିଯୋଗରେ ଗିରଫ କରିଥିଲା। ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଏଟିଏଫ୍ ତନାଘନା ଆରମ୍ଭ କରିଛି। କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ମଧ୍ୟ ଏହି ମାମଲାର ଏକ ସମାନ୍ତରାଳ ତଦନ୍ତ ଆରମ୍ଭ କରୁଛି। ସେ ସୋସିଆଲ୍ ମିଡିଆରେ କ'ଣ ଚାଟ୍ କରିଛି। କାହା ସହ ଲିଙ୍କ୍‌ରେ ଥିଲା। ରାଜ୍ୟରେ ଏହି ଗ୍ୟାଙ୍ଗ୍ ସହ ଅନ୍ୟ କେଉଁମାନଙ୍କ ସମ୍ପର୍କରେ ରହିଛି। ତା'ର ଆର୍ଥିକ କାରବାର କାହା ସହ ଥିଲା, କେଉଁଠୁ ଟଙ୍କା ପାଉଥିଲା, ଏ ସବୁର ତଦନ୍ତ କରୁଛି ଏସ୍‌ଟିଏଫ୍। ସୋସିଆଲ ମିଡିଆରେ କରାଯାଇଥିବା ବାର୍ତ୍ତାର ଆଦାନ ପ୍ରଦାନ ତଥ୍ୟ ଯୋଗାଇ ଦେବାକୁ ଏସ୍‌ଟିଏଫ୍ କେନ୍ଦ୍ରୀୟ ଏଜେନ୍ସି ସହ ଯୋଗାଯୋଗ କରିଥିବା ନେଇ ଏସ୍‌ଟିଏଫ୍ ଏସ୍‌ପି ରବି ଶତପଥି କହିଛନ୍ତି। ଯେଉଁମାନେ ଇମ୍ରାନ୍ ଲିଙ୍କ୍‌ରେ ଥିବେ ସେମାନେ ତଦନ୍ତ ପରିସରଭୁକ୍ତ ହେବେ ବୋଲି ଶ୍ରୀ ଶତପଥି କହିଛନ୍ତି।

## ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ଭୁବନେଶ୍ୱର,୧୨।୪(ସମିସ): ଭୁବନେଶ୍ୱର ମହାନଗର ଭିଏସଏସ୍ ନଗରସ୍ଥିତ ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଶାନ୍ତ କୁମାର ରାଉତ ବିଧାୟକ, ଭୁବନେଶ୍ୱର (ଉତ୍ତର) ଯୋଗ ଦେଇଥିବାବେଳେ ଭିଡିଓ ବାର୍ତ୍ତା ଯୋଗେ ଗୋଲକ ମହାପାତ୍ର, ପ୍ରଭାସିନୀ ମହାନ୍ତି, କର୍ପୋରେଟର, ୱାର୍ଡ ୧୧ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ ଉପସ୍ଥିତ ଥିଲେ। ସମାଜର ଯେଉଁ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଆଯାଏ, ସେହି ଭାବନା ଓ ଆଦର୍ଶକୁ ପିଲାମାନଙ୍କ ମନମଜ୍ଜାରେ ସୃଷ୍ଟି କରିବା ପାଇଁ ଧାରାବାହିକତା ବଜାୟ ରଖିବା ପାଇଁ ଅଭିଭାବକ ଓ ଜନସାଧାରଣଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶେଷରେ ପିଲାମାନଙ୍କର ନିଜସ୍ୱ ଓ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ବିକାଶରେ କଳା ଓ କୌଶଳକୁ ସୃଜନାତ୍ମକ ଶୈଳୀରେ ପ୍ରକାଶ କରିବା ଅତ୍ୟନ୍ତ ସହାୟକ ହେବ ବୋଲି ଅତିଥି ବୃନ୍ଦ ପରାମର୍ଶ



ଦେଇଥିଲେ। ଉତ୍ସବକୁ ସାଫଲ୍ୟମଣ୍ଡିତ କରିବାରେ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ରାଉତ, ସଭାପତି ବଂଶୀଧର ବାରିକ, ସମ୍ପାଦକ ବିପିନ ବିହାରୀ ରାୟ, ପରିଚାଳନା କମିଟିର ସଦସ୍ୟ ନିମାଇଁ ଚରଣ ଦାସ, କିଶୋର ଚନ୍ଦ୍ର ଦେଉରୀ, ପ୍ରଦୀପ ସ୍ୱାଇଁ, ସୁରେଶ ଚନ୍ଦ୍ର ଦାସ, ଦେବରାଜ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାଜଧାନୀ କଲେଜରେ ସଂସ୍କୃତ-ଓଡ଼ିଆ ଅନୁବାଦ କର୍ମଶାଳା



ଭୁବନେଶ୍ୱର,୧୨।୪(ସମିସ)

ରାଜଧାନୀ ମହାବିଦ୍ୟାଳୟର ସଂସ୍କୃତ ଓ ଓଡ଼ିଆ ବିଭାଗ ପକ୍ଷରୁ ସଂସ୍କୃତ-ଓଡ଼ିଆ ଅନୁବାଦ ପରମ୍ପରା, ପରିବର୍ତ୍ତନ ଓ ସଞ୍ଚାର ସମ୍ପର୍କିତ ଏକ ଦିନିକିଆ ଅନ୍ତରଶାସ୍ତ୍ରୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଭାରତୀୟ ଭାଷାର ଗୁରୁତ୍ୱ ଓ ଅନ୍ତରଶାସ୍ତ୍ରୀୟ ଅଧ୍ୟୟନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଛନ୍ତି। ଓଡ଼ିଆ ବିଭାଗ ମୁଖ୍ୟ ଡ. ମନ୍ମଥନାଥ ଘଡ଼ାଇ ସଭାରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ସଂସ୍କୃତ ଜ୍ଞାନପରମ୍ପରା ଓ ଅନୁବାଦର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଯୋଗଦେଇ ଅନୁବାଦ ସାହିତ୍ୟର ପରମ୍ପରା, ମହତ୍ୱ ଓ ସାମ୍ପ୍ରତିକ ସମୟରେ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଛନ୍ତି।

ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱଦ୍ୟାଳୟ ଶାନ୍ତିନିକେତନର ଓଡ଼ିଆ ଅଧ୍ୟାପକ ଡ. ଇନ୍ଦ୍ରମଣି ସାହୁ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ରମେଶ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ରହି ଅନୁବାଦ ସାହିତ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଅବସରରେ ଡ. ବିଭୂତି ଭୂଷଣ ମହାପାତ୍ରଙ୍କ ଲିଖିତ ପୁସ୍ତକ 'ରିସର୍ଚ୍ଚ ମେଥୋଡେଲୋଜି ଇନ ସାଂସ୍କ୍ରିଟ ଷ୍ଟଡିଜ୍'କୁ ଅତିଥିମାନେ ପାଠୋକାର୍ପଣ କରିଥିଲେ। ମହାବିଦ୍ୟାଳୟ ସଂସ୍କୃତ ବିଭାଗର ମୁଖ୍ୟ ଡ. ସୁରେଶ୍ୱର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଆ ଅଧ୍ୟାପିକା ଡ. ମମତା ମଞ୍ଜରୀ ବାରିକ ଅତିଥି ପରିଚୟ ଏବଂ ସଂସ୍କୃତ ବିଭାଗ ଅଧ୍ୟାପକ ଡ. ବିଭୂତିଭୂଷଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ବିନ୍ଦୁସାଗର' ସହ ଯୋଡ଼ି ହେଲେ ଅନୁଭବ



ଭୁବନେଶ୍ୱର,୧୨।୪(ସମିସ): ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ବିନ୍ଦୁସାଗର' ପାଇଁ ଭାରତୀୟ ସୁପରଷ୍ଟାର ଅନୁଭବ ମହାନ୍ତି ନିବେଦକ ଭାବେ ଯୋଡ଼ି ହୋଇଛନ୍ତି। ସିନେମାର ଟ୍ରେଲର ମୁକ୍ତି ପାଇଛି ଏବଂ ଆସନ୍ତା ଏପ୍ରିଲ୍ ୧୭ ତାରିଖରେ ଦେଶବ୍ୟାପୀ ସିନେମା ହଲରେ 'ବିନ୍ଦୁସାଗର' ରିଲିଜ୍ ହେବ। ଏହା ଘୋଷଣା ହେବା ପରେ ଓଡ଼ିଆ ସିନେମାର ପ୍ରମୁଖ ଅଭିନେତା ଅନୁଭବ ମହାନ୍ତି ନିବେଦକ ଭାବେ 'ବିନ୍ଦୁସାଗର' ସହିତ ଯୁକ୍ତ ହୋଇଛନ୍ତି। ସଙ୍ଗୀତମୟ ପ୍ରେମ କାହାଣୀ ଭିତ୍ତିକ ଏହି ଚଳଚ୍ଚିତ୍ର ଏବେଠାରୁ ଦର୍ଶକଙ୍କ ମନରେ ଉତ୍ସୁକତା ସୃଷ୍ଟି କରିଛି। ଆଉ ନିବେଦକ ଭାବେ ଅନୁଭବ ଏଥିସହ ଯୋଡି ହେବା ଏ ଉତ୍ସାହକୁ ଦ୍ୱିଗୁଣିତ କରିଛି। ଏହି ଅବସରରେ ଅନୁଭବ ମହାନ୍ତି କହିଛନ୍ତି, ବିନ୍ଦୁସାଗର ମୋ ପାଇଁ କେବଳ ଏକ ପ୍ରୋଜେକ୍ଟ ନୁହେଁ, ଏହା ଏକ ଭାବନା। ମୁଁ ସଦା ଏକ ଗର୍ବିତ ଓଡ଼ିଆ ଏବଂ ଆମ ମାଟିର କାହାଣୀକୁ ବିଶ୍ୱମଞ୍ଚରେ ପହଞ୍ଚାଇବା ମୋର ସ୍ୱପ୍ନ। 'ବିନ୍ଦୁସାଗର' ସେହି ସ୍ୱପ୍ନ ପୂରଣରେ ଏକ ଶକ୍ତିଶାଳୀ ପଦକ୍ଷେପ। ଏହି ଚଳଚ୍ଚିଚତ୍ରକୁ ଅଭିଷେକ ସ୍ୱାଇଁ ନିର୍ଦ୍ଦେଶନା ଦେଇଛନ୍ତି। ବିନ୍ଦୁସାଗର ହେଉଛି ଏକ ସଙ୍ଗୀତମୟ ରୋମାନ୍ସ ଡ୍ରାମା, ଯାହା ଓଡ଼ିଶାର ସଂସ୍କୃତି, ଭାବନା ଓ ଜୀବନ ଶୈଳୀକୁ ସୁନ୍ଦର ଭାବେ ପ୍ରକାଶ କରିଥାଏ। ପ୍ରଯୋଜକ ଶିଳାଦିତ୍ୟ ବୋରା କହିଛନ୍ତି, ବିନ୍ଦୁସାଗର ଆମର ପ୍ରଥମ ଓଡ଼ିଆ ପ୍ରୋଡକ୍ସନ୍। ଏଥିରେ ଅନୁଭବ ମହାନ୍ତିଙ୍କ ସମର୍ଥନ ଆମ ପାଇଁ ବହୁତ ପ୍ରେରଣାଦାୟକ ଓ ଗର୍ବର ବିଷୟ। ଏହା କାହାଣୀ ଓ ସମଗ୍ର ଟିମ୍‌ର ଉପରେ ଥିବା ବିଶ୍ୱାସକୁ ପ୍ରକାଶ କରେ।

## ସଶକ୍ତ ଓଡ଼ିଶା ପକ୍ଷରୁ 'ବନ୍ଦନୀୟ ବରପୁତ୍ର' ଦିବସ

ଭୁବନେଶ୍ୱର,୧୨।୪(ସମିସ)



ସାମାଜିକ ଅନୁଷ୍ଠାନ ସଶକ୍ତ ଓଡ଼ିଶା ପକ୍ଷରୁ ସ୍ଥାନୀୟ ସିଆର୍‌ପିସ୍ଥିତ କାର୍ଯ୍ୟାଳୟଠାରେ ଓଡ଼ିଆ ପକ୍ଷ ଦିବସ ଓ ପବିତ୍ର ବରପୁତ୍ର ଦିବସ ପାଳିତ ହୋଇଛି। ଏହି ଅବସରରେ ଆବାହକ ବିଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ପୁଜ୍ୟପୂଜାର ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ବିଜୁ ପଟ୍ଟନାୟକ, ହରେକୃଷ୍ଣ ମହତାବ, ନନ୍ଦିନୀ ଶତପଥୀ, ସନ୍ଥକବି ଭୀମ ଭୋଇ, ବାଜି ରାଉତ, ଫକୀର ମୋହନ ସେନାପତି, ଗୋଦାବରୀଶ ମହାପାତ୍ରଙ୍କ ସମେତ ୨୫ଗୋଟି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାରସ୍ୱତ ପ୍ରାଣ ଡ. ପ୍ରକାଶ ଶ୍ରୀଚନ୍ଦନ, ମୁଖ୍ୟବକ୍ତା ଭାବେ ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଅଧିବକ୍ତା କଲ୍ୟାଣ କୁମାର ଚାଟାର୍ଜୀ, ଶିକ୍ଷାବିତ ଭାଷାପ୍ରାଣ ରମେଶ ଚନ୍ଦ୍ର ପାତାଳ ସିଂ ଉପସ୍ଥିତ ରହିବା ସହ ମହାପୁରୁଷ ଓ ବରପୁତ୍ର ଚୀର ବନ୍ଦନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହାସହିତ ମୁଖ୍ୟ ଅତିଥି ଶ୍ରୀଚନ୍ଦନ ମହିଳାମାନଙ୍କ ଆତ୍ମ ନିର୍ଭର ଶୀଳ, ସଶକ୍ତିକରଣ ଉପରେ ବକ୍ତବ୍ୟ ରଖିବା ସହ ବରପୁତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୁବାଳା ସେଠି, ବର୍ଷା ମକର, ଅହଲ୍ୟା ବାଇ, ସୁକାନ୍ତି କିସାନ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଟା ଆରିଆନା ଡବ୍ଲୁପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର,୧୨।୪(ସମିସ): ଅଲିମ୍ପିଆନ ଡ୍ରେନ ବକ୍ସ ଗ୍ରାଉଣ୍ଡଠାରେ 'ଟାଟା ଆରିଆନା ଡବ୍ଲୁପିଏଲ୍ ୨୦୨୬' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବେଶ୍ ଉତ୍ସାହର ସହ ରବିବାର ଅନୁଷ୍ଠିତ ହୋଇଛି। ଟାଟା ଆରିଆନାର ମହିଳାଙ୍କ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୩ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ କରି ରେଣୁ ଗୋସ୍ୱାମୀଙ୍କ ନେତୃତ୍ୱାଧୀନ 'ଆରିଆନା ପଟାକାସ୍' ଦଳ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ଅନ୍ୟ ଦୁଇଟି ଦଳ ମଧ୍ୟରେ ଥିଲା ଚିତ୍ରାଙ୍ଗଦା ଦେବୀଙ୍କ ନେତୃତ୍ୱରେ 'ଆରିଆନା କୁଇନ୍‌ସ୍' ଏବଂ ବାଣୀ ଦେଙ୍କ ନେତୃତ୍ୱରେ 'ଆରିଆନା ୱାରିୟର୍ସ'। ଏହି ଟୁର୍ଣ୍ଣାମେଣ୍ଟକୁ ଓଡ଼ିଶାର ଜଣାଶୁଣା ମହିଳା ଅମ୍ପାୟାର ଶାଶ୍ୱତୀ ଶତପଥୀ ପରିଚାଳନା କରିଥିଲେ। ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସଦାଫ୍‌ଙ୍କୁ 'ଓମେନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ', ତନୁଜାଙ୍କୁ 'ବେଷ୍ଟ ବୋଲର' ଏବଂ ରେଣୁ ଗୋସ୍ୱାମୀଙ୍କୁ 'ବେଷ୍ଟ ଫିଲ୍ଡର' ପୁରସ୍କାର ପ୍ରଦାନ କରାଯାଇଥିଲା।

## 'ପଲ୍ସ ଅଫ୍ ଦ ଆର୍ଥ' ଲୋକାର୍ପିତ




ଭୁବନେଶ୍ୱର,୧୨।୪(ସମିସ): ଇଞ୍ଜିନିୟର ଜଗନ୍ନାଥ ପାଣିଙ୍କ ପ୍ରତୀକ୍ଷିତ ଉପନ୍ୟାସ 'ପଲ୍ସ ଅଫ୍ ଦ ଆର୍ଥ' ଏବଂ ଓଡ଼ିଆର ପ୍ରମୁଖ ମାସିକ ପତ୍ରିକା 'ବାତାୟନ'ର ବିଷୁବ ସଂଖ୍ୟା ଲୋକାର୍ପିତ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲେଖକଙ୍କ ୬୦ତମ ଜନ୍ମଦିନ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଫିଙ୍ଗରପ୍ରିଣ୍ଟ ପବ୍ଲିକେସନ୍ ଆୟୋଜନରେ ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଅତିଥି, ସାହିତ୍ୟିକ, ବୁଦ୍ଧିଜୀବୀ, ଲେଖକ ଉପସ୍ଥିତ ଥିଲେ। ଅତିଥିମାନଙ୍କ ମଧ୍ୟରେ କବି ଡ. ଫନି ମହାନ୍ତି ଯୋଗଦେଇ ତାଙ୍କ ବକ୍ତବ୍ୟରେ ଲେଖକ ଓ 'ପଲ୍ସ ଅଫ୍ ଦ ଆର୍ଥ'ର ଦାର୍ଶନିକ ସମୃଦ୍ଧିର ପ୍ରଶଂସା କରି କହିଥିଲେ, ଆଧୁନିକ ସମାଜକୁ ପୃଥିବୀର ନୀରବ ଜ୍ଞାନ ଓ ସାଂସ୍କୃତିକ ମୂଳ ସହ ପୁନଃ ଯୋଡ଼ି ଦେଉଥିବା ଏକ ଦୁର୍ଲଭ ସାହିତ୍ୟିକ କୃତି। ମଞ୍ଚରେ ଲେଖକ ପ୍ରହରାଜ ଜୟନାରାୟଣ ନନ୍ଦ, ଲେଖକ ଓ ନିର୍ଦ୍ଦେଶକ ଅଜୟ ମହାପାତ୍ର, ଇଂ ସାଇ ପ୍ରକାଶ, କ୍ୟାନୋଫାୟାର୍ ନିର୍ଦ୍ଦେଶକ କାଳିଚରଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାରର ମୁଖ୍ୟ ଯନ୍ତ୍ରୀ ଭାବେ କାର୍ଯ୍ୟରତ ପାଣିଙ୍କ ଗ୍ରାମୀଣ ଜୀବନ ଓ ସାମାଜିକ ଅନୁଭୂତି ତାଙ୍କ ଲେଖନୀକୁ ପ୍ରଭାବିତ କରିଛି। ସତ୍ୟବ୍ରତ ଜେନା ସ୍ୱାଗତ ଭାଷଣ ଦେବା ସହ ସାହିତ୍ୟର ସାଂସ୍କୃତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଡ. ଶଶି ଶେଖର ସାମନ୍ତ ଧନ୍ୟବାଦ ଦେଇଥିଲେ।

## ସାଉଦିଆରବରେ ରକ୍ତଦାନ ଶିବିର

ଭୁବନେଶ୍ୱର,୧୨।୪(ସମିସ): ମଧ୍ୟପ୍ରାଚ୍ୟରେ ଚାଲୁଥିବା ସଂଘର୍ଷକୁ ଦୃଷ୍ଟିରେ ରଖି, ଭାରତୀୟ ଦୂତାବାସ ଓ ଓଡ଼ିଆ ସଂଗଠନ ରିୟାଦ ଓଡ଼ିଶା ସାମାଜିକ ତଥା ସାଂସ୍କୃତିକ ସଂଗଠନର ସଂଯୁକ୍ତ ପ୍ରୟାସରେ ରବିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହି ପ୍ରୟାସ ଚାଲୁଥିବା ଜଟିଳ ପରିସ୍ଥିତିରେ ଚିକିତ୍ସା ସଜାଗତା ସହ ଜୀବନ ରକ୍ଷା କରିବାକୁ ଉଦ୍ଦିଷ୍ଟ ଥିଲା। ଶିବିରକୁ ଭାରତର ସାଉଦି ଆରବ ରାଜଦୂତ ଡ. ସୁହେଲ୍ ଏଜାଜ୍ ଖାନ୍ ଉଦଘାଟନ କରିଥିଲେ। ତାଙ୍କ ଉଦ୍‌ବୋଧନରେ ସେ ସାମୂହିକ ମାନବୀୟ ପ୍ରୟାସର ଗୁରୁତ୍ୱ ଉଲ୍ଲେଖ କରିବା ସହ ରିୟାଦରେ ବସବାସ କରୁଥିବା ଭାରତୀୟ ସମୁଦାୟଙ୍କୁ ଏହି ଉତ୍ତମ କାର୍ଯ୍ୟରେ ସକ୍ରିୟ ଭାଗ ନେବା ପାଇଁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ



ମାନବିକତାର ଦୃଷ୍ଟାନ୍ତ ଦେଖାଇଲେ ଭାରତୀୟ ଦୂତାବାସ ଓ ରିୟାଦ ଓଡ଼ିଆ ସମାଜ

ସାଉଦି ଆରବ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଭାରତୀୟ ଦୂତାବାସ, ସର୍ବ ଭାରତୀୟ ଷ୍ଟିୟରିଂ କମିଟି ତଥା ରୋଜାର ଅନେକ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ରୋଜା ତରଫରୁ ସେହରୱର୍ଦ୍ଦିନ ଖାନ, ଦେବାଶିଷ, ସରୋଜ, ବିଶ୍ୱଜିତ, ଆଜିମୁଦ୍ଦିନ, ବିବେକ, ହାତୁବନ୍ଧୁ, ସତ୍ୟ ମେହେର ପ୍ରମୁଖଙ୍କ ପ୍ରଚେଷ୍ଟାରେ ଏହି ଶିବିର ପରିଚାଳିତ ହୋଇଥିଲା। ଏହି ଏକ ଦିନିଆ ଶିବିରରେ ୪୬୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ଲାବ୍ ଟେକ୍ନିସିଆନଙ୍କ ଅକାଳ ବିୟୋଗ

ଭୁବନେଶ୍ୱର,୧୨।୪(ସମିସ): ଅଲ ଇଣ୍ଡିଆ ମେଡିକାଲ୍ ଲାବୋରେଟୋରୀ ଟେକ୍ନୋଲୋଜିଷ୍ଟ ଆସୋସିଏସନର ଆଜୀବନ ସଦସ୍ୟ ଏବଂ ସମ୍ ହସ୍ପିଟାଲରେରେ କାର୍ଯ୍ୟରତ ଥିବା ଲାବୋରେଟୋରୀ ଟେକ୍ନୋଲୋଜିଷ୍ଟ ସ୍ୱର୍ଗତ ଚିନ୍ମୟ ଦାସ(ପ୍ରିୟର ଚିନୁ ଭାଇ) ଙ୍କର ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରି, ସଂଘର ଓଡ଼ିଶା ଶାଖା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲାବୋରେଟୋରୀ ଟେକ୍ନୋଲୋଜିଷ୍ଟମାନେ ଯୋଗଦେଇ ସ୍ୱର୍ଗତ ଚିନ୍ମୟ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଏବଂ ତାଙ୍କର ସ୍ମୃତିଚାରଣ କରିଥିଲେ। ସଭାରେ ସଂଘର ସଭାପତି, ଉପସଭାପତି, ସମ୍ପାଦକ, ସହ-ସମ୍ପାଦକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ଜୀବନ ଜ୍ୟୋତି ଯୋଜନା ଅଧୀନରେ ମୃତକଙ୍କ ପରିବାରକୁ ୨୧ ହଜାର ଟଙ୍କାର ସହାୟତା ଘୋଷଣା କରିଥିଲେ। ସେଥିସହ ଭବିଷ୍ୟତରେ ସଂଘର ଆଜୀବନ ସଦସ୍ୟମାନଙ୍କୁ କୌଣସି ବିପଦ-ଆପଦ ସମୟରେ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ।



## ୧୯ରେ ପ୍ରତିଷ୍ଠା ହେବ ଗଡ଼କଣ୍ଟୁଣିଆ ଶ୍ରୀଜଗନ୍ନାଥ ମନ୍ଦିର

ଧଉଳି,୧୨।୪(ସମିସ)

ବାଲକାଟିହୀରାପୁରସ୍ଥିତଗଡ଼କଣ୍ଟୁଣିଆଠାରେ ନିର୍ମାଣ ହୋଇଥିବା ଶ୍ରୀଜଗନ୍ନାଥ ମନ୍ଦିର ୧୯ ତାରିଖରେ ପ୍ରତିଷ୍ଠା କରାଯିବ। ୨୦୧୫ ନବକଳେବରରେ ଏହିଠାରୁ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ଦାରୁ ମିଳିଥିଲା। ଏହି ଦାରୁସ୍ଥଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି। ଏଥିପାଇଁ ଆଖପାଖ ଅଞ୍ଚଳବାସୀ ଏବଂ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ଦାରୁ ଠାବଠାରୁ ଆଜି ପର୍ଯ୍ୟନ୍ତ ଦଇତାପତି ଏବଂ ବଡ଼ ପଣ୍ଡାଙ୍କ ନିର୍ଦ୍ଦେଶାନୁସାରେ ନିର୍ମାଣ କାମ ଚାଲୁରହିଛି। ଶ୍ରୀଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତା। କିଛି ଜଗନ୍ନାଥ ପ୍ରେମୀଙ୍କ ଅନୁଦାନ, ସରକାରୀ ଅନୁଦାନ ଏବଂ କିଛି ଉଦ୍ୟୋକ୍ତାଙ୍କ ସାହାଯ୍ୟ ସହଯୋଗରେ ପୁଣ୍ୟତୋୟା କୁଆଖାଇ ନଦୀ ପଠାରେ ଆଜି ଶ୍ରୀଜଗନ୍ନାଥଙ୍କ ୬୧ ଫୁଟର ମନ୍ଦିର ଦଣ୍ଡାୟମାନ। ମନ୍ଦିର ନିର୍ମାଣରେ ଏହି କର୍ମକର୍ତ୍ତାଙ୍କ ଭୂମିକା ଅବର୍ଣ୍ଣନୀୟ। ମନ୍ଦିର ନିର୍ମାଣ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ବେଳେ ସମସ୍ତ ପ୍ରକାର ପ୍ରସ୍ତୁତୀରେ ଲାଗିପଡିଛନ୍ତି କର୍ମକର୍ତ୍ତା ଏହି ମନ୍ଦିର ନିର୍ମାଣରେ ନୟାଗଡ଼ ଜିଲ୍ଲାର ପ୍ରାୟ ୪୦ ଜଣ କାରିଗର ନିୟୋଜିତ ହୋଇଥିବାବେଳେ ଦାରୁ ବିଗ୍ରହ ନିର୍ମାଣ ନିମନ୍ତେ ପୁରୀରୁ ୪ ଜଣ ମହାରଣା ସେବକ ନିୟୋଜିତ ହୋଇଛନ୍ତି। ମନ୍ଦିରର ଦଧିନଉତି ଠାରୁ ଆରମ୍ଭ କରି ଗର୍ଭଗୃହ, ଜଗମୋହନ, ଭୋଗମଣ୍ଡପ



ବା ନାଟ୍ୟମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେହିପରି ସିଂହଦ୍ୱାର, ଅରୁଣ ସ୍ତମ୍ଭ, ଗରୁଡ଼ ସ୍ତମ୍ଭ, ବାଇଶିପାହାଚ, ପାଶ୍ୱର୍ ଦେବଦେବୀଙ୍କ ମନ୍ଦିର ମଧ୍ୟ ନିର୍ମାଣ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୯ ତାରିଖରୁ ୨୪ ତାରିଖ ୬ ଦିନ ବ୍ୟାପି ଏଠାରେ ଠାକୁରଙ୍କ ବିଭିନ୍ନ ପୂଜାବିଧି ଅନୁଷ୍ଠିତ ହେବ। ପ୍ରଥମ ଦିନ ଅଙ୍କୁରାରୋପଣ, ଦ୍ୱିତୀୟ ଦିନ କଳସ ଯାତ୍ରା, ତୃତୀୟ ଓ ଚତୁର୍ଥ ଦିନ ଠାକୁରଙ୍କ ଅନ୍ୟାନ୍ୟ ନୀତିକାନ୍ତି ପରେ ପଞ୍ଚମ ଦିନ ଷୋଡ଼ଶ ଉପଚାର ସାଙ୍ଗକୁ ମନ୍ଦିର ଓ ରତ୍ନ ସିଂହାସନ ପ୍ରତିଷ୍ଠା ହେବ। ପରେ ଶ୍ରୀଜିଉଙ୍କ ଜୀବନ୍ୟାସ ପର୍ବ ଅନୁଷ୍ଠିତ ହେବ। ଶେଷ ଦିନ ଅର୍ଥାତ ୨୪ ତାରିଖରେ ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମାତା ସୁଭଦ୍ରା, ଶ୍ରୀସୁଦର୍ଶନ ବିଜେ କରିବେ। ଏଥିପାଇଁ ଶ୍ରୀଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ମହାପ୍ରଭୁଙ୍କ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପୁରୀ ଦଇତାପତି, ବାବଗ୍ରାହୀ ସମେତ ବଡ଼ପଣ୍ଡାମାନେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ସେହିପରି ଏହି ମନ୍ଦିରର ପ୍ରତିଷ୍ଠା ନିମନ୍ତେ ଆଖପାଖ ଅଞ୍ଚଳର ଜଗନ୍ନାଥ ପ୍ରେମୀ ଏବଂ ଶ୍ରଦ୍ଧାଳୁଙ୍କ ସମାଗମ ହେବ।

# କିଶୋର କୁମାର ମହାନ୍ତିଙ୍କ ଜୟନ୍ତୀ



**ବ୍ରଜରାଜନଗର, ୧୨।୪ (ସମିସ):** ବ୍ରଜରାଜନଗର ଖଳିଆକାନୀ ଛକରେ ବ୍ରଜରାଜନଗର ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୂର୍ବତନ ବାଚସ୍ପତି ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ୬୮ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ବଶିଷ୍ଠ ବିଜେଡି ନେତା ଶମ୍ଭୁ ମହାନ୍ତି, ନୃପ ତାଣ୍ଡି, ଗଣେଶରାମ ବାଗ, ବାବୁଲା ମିଶ୍ର, ଅରୁଣ ମୁନ୍ଦରା, ସୁରେନ୍ଦ୍ର ଜୟସ୍ୱାଲ, ଗୋବିନ୍ଦ ସାହୁ, ଭାନୁ ସିଂ, ବିଜୟ ଦାସ, ନଳିନୀ ପ୍ରଧାନ, କାଉନସିଲର ପ୍ରଭାତୀ ଗଡ଼ନାୟକ, ଖିରୋଦିନି ସେନାପତି, କୁମୁଦିନୀ ଗରୁଡ଼, ଦମୟନ୍ତୀ ଗରୁଡ଼, ରୁକ୍ମିଣୀ ସୁନା, ଅନିତା ଗରୁଡ଼, ଭୂମିଶୁତା ତନ୍ତି, ପବିତ୍ର ବିଶି, ପଦ୍ମଲୋଚନ ଭୋଇ, ସୁରଜ କଣ୍ଟା, ଶରତ ତନ୍ତି, ମଣ୍ଟୁ କୁମ୍ଭାର, ସୁରୁ ସେନାପତି, ବିକ୍ରମ ଦାସ, କରନ ରାଏ, ଗିରିଧାରୀ ଗରୁଡ଼, ଆକାଶ ବଡ଼ାଇ, ସୁନୀଲ ଭୋଇ, ଚିଣ୍ଟୁ ବଡ଼ାଇ, ନିଲୁ ମାଝୀ ପ୍ରମୁଖ ଯୋଗଦେଇ ଥିଲେ।

### ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

# ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ବୈଜ୍ଞାନିକ ପ୍ରମାଣ ଉପରେ ଗୁରୁତ୍ୱାରୋପ

**ଝାରସୁଗୁଡ଼ା, ୧୨।୪(ସମିସ)**

ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମଏଫ୍ ଅଡିଟରିଅମ୍‌ରେ ଅଣ-କ୍ୟାଡର ପ୍ରସିକ୍ୟୁଟରମାନଙ୍କ ପାଇଁ ଚାଲିଥିବା ଦୁଇ ଦିନିଆ 'ଇଣ୍ଡକସନ୍ ଏବଂ ରିଫ୍ରେସର୍' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଓ ଦୌରାଜଜ୍ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଓଡ଼ିଶା ସରକାରଙ୍କ ପ୍ରସିକ୍ୟୁସନ ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ କାନୁନଗୋ ଆଭାସୀ ମାଧ୍ୟମରେ ଭୁବନେଶ୍ୱରରୁ ଯୋଗଦେଇ ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମକୁ ଝାରସୁଗୁଡ଼ା ପ୍ରସିକ୍ୟୁସନ ବିଭାଗର ଡେପୁଟି ଡାଇରେକ୍ଟର ବୃନ୍ଦାବନ ନାୟକ ଏବଂ ଆସିଷ୍ଟାଣ୍ଟ ଡାଇରେକ୍ଟର ଉଷାରାଣୀ ମାଝୀ ସଂଯୋଜନା ଓ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଆଇନର ସଠିକ୍ କାର୍ଯ୍ୟକାରିତା ପାଇଁ ପ୍ରସିକ୍ୟୁଟରମାନେ ନୂତନ ନିୟମାବଳୀ ସହ ପରିଚିତ ହେବା ଏକାନ୍ତ ଆବଶ୍ୟକ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶିକ୍ଷାର୍ଥୀ ପ୍ରସିକ୍ୟୁଟରମାନଙ୍କୁ ନୂତନ ଅପରାଧିକ ଆଇନ ପୁସ୍ତିକା ବଣ୍ଟନ କରିଥିଲେ। ପ୍ରଶିକ୍ଷଣର ଦ୍ୱିତୀୟ ଦିବସର କାର୍ଯ୍ୟସୂଚୀ ଅନୁଯାୟୀ ଆଡଭୋକେଟ ରଞ୍ଜନ କୁମାର ସାହୁ ଜଣେ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ କୋର୍ଟ ରୁମ୍ ଆଡଭୋକେସି କୌଶଳ ଓ ନୂତନ ଅପରାଧିକ ଆଇନ ବ୍ୟବସ୍ଥାରେ ବିଚାର ପରିଚାଳନା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଅଧୀନରେ ପ୍ରସିକ୍ୟୁଟରମାନଙ୍କ ଭୂମିକା ଉପରେ ସିଭିଲ୍ ଜଜ୍ (ସିନିୟର ଡିଭିଜନ) ଡ. ସନ୍ଧ୍ୟାରଥ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହ କୋର୍ଟ ରୁମ୍ ଆଡଭୋକେସି କୌଶଳ, ବୈଜ୍ଞାନିକ ପ୍ରମାଣର ଗୁରୁତ୍ୱ ଏବଂ ନୂତନ ଆଇନରେ ଜାମିନ ଓ ପୀଡ଼ିତଙ୍କ ଅଧିକାର ବିଷୟରେ ବିଷଦ ଆଲୋଚନା କରାଯାଇଥିଲା। ବିଜୟ ଲକ୍ଷ୍ମୀ ତିର୍କୀ ଏବଂ ପୂର୍ବତନ ଡେପୁଟି ଡାଇରେକ୍ଟର ରାଜକୁମାର ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଜିଲ୍ଲାର କ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟର ଏବଂ କ୍ୟାଡର ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟରମାନେ ମଧ୍ୟ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଶିବିର ଦ୍ୱାରା ଝାରସୁଗୁଡ଼ା ଜିଲ୍ଲାର ଅଣ-କ୍ୟାଡର ପ୍ରସିକ୍ୟୁଟରମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବବୋଲି ଆଶା କରାଯାଉଛି।



## ଦୁର୍ଘଟଣାରେ ଜଣେ ମୃତ

**ରେଙ୍ଗାଲି, ୧୨।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ୧୦ ଆର୍ଯ୍ୟାନ୍ ଇସ୍ପାତ ଓ ଲପଙ୍ଗା ମଧ୍ୟରେ ଦୁଇ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବାର ଜଣାପଡ଼ିଛି। ସୂଚନାଯୋଗ୍ୟ ଝାରସୁଗୁଡ଼ାରୁ ସମ୍ବଲପୁର ପଟକୁ ଆସୁଥିବା ଦୁଇଟି ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ଓଡି ୧୯ଏନ୍ ୬୬୪୯ ନମ୍ବର ଟ୍ରେଲର ଲୁହା ଏଙ୍ଗେଲ ନେଇ ଯାଉଥିବା ଟ୍ରଲରକୁ ଜିଜେ ୦୩ ବିଜେଡ ୮୬୧୬ ଟ୍ରଲର ପଛପଟୁ ଧକ୍କା ଦେଇଥିଲା। ଏଥିରେ ପଛପଟୁ ଧକ୍କା ଦେଇଥିବା ଟ୍ରକ୍‌ଟି ଲୁହା ଆଙ୍ଗେଲ୍ ନେଇ ଯାଉଥିବା ଟ୍ରେଲର ଭିତରକୁ ପସି ଯାଇଥିଲା ଏଥିରେ ଡ୍ରାଇଭର ଚାପି ହୋଇ ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ପୁଲିସ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବରପାଲି, ୧୨। ୪(ସମିସ):** ବରଗଡ଼ ଜିଲ୍ଲା ବରପାଲି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ତିଲେଇମାଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କିଶୋର ମେହେରଙ୍କ ତତ୍ତ୍ୱାବଧାନରେ ପ୍ରାକ୍ତନ ଛାତ୍ର ବିହାରୀଲାଲ ଭୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଭକ୍ତଚରଣ ଦାସ ଏବଂ ହିନ୍ଦୀ ଶିକ୍ଷକ ଥୟ ସାଙ୍କୁ ଏହି ଅବସରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଗନ୍ଧମାର୍ଦ୍ଦନରେ ଫସିଥିବା ୭ ଜଣଙ୍କୁ ଉଦ୍ଧାର

**ପାଇକମାଲ, ୧୨।୪(ସମିସ):** ବରଗଡ଼ ଜିଲ୍ଲା ନୃସିଂହନାଥ ଗନ୍ଧମାର୍ଦ୍ଦନ ପର୍ବତରେ ପୁଣି ଫସିଥିବା ଶ୍ରଦ୍ଧାଳୁଙ୍କୁ ବହୁତ କଷ୍ଟରେ ଉଦ୍ଧାର କରାଯାଇଛି। ପାଇକମାଳର ଦମକଳ କେନ୍ଦ୍ର କର୍ମଚାରୀ, ବନବିଭାଗ କର୍ମଚାରୀ ଓ ପୁଲିସ କର୍ମଚାରୀ ମିଳିତ ଭାବେ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ। କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ଗଡ଼ବନ୍ଧ ଗ୍ରାମର ଗୋଟିଏ ପରିବାରର ଗୌରାଙ୍ଗ ନାୟକ, ଭାଗ୍ୟଧର ନାୟକ, ଶାନ୍ତି ନାୟକ, ଯଶୋଦା ନାୟକ, ରାଜେନ୍ଦ୍ର ନାୟକ, ଧର୍ମେନ୍ଦ୍ର ନାୟକ ଓ ମୋହନ ନାୟକ ନୃସିଂହନାଥ ଆସିଥିଲେ। ହରିଶଙ୍କର ମନ୍ଦିର ଦର୍ଶନ କରିବା ପାଇଁ ନୃସିଂହନାଥ ମନ୍ଦିରରୁ ବାହାରି ଗନ୍ଧମାର୍ଦ୍ଦନ ପର୍ବତ ଚଢ଼ିଥିଲେ। ଅଧବାଟ ଯିବା ପରେ ଭୀମମଣ୍ଡୁଆ ପାଖରେ ବାଟ ବଣା ହୋଇ ଯାଇଥିଲେ। ଜଙ୍ଗଲ ଭିତରକୁ ପଶି ବାହାରି ପାରି ନ ଥିଲେ। ସେମାନେ କାହାପାଖରୁ ନୃସିଂହନାଥ ବନ ବିଭାଗ ଫରେଷ୍ଟର ରମେଶ ପ୍ରଧାନଙ୍କୁ ଏନେଇ ଫୋନ କରିଥିଲେ। ଶ୍ରୀ ପ୍ରଧାନ ତାଙ୍କ ସହଯୋଗୀ ତୁଳାରାମ ବାର୍ଲା, ରାଜା ତାଣ୍ଡି, ପିତାମ୍ବର ତନସନା, ନରୋତ୍ତମ ଭୋଇଙ୍କ ସହ ଦମକଳ ବିଭାଗର ଆଇଆଇସି ଭରତ ସିଂ, କର୍ମଚାରୀ ଗିରିଧାରୀ ତନସନା, ଶେଷଦେବ ପୁଟେଲ, ବିକାଶ ସୋରେନ, ରାଜେଶ ଛୋଟେଇ, ମନିଲ ବନଛୋର ଏବଂ ପାଇକମାଳ ଓଆଇସି କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଭୀମମଣ୍ଡୁଆକୁ ଚଢ଼ି ବାଟବଣା ହୋଇଥିବା ନାୟକ ପରିବାରକୁ ଉଦ୍ଧାର କରିଥିଲେ। ପ୍ରଥମେ ଦମକଳ କର୍ମଚାରୀମାନେ ନାୟକ ପରିବାରକୁ ଠାବ କରି ବିସ୍କୁଟ, ପାଣି ଖାଇବାକୁ ଦେଇଥିଲେ। ବୟସ୍କା ଗୌରାଙ୍ଗ ଅସୁସ୍ଥ ହୋଇପଡ଼ିଥିବାରୁ ତାଙ୍କୁ କିଛି ବାଟ ବୋହି ବୋହି ଆଣିଥିଲେ। କପିଳଧାର ଜଳପ୍ରପାତ ଯାଏଁ ଚାଲି ଚାଲି ଆସିବା ପରେ ସମସ୍ତଙ୍କୁ ନୃସିଂହନାଥ ଯାଏଁ ଗାଡ଼ିରେ ଅଣାଯାଇଥିଲା। ତାପରେ ସେମାନଙ୍କୁ ପାଇକମାଳ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ ନୂଆପଡ଼ା ରେଳଷ୍ଟେସନରେ ଛାଡି ଦିଆଯାଇଥିଲା।



## ସାଗୁଆନ ଗଣ୍ଡି ସହ ପିକଅପ୍ ଜବତ, ୨ଗିରଫ




**ପଦ୍ମପୁର, ୧୨। ୪(ସମିସ):** ପଦ୍ମପୁର ବନ ବିଭାଗ ଜଗଦଲପୁର ଥାନା ଲୋହରାକୋଟ ଗ୍ରାମ ପାଖରୁ ଏକ ସାଗୁଆନ ଗଣ୍ଡି ବୋଝେଇ ପିକଅପ୍ ଭ୍ୟାନ ଜବତ କରିଛି। ଗାଡିରେ ୧୭ ସାଗୁଆନ ଗଣ୍ଡି ଓ ୫ଗଣ୍ଡି ଗମ୍ଭାରୀ ଗଛ ଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଭେଡ଼ଁରିଆ ଗ୍ରାମର ପ୍ରେମରାଜ ସାହୁ ଓ ସରେଇକେଲା ଗ୍ରାମର ମନୋଜ ପଟେଲକୁ ଗିରଫ କରାଯାଇଛି। ଗାଡି ସହ କାଠ ଜବତ କରାଯାଇଛି। ଫରେଷ୍ଟର ରାଧାକାନ୍ତ କୁମ୍ଭାର, ଗାର୍ଡ ରଞ୍ଜନ ବରିହା ଓ ମନ ଟେଟୁଆ, ରାଜା ତନସନା ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।

## ଭିନ୍ନକ୍ଷମ ପ୍ରଫୁଲ୍ଲଙ୍କୁ ହାତ ବଢ଼ାଇଲେ ପ୍ରଶାସନିକ ଅଧିକାରୀ

**ବରଗଡ଼, ୧୨। ୪(ସମିସ):** ବରଗଡ଼ ସହର ଉପକଣ୍ଠ ବରଡୋଲ ଗ୍ରାମର ଭିନ୍ନକ୍ଷମ ପ୍ରଫୁଲ୍ଲ ବାରିକଙ୍କ କରୁଣ କାହାଣୀ ଲୋକଙ୍କ ମନକୁ ଆନ୍ଦୋଳିତ କରିଛି। ଦୈନିକ 'ସକାଳ'ରେ ପ୍ରକାଶିତ ତାଙ୍କ ଦୁର୍ଦ୍ଦଶାର ଖବର ପଢ଼ି ଜଣେ ପ୍ରଶାସନିକ ଅଧିକାରୀ ନିଜ ନାମ ଗୁପ୍ତ ରଖି ପ୍ରଫୁଲ୍ଲଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ପ୍ରଫୁଲ୍ଲଙ୍କ ଉଭୟ ଗୋଡ ଫୁଲି ଯାଇ ପଚିସଢ଼ି ନଷ୍ଟ ହେବାରେ ଲାଗିଛି। ଚିକିତ୍ସା ପାଇଁ ଆର୍ଥିକ ସଂକଟ ରହିଛି। ଏତେ ବଡ଼ ସମସ୍ୟା ସମ୍ବନ୍ଧରେ ଖବର ପ୍ରକାଶ ପାଇବା ସତ୍ତ୍ୱେ ମଧ୍ୟ କୌଣସି ସରକାରୀ ଧିକାରୀ ତାଙ୍କ ନିକଟରେ ପହଞ୍ଚି ନାହାନ୍ତି।



# ବରପାଲି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



**ଝାରସୁଗୁଡ଼ା, ୧୨।୪(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଚାନ୍ଦିନୀମାଲ ପଞ୍ଚାୟତ ଅଧୀନ ବରପାଲି ଗ୍ରାମରେ ରବିବାର ନଗର ଭ୍ରମଣ, ଦଧିଭଞ୍ଜନ ସହିତ ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ଏହି ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ଶତାଧିକ ମହିଳା ବସୁନ୍ଧରା ନଦୀରୁ ଘାଟ କଳସରେ ଜଳ ଆଣି ପୂଜାସ୍ଥାନରେ ସ୍ଥାପନ କରିଥିଲେ। ଶନିବାର ମହାମନ୍ତ୍ର ନାମ ଆରମ୍ଭ ହୋଇ ରବିବାର ନାମ ସମାପନ ପରେ ପୁର୍ଣ୍ଣାହୂତି, ନଗର ଭ୍ରମଣ, ଦାଧିଭାଣ୍ଡ ଭଞ୍ଜନ ସହ କଳସ ବିସର୍ଜନ କରାଯାଇଥିଲା। ଆୟୋଜିତ ନାମ ସଙ୍କୀର୍ତ୍ତନରେ କେଛୋବାହାଲ, ଚିଚିଣ୍ଡା, ଚାନ୍ଦିନୀମାଲ, ହଂ.କଟାପାଲି, ଖମନ୍, କୋଇଲଗା, ଚାରର୍ଭାଟି, ରାଜପୁର ସମେତ ଆଖପାଖ ଅଞ୍ଚଳର ପ୍ରାୟ ୧୬ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ନାମଗାନ କରିଥିଲେ। ଆଇଁଲାପାଲି ଓ କଦେଲପିଟା ସଂକୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିଥିଲେ। ଏହି ନାମଯଜ୍ଞରେ ମୁଖ୍ୟ ପୂଜକ ସହଦେବ ମିଶ୍ର ଓ ତାଙ୍କ ସହଯୋଗୀ ବଂଶୀ ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ। ଯୁବରାଜ ବିଶି ଓ ତାଙ୍କ ଧର୍ମପତ୍ନୀ ରୋହିଣି ବିଶି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଷଡ଼ବୈଷ୍ଣବ ଭାବରେ ବ୍ରଜମୋହନ ଭଇଁଷାଲ, ଲୋଚନ ପ୍ରଧାନ, ପଙ୍କଜ ସେଟ, ରାଜୁ ମାଝୀ, ଲଳିତ ସେଟ ଓ ଦେବାର୍ଚ୍ଚନ ବଡ଼ାଇ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ଗ୍ରାମରେ ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ଓ ଗ୍ରାମ୍ୟ କମିଟି ତରଫରୁ ସମସ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

# 'ଓଡ଼ିଆ ପକ୍ଷ' ପାଳନ ଅବସରରେ ବନ୍ଦନୀୟ ବରପୁତ୍ର




**ଝାରସୁଗୁଡ଼ା, ୧୨।୪(ସମିସ)**

ଓଡ଼ିଆ ଜାତିର ସ୍ୱାଭିମାନ, ଅସ୍ମିତା ଓ ସମୃଦ୍ଧ ସଂସ୍କୃତିର ମୂଳଦୁଆ ପକାଇଥିବା ବରପୁତ୍ରମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ 'ଓଡ଼ିଆ ପକ୍ଷ' ଅବସରରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନ ପରିସରରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ବଜଙ୍କ ବୀରଗାଥା ଓ ତ୍ୟାଗକୁ ମନେ ପକାଯିବା ସହ ଏକ ସଶକ୍ତ ଓଡ଼ିଶା ଗଠନ ପାଇଁ ଶପଥ ଗ୍ରହଣ କରାଯାଇଛି। ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସକୁ ଜିଲ୍ଲାରେ 'ବନ୍ଦନୀୟ ବରପୁତ୍ର' ଦିବସ ଭାବେ ପାଳନ କରାଯାଉଛି। ଓଡ଼ିଶାର ମାଟି, ଭାଷା ଏବଂ ସଂସ୍କୃତିର ଗୌରବମୟ ପରିଚୟ ଗଢ଼ିବାରେ ନିଜକୁ ଉତ୍ସର୍ଗ କରିଥିବା ମନୀଷୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।ସେମାନଙ୍କ ଅତୁଳନୀୟ ସାହସ ଓ ନିଷ୍ଠା ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଅକ୍ଷୟ ଶକ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିଶେଷ କରି କାର୍ଯ୍ୟକ୍ରମରେ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରି ପରିବେଶକୁ ସାହିତ୍ୟମୟ କରିଥିଲେ। ଉକ୍ତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ହରେକୃଷ୍ଣ ବରିହା, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ରୋହିତ କୁମାର ପଟେଲ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ଡ. ଶିବପ୍ରିୟା ମିଶ୍ର, ସୁରଙ୍ଗ ପଧାନ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ।

10001/39/2627

# ଅଂଶୁଘାତ ସତର୍କତା



## ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

## ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

## ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0003

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/